ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୧୯/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Friday, November 19/2021 | ★★

୧୭ଶ ଭାଗ ୩୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ଯମଜ ସନ୍ତାନଙ୍କ ମା' ହେଲେ ପ୍ରୀତି**

୪୬ ବର୍ଷରେ ମା' ହୋଇଛନ୍ତି ବଲିଉଡ ଅଭିନେତ୍ରୀ ପ୍ରୀତି ଜିଣ୍ଟା। ସରୋଗେସି ମାଧ୍ୟମରେ ତାଙ୍କର ଯମଜ ସନ୍ତାନ ଜନ୍ମ ହୋଇଛନ୍ତି।

୦୭

୦୮

**ପୁରସ୍କୃତ ହେବେ ପ୍ରକାଶ ପାଦୁକୋନ୍**

ପ୍ରକାଶ ପାଦୁକୋନ୍ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନଠାରୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପାଇବେ।







# ଉପରୁ ଛୁଇଁଲେ ବି ଉତ୍ପୀଡ଼ନ

## ବମ୍ବେ ହାଇକୋର୍ଟଙ୍କ 'ସ୍କିନ୍-ଟୁ-ସ୍କିନ୍ କଣ୍ଟାକ୍ଟ' ରାୟ ସୁପ୍ରିମକୋର୍ଟରେ ଖାରଜ

***ଅଭିଯୁକ୍ତ ଜଣେ ଶିଶୁକନ୍ୟାଙ୍କ ଚର୍ମ ସ୍ପର୍ଶ କରିଛନ୍ତି କି ନାହିଁ ତାହା ବଡ଼କଥା ନୁହେଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସମ୍ପୃକ୍ତ ବ୍ୟକ୍ତିଙ୍କ ଯୌନ ଇଚ୍ଛା। ମନ୍ଦ ଉଦ୍ଦେଶ୍ୟ ରଖି ଛୁଇଁବା ମଧ୍ୟ ଯୌନ ଉତ୍ପୀଡ଼ନ। ଆଇନର ଗଳାବାଟ ଦେଇ କୌଣସି ଅପରାଧୀଙ୍କୁ ଖସିଯିବାକୁ ଦିଆଯିବ ନାହିଁ। ୨୦୨୧ ଜାନୁୟାରୀରେ ପୋକ୍ସୋ ଆଇନ ଅଧୀନ ଏକ ମାମଲାରେ ବମ୍ବେ ହାଇକୋର୍ଟ ଦେଇଥିବା ବିବାଦୀୟ 'ସ୍କିନ୍-ଟୁ-ସ୍କିନ୍ କଣ୍ଟାକ୍ଟ' ରାୟକୁ ଗୁରୁବାର ସୁପ୍ରିମକୋର୍ଟ ଖାରଜ କରିବା ସହ ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି।***



■ ଚର୍ମ ସ୍ପର୍ଶ ନ କଲେ ମଧ୍ୟ ଅଭିଯୁକ୍ତଙ୍କ ଯୌନ ଅଭିପ୍ରାୟ ଗୁରୁତ୍ୱପୂର୍ଣ୍ଣ

■ ଆଇନର ଗଳାବାଟ ଦେଇ ଖସିପାରିବେନି ଅପରାଧୀ

ନୂଆଦିଲ୍ଲୀ,୧୮।୧୧

ଜଣେ ୧୨ ବର୍ଷୀୟା ବାଳିକାଙ୍କୁ ୩୯ ବର୍ଷୀୟ ଅଭିଯୁକ୍ତ ଖାଦ୍ୟ ଦେବା ବାହାନାରେ ନିଜ ଘରକୁ ନେଇ ଯୌନ ଉତ୍ପୀଡ଼ନ କରିଥିଲେ। ଏହି ମାମଲାରେ ସେସନ୍ସ କୋର୍ଟ ପୋକ୍ସୋ (ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ) ଆଇନ ଏବଂ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୩୫୪ ବଳରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ନାବାଳିକାଙ୍କ ବକ୍ଷ ସ୍ପର୍ଶ କରିଥିବା ଦୋଷୀ ଏହାକୁ ବମ୍ବେ ହାଇକୋର୍ଟର ନାଗପୁର ଖଣ୍ଡପୀଠରେ ଚ୍ୟାଲେଞ୍ଜ କରିଥିଲେ। ଗତ ଜାନୁୟାରୀ ୧୯ରେ ଜଷ୍ଟିସ୍ ପୁଷ୍ପା ବୀରେନ୍ଦ୍ର ଗଣେଡ଼ିୱାଲାଙ୍କ ଜଣିକିଆ ଖଣ୍ଡପୀଠ ପୋକ୍ସୋ ଆଇନର ଧାରା ୭କୁ ଖାରଜ କରି ଆଇପିସି ଦଫା ୩୫୪କୁ ବଳବତ୍ତର ରଖିଥିଲେ। ଜଷ୍ଟିସ୍ ଗଣେଡ଼ିୱାଲା ନିଜ ରାୟରେ କହିଥିଲେ, ନାବାଳିକାଙ୍କ ବସ୍ତ୍ର ନ କାଢ଼ି ତାଙ୍କ ସ୍ତନକୁ ଛୁଇଁବା ପୋକ୍ସୋ ଆଇନ ବଳରେ ଦଣ୍ଡନୀୟ ନୁହେଁ। କାରଣ ଅଭିଯୁକ୍ତ ପ୍ରତ୍ୟକ୍ଷ ଭାବେ ତାଙ୍କ ଚର୍ମକୁ ସ୍ପର୍ଶକରି ନାହାନ୍ତି। ଗଣେଡ଼ିୱାଲା ଏଭଳି ଟିପ୍ପଣୀ ଦେଇ ଦୋଷୀଙ୍କ ୩ ବର୍ଷ ଜେଲ ଦଣ୍ଡାଦେଶକୁ ୧ ବର୍ଷ ପର୍ଯ୍ୟନ୍ତ ଖସାଇଦେଇଥିଲେ। ମହିଳା ବିଚାରପତି ତାଙ୍କୁ ପୋକ୍ସୋ ଆଇନ ବଳରେ ଦୋଷୀ ସାବ୍ୟସ୍ତ ନ କରିବା ସମସ୍ତଙ୍କୁ ଚକିତ କରିଦେଇଥିଲା। ସେହି ମାସ ୨୭ ତାରିଖରେ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଏହା ଏକ ବିପଜ୍ଜନକ ଧାରା ସୃଷ୍ଟି କରିବ ବୋଲି ଦର୍ଶାଇବା ସହ ଉକ୍ତ ରାୟକୁ ଖାରଜ କରିବା ପାଇଁ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲେ। ଫଳରେ ଶୀର୍ଷ ଅଦାଲତ ଗଣେଡ଼ିୱାଲାଙ୍କ ରାୟ ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ହାଇକୋର୍ଟଙ୍କ ରାୟକୁ ଆର୍ଟର୍ନି ଜେନେରାଲଙ୍କ ସମେତ ଜାତୀୟ ମହିଳା କମିଶନ ଓ ମହାରାଷ୍ଟ୍ର ସରକାର ମଧ୍ୟ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ଉଦୟ ଉମେଶ ଲଳିତଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ବେଲା ଏମ୍. ତ୍ରିବେଦୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ଏକାଧିକ ପିଟିଶନର ଶୁଣାଣି କରି ହାଇକୋର୍ଟ ରାୟକୁ ଖାରଜ କରିଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ୩ ଜଣିଆ ଖଣ୍ଡପୀଠ କହିଛନ୍ତି, ମନ୍ଦ ଉଦ୍ଦେଶ୍ୟ ରଖି ଶରୀରର ସମ୍ବେଦନଶୀଳ ଅଙ୍ଗକୁ ଛୁଇଁବା କିମ୍ବା ସ୍ପର୍ଶଜନିତ ଅନ୍ୟ କୌଣସି କାର୍ଯ୍ୟ କରିବା ପୋକ୍ସୋ ଆଇନର ଧାରା ୭ ଅନୁସାରେ ଯୌନ ଉତ୍ପୀଡ଼ନ। ଉକ୍ତ ଆଇନର ଉଦ୍ଦେଶ୍ୟ ଅପରାଧୀଙ୍କୁ ଆଇନର ଗଳାବାଟ ଦେଇ ଖସିଯିବାକୁ ଦେବ ନାହିଁ। ଏହା ଉପରେ ବ୍ୟବସ୍ଥାପିକାର ସ୍ପଷ୍ଟ ଆଭିମୁଖ୍ୟ ରହିଛି। ଅଦାଲତଗୁଡ଼ିକ ନିୟମକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି କରିପାରିବେ ନାହିଁ।

ଜଷ୍ଟିସ୍ ଭଟ୍ଟ ରାୟରେ ପୃଥକ୍ ଭାବେ କହିଛନ୍ତି, ଜଣେ ବ୍ୟକ୍ତି ପ୍ରତ୍ୟକ୍ଷ ଭାବେ ଜଣେ ଶିଶୁଙ୍କ ଚର୍ମ ସ୍ପର୍ଶ କରି ନ ଥିଲେ ମଧ୍ୟ ତାଙ୍କ ଯୌନ ଅଭିଳାଷ ଥିଲେ ତାକୁ ଯୌନ ଉତ୍ପୀଡ଼ନ ଅପରାଧ ☞ପୃଷ୍ଠା-୪

# ଅଫ୍‌ଲାଇନରେ ହେବ ସିବିଏସ୍ଇ, ସିଆଇଏସ୍‌ସିଇ ପରୀକ୍ଷା

## ହାଇବ୍ରିଡ୍ ମୋଡ୍‌ରେ ପରୀକ୍ଷା ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ, ୧୮।୧୧(ପି.ଟି.)

ସିବିଏସ୍ଇ ଏବଂ ଆଇସିଏସ୍ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ଟର୍ମ-୧ ପରୀକ୍ଷା ହାଇବ୍ରିଡ୍ କିମ୍ବା ଭର୍ଚୁଆଲ ମୋଡ୍‌ରେ କରିବା ଲାଗି ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ଏବଂ କାଉନସିଲ୍ ଫର୍ ଦି ଇଣ୍ଡିଆନ ସ୍କୁଲ୍ ସାର୍ଟିଫିକେଟ ଏକ୍ଜାମିନେଶନ୍ସ (ସିଆଇଏସ୍‌ସିଇ)ର ୬ ଜଣ ଛାତ୍ରୀଛାତ୍ର ହାଇବ୍ରିଡ୍ ମୋଡ୍‌ରେ ପରୀକ୍ଷା ଲାଗି ଅନୁମତି ଦେବାକୁ ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ। ଶିକ୍ଷା ବ୍ୟବସ୍ଥାରେ ଗୋଳିଆମିଶା ନ କରିବା ଲାଗି ଅଦାଲତ କହିବା ସହ ହାଇବ୍ରିଡ୍ ମୋଡ୍‌ରେ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେବାକୁ ମନା କରିଦେଇଛନ୍ତି। ସିବିଏସ୍ଇ ଟର୍ମ-୧ ପରୀକ୍ଷା ୧୬ ତାରିଖରୁ ଆରମ୍ଭ ହୋଇଥିବାବେଳେ ୨୨ରୁ ସିଆଇଏସ୍‌ସିଇ ବୋର୍ଡ ପରୀକ୍ଷାର ସେମିଷ୍ଟର-୧ ଆରମ୍ଭ ହେବାକୁ ଯାଉଛି। ତେଣୁ ବର୍ତ୍ତମାନ ସ୍ଥିତିରେ ସମୁଦାୟ ପରୀକ୍ଷା ପ୍ରକ୍ରିୟାରେ ହସ୍ତକ୍ଷେପ କରିବା ଏବଂ ବ୍ୟାଘାତ ସୃଷ୍ଟି କରିବା ଠିକ୍ ହେବନାହିଁ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ପ୍ରକୃତି ସୁରକ୍ଷାର ପ୍ରତିବଦ୍ଧତା


## ପରୀକ୍ଷା କେନ୍ଦ୍ର ବଦଳାଇପାରିବେ ୟୁପିଏସ୍‌ସି ପ୍ରାର୍ଥୀ

**ନୂଆଦିଲ୍ଲୀ, ୧୮।୧୧:** କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ସିଭିଲ ସର୍ଭିସ ମେନ୍-୨୦୨୧ ପରୀକ୍ଷା ପାଇଁ ଜରୁରୀ ନୋଟିସ ଜାରି କରିଛନ୍ତି। ଅଫିସିଆଲ ୱେବସାଇଟ upsc.gov.inରେ ଜାରି ବିଜ୍ଞପ୍ତି ଅନୁସାରେ ପ୍ରାର୍ଥୀମାନଙ୍କୁ ସେମାନଙ୍କ ପରୀକ୍ଷା କେନ୍ଦ୍ର ବଦଳାଇପାରିବାର ବିକଳ୍ପ ଦିଆଯାଇଛି। ୟୁପିଏସ୍‌ସି ସିଭିଲ ସର୍ଭିସ ମେନ୍ ପରୀକ୍ଷା ଆସନ୍ତା ଜାନୁୟାରୀ ୭,୮,୯,୧୫ ଏବଂ ୧୬ ତାରିଖରେ ଅନୁଷ୍ଠିତ ହେବ। ପ୍ରାର୍ଥୀମାନେ ସେମାନଙ୍କ ସୁବିଧା ଅନୁସାରେ ପରୀକ୍ଷା କେନ୍ଦ୍ର ବଦଳାଇବାକୁ ନେଇ ନିବେଦନ ଉପରେ ବିଚାର କରି କମିଶନଙ୍କ ପକ୍ଷରୁ ଉକ୍ତ ନିଷ୍ପତ୍ତି ନିଆଯାଇଛି। ଏହି ସୁବିଧା ଆପ୍ଲିକେଶନ ଫର୍ମ-୧ରେ ଖୁବଶୀଘ୍ର ୟୁପିଏସ୍‌ସି ୱେବସାଇଟରେ ଉପଲବ୍ଧ ହେବ। ଆବେଦନକାରୀ ଥରେ ପରୀକ୍ଷା କେନ୍ଦ୍ର ସ୍ଥାନ ଫିଲ୍‌ଅପ୍ କରିବା ପରେ ତାହା ହିଁ ଚୂଡ଼ାନ୍ତ ଭାବେ ଧରାଯିବ। ଏହା ପରେ ଅନ୍ୟ କୌଣସି ଆବେଦନକୁ ଗ୍ରହଣ କରାଯିବ ନାହିଁ ବୋଲି ନୋଟିସରେ କୁହାଯାଇଛି।

# ତଦନ୍ତର ଷ୍ଟାଟସ ରିପୋର୍ଟ ଦାଖଲ କର: ହାଇକୋର୍ଟ

## ମମିତା ମେହେର ହତ୍ୟା ମାମଲା

### ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ସାନି ଆବେଦନ

କଟକ ଅଫିସ,୧୮।୧୧

କଳାହାଣ୍ଡି ଜିଲା ମହାଲିଙ୍ଗ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାରେ ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ଷ୍ଟାଟସ୍ ରିପୋର୍ଟ ତଲବ କରିଛନ୍ତି। ମାମଲାକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ କରିବାକୁ ମମିତାଙ୍କ ପରିବାର ପକ୍ଷରୁ ଆଗତ ଆବେଦନର ଗୁରୁବାର ଶୁଣାଣି କରି ମାମଲାରେ ତଦନ୍ତ ପ୍ରକ୍ରିୟା କେତେ ଅଗ୍ରଗତି ହୋଇଛି ଏବଂ କେତେ ଦିନ ମଧ୍ୟରେ ଶେଷ ହେବ ସେନେଇ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ବିଚାରପତି ବିଶ୍ୱନାଥ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୩ରେ ହେବ। ପରବର୍ତ୍ତୀ ଶୁଣାଣି ମଧ୍ୟରେ ଅଗ୍ରଗତି ରିପୋର୍ଟ ଦାଖଲ କରିବାକୁ କୋର୍ଟ ସରକାରୀ ଓକିଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ ମହାନ୍ତି ମାମଲା ପରିଚାଳନା କରୁଛନ୍ତି। ମାମଲାର ତଦନ୍ତରେ ବିଳମ୍ବ ଘଟୁଥିବା ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କ ଉପରେ ମାନସିକ



ଚାପ ସୃଷ୍ଟି କରୁଛି। ତେଣୁ ଏହାର ତ୍ୱରିତ ଶୁଣାଣି ଓ ଫାଷ୍ଟ ଟ୍ରାକ୍ କୋର୍ଟରେ ବିଚାର କରିବା ପାଇଁ ଗତ ୧୬ ତାରିଖରେ ମମିତାଙ୍କ ବାପା ସୁଚନ୍ଦ୍ର ମେହେର ଏବଂ ଭାଇ ବଣ୍ଟି ମେହେର ହାଇକୋର୍ଟରେ ଆବେଦନ କରିଥିଲେ। ଯାହାକି ସିଆରଏଲ୍‌ଏମ୍‌ପି ନଂ.



୨୦୫୬/୨୦୨୧ରେ ରୁଜୁ ହୋଇଥିଲା। ଉକ୍ତ ମାମଲାରେ ରାଜ୍ୟ ଗୃହ ବିଭାଗ ସଚିବ, ପୋଲିସ ମହାନିର୍ଦ୍ଦେଶକ, ବଲାଙ୍ଗୀର ଜିଲାପାଳ, ଏସ୍‌ପି, ସିନ୍ଧେକେଲା ଥାନା ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଅନ୍ୟପଟେ ମମିତା ମେହେର ହତ୍ୟା ମାମଲାର ତଦନ୍ତ ସିବିଆଇ ଦ୍ୱାରା କରାଯିବାକୁ ପୂର୍ବରୁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏପରି କି ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିବେଦନ କରାଯାଇଥିଲା। ☞ପୃଷ୍ଠା-୪

# ଧାନ କିଣିବାକୁ ଇଣ୍ଟରାକ୍ଟିଭ ଭଏସ୍ ରେସ୍‌ପନ୍ସ ସିଷ୍ଟମ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରବର୍ତ୍ତିତ ୫-ଟି ଆଧାରରେ ରାଜ୍ୟର ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣାକୁ ଅଧିକ ଲୋକାଭିମୁଖୀ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଇଣ୍ଟରାକ୍ଟିଭ୍ ଭଏସ୍ ରେସ୍‌ପନ୍ସ ସିଷ୍ଟମ(ଆଇଭିଆର୍‌ଏସ୍)ର ପ୍ରଚଳନ କରାଯାଇଛି। ଏହାଦ୍ୱାରା ଚାଷୀମାନେ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବର ମାଧ୍ୟମରେ ଧାନକିଣା ସମ୍ବନ୍ଧୀୟ ଆବଶ୍ୟକ ତଥ୍ୟ ପାଇପାରିବେ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ଓଡ଼ିଶା ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟ ପରିସରରେ ଗୁରୁବାର ଆଇଭିଆର୍‌ଏସ୍ ବ୍ୟବସ୍ଥାର ଶୁଭ ଲୋକାର୍ପଣ କରିବା ଅବସରରେ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପି-ପାସ୍ ଓ ଆଗୁଆ ଟୋକନ ମାଧ୍ୟମରେ ଧାନକିଣାର ବ୍ୟବସ୍ଥା ଚାଷୀଙ୍କ ଦ୍ୱାରା ଆଦୃତ ହୋଇଛି। ଫଳସ୍ୱରୂପ ଧାନ ବିକ୍ରି ନିମନ୍ତେ ଚାଷୀ ନାମ ପଞ୍ଜୀକରଣ ଗତ ଖରିଫ ଋତୁ ଅପେକ୍ଷା ଚଳିତ ଖରିଫରେ ୫ ପ୍ରତିଶତ ଅଧିକ ହୋଇପାରିଛି। ଚାଷୀମାନେ ଯେପରି ସୁବିଧାରେ ସେମାନଙ୍କ ଧାନ ବିକ୍ରିକରି ସ୍ଥିରୀକୃତ ସର୍ବନିମ୍ନ ସହାୟକ ମୂଲ୍ୟ ପାଇପାରିବେ ସେଥିଲାଗି ବିଭାଗ ପକ୍ଷରୁ ଉନ୍ନତ ପ୍ରଯୁକ୍ତିବିଦ୍ୟାର ପ୍ରଚଳନ ଉପରେ ସର୍ବଦା ଗୁରୁତ୍ୱ ପ୍ରଦାନ କରାଯାଇଛି। ଆଇଭିଆର୍‌ଏସ୍ ପ୍ରଚଳନ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଚାଷୀଙ୍କୁ ବ୍ୟାପକ ସଚେତନ କରାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହାସହ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଏ ଦିଗରେ ଅଧିକ ତତ୍ପରତା ପ୍ରକାଶ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ବ୍ୟବସ୍ଥାରେ ପଞ୍ଜୀକୃତ ଚାଷୀ ସେମାନଙ୍କ ଦ୍ୱାରା ପଞ୍ଜୀକୃତ ମୋବାଇଲ ନମ୍ବର ଦ୍ୱାରା ଟୋଲ୍ ଫ୍ରି ନମ୍ବର ୧୯୬୭୩୯କୁ ଫୋନ୍ କଲେ ସ୍ୱୟଂକ୍ରିୟ ବ୍ୟବସ୍ଥା ମାଧ୍ୟମରେ ସେମାନଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। କଲ୍ ଗୃହୀତ ହେବା ପରେ ୫୩୯ ଡାଏଲ୍ କଲେ ଚାଷୀଙ୍କ ଯାଞ୍ଚ କରାଯାଇଥିବା ଜମିର ପରିମାଣ ୬୩୯ ଡାଏଲ୍ କରି ବିକ୍ରିଯୋଗ୍ୟ ଧାନର ପରିମାଣର ତଥ୍ୟ ଏବଂ ୭୩୯ ଡାଏଲ୍ କଲେ ଧାନ ବିକ୍ରି ବାବଦ ଅର୍ଥ ପ୍ରଦାନ ସମ୍ପର୍କରେ ସଙ୍ଗେ ସଙ୍ଗେ ସ୍ୱୟଂକ୍ରିୟ ଭଏସ୍ ବ୍ୟବସ୍ଥା ମାଧ୍ୟମରେ ସୂଚନା ପ୍ରଦାନର ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥା ଦ୍ୱାରା ଚାଷୀ ଘରେ ବସି ଧାନବିକ୍ରି ସମ୍ବନ୍ଧୀୟ ସମସ୍ତ ତଥ୍ୟ ପାଇପାରିବେ। ସୂଚନାଯୋଗ୍ୟ, ଚାଷୀ ଧାନବିକ୍ରି ନିମନ୍ତେ ନାମ ପଞ୍ଜୀକରଣ ସମୟରେ ପଞ୍ଜୀକୃତ କରିଥିବା ମୋବାଇଲ ନମ୍ବର ମାଧ୍ୟମରେ ହିଁ ଏହି ସୁବିଧାପ୍ରାପ୍ତ ହୋଇପାରିବେ। ଅନ୍ୟ ନମ୍ବରରେ ଏହି ସୁବିଧା ମିଳିବ ନାହିଁ। ଲୋକାର୍ପଣ ଉତ୍ସବ ପରେ ମନ୍ତ୍ରୀ ସ୍ୱାଇଁ ନିଗମ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କଲ୍ ସେଣ୍ଟର ପରିଦର୍ଶନ କରିବା ସହିତ କାର୍ଯ୍ୟରତ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ।

## ସିବିଆଇ, ଇଡି ମୁଖ୍ୟଙ୍କ କାର୍ଯ୍ୟକାଳ ବୃଦ୍ଧି ଅଧାଦେଶକୁ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ, ୧୮।୧୧:** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁଖ୍ୟଙ୍କ କାର୍ଯ୍ୟକାଳ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାର ଆଣିଥିବା ଅଧାଦେଶକୁ କଂଗ୍ରେସ ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସଂଶୋଧନ) ଅଧାଦେଶ, ୨୦୨୧ ଏବଂ ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିଶମେଣ୍ଟ (ସଂଶୋଧନ) ଅଧାଦେଶ, ୨୦୨୧ ସହ ନଭେମ୍ବର ୧୫ ତାରିଖ ବିଜ୍ଞପ୍ତି ବିରୋଧରେ କଂଗ୍ରେସ ନେତା ରଣଦୀପ୍ ସୁର୍ଜେୱାଲା ଗୁରୁବାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ଅଧାଦେଶ ଉପରୋକ୍ତ ☞ପୃଷ୍ଠା-୪

# ମିଳୁନାହାନ୍ତି ବ୍ରାହ୍ମଣ କନ୍ୟା

**ବିବାହ ଅପେକ୍ଷାରେ ୪୦ ହଜାର ତାମିଲ ଯୁବକ**

## ଉତ୍ତରପ୍ରଦେଶ, ବିହାରରେ ଚାଲିଛି ଝିଅ ଖୋଜା

ଚେନ୍ନାଇ, ୧୮।୧୧

ତାମିଲନାଡୁରେ ବିବାହ ନିମନ୍ତେ ବ୍ରାହ୍ମଣ କନ୍ୟାଙ୍କ ଅଭାବ ଦେଖାଦେଇଛି। ଫଳରେ ୪୦ ହଜାରରୁ ଅଧିକ ଯୁବକ ବିବାହ ପାଇଁ ଅନ୍ୟ ରାଜ୍ୟରେ କନ୍ୟା ଖୋଜୁଥିବା ତାମିଲନାଡୁ ବ୍ରାହ୍ମଣ ଆସୋସିଏଶନ କହିଛି। ବିଶେଷ କରି ଉତ୍ତରପ୍ରଦେଶ ଏବଂ ବିହାରରେ ଏହି ସମ୍ପ୍ରଦାୟର କନ୍ୟା ଖୋଜିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିବା ଆସୋସିଏଶନର ଅଧ୍ୟକ୍ଷ ଏନ୍. ନାରାୟଣ କହିଛନ୍ତି। ପ୍ରତି ମାସରେ ପ୍ରକାଶ ପାଉଥିବା ତାମିଲ ମାଗାଜିନ୍‌ର ନଭେମ୍ବର ସଂସ୍କରଣରେ ଏ ବାବଦରେ ରିପୋର୍ଟ ପ୍ରକାଶ ପାଇଛି। ୩୦ରୁ ୪୦ ବର୍ଷ ବୟସ ବର୍ଗର ୪୦ ହଜାରରୁ ଊର୍ଦ୍ଧ୍ୱ ବ୍ରାହ୍ମଣ ଯୁବକ ସେମାନଙ୍କ ପାଇଁ ସମାନ ସମ୍ପ୍ରଦାୟର କନ୍ୟା ଖୋଜିପାରି ନାହାନ୍ତି। ପ୍ରତି ୧୦ ବ୍ରାହ୍ମଣ ଯୁବକଙ୍କ ପାଇଁ ତାମିଲନାଡୁରେ ମାତ୍ର ୬ ଜଣ କନ୍ୟା ମିଳୁଛନ୍ତି। ତେଣୁ ଲକ୍ଷ୍ନୌ ଏବଂ ପାଟନାରୁ ଉପଯୁକ୍ତ କନ୍ୟାପାତ୍ରୀ ଖୋଜିବା ନିମନ୍ତେ ଏହି ଅଭିଯାନରେ ପ୍ରତିନିଧିଙ୍କୁ ନିଯୁକ୍ତ କରାଯାଇଥିବା ନାରାୟଣ କହିଛନ୍ତି। ଏହାକୁ ଅନେକେ ସ୍ୱାଗତ କରିଥିବାବେଳେ କେତେକ ବିରୋଧ ମଧ୍ୟ କରିଛନ୍ତି। ଶିକ୍ଷାବିତ୍ ଏମ୍. ପରମେଶ୍ୱରନ୍



କହିଛନ୍ତି, ତାମିଲ ବ୍ରାହ୍ମଣ କନ୍ୟାଙ୍କ ଅଭାବ ବିବାହ ନ ହୋଇପାରିବାର ଏକମାତ୍ର କାରଣ ନୁହେଁ। ଧୂମପାନ, ନିଶା ସେବନ ଯୋଗୁ ଅନେକେ ସମ୍ପୃକ୍ତ ଯୁବକଙ୍କୁ ବିବାହ କରିବାକୁ ଚାହୁଁନାହାନ୍ତି। ଏହାସହ ବରପକ୍ଷ ବାହାଘର ଧୁମ୍‌ଧାମ୍‌ରେ କରିବାକୁ ଆଶା ରଖୁଥିବାରୁ ମଧ୍ୟ କନ୍ୟାପକ୍ଷ ଖର୍ଚ୍ଚାନ୍ତ ହେବାକୁ ଇଚ୍ଛା କରୁନାହାନ୍ତି। ଏହା ବଦଳରେ ଅତି ସାଧାରଣ ଭାବେ ମନ୍ଦିର ଆଦିରେ ମଧ୍ୟ କମ୍ ଖର୍ଚ୍ଚରେ ବିବାହ ସମ୍ପନ୍ନ ହୋଇପାରିବ।

# ଭାରତୀୟ ଦଳରେ ଓଡ଼ିଶାର ପ୍ୟାରୀ, ମନୀଷା

## ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମହିଳା ଫୁଟ୍‌ବଲ

ଭୁବନେଶ୍ୱର, ୧୮।୧୧(କ୍ରୀଡ଼ା ପ୍ରତିନିଧି)

ଏଏଫ୍‌ସି ମହିଳା ଏସିଆନ କପ୍-୨୦୨୨ ପାଇଁ ପ୍ରସ୍ତୁତ ହେବାକୁ ଭାରତୀୟ ଦଳ ବ୍ରାଜିଲ ଗସ୍ତ କରି ଚଳିତ ମାସ ୨୨ରୁ ଡିସେମ୍ବର ୨ ପର୍ଯ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଖେଳିବ। ଏଥିପାଇଁ ସର୍ବଭାରତୀୟ ମହିଳା ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ଗୁରୁବାର ଘୋଷିତ ଜାତୀୟ ସିନିୟର ମହିଳା ଫୁଟବଲ ଦଳରେ ଓଡ଼ିଶାର ୨ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ପ୍ୟାରୀ ଖାଖା ଓ ମନୀଷା ପାନ୍ନା। ୧୯୯୭ ମେ' ୧୮ରେ ରାଉରକେଲାରେ ଜନ୍ମିତ ପ୍ୟାରୀ ଭାରତୀୟ ୧୯ ବର୍ଷରୁ କମ୍ ଦଳରେ ଖେଳିବା ପରେ ୨୦୧୫ରେ ଅନ୍ତର୍ଜାତୀୟ ସିନିୟର ପଦାର୍ପଣ




ପ୍ୟାରୀ ଖାଖା ଓ ମନୀଷା ପାନ୍ନା

କରିଥିଲେ। ୨୦୧୬ରେ ଶିଲଂରେ ଅନୁଷ୍ଠିତ ସାଉଥ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ଥିଲେ। ସେ ୨୦୧୫ରେ ଏଆଇଏଫ୍‌ଏଫ୍ ଇମର୍ଜିଂ ମହିଳା ☞ପୃଷ୍ଠା-୪

# ଭୋଟ ବେଳେ ସାମ୍ପ୍ରଦାୟିକ ଉତ୍ତେଜନା କରେ କେନ୍ଦ୍ର

**ଦେଶର କୌଣସି ରାଜ୍ୟରେ ଯେତେବେଳେ ବି ନିର୍ବାଚନ ହୁଏ, କେନ୍ଦ୍ର ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିଥାଏ। ନିର୍ବାଚନ ଆସିଲେ ସେମାନେ ହିନ୍ଦୁ-ମୁସଲିମ୍ ପ୍ରସଙ୍ଗ ଉଠାନ୍ତି। ପାକିସ୍ତାନ ଭାବାବେଗକୁ ଉଖାରନ୍ତି। ଭୋଟ ସମୟରେ ସୀମାକୁ ନେଇ ଡ୍ରାମା, ସର୍ଜିକାଲ ଷ୍ଟ୍ରାଇକ୍ ଆଦିକୁ ଲୋକେ ଦେଖିଆସିଛନ୍ତି ବୋଲି ଗୁରୁବାର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)।**

**ହାଇଦ୍ରାବାଦ,୧୮।୧୧**

ତେଲଙ୍ଗାନାରେ ଧାନ କିଣା ପ୍ରସଙ୍ଗକୁ ନେଇ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି। କେସିଆର୍ କହିଛନ୍ତି, ନିର୍ବାଚନ ଆସିଲେ ଭାଜପା କେବଳ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିରେ ବ୍ୟସ୍ତ ରହିଥାଏ। ସେମାନଙ୍କ ଗୋଇନ୍ଦା ଅଧିକାରୀମାନେ ମଧ୍ୟ ତାଙ୍କର ଏହି କଥାକୁ ଶୁଣୁଛନ୍ତି। ଭାଜପା ନେତାମାନେ ମାମଲା ଦାଏର ହେଉଥିବା ନେଇ ଧମକ ଦେଉଛନ୍ତି। ସେମାନେ କେସିଆର୍‌ଙ୍କୁ ଧମକ ଦେଉଛନ୍ତି କି? କେସିଆର୍ ଭୟଭୀତ ହୋଇଯିବେ ସେମାନେ ଭାବୁଛନ୍ତି କି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

ହାଇଦ୍ରାବାଦ ପାର୍କରେ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧ୍ୟକ୍ଷ କେସିଆର୍ ନିଜ କ୍ୟାବିନେଟ ସହଯୋଗୀମାନଙ୍କ ସହ ବିକ୍ଷୋଭ ପ୍ରଦର୍ଶନ କରି କେନ୍ଦ୍ର ବିରୋଧରେ ଆହୁରି ବର୍ଷିଛନ୍ତି। ଭାଜପା କହୁଛି ଧାନ ଚାଷ କର କିନ୍ତୁ କେନ୍ଦ୍ର ସରକାର ଧାନ କିଣୁ ନାହାନ୍ତି। ସେମାନେ ରାଜନୈତିକ ଖେଳ ଖେଳୁଛନ୍ତି। ତୁମେ ନ କିଣିଲେ ଆମେ ସବୁ ଧାନ ଭାଜପା ଅଫିସରେ ଫିଙ୍ଗିଦେବୁ ବୋଲି କେସିଆର୍ ଚେତାବନୀ ଦେଇଛନ୍ତି।

ତେଲଙ୍ଗାନାରେ ମୌସୁମୀ ଋତୁରେ ଉତ୍ପାଦିତ ୭୮% ଧାନ ଗତବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ କିଣାଯାଇଥିଲା। ଚଳିତବର୍ଷ ଏହି ହାର ୫୯% ରହିଛି। ରାଜ୍ୟରେ ୫୫.୭୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ ଉତ୍ପାଦିତ ହୋଇଥିବାବେଳେ ସେଥିରୁ ୩୨.୬୬ ଲକ୍ଷ ମେଟ୍ରିକ୍ ଟନ୍ କିଣାଯାଇଛି। ହେଲେ କେନ୍ଦ୍ର କହୁଛି, ଆମେ ୪୦ ଲକ୍ଷ ମେଟ୍ରିକ୍ ଟନ୍ କିଣିଛୁ। ତେବେ କେନ୍ଦ୍ର ୯୦% କିଣୁ ବୋଲି ରାଜ୍ୟ ଚାହୁଁଛି। ଏହାବାଦ୍ ୫ ଲକ୍ଷ ମେଟ୍ରିକ୍ ଟନ୍ ରବି ଫସଲ ମଧ୍ୟ କିଣାଯାଇ ନାହିଁ ବୋଲି କେସିଆର୍ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୫୦ ଦିନ ତଳେ କେନ୍ଦ୍ର ଖାଦ୍ୟ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଧାନକିଣା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ଅନୁରୋଧ କରାଯାଇଥିଲେ ହେଁ କେନ୍ଦ୍ର ଶୁଣି ନ ଥିବା କେସିଆର୍ ଅଭିଯୋଗ ଆଣିଛନ୍ତି। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି।

### କେସିଆର୍‌ଙ୍କ ଟାର୍ଗେଟ



# ଦେଶମୁଖଙ୍କୁ ଜେଲ ପଠାଇବା ମହଙ୍ଗା ପଡ଼ିବ: ପାୱାର

**ନାଗପୁର,୧୮।୧୧**



ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କୁ ଯେଉଁମାନେ ଜେଲକୁ ପଠାଇଛନ୍ତି ସେମାନଙ୍କୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ଚେତାବନୀ ଦେଇଛନ୍ତି। ନାଗପୁରରେ ବୁଧବାର ରାତିରେ ଏକ ସଭାକୁ ସମ୍ବୋଧିତ କରି ପାୱାର ପରୋକ୍ଷରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଅନିଲ ଦେଶମୁଖ ନିର୍ଦ୍ଦୋଷ। ତାଙ୍କୁ ଜେଲ ପଠାଇବାରେ ଯେଉଁମାନଙ୍କ ହାତ ଅଛି ସେମାନଙ୍କୁ ମହଙ୍ଗା ପଡ଼ିବ ବୋଲି କହିଛନ୍ତି। ପ୍ରକାଶ ଯେ, ଦେଶମୁଖଙ୍କୁ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। ସେ ଏବେ ବିଚାର ବିଭାଗୀୟ ହାଜତରେ ଅଛନ୍ତି।

# କ୍ଷମା ଦାବିକଲା ସନ୍ଥ ସମିତି

### ଅଖିଳେଶଙ୍କ ଚିଲମଜୀବୀ ମନ୍ତବ୍ୟ

**ଲକ୍ଷ୍ନୌ,୧୮।୧୧**

ଜିନ୍ନା ମନ୍ତବ୍ୟ ପରେ ସାଧୁସନ୍ଥଙ୍କୁ 'ଚିଲମଜୀବୀ' କହି ପୁଣି ବିବାଦରେ ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ। ଉତ୍ତର ପ୍ରଦେଶର ଗାଜିପୁରରେ ବୁଧବାର ସମାଜବାଦୀ ବିଜୟ ଯାତ୍ରାକୁ ସମ୍ବୋଧିତ କରି ଅଖିଳେଶ ଭାଜପାର ଗୈରିକ ରାଜନୀତିକୁ ଟାର୍ଗେଟ କରିଥିଲେ। ସେ କହିଥିଲେ, ପବିତ୍ର ଗୈରିକ ବସ୍ତ୍ରଧାରୀ ସନ୍ଥମାନେ ଚିଲମଜୀବୀ ଏବଂ ଏକ ନିର୍ଦ୍ଦିଷ୍ଟ ବର୍ଣ୍ଣର। ଏନେଇ ଅଖିଳ ଭାରତୀୟ ସନ୍ଥ ସମିତି ସାଧାରଣ ସମ୍ପାଦକ ସ୍ୱାମୀ ଜିତେନ୍ଦ୍ରନନ୍ଦ ସରସ୍ୱତୀ ଗୁରୁବାର କହିଛନ୍ତି, ଅଖିଳେଶଙ୍କ ଲଗାମବିହୀନ ମନ୍ତବ୍ୟକୁ ନେଇ ସାରା ଦେଶର ସାଧୁସନ୍ଥ କ୍ଷୁବ୍ଧ। ସନାତନ ଧର୍ମ, ଭଗବା ଓ ସନ୍ଥଙ୍କୁ ରାଜନୀତି ଭିତରକୁ ଟାଣିବା ଅନୁଚିତ। ସନ୍ଥ ସମାଜକୁ ଅପମାନିତ କରିଥିବାରୁ ଅଖିଳେଶ କ୍ଷମା ମାଗନ୍ତୁ। ଅନ୍ୟଥା ସନ୍ଥ ସମାଜ ଦେଶବ୍ୟାପୀ ଆନ୍ଦୋଳନ କରିବ। ୟୁପି ଭାଜପା ସଭାପତି ସ୍ୱତନ୍ତ୍ର ଦେବ ମଧ୍ୟ ଅଖିଳେଶଙ୍କୁ ସମାଲୋଚନା କରିଛନ୍ତି। କଂଗ୍ରେସ, ଏସ୍‌ପି, ବହୁଜନ ସମାଜ ପାର୍ଟି ଗୈରିକ ରଙ୍ଗ ଓ ସାଧୁଙ୍କୁ ଅପମାନିତ କରିଥିବା ସେ ଟୁଇଟ୍ କରିଛନ୍ତି।



ଅଖିଳେଶ ଯାଦବ



ଭୋପାଳରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିସିସି ସଭାପତି କମଲନାଥଙ୍କ ୭୫ତମ ଜନ୍ମଦିବସ ପାଳନ ଅବସରରେ ଗୁରୁବାର ଦଳ ପକ୍ଷରୁ ଧନୁ ଓ ତୀର ଉପହାର ଦିଆଯାଉଛି।

# ବିଜେଡି ଗଣମାଧ୍ୟମ ପ୍ୟାନେଲ ତାଲିକାରେ ଆଉ ୩ ଜଣଙ୍କୁ ନିଯୁକ୍ତି

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ)**

ବିଜୁ ଜନତା ଦଳର ଗଣମାଧ୍ୟମ ପ୍ୟାନେଲ ତାଲିକାରେ ଆଉ ୩ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ ଗୌତମ ବୁଦ୍ଧ ଦାସ, ଲୋରା ମହାପାତ୍ର ଏବଂ ସ୍ୱାଗତିକା ମହାନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଯୁକ୍ତି ଦିଆଯାଇଥିବା ବିଜେଡି ପକ୍ଷରୁ ଗୁରୁବାର ଜାରି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ସୂଚନାଯୋଗ୍ୟ, ବରିଷ୍ଠ ଖବରଦାତା ତଥା ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳର ସମାଜସେବୀ ଗୌତମବୁଦ୍ଧ ନିକଟରେ ବିଜେଡିରେ ଯୋଗଦେଇଛନ୍ତି। ଯୋଗଦେବା ପରେ ତାଙ୍କୁ ଏହି ଗୁରୁଦାୟିତ୍ୱ ଦିଆଯାଇଛି।

# ଦ୍ୱିତୀୟ ଦିନରେ ଯୁବମୋର୍ଚ୍ଚାର ଦସ୍ତଖତ ଅଭିଯାନ




### ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ବହିଷ୍କାର, ମାମଲାର ସିବିଆଇ ତଦନ୍ତ ଦାବି

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ)**

ମମିତା ମେହେର ହତ୍ୟାକାଣ୍ଡ ମାମଲାରେ କ୍ଷମତାର ଅପବ୍ୟବହାର କରି ଶାସକ ବିଜେଡି ଅପରାଧୀଙ୍କୁ ସୁରକ୍ଷା ଦେବାସହ ତଦନ୍ତ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଥିବା ଭାଜପା ଅଭିଯୋଗ କରିଛି। ଏହି ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ଦର୍ଶାଇବା ସହିତ ତୁରନ୍ତ ତାଙ୍କୁ ଗିରଫ କରି ତଦନ୍ତ ପରିସରଭୁକ୍ତ କରିବା ଏବଂ ସିବିଆଇ ଦ୍ୱାରା ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆରମ୍ଭ ହୋଇଥିବା ଦସ୍ତଖତ ଅଭିଯାନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହି ଅବସରରେ ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡ ସମ୍ମୁଖରେ ଦସ୍ତଖତ ସଂଗ୍ରହ କରାଯାଇଛି । ଭୁବନେଶ୍ୱର ଜିଲା ଭାଜପା ସଭାପତି ବାବୁ ସିଂ, ରାଷ୍ଟ୍ରୀୟ ଯୁବମୋର୍ଚ୍ଚା ଉପାଧ୍ୟକ୍ଷା ଅର୍ପିତା ବଡଜେନା, ଜିଲା ସାଧାରଣ ସମ୍ପାଦକ ଅଭିଷେକ ଆଚାର୍ଯ୍ୟ, ଦିଲୀପ ବେହେରା, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସୁନୀଲ ପ୍ରଧାନ, ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ମନୋଜ ପଶ୍ଚିମକବାଟ, ଜିଲା ମଣ୍ଡଳ ସଭାପତି ରାମଚନ୍ଦ୍ର ରଣସିଂ, ଲିଙ୍ଗରାଜ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ଉପେନ୍ଦ୍ର ଭଞ୍ଜ, କାର୍ତ୍ତିକ ସୁନ୍ଦରାୟ, ପ୍ରତୀକ୍ଷା ମହାପାତ୍ର, ସୁମିତ୍ରା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ।

# ବିଜେଡିର ଦରବୃଦ୍ଧି ପ୍ରତିବାଦ ନିର୍ବାଚନୀ ନାଟକ : ଛାତ୍ର କଂଗ୍ରେସ

### ମମିତା ହତ୍ୟା ଘଟଣାରୁ ନଜର ହଟାଇବାକୁ ଉଦ୍ୟମ

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ)**

ରାଜ୍ୟରେ ଶାସନାଧୀନ ବିଜୁ ଜନତା ଦଳ (ବିଜେଡି) କେବଳ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଦରବୃଦ୍ଧିକୁ ନେଇ ଆନ୍ଦୋଳନ କରିବାକୁ ବାହାରିଛି ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ଗୁରୁବାର ଅଭିଯୋଗ ଆଣିଛି। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ଏନ୍‌ଡିଏ ସରକାରରେ ହେଉଥିବା ଦରବୃଦ୍ଧିକୁ ନବୀନ ସରକାର ନିର୍ଲଜ ଭାବରେ ସମର୍ଥନ ଦେଇଆସିଛି। ଏହା ନବୀନ ଓ ମୋଦି ସରକାରଙ୍କ ଏକ ଅଲିଖିତ ବୁଝାମଣା ଥିଲା। ଏବେ ହଠାତ୍ ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦରୁ ଉଠିପଡ଼ିଛନ୍ତି। ଏହାର ଅର୍ଥ ଆଉ କ'ଣ ହୋଇପାରେ। ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ବିରୋଧୀ ଦଳ କରୁଥିବା ଆନ୍ଦୋଳନରେ ବର୍ତ୍ତମାନ ନବୀନ ସରକାର ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ଅପରାଧୀ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ମୁଖ୍ୟମନ୍ତ୍ରୀ ସୁରକ୍ଷା ପ୍ରଦାନ କରୁଥିବା ସାଧାରଣ ଜନତା ଅନୁଭବ କଲେଣି। ସାଧାରଣ ଲୋକଙ୍କ ଦୃଷ୍ଟି ଓ ଚର୍ଚ୍ଚାକୁ ଏଡ଼େଇଦେବା ପାଇଁ ବିଜେଡି ନଭେମ୍ବର ୨୧ ରୁ ୨୩ ୩ଦିନ ଧରି ଆର୍‌ଡିସିଙ୍କ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ ରଖିଛି। ମାତ୍ର ଦରଦାମ କମିଯାଉ ବୋଲି ନବୀନ ସରକାରଙ୍କ ଆନ୍ତରିକତା ନାହିଁ। କାରଣ ୨୧ ବର୍ଷର ଶାସନରେ ଏ ସରକାର ୨୧ଟା ଶୀତଳଭଣ୍ଡାର କରିବା ପାଇଁ ସମର୍ଥ ହୋଇପାରିଲେ ନାହିଁ। ପେଟ୍ରୋଲ ଓ ଡିଜେଲ ଉପରେ ମଧ୍ୟ ନବୀନ ସରକାର ମୋଟା ଅଙ୍କର ଟିକସ ନେଉଛନ୍ତି। ଡାଲି, ତେଲ, ଚାଉଳ ପରି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଦର ଆକାଶଛୁଆଁ ହୋଇଥିବାବେଳେ ବିଜେଡି କେବଳ ରନ୍ଧନଗ୍ୟାସ୍‌ରେ ସୀମିତ ରହିଛି ବୋଲି ନୱାଜ କହିଛନ୍ତି।



ୟାସିର ନୱାଜ

# ରାଜସ୍ୱ ମନ୍ତ୍ରୀଙ୍କ ଗାଡ଼ିକୁ ଅଣ୍ଡାମାଡ଼

**କେନ୍ଦୁଝର, ୧୮।୧୧(ସ୍ୱ.ପ୍ର.)**

ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଗିରଫ ଦାବି ଦିନକୁ ଦିନ ତେଜିବାରେ ଲାଗିଛି। ଏହାକୁ କେନ୍ଦ୍ର କରି ଗୁରୁବାର କେନ୍ଦୁଝରରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଗାଡ଼ିକୁ ଭାଜପା ପକ୍ଷରୁ ଅଣ୍ଡା ମାଡ଼ କରାଯାଇଥିବା ନେଇ ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା କହିଛନ୍ତି। ଏହି ଘଟଣାରେ ଭାଜପା ଯୁବ ସଭାପତି ହେମରଞ୍ଜନ ବାରିକଙ୍କୁ ପୋଲିସ ଅଟକ ରଖି ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଦେଇଥିବା ସୂଚନା ମିଳିଛି। ପ୍ରକାଶ ଯେ, କେନ୍ଦୁଝର ଟାଉନ କାଶିପୁର ସ୍କୁଲ ନିକଟରେ ମନ୍ତ୍ରୀଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ କରି ଭାଜପା ନେତାମାନେ 'ଭାରତ ମାତା କି ଜୟ' ସ୍ଲୋଗାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ଜରିଆରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଓ ଅନ୍ୟାନ୍ୟ ପ୍ରକଳ୍ପର ଲୋକାର୍ପଣ କରୁଥିବାରୁ ରାଜସ୍ୱ ମନ୍ତ୍ରୀ ମାରାଣ୍ଡି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିଲେ। ଅନ୍ୟପକ୍ଷେ ଉକ୍ତ ଗାଡ଼ିରେ ରାଜସ୍ୱ ମନ୍ତ୍ରୀ ନ ଥିଲେ। ଏଣୁ ତାଙ୍କ ଗାଡ଼ିକୁ ଅଣ୍ଡା ମାଡ ହୋଇ ନ ଥିବା ବିଜେଡି ନେତା ଆଶିଷ ଚକ୍ରବର୍ତ୍ତୀ କହିଛନ୍ତି।



ଭାଜପା ଯୁବ ସଭାପତି ହେମରଞ୍ଜନ ବାରିକଙ୍କୁ ପୋଲିସ ଥାନାକୁ ନେଉଛି।

# ବିଜେଡିରେ ମିଶିଲେ ଶତାଧିକ କର୍ମୀ

**ଖୋର୍ଦ୍ଧା ଅଫିସ,୧୮।୧୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳ ବଦଳ ଓ ମିଶ୍ରଣ ପର୍ବ ଜାରି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନହିତକର ଯୋଜନାରେ ଅନୁପ୍ରାଣିତ ବିରୋଧୀଦଳର କର୍ମୀମାନେ ବିଜେଡିରେ ସାମିଲ ହେଉଛନ୍ତି। ଖୋର୍ଦ୍ଧା ବିଜେଡି କାର୍ଯ୍ୟାଳୟ ପରିସରରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ବ୍ଲକ ଭୂଷଣ୍ଡପୁର ପଞ୍ଚାୟତର ୨୧ଜଣ କର୍ମୀ ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦେଇଛନ୍ତି। ବିଧାୟକ ମିତ୍ରଙ୍କ ସହ ଜିଲା ମହିଳା ସଭାପତି ଗୀତାଞ୍ଜଳି ପାଟ୍ଟଶାଣୀ, ଉପସଭାପତି ଦିଲୀପ ହୋତା, ବୀରଞ୍ଚି ନାରାୟଣ ପ୍ରଧାନ, ଭୂଷୁଣ୍ଡପୁର ପଞ୍ଚାୟତ ସଭାପତି ସୁରେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନୂତନଭାବେ ଯୋଗଦେଇଥିବା କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଓଡ଼ିଶା ମତ୍ସ୍ୟଜୀବୀ ସମବାୟ ସମିତି ବୋର୍ଡ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ନରୋତ୍ତମ ବେହେରା, ପୂର୍ବତନ ସରପଞ୍ଚ ଦଣ୍ଡପାଣି ବେହେରା, ହରପାର୍ବତୀ ସମବାୟ ସମିତି ସଭାପତି ପବିତ୍ର ଦଳାଇ ପ୍ରମୁଖ ସାମିଲ ହୋଇଛନ୍ତି। ନୂତନ ସଦସ୍ୟମାନେ ମିଶିବା ପରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ଆହୁରି ଅଧିକ ଭଲ ପ୍ରଦର୍ଶନ କରିବ ବୋଲି ବିଧାୟକ ମିତ୍ର କହିଛନ୍ତି।



ବିଜେଡିରେ ଯୋଗଦେଇଥିବା ଅନ୍ୟ ଦଳର କର୍ମୀମାନେ।

# ଦିବ୍ୟଶଙ୍କରଙ୍କୁ ପୁଣି କଳାପତାକା



ଜଣେ କଂଗ୍ରେସ କର୍ମୀ କଳାପତାକା ଦେଖାଉଛନ୍ତି।

### ମମିତା ମେହେର ହତ୍ୟା ଘଟଣା

**ଭବାନୀପାଟଣା,୧୮।୧୧(ସ୍ୱ.ପ୍ର.)**

ମମିତା ମେହେର ହତ୍ୟା ଘଟଣାକୁ ନେଇ ରାଜନୀତି ଥମିବାର ନାଁ ଧରୁନାହିଁ। ଗୁରୁବାର ଏହି ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ କଳାପତାକା ପ୍ରଦର୍ଶନ କରିଛି କଂଗ୍ରେସ। କଳାହାଣ୍ଡି ଜିଲା ଭବାନୀପାଟଣା ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ମନ୍ତ୍ରୀ ମିଶ୍ର ଯୋଗଦେବା ପାଇଁ ମାଣିକେଶ୍ୱରୀ ହାଇସ୍କୁଲ ଯାଉଥିବା ବେଳେ ସ୍ଥାନୀୟ ଯୁବକଂଗ୍ରେସ କର୍ମୀମାନେ ବିରୋଧ କରିବା ସହ କଳାପତାକା ପ୍ରଦର୍ଶନ କରିଥିଲେ। ଏହି ସମୟରେ କଂଗ୍ରେସ କର୍ମୀଙ୍କୁ ଜବରଦସ୍ତ ପୋଲିସ ଗାଡିରେ ବସାଉଥିବାରୁ ଉଭୟଙ୍କ ମଧ୍ୟରେ ବଚସା ହେଉଥିବା ଦେଖିବାକୁ ମିଳିଥିଲା।

# ମନ୍ତ୍ରୀ ନିଜେ ନିଜକୁ କିପରି କ୍ଲିନ୍‌ଚିଟ୍ ଦେଲେ: ଭାଜପା

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ)**

ଓଡ଼ିଶାରେ କେଉଁଭଳି ଆଇନ ଶୃଙ୍ଖଳା ଚାଲିଛି ଏବଂ କିପରି ଗୃହ ବିଭାଗ ନ୍ୟାୟ ଦେବା ପାଇଁ ପ୍ରସ୍ତୁତ ଏହା ଉପରେ ସାଧାରଣ ଜନତାଙ୍କ ମନରେ ବହୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ଘଟଣାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ୨୧ ଦିନ ଆତ୍ମଗୋପନ କରିବା ପରେ ହଠାତ୍ ଆବିର୍ଭାବ ହୋଇ ପ୍ରେସ୍ ବିଜ୍ଞପ୍ତି ଜରିଆରେ ମା' ମାଣିକେଶ୍ୱରୀ ଏବଂ ବାୟୁସେନାର ଦ୍ୱାହିଦେଇ ନିଜକୁ ନିର୍ଦ୍ଦୋଷ ବୋଲି କହିଲେ। ଘଟଣାର ମାସେରୁ ଊର୍ଦ୍ଧ୍ୱ ସମୟ ପରେ ବୁଧବାର ମନ୍ତ୍ରୀ ଦିବ୍ୟଶଙ୍କର ନିଜକୁ ନିଜେ କିପରି କ୍ଲିନ୍‌ଚିଟ୍ ଦେଇଦେଲେ ବୋଲି ଭାଜପା ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, କ୍ଷମତାର ଅପବ୍ୟବହାର କରି ବିଭିନ୍ନ ଏଜେନ୍ସି ସାହାଯ୍ୟରେ ନିଜ ବିରୋଧରେ ଥିବା ସମସ୍ତ ତଥ୍ୟ ଓ ପ୍ରମାଣ ନଷ୍ଟ କରିବା ପରେ ମନ୍ତ୍ରୀ ନିଜକୁ କ୍ଲିନ୍‌ଚିଟ୍ ଦେଇଛନ୍ତି। ଘଟଣାର ତଦନ୍ତ ପ୍ରକ୍ରିୟା ଜାରି ରହିଛି । କିନ୍ତୁ ମନ୍ତ୍ରୀ ଦିବ୍ୟଶଙ୍କର ନିଜେ ଜଜ୍ ସାଜି ନିଜକୁ କ୍ଲିନ୍‌ଚିଟ୍ ଦେଇଦେଲେ, ଯାହାକି ଅତ୍ୟନ୍ତ ହାସ୍ୟାସ୍ପଦ। 'ଠାକୁରଘରେ କିଏ, ନା ମୁଁ କଦଳୀ ଖାଇନାହିଁ' ଢଙ୍ଗରେ ମନ୍ତ୍ରୀ ମିଶ୍ର ନିଜକୁ ନିର୍ଦ୍ଦୋଷ ବୋଲି କହୁଛନ୍ତି। ସେ କାହିଁକି ବାରମ୍ବାର ମହାଲିଙ୍ଗ କଲେଜ ଯାଉଥିଲେ ବୋଲି ଅଭିଯୋଗର ଜବାବ ସେ ସନ୍‌ସାଇନ ସ୍କୁଲ ପ୍ରସଙ୍ଗରେ କହି ପୁଣିଥରେ ବିଭ୍ରାନ୍ତ କରୁଛନ୍ତି ବୋଲି ଲେଖାଶ୍ରୀ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୫,୬୦,୭୪,୬୭୩ | ୫୧,୪୩,୭୪୭ | ୨୩,୧୩,୬୭,୨୦୧ |
| ଭାରତ | ୩,୪୪,୭୮,୫୧୭ | ୪,୬୪,୬୨୩ | ୩,୩୮,୮୫,୧୩୨ |
| ଓଡ଼ିଶା | ୧୦,୪୬,୩୧୭ | ୮୩୮୬(+୫୩) | ୧୦,୩୫,୨୬୨ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ନିକୁଞ୍ଜ ଧଳ ସଂସ୍କୃତି ସଚିବ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ): ୧୯୯୩ ବ୍ୟାଚ ଆଇଏଏସ୍ ଅଫିସର ତଥା ଶକ୍ତି ବିଭାଗ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ଗ୍ରୀଡ୍‌କୋ ଏବଂ ଓପିଟିସିଏଲ୍ ଅଧ୍ୟକ୍ଷ ସହିତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଗୁରୁବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଥିବା ସୁରେଶ ଚନ୍ଦ୍ର ଦଳାଇଙ୍କୁ ରାଜ୍ୟ ସରକାର ଅକ୍ଟୋବର ୧୩ ତାରିଖରେ ସମ୍ବଲପୁର ରାଜସ୍ୱ ଡିଭିଜନ କମିଶନର(ଉତ୍ତରାଞ୍ଚଳ ଡିଭିଜନ) ଭାବେ ନିଯୁକ୍ତି ଦେଇଛନ୍ତି। ଦଳାଇଙ୍କ ବଦଳି ପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ସଚିବ ରଞ୍ଜନ କୁମାର ଦାସଙ୍କୁ ବିଭାଗର ସେକ୍ରେଟାରି ଇନ୍‌ଚାର୍ଜ ଦାୟିତ୍ୱ ଦିଆଯାଇଥିଲା। ତେବେ ତାଙ୍କୁ ହଟାଇ ନିକୁଞ୍ଜ ଧଳଙ୍କୁ ସଂସ୍କୃତି ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

### ଆଜି ଚନ୍ଦ୍ରଗ୍ରହଣ
#### ଓଡ଼ିଶାକୁ ଦୃଶ୍ୟମାନ ହେବନି

ଭୁବନେଶ୍ୱର, ୧୮।୧୧ (ବ୍ୟୁରୋ): ଶତାବ୍ଦୀର ଦୀର୍ଘତମ ଆଂଶିକ ଚନ୍ଦ୍ର ଗ୍ରହଣ ଶୁକ୍ରବାର ସଂଗଠିତ ହେବ। ଭାରତୀୟ ସମୟ ସକାଳ ୧୧ଟା ୩୨ରେ ଚନ୍ଦ୍ର ଉପଛାୟାରେ ପ୍ରବେଶ କରିବା ସହିତ ଗ୍ରହଣ ଆରମ୍ଭ ହେବ। ପରେ ମଧ୍ୟାହ୍ନ ୧୨ଟା ୪୮ରେ ଚନ୍ଦ୍ର ଛାୟାରେ ପ୍ରବେଶ କରିବ ଓ ଅପରାହ୍ନ ୨ଟା ୩୨ରେ ସର୍ବାଧିକ ୯୭.୪୨% ଗ୍ରହଣ ଘଟିବ। ଅପରାହ୍ନ ୪ଟା ୧୭ରେ ଚନ୍ଦ୍ର ଛାୟାରୁ ଓ ୫ଟା ୩୩ରେ ଉପଛାୟାରୁ ସମ୍ପୂର୍ଣ୍ଣ ବାହାରିଯିବ। ଏହି ଚନ୍ଦ୍ରଗ୍ରହଣ ଏସିଆ, ଅଷ୍ଟ୍ରେଲିଆ, ଆମେରିକା, ଆଲାସ୍କା ହାୱାଇର କିଛି ଅଂଶ ତଥା ଉତ୍ତର-ୟୁରୋପର କିଛି ଅଞ୍ଚଳରେ ଆଂଶିକ ଦୃଶ୍ୟମାନ ହେବ। ଭାରତକୁ ଏହା ଦୃଶ୍ୟମାନ ହେବ ନାହିଁ ବୋଲି ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଚିତ୍ରା ଗୁରାଣ୍ଡି ଶାବକ ଜନ୍ମ

ବାରଙ୍ଗ,୧୮।୧୧(ଡି.ଏନ୍.ଏ): ନନ୍ଦନକାନନର ୩୭-ସି ଏନକ୍ଲୋଜରରେ ଥିବା ଭାରତୀୟ ମାଈ ଚିତ୍ରା ଗୁରାଣ୍ଡି ଗୁରୁବାର ସକାଳେ ଗୋଟିଏ ଶାବକ ଜନ୍ମ ଦେଇଛି। ମା' ଓ ଛୁଆ ଉଭୟ ସୁସ୍ଥ ଥିବାବେଳେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହି ପ୍ରଜାତିର ଗୁରାଣ୍ଡି ପ୍ରାୟ ୧୪ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରନ୍ତି। ଗୁରାଣ୍ଡିକୁ ୫ରୁ ୧୦ମାସ ହେଲେ ସେ ପ୍ରାପ୍ତ ବୟସ ହୋଇ ୧୪୫ ରୁ ୧୬୦ ଦିନ ଗର୍ଭଧାରଣ କରି ଥରକେ ଗୋଟିଏ ଶାବକ ଜନ୍ମ ଦେଇଥାନ୍ତି।


କେନ୍ଦୁଝର ଜିଲା ହାଟପଦାରେ ମଦ ଦୋକାନକୁ ବିରୋଧ କରି ଗୁରୁବାର ଭଙ୍ଗାରୁଜା କରୁଥିବା ମହିଳା ବିକ୍ଷୋଭକାରୀଙ୍କୁ ପୋଲିସ ବୁଝାଶୁଝା କରୁଛି।

# ମଦ ଦୋକାନ ଭାଙ୍ଗିଲେ ମହିଳା
## ପ୍ରଶାସନ ଅଭିଯୋଗ ନ ଶୁଣିବାରୁ ତାତିଲେ

କେନ୍ଦୁଝର, ୧୮।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ ହାଟପଦାରେ ଥିବା ମଦ ଦୋକାନକୁ ଗୁରୁବାର ସ୍ଥାନୀୟ ମଦ ବିରୋଧୀ ମହିଳା ସଂଗଠନ ପକ୍ଷରୁ ବ୍ୟାପକ ଭଙ୍ଗାରୁଜା କରାଯାଇଛି। ଶତାଧିକ ମହିଳା ଏଥିରେ ସାମିଲ ହୋଇ ମଦ ଦୋକାନ ଭାଙ୍ଗିବା ସହ ପେଟି ପେଟି ମଦ ବୋହି ନେଇ ଏକ ପଡ଼ିଆରେ ରଖି ଭଙ୍ଗାରୁଜା କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ହେଁ ସଫଳ ହୋଇ ନ ପାରି ନିରୂପାୟ ହୋଇ ସମସ୍ତ ଘଟଣା ଦେଖିଥିଲେ। ଭୂୟାଁ ସମାଜ ପକ୍ଷରୁ ମଦ ବିରୋଧୀ ଆନ୍ଦୋଳନ ଚାଲିଥିବା ବେଳେ ଏଭଳି ମଦ ବିକ୍ରିକୁ ବିରୋଧ କରିଆସୁଥିଲେ। ତେବେ କେହି ନ ଶୁଣିବାରୁ ବାଧ୍ୟ ହୋଇ ସେମାନେ ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି। ଏନେଇ ନୟାକୋଟ ଥାନା ଅଧିକାରୀ ସ୍ୱର୍ଣ୍ଣ ହେମ୍ବ୍ରମ କହିଛନ୍ତି, ମଦ ବିରୋଧୀ ଆନ୍ଦୋଳନକାରୀ ମାନେ ଏଭଳି ଘଟଣା ଘଟାଇଛନ୍ତି। ତେବେ ପରିସ୍ଥିତି ଏବେ ଶାନ୍ତ ରହିଛି। କୌଣସି ଅଭିଯୋଗ ମିଳିନାହିଁ। ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


## ପାରାଦୀପ ବନ୍ଦର ନ୍ୟାସ
### ପସନ୍ଦିତ ବନ୍ଦର
SAGARMALA
ଏକ ଆଇଏସ୍ଓ ୯୦୦୧-୨୦୧୫ ପ୍ରମାଣିତ ଓ ଆଇଏସ୍‌ପିଏସ୍ ମାନ୍ୟ ବନ୍ଦର

୧୯ ନଭେମ୍ବର, ୨୦୨୧ ଦିନ
### ବନ୍ଦର ଦିବସ
ପାଳନ ଅବସରରେ ସମସ୍ତ ହିତାଧିକାରୀମାନଙ୍କୁ ଶୁଭ ଅଭିନନ୍ଦନ

- ଭାରତର ପୂର୍ବତଟର ସାମୁଦ୍ରିକ ପ୍ରବେଶପଥରେ ଏହାର ଅବସ୍ଥିତି।
- ଗୋଟିଏ ସ୍ଥଳରେ ସମସ୍ତ ସେବା ଉପଲବ୍ଧ।
- ପଣ୍ୟ କାରବାର ନିମିତ୍ତ ଆଧୁନିକ ଯନ୍ତ୍ରପାତିର ସୁବ୍ୟବସ୍ଥା।
- ଦକ୍ଷ ଏବଂ ସୁଲଭ ସେବା ଉପଲବ୍ଧ।
- ବର୍ତ୍ତମାନ କେପ୍ ସାଇଜ ଜାହାଜ ଅଭ୍ୟନ୍ତରୀଣ ପୋତାଶ୍ରୟ ମଧ୍ୟରେ ଏବଂ ୩,୫୦,୦୦୦ ଡିଡବ୍ଲୁଟି କ୍ଷମତା ବିଶିଷ୍ଟ ଜାହାଜ ସିଙ୍ଗଲ୍ ପଏଣ୍ଟ୍ ମୁରିଂ (ଏସ୍‌ପିଏମ୍)ଠାରେ କାରବାର କରାଯାଉଅଛି।
- ପାରାଦୀପ ବନ୍ଦରରେ ସାର ପଣ୍ୟର କାରବାର କରାଯାଉଅଛି।
- ପାର୍ଶ୍ୱ ବ୍ୟବସାୟିକ କ୍ଷେତ୍ର ସହିତ ରେଳ ଓ ସଡ଼କର ଉତ୍ତମ ଯୋଗାଯୋଗ ବ୍ୟବସ୍ଥା।
- ଶୁଷ୍କ ପୋତାଶ୍ରୟ (ଡ୍ରାଏ ଡକ୍) ସୁବିଧା ଉପଲବ୍ଧ।
- କମ୍ପ୍ୟୁଟରଭିତ୍ତିକ କାର୍ଯ୍ୟ ପରିଚାଳନା ସହ ଇଲେକ୍ଟ୍ରୋନିକ୍ ଡାଟା ଇଣ୍ଟରଚେଞ୍ଜ (ଇ.ଡି.ଆଇ) ବ୍ୟବସ୍ଥା ଉପଲବ୍ଧ।
- ଜାହାଜ ଯାତାୟତ ପ୍ରବନ୍ଧନ (ଭି.ଟି.ଏମ୍.ଏସ୍) ବ୍ୟବସ୍ଥା ଉପଲବ୍ଧ।
- ଆର୍ଥିକବର୍ଷ ୨୦୨୦-୨୧ ରେ ୧୧୪.୫୫ ନିୟୁତ ଟନ୍ ପଣ୍ୟ କାରବାର କରାଯାଇଛି।
- ୨୦୨୫ ଆର୍ଥିକବର୍ଷରେ ବନ୍ଦରର ପଣ୍ୟ କାରବାର କ୍ଷମତା ୩୬୭ ନିୟୁତ ମେଟ୍ରିକ୍ ଟନ୍‌ରେ ପହଞ୍ଚିବ।
- ଦେଶର ସମସ୍ତ ବୃହତ ବନ୍ଦରଗୁଡ଼ିକ ମଧ୍ୟରେ ପଣ୍ୟ କାରବାରରେ ପାରାଦୀପ ବନ୍ଦର ନିଜର ଦ୍ୱିତୀୟ ସ୍ଥାନ ବଜାୟ ରଖିଛି।
- ସମ୍ଭବତଃ ଦେଶରେ ପ୍ରଥମ ଥର ପାଇଁ ପାରାଦୀପ ବନ୍ଦରରେ ଭୂମଧ୍ୟସାଗରୀୟ ମୁରିଂ ପଦ୍ଧତିରେ ପଣ୍ୟ ଖଲାସ ପ୍ରକ୍ରିୟା ଆରମ୍ଭ କରାଯାଇଛି ଓ ଏହି ପଦ୍ଧତିରେ ବିନା ବର୍ଥରେ ଜାହାଜରୁ ଖାଇବା ତେଲ ଖଲାସ କରଯାଉଛି।






paradipport.gov.in www.paradipport.gov.in paradipport


# ଡଙ୍ଗାରେ ବୁଲି ମୁହାଣ ଦେଖିଲେ କେନ୍ଦ୍ରମନ୍ତ୍ରୀ


ଡଙ୍ଗାରେ ବସି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଚିଲିକା ମୁହାଣ ପରିଦର୍ଶନ କରୁଛନ୍ତି।

## ବନ୍ୟାର ସ୍ଥାୟୀ ପ୍ରତିକାର ଆଲୋଚନା

କଣାସ,୧୮।୧୧(ସ୍ୱ.ପ୍ର.)

ପୁରୀ ଜିଲା ପ୍ରତିବର୍ଷ ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଏହି ବିପର୍ଯ୍ୟୟ ଦ୍ୱାରା ବିଶେଷ ଭାବେ କଣାସ ବ୍ଲକ ଅଞ୍ଚଳ ଅଧିକ ଖାଲୁଆ ଅଞ୍ଚଳ ହୋଇଥିବାରୁ ଚାଷ ସହ ଧନଜୀବନ କ୍ଷତି ହେଉଛି। ଏହି ବିପର୍ଯ୍ୟୟର ସ୍ଥାୟୀ ପ୍ରତିକାର ପାଇଁ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ନେତା, ବ୍ୟକ୍ତିଙ୍କ ଅନୁରୋଧକ୍ରମେ ଗୁରୁବାର କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ କଣାସ ବ୍ଲକ ଆସିଥିଲେ। ଏପରିକି ଜାଗୁଳେଇପଦରକୁ ଯାଇ ଡଙ୍ଗା ଯୋଗେ ବଡ଼ଗୋଠ ଦେଇ ପୋତି ହୋଇପଡିଥିବା ନଦୀ ମୁହାଁଣ ପରିଦର୍ଶନ କରିଥିଲେ। ଏଥିସହ ଏହାର ସମାଧାନ ପାଇଁ କଣାସରେ ଆୟୋଜିତ ଏକ ସଭାରେ ଯୋଗଦେଇଥିଲେ।

ଜିଲାରେ ପ୍ରତିବର୍ଷ ବନ୍ୟା ଭଳି ବିପର୍ଯ୍ୟୟ ଯୋଗୁ ଜଳନିଷ୍କାସନ ହୋଇ ନ ପାରି ଅନେକ ଧନଜୀବନ କ୍ଷତିଗ୍ରସ୍ତ ହେଉଛି। ବିଶେଷ କରି କଣାସ ସମେତ ଆଖପାଖ ଡେଲାଙ୍ଗ, ପିପିଲି, ବ୍ରହ୍ମଗିରି, ସତ୍ୟବାଦୀ ବ୍ଲକର ମଧ୍ୟ ଚାଷଜମି, ଜନସାଧାରଣ ଅଧିକ କ୍ଷତି ସହୁଛନ୍ତି। ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ସତ୍ୟବାଦୀ ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂହ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପୁରୀ ଜିଲା ଭାଜପା ସଭାପତି ଆଶ୍ରୀତ୍ ପଟ୍ଟନାୟକ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଓ ବିରଞ୍ଚି ତ୍ରିପାଠୀ ସେପ୍ଟେମ୍ବର ୧୯ରେ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ଭୁବନେଶ୍ୱରରେ ଭେଟି ଅନୁରୋଧ କରିଥିଲେ। ଅନୁରୋଧ ରକ୍ଷାକରି ଗୁରୁବାର ରାଷ୍ଟ୍ରମନ୍ତ୍ରୀ ଟୁଡୁ କଣାସ ଆସିଥିଲେ। ପୂର୍ବତନ ବିଧାୟକ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଷ୍ଟ୍ରମନ୍ତ୍ରୀ ଟୁଡୁ ଯୋଗଦେଇ ବନ୍ୟାର ପ୍ରତିକାର ପାଇଁ ବିଭିନ୍ନ ଦିଗ ଉପରେ ଉପସ୍ଥିତ ଅନ୍ୟ ନେତା ଓ ବ୍ୟକ୍ତିମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ପ୍ରଶାସନ ଅଧିକାରୀମାନଙ୍କୁ ବିଭିନ୍ନ ପଦକ୍ଷେପ ବିଷୟରେ କହିଥିଲେ। ରାଜୁଆନଦୀର ଢୋଲପାଟଣାରେ ୨୦ବର୍ଷ ତଳେ ଆରମ୍ଭ ହୋଇଥିବା ବ୍ୟାରେଜ୍ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବା, ମକରାନଦୀରୁ ବଡ଼ଓରା ପର୍ଯ୍ୟନ୍ତ ଯାଇଥିବା ଆଡିନଦୀକୁ ଖନନ କରିବା ଏବଂ କଣାସ ବ୍ରାଞ୍ଚ କେନାଲ୍‌କୁ ଆରଦଙ୍ଗାନାଳ ସହିତ ସଂଯୋଗ କରିବା ଆଦି ସମସ୍ୟା ନେଇ କେତେକ ସଂଗଠନ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ରାଷ୍ଟ୍ରମନ୍ତ୍ରୀ ଟୁଡୁ ଶେଷରେ ତାଙ୍କ ସହିତ ଆସିଥିବା କେନ୍ଦ୍ରୀୟ ଅଧିକାରୀ ଓ ପୁରୀ, ଖୋର୍ଦ୍ଧା ଜଳସେଚନ ବିଭାଗର ଅଧିକାରୀ ଏବଂ ଡ୍ରେନେଜ୍ ବିଭାଗର ଅଧିକାରୀ, କଣାସ ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣାଙ୍କୁ ଡାକି କଣାସ ଅଞ୍ଚଳର ବନ୍ୟା ସମସ୍ଯା କିପରି ସ୍ଥାୟୀ ପ୍ରତିକାର କରାଯାଇପାରିବ ତାହାର ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାକୁ କହିଥିଲେ। ଏହି ମାଷ୍ଟରପ୍ଲାନ୍‌କୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ବନ୍ୟା ସମସ୍ୟାର ଶୀଘ୍ର ପ୍ରତିକାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଭାରେ ଆଶ୍ରୀତ ପଟ୍ଟନାୟକ, ଯୁବନେତା ଓମ୍‌ପ୍ରକାଶ ମିଶ୍ର, କୃଷ୍ଣଚନ୍ଦ୍ର ଜଗଦ୍ଦେବ, ବିରଞ୍ଚିନାରାୟଣ ତ୍ରିପାଠୀ, ସୁରଥ୍ ବିଶ୍ୱାଳ, ସୁଶୀଲକାନ୍ତ ରାଉତ, ଲକ୍ଷ୍ମୀଧର ଜଗଦ୍ଦେବ, ଲତାମଣୀ ଜଗଦ୍ଦେବ, ଉମାକାନ୍ତ ମିଶ୍ର ଓ ପ୍ରେମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ମା'ପୁଅ ମୃତ
## ପୁଅକୁ ଉଦ୍ଧାର କରିବାକୁ ଯାଇଥିଲେ

ନିମାପଡ଼ା,୧୮।୧୧(ଡି.ଏନ୍.ଏ.)

ଗୁରୁବାର ବଡ଼ ଓଷା ଥିବାରୁ ମା'ପୁଅ ଠାକୁର ଦର୍ଶନ ପାଇଁ ମନ୍ଦିରକୁ ଯାଇଥିଲେ। ମନ୍ଦିରରୁ ଫେରିବାବେଳେ ପୁଅ ଗୋଡ଼ ଧୋଇବା ପାଇଁ ସ୍ଥାନୀୟ ପୋଖରୀକୁ ଯାଇଥିଲା, ହେଲେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ବୁଡ଼ିଯାଇଥିଲା। ପୁଅକୁ ବଞ୍ଚାଇବାକୁ ଯାଇ ମା' ପୋଖରୀକୁ ଡେଇଁ ପଡ଼ିଥିଲେ। ହେଲେ ଉଦ୍ଧାର କରିବାକୁ ଯାଇଥିବା ମା' ମଧ୍ୟ ବୁଡ଼ିଯାଇଥିଲେ। ଅକାଳରେ ପୋଖରୀରେ ବୁଡ଼ି ମା' ପୁଅଙ୍କ ଜୀବନ ଚାଲିଯାଇଛି। ଏଭଳି ଏକ ଦୁଃଖଦ ଘଟଣା ନିଆଳି ଥାନା ଅନ୍ତର୍ଗତ କୃଷ୍ଣପ୍ରସାଦ ନିକଟସ୍ଥ ପୁରୁଣାସାତଙ୍ଗ ଗ୍ରାମରେ ଗୁରୁବାର ଦେଖିବାକୁ ମିଳିଛି। ମୃତଦ୍ୱୟ ହେଲେ ପୁରୁଣାସାତଙ୍ଗ ଗ୍ରାମର ରିତା ମିଶ୍ର(୨୭) ଓ ତାଙ୍କ ୭ବର୍ଷର ପୁଅ ପରମଜିତ(ପ୍ରଭୁ)। ଏ ନେଇ ମୃତାଙ୍କ ପରିବାର ଲୋକ ଚାରିଛକ ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୨୫, ୨୬/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବଡ଼ ଓଷା ଥିବାରୁ ରିତା ଭୋରୁ ମନ୍ଦିର ପାଇଁ ବାହାରିଥିଲେ। ଏହି ସମୟରେ ପୁଅ ପରମଜିତ ମଧ୍ୟ ଯିବା ପାଇଁ କହିବାରୁ ସାଥୀରେ ନେଇଥିଲେ। ଦର୍ଶନ ସାରି ଫେରିବାବେଳେ ପୁଅର ଗୋଡ଼ରେ କିଛି ଲାଗିଥିବାରୁ ଧୋଇବାକୁ ପୋଖରୀକୁ ଯାଇଥିଲେ। ହେଲେ ଗୋଡ଼ ଖସିଯିବାରୁ ବୁଡ଼ିଯିବାବେଳେ ରିତା ଉଦ୍ଧାର ପାଇଁ ଅଧିକ ପାଣି ଭିତରକୁ ଚାଲିଯାଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକ ଆସି ସେମାନଙ୍କୁ ଉଦ୍ଧାର କରିବା ସହ ପରିବାର ଲୋକଙ୍କୁ କହିଥିଲେ। ଉଭୟଙ୍କୁ ସ୍ଥାନୀୟ ଚାରିଛକ ମେଡିକାଲକୁ ନେଇଥିଲେ ମଧ୍ୟ ଡାକ୍ତର ମା'ପୁଅଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଚାରିଛକ ଫାଣ୍ଡି ଅଧିକାରୀ ଶିଶିର ମହାନ୍ତି ପହଞ୍ଚି ମୃତଦେହଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ କରିଛନ୍ତି। ସୂଚନାଥାଉକି, ରିତାଙ୍କ ଶାଶୁଘର ଅସ୍ତରଙ୍ଗ ଥାନା ଅଞ୍ଚଳର ହୋଇଥିବାବେଳେ ଗତ ୧୨ତାରିଖରେ ପୁଅକୁ ନେଇ ବାପଘରୁ ବୁଲିବାକୁ ଆସି ରହିଯାଇଥିଲେ।

# ଟ୍ରକ୍ ଧକ୍କାରେ ସ୍କୁଲ କର୍ମଚାରୀଙ୍କ ମୃତ୍ୟୁ

ବଣ୍ଡଁରପାଳ,୧୮।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ନାଲ୍‌କୋ ଥାନା କୁଲାଡ ଏଫ୍‌ସିଆଇ ଛକ ନିକଟରେ ଗୁରୁବାର ଟ୍ରକ୍ ଧକ୍କାରେ ନାଲ୍‌କୋ ଡିପିଏସ୍ କର୍ମଚାରୀ ବିହାରୀ ଗୋଛାୟତ (୫୦)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ପୁଅ ରାହୁଲ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ସେଠାରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ସହ ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦାବିରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରାଜପଥ ଅବରୋଧ କରାଯାଇଥିଲା।

ପ୍ରକାଶ ଯେ, କର୍ମଚାରୀ ବିହାରୀ ଗୋଛାୟତ ସ୍କୁଲ କାମ ସାରି ପୁଅଙ୍କ ସହିତ ଏକ ସ୍କୁଟିରେ ଘରକୁ ଫେରୁଥିଲେ। ଏହି ସମୟରେ ପଛପଟୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ବିହାରୀଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଓ ରାସ୍ତା ଅବରୋଧ ଖବରପାଇ ବଣ୍ଡଁରପାଳ ତହସିଲଦାର ଜିତେନ୍ଦ୍ର ସାହୁ, ଡିଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ନାଲ୍‌କୋ ଥାନା ଅଧିକାରୀ ବିନ୍ଦୁ ବିଶାନୀ ବିଶ୍ୱାଳ ପ୍ରମୁଖ ପହଞ୍ଚି ବୁଝାସୁଝା କରିଥିଲେ। ମାତ୍ର କୌଣସି ସୁଫଳ ମିଳି

- ୭ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ
- କ୍ଷତିପୂରଣ ଦାବିରେ ମୃତଦେହ ରଖି ଆନ୍ଦୋଳନ

ନ ଥିଲା। ଦୀର୍ଘ ୭ ଘଣ୍ଟା ଧରି ରାଜପଥ ଅବରୋଧ ପରେ ଉତ୍ତ୍ୟକ୍ତ ଲୋକେ ମୃତଦେହ ନେଇ ନାଲ୍‌କୋ ସ୍ମେଲଟର ମୁଖ୍ୟ ଫାଟକ ସମ୍ମୁଖରେ ରଖି ଆନ୍ଦୋଳନ କରିଥିଲେ। ଘଟଣାସ୍ଥଳରେ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନ, ସରପଞ୍ଚ ଶେଷଦେବ ଦେହୁରୀ, ବାବୁଲି ସ୍ୱାଇଁ, ମୁକେଶ ଜେନା, ଦିଲୀପ ଧୀର ପ୍ରମୁଖ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ଉଚିତ୍ କ୍ଷତିପୂରଣ ଓ ଜଣେ ସଦସ୍ୟଙ୍କୁ ନାଲ୍‌କୋ ପକ୍ଷରୁ ନିଯୁକ୍ତି ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।


ପରିବାର ଲୋକେ ମୃତଦେହ ରଖି ଆନ୍ଦୋଳନ କରୁଛନ୍ତି।


DSPL-258:-

## ଡାଇବେଟିସ୍ (ମଧୁମେହ)ରୋଗ
## ଏକ ନିରବ ଘାତକ !
### ସଚେତନ ରୁହନ୍ତୁ, ସତର୍କ ରୁହନ୍ତୁ ଓ ପ୍ରତିରୋଧ କରନ୍ତୁ



ଆଧୁନିକ ଜୀବନଶୈଳୀ ଓ ଅସନ୍ତୁଳିତ ଖାଦ୍ୟାଭ୍ୟାସ ଯୋଗୁଁ ଅନେକ ବ୍ୟକ୍ତି ଏହି ରୋଗରେ କବଳିତ ହେବାର ଦେଖାଯାଉଛି। ମଧୁମେହରେ ଆକ୍ରାନ୍ତ ସମସ୍ତ ବ୍ୟକ୍ତି ଯେପରି ମଧୁମେହର ପ୍ରତିରୋଧ ଓ ତଦ୍‌ଜନିତ ସମସ୍ୟାର ପ୍ରତିକାର ପାଇଁ ଆବଶ୍ୟକୀୟ ସେବା ଓ ସୁବିଧା ପାଇପାରିବେ ସେଥିପ୍ରତି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ଆସନ୍ତୁ ସମସ୍ତେ ସଚେତନ ହୋଇ ମଧୁମେହ ପରି ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ସମସ୍ୟାର ପ୍ରତିରୋଧ କରିବା ଓ ସୁସ୍ଥ ଜୀବନ ଜିଇଁବା।

ରକ୍ତରେ ଶର୍କରାର ମାତ୍ରା ବଢିଗଲେ ଡାଇବେଟିସ୍ ବା ମଧୁମେହ ହୋଇଥାଏ।

**ମନେ ରଖନ୍ତୁ।**
- ଡାଇବେଟିସ୍ (ମଧୁମେହ) ଠାରୁ ଦୂରେଇ ରହିବା ପାଇଁ ନିୟମିତ ବ୍ୟାୟାମ୍ କରିବା ସହିତ ଖାଦ୍ୟପେୟରେ ନିୟନ୍ତ୍ରଣ ରଖନ୍ତୁ।
- ଧୂମପାନ,ତମାଖୁ ଓ ମାଦକଦ୍ରବ୍ୟ ସେବନରୁ ନିବୃତ୍ତ ରୁହନ୍ତୁ।
- ମଧୁମେହ ବ୍ୟକ୍ତି ପାଦରେ ଘା ନହେବା ପାଇଁ ଯତ୍ନବାନ୍ ହୁଅନ୍ତୁ।
- ଡାଇବେଟିସ୍ ଯୋଗୁଁ ଅନ୍ୟାନ୍ୟ ରୋଗ ଯଥା-ହୃଦ୍‌ଘାତ,ଉଚ୍ଚ ରକ୍ତଚାପ,ବୃକକ୍ ଏବଂ ଜକୃତ ଜନିତ ରୋଗ,ପକ୍ଷାଘାତ,ଚକ୍ଷୁଜନିତ ସମସ୍ୟା ଆଦି ଦେଖାଯିବାର ଅଧିକ ସମ୍ଭାବନା ଥାଏ। ସେଥିପ୍ରତି ସତର୍କ ରୁହନ୍ତୁ ଓ ନିୟମିତ ସ୍ୱାସ୍ଥ୍ୟପରୀକ୍ଷା କରାଇ ନିଅନ୍ତୁ।

ମଧୁମେହ ରୋଗୀ କରୋନା ସଂକ୍ରମିତ ହେବାର ଆଶଙ୍କା ଥିବାରୁ ସେମାନେ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହୁଅନ୍ତୁ। ଆସନ୍ତୁ, ଏ ସମ୍ପର୍କରେ ସଚେତନ ହେବା ସହିତ କରୋନା ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ମାନି ଚଳିବା

- ସର୍ବଦା ମାସ୍କ ବ୍ୟବହାର କରନ୍ତୁ
- ନିୟମିତ ବାରମ୍ବାର ସାବୁନ୍‌ରେ ହାତ ଧୁଅନ୍ତୁ
- ୨ମିଟର ଶାରିରୀକ ଦୂରତା ବଜାୟ ରଖନ୍ତୁ

ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ।

OIPR-10003/13/0089/2122

facebook.com/HFWOdisha
http://www.health.odisha.gov.in/
@HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

**ଆଜିର ମନ୍ତବ୍ୟ**

“ହାଇପ୍ରୋଫାଇଲ ଅର୍ଥନୈତିକ ଅପରାଧୀଙ୍କ ଭାରତକୁ ଫେରିବା ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ। ସେମାନଙ୍କ ପ୍ରତ୍ୟର୍ପଣ ଲାଗି କେନ୍ଦ୍ର ସରକାର ସବୁ ପ୍ରକାର କୂଟନୈତିକ ଉଦ୍ୟମ ଚଳାଇଛନ୍ତି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଅମନ୍
ପରିବାରବର୍ଗ



ବଦ୍ରିନାଥ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୁରଟରେ ଦାଦନ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ଗଞ୍ଜାମ,୧୮।୧୧(ଡି.ଏନ.ଏ.):** ରମ୍ଭା ଥାନା ଅନ୍ତର୍ଗତ ବଡ଼ ରାମପଲ୍ଲୀ ଗ୍ରାମର ଜନୈକ ଦାଦନ ଶ୍ରମିକଙ୍କ ସୁରଟରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଜୟରାମ ବେହେରା (୫୦)। ଗତ ୬ମାସ ତଳେ ସେ ସୁରଟ ଯାଇ ଏକ ସୂତା କଳରେ କାମ କରୁଥିଲେ। ହେଲେ ଗତ ୧୧ ତାରିଖରେ ସେ କେଉଁଆଡେ ଯାଇ ଆଉ ଫେରି ନ ଥିବାରୁ ଗ୍ରାମକୁ ନିଖୋଜ ହୋଇଯାଇଥିବା ସମ୍ପର୍କରେ ଖବର ଆସିଥିଲା। ପୋଲିସ ସହାୟତାରେ ଚାରିଆଡେ ଖୋଜାଖୋଜି କରିବା ପରେ ଏକ ବୁଦାମୂଳରୁ ତାଙ୍କ ମୋବାଇଲ ଏବଂ କିଛି ଦୂରରେ ତାଙ୍କ ମୃତଦେହ ପୋଲିସ ଜବତ କରିବା ପରେ ମୃତ୍ୟୁର କାରଣ ଖୋଜିବା ପାଇଁ ତଦନ୍ତ ଚଳାଇଛି। ଅନ୍ୟପଟେ ମୃତ୍ୟୁ ଖବର ପାଇ ପରିବାର ସଦସ୍ୟ ସୁରଟରେ ପହଞ୍ଚିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝଡ଼େଇ ଖାଇଲା ବରକୋଳି ଗଛ
ଡରେଇ ଖାଇଲା ପୋଖରୀକ ମାଛ।**

ଜୋର ଯା'ର ମୁଲକ ତାର। ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ଡରେଇ ଧମକେଇ ନିଜ କାମ ହାସଲ କରିନେଇଥାନ୍ତି। ବିନା ଅଧିକାରରେ ପ୍ରବେଶ କରିବା ବା ଧମକ ଚମକରେ କାମ ହାସଲ କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

**ଝୁମ୍ପାଲଗା ଗୋଜିକାଠି
ନ ଦେଖିଲେ ମୁହଁ କରିବେ ଏଡ଼େ
ବୋଲିବେ ନିମୁଳି ଖୁଣ୍ଟି।**

ସାଧାରଣତଃ ବିବାହ ସମୟରେ ବାପଘର ଲୋକେ ଝିଅକୁ ନିଜ ସାଧ ଅନୁଯାୟୀ ଯାନିଯୌତୁକ ଦେଇ ବିବାହ କରାଇଥାନ୍ତି। ତେବେ ଏଥିରୁ ଟିକେ ଊଣା ହୋଇଗଲେ ବିଚାରି ଝିଅଟିକୁ ଶାଶୂ ଘରେ ନାନା କଥା ଶୁଣିବାକୁ ପଡ଼େ। ବାପଘରୁ ବହୁ ଯାନିଯୌତୁକ ନ ଆଣିଲେ ଶାଶୁ ଓ ନଣନ୍ଦ ମାନେ ଖୁଣ୍ଟା ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଲକ୍ଷ୍ମୀନୃସିଂହ ବେଶରେ ମହାପ୍ରଭୁ

ପୁରୀ ଅଫିସ, ୧୮।୧୧

ପଞ୍ଚକର ଚତୁର୍ଥ ଦିବସ ଅର୍ଥାତ୍ କାର୍ତ୍ତିକ ମାସ ଶୁକ୍ଳପକ୍ଷ ବୈକୁଣ୍ଠ ଚତୁର୍ଦ୍ଦଶୀ ତିଥିରେ ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ (ଡାଳିକିଆ ବେଶ) ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ଏହି ବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି।

- **ଆଜି ସାଧାରଣ ଦର୍ଶନ ବନ୍ଦ**
- **ସୁନାବେଶ ଦେଖିପାରିବେନି ଭକ୍ତ**

ପରମ୍ପରା ଅନୁଯାୟୀ, ପ୍ରଥମେ ଶ୍ରୀକ୍ଷେତ୍ରର ଚକ୍ରନୃସିଂହଙ୍କଠାରୁ ମହାପ୍ରଭୁଙ୍କ ପାଖକୁ ଆଜ୍ଞାମାଳ ଆସିଥିଲା। ଶ୍ରୀମନ୍ଦିରରେ ଅବକାଶ ନୀତି ପରେ ଲକ୍ଷ୍ମୀନୃସିଂହ ବେଶ ଆରମ୍ଭ ହୋଇଥିଲା। ସେବାୟତମାନେ ରତ୍ନଭଣ୍ଡାରରୁ ବିଭିନ୍ନ ସୁବର୍ଣ୍ଣ ଅଳଙ୍କାର ଆଣି ଶ୍ରୀବିଗ୍ରହମାନଙ୍କୁ ସଜ୍ଜିତ କରିଥିଲେ। ସୋଲ ଓ ଜରିରେ ଡାଳି କରାଯାଇ ସେଥିରେ ରଙ୍ଗବେରଙ୍ଗର ଫୁଲ ଗୁଞ୍ଚି ଚତୁର୍ଦ୍ଧାବିଗ୍ରହଙ୍କ ଶ୍ରୀମସ୍ତକରେ ଲଗାଯାଇଥିଲା। ଏହି ଡାଳ ମଝି ମଝିରେ ଠିଆପାଖୁଡ଼ା ଆକୃତିର ସ୍ୱର୍ଣ୍ଣକିଆ ଖଞ୍ଜାଯାଇଥିଲା। ସେହିପରି ଠାକୁରମାନେ ସୁବର୍ଣ୍ଣର ଶ୍ରୀଭୁଜ, ଶ୍ରୀପୟର, କିରୀଟ, କୁଣ୍ଡଳ, ଚନ୍ଦ୍ରିକା ସହ ପ୍ରଭୁ ବଳଭଦ୍ର ହସ୍ତରେ ହଳ ମୁଷଳ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ଶଙ୍ଖ ଓ ଚକ୍ର ଧାରଣ କରିଥିଲେ। ଗୋପାଳ ବଲ୍ଲଭ, ବାଲଭୋଗ ଓ ସକାଳ ଧୂପ ଶେଷ ହେବା ପର୍ଯ୍ୟନ୍ତ ଏହି ବେଶ ରହିଥିଲା। ଶୁକ୍ରବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ରତ୍ନସିଂହାସନରେ ମହାପ୍ରଭୁଙ୍କ ରାଜରାଜେଶ୍ୱର ବେଶ ବା ସୁନାବେଶ ଅନୁଷ୍ଠିତ ହେବ। ତେବେ ପ୍ରଶାସନ ପକ୍ଷରୁ ଜାରି କଟକଣା ଅନୁଯାୟୀ କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିବ। ତେଣୁ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନରୁ ବଞ୍ଚିତ ହେବେ।



ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦ୍ୱିଜା ନକ୍ଷତ୍ର କାମ ହାସଲର ଅନୁକୂଳ ସୂଚନା ପାଇ ମନ ହାଲୁକା ହୋଇଯିବ। ଅର୍ଥ ଲାଭ ସଙ୍ଗକୁ ପାରିବାରିକ ସମସ୍ୟାର ସମାଧାନ ଖୁସୀକୁ ଦ୍ୱିଗୁଣିତ କରିଦେବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି। ବନ୍ଧୁମାନଙ୍କ ଗହଣରେ କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପ୍ରଶଂସିତ ହେବେ।

**ବୃଷ** – ମୃଗଶିରା ନକ୍ଷତ୍ରର ପାରିବାରିକ ଅଶାନ୍ତି ଓ ଅର୍ଥାଭାବର ପରିସ୍ଥିତିକୁ ସାମନା କରିବାକୁ ପଡ଼ିପାରେ। ବନ୍ଧୁମାନେ ସାମୟିକ ସୁଯୋଗକୁ ନିଜର ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ଭାଇ କିମ୍ବା ଭଉଣୀଙ୍କ ସହ ତିକ୍ତତା ସୃଷ୍ଟି ସମ୍ଭାବନା ରହିଛି। ପ୍ରଶାସନ, ପ୍ରକାଶନ, ବାଣିଜ୍ୟ ଓ ବ୍ୟବସାୟ ତଥା ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମିଥୁନ** – ପରିବାରରେ ନିଜ ନିଜ ଜିଦ୍‌ରେ ଅଟଳ, ଅଚଳ ରହିବା କାରଣରୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। ଆନୁଷ୍ଠାନିକ କାମରେ କେତେକ ବ୍ୟତିକ୍ରମକୁ ଦେଖି ମାନସିକ ଆଘାତ ପାଇପାରନ୍ତି। ଅଫିସିଆଲି ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଆରର୍ଦ୍ରା ନକ୍ଷତ୍ରର ବାଣିଜ୍ୟ,ବ୍ୟବସାୟ,ପରିବହନ ପାଇଁ ଦିନଟି ମନ୍ଦ ହେବନି।

**କର୍କଟ** – ବନ୍ଧୁଙ୍କ ସାହାଯ୍ୟ କେତେକ ସୁବିଧା କରାଇଲେ ମଧ୍ୟ ପାରିବାରିକ କ୍ଷେତ୍ରକୁ ବିପଦ ସଂକୁଳ କରିବ। ପୁନର୍ବସୁ ନକ୍ଷତ୍ର ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପ୍ରକାଶନ, ପ୍ରଶାସନ, ନିର୍ମାଣ କ୍ଷେତ୍ରରେ ସୁଖ ସମ୍ମାନ ପାଇ ଖୁସି ହେବେ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ** – କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ କିଛି ଅସୁବିଧା ହେବନାହିଁ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ ସାହାଯ୍ୟ କରିବ। ଯେଉଁ ଜିନିଷ ପାଇଁ ଚିନ୍ତା କରୁଥିଲେ ଆଜି ଅପରାହ୍ନରେ ତାହା ପାଇବେ। ମଘା ନକ୍ଷତ୍ର ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**କନ୍ୟା** – ସମସ୍ୟା ସମାଧାନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିବେ। ସାମୂହିକ କାମରେ, ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ଚିତ୍ରା ନକ୍ଷତ୍ର ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ପ୍ରକାରର କଥା କହିପାରନ୍ତି।

**ତୁଳା** – ମନରେ ବହୁବିଧ ଭାବନା ସମାଧାନର ସରଳସୂତ୍ର ବାହାର କରିବାରେ ସମର୍ଥ ହେବେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ସ୍ୱାତୀ ନକ୍ଷତ୍ର ଆରମ୍ଭ କରୁଥିବା ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ। ଜିନିଷପତ୍ର ହଜିଯିବାର ସମ୍ଭାବନା ରହିଛି।

**ବିଛା** – ଅନୁରାଧା ନକ୍ଷତ୍ରର ସତର୍କତା ଅଭାବରୁ ଯାହା ଭାବୁଥିବେ କାମ କରିବା ବେଳକୁ ଓଲଟା ହୋଇଯିବ। ପ୍ରିୟଜନଙ୍କ ସହ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ରୋକ୍‌ଠୋକ୍ କହିବା କାରଣରୁ ଅଫିସରେ ଦୃଢ଼ ମୁକାବିଲା କରିବାକୁ ପଡ଼ିପାରେ। ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା ତଥା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** – ଯାତ୍ରା ସମୟରେ ମୂଳା ନକ୍ଷତ୍ର ସରଳ ଭାବେ ଅନ୍ୟ ମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିବେ। ବୈବାହିକ ସମ୍ବନ୍ଧ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସମ୍ପର୍କୀୟ ଆଲୋଚନା କରିପାରନ୍ତି। ଆକସ୍ମିକ ସମସ୍ୟା କାରଣରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ । ବନ୍ଧୁ ମାନଙ୍କ ସାହାଯ୍ୟରୁ ଶାରୀରିକ ସୁସ୍ଥତା ଫେରିପାଇବେ।

**ମକର** – ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରି କାମ ହାସଲ କରିବାକୁ ପଡ଼ିବ। କୌଣସି ଏକ ସାଧାରଣ କଥାକୁ ନେଇ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇ ଯିବ। ଶ୍ରବଣା ନକ୍ଷତ୍ର ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ।

**କୁମ୍ଭ** – କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ସଭାସମିତି, ରାଜନୀତି କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ପୂର୍ବଭାଦ୍ରବ ନକ୍ଷତ୍ରର ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ବହୁତ ଦିନରୁ ବାକି ପଡ଼ିଥିବା ଟଙ୍କା ଆଜି ଚେଷ୍ଟା କଲେ ପାଇ ପାରିବେ।

**ମୀନ** – ଆଜି ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହେବ। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସଙ୍ଗକୁ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ଅଭାବ ନ ଥିଲେ ମଧ୍ୟ ସମସ୍ୟା ବୃଦ୍ଧି ପାଇବା କାରଣରୁ ସାମୟିକ ମନ ଅଶାନ୍ତ ରହିବ।

# କନ୍ୟା ସନ୍ତାନ ଜନ୍ମ ଦେଲେ ନାବାଳିକା

**ରସୁଲପୁର,୧୮।୧୧(ଡି.ଏନ.ଏ.):** ବଳାତ୍କାରର ଶିକାର ହୋଇଥିବା କୁଆଖିଆ ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ଏନେଇ ଥାନାରେ ଲିଖିତ ଅଭିଯୋଗ ହେବାପରେ ପୋଲିସ ବଳାତ୍କାରୀ ଅଭିଯୁକ୍ତ କଲଣ ପଞ୍ଚାୟତର ମଙ୍ଗୁଳି ମଲିକ(୬୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଉକ୍ତ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ଶିରୋନାମା ପାଲଟିଛି।

**ବଳାତ୍କାର ଅଭିଯୋଗରେ ବୃଦ୍ଧ ଗିରଫ**

ମିଳିଥିବା ସୂଚନା ଅନୁସାରେ, ୯ ମାସ ତଳେ ନାବାଳିକାଙ୍କୁ ମଙ୍ଗୁଳି ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ଫଳରେ ନାବାଳିକା ଅନ୍ତଃସତ୍ତ୍ୱା ହୋଇଥିଲେ। ଏହି ଘଟଣାକୁ ଦୁଇ ପିରବାର ମଧ୍ୟରେ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ମାତ୍ର ଏହାରି ଭିତରେ ୯ମାସ ବିତି ଯାଇଥିଲା। ନାବାଳିକା ଗତ ସୋମବାର ସରକାରୀ ଡାକ୍ତରଖାନାରେ କନ୍ୟା ସନ୍ତାନ ଜନ୍ମ ଦେବାରୁ ଘଟଣା ପ୍ରଘଟ ହୋଇଯାଇଥିଲା। ଏନେଇ ଉଭୟ ପରିବାର ମଧ୍ୟରେ କୌଣସି ସମାଧାନ ବାଟ ନ ବାହାରିବାରୁ ନାବାଳିକାଙ୍କ ବାପା ବାଧହୋଇ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା ନଂ.୪୦୧/୨୧ ରୁଜୁ ହୋଇଛି। ନବଜାତ ଶିଶୁକନ୍ୟାକୁ ଯାଜପୁର ଟାଉନସ୍ଥିତ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି। ନାବାଳିକାଙ୍କୁ ୱାନଷ୍ଟପ ସେଣ୍ଟରରେ ଛାଡ଼ି ଦିଆଯାଇଛି। ଉଭୟ ସୁସ୍ଥ ଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।

# ନିଶା କବଳରେ ଶୈଶବ: ରାଜ୍ୟପାଳ

### ରାଜ୍ୟ ପୋଲିସ ଏକାଡେମୀରେ ଦୀକ୍ଷାନ୍ତ ସମାରୋହ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ବିଜୁପଟ୍ଟନାୟକ ପୋଲିସ ଏକାଡେମୀରେ ଗୁରୁବାର ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ 'ପାସିଂ ଆଉଟ୍ ପରେଡ୍' ଆୟୋଜନ କରାଯାଇଥିଲା। ଏଥିରେ ପଞ୍ଚମ ବ୍ୟାଚ୍‌ର ୭ଜଣ ଡିଏସ୍‌ପି ଏବଂ ୧୦ମ ବ୍ୟାଚରେ ଉତ୍ତୀର୍ଣ୍ଣ ହୋଇଥିବା ୧୯୧ଜଣ ସବ୍‌ଇନ୍ସପେକ୍ଟର ଭାଗ ନେଇଥିଲେ। ସମସ୍ତଙ୍କୁ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ନିଶା କାରବାର ଓ ସେବନରୁ ସବୁ ଅପରାଧ ଘଟୁଛି। ନାବାଳକ ତଥା ଶୈଶବମାନେ ନିଶା କବଳରେ ପଡୁଛନ୍ତି। ଓଡ଼ିଶାର ଭବିଷ୍ୟତଙ୍କୁ ନିଶା ଭଳି ରାକ୍ଷସ କବଳରୁ ବଞ୍ଚାଇବା ପାଇଁ ସେ ଅଧିକାରୀମାନଙ୍କୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ତାଲିମ ସମୟରେ ବିଭିନ୍ନ ବର୍ଗର ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ୫ମ ବ୍ୟାଚର ୭ ଜଣ ଡିଏସ୍‌ପି ଓ ୧୦ମ ବ୍ୟାଚର ୧୩ ଜଣ ଏସ୍‌ଆଇଙ୍କୁ ମେଡାଲ ଦିଆଯାଇ ସମ୍ମାନିତ କରାଯାଇଥିଲା। ସେହିପରି ୨୦୧୬-୨୦୧୭ ଓ ୨୦୧୮-୧୯ମସିହାର ଟ୍ରେନିଂ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୯ଜଣ ପୋଲିସ ଅଧିକାରୀଙ୍କୁ 'ୟୁନିୟନ ହୋମ୍ ମିନିଷ୍ଟର ମେଡାଲ ଫର୍ ଏକ୍ସିଲେନ୍ସ ଇନ୍ ପୋଲିସ' ସମ୍ମାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଡିଜି ଅଭୟଙ୍କ ସହ ବରିଷ୍ଠ ଆଇପିଏସ ତଥା ବିପିଏସ୍‌ପିଏ ନିର୍ଦ୍ଦେଶକ ଏଡିଜି ଅରୁଣ କୁମାର ଷଡ଼ଙ୍ଗୀ, ଆଇଜି(ଅପରେଶନ) ଅମିତାଭ ଠାକୁର, ଆଇଜି (ବିପିଏସ୍‌ପିଏ) ଏସ୍. ସାଇନି, ଡିଆଇଜି (ଗୋଇନ୍ଦା) ଅନୁପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




# classifieds Everyday
0674-2580101, 2549302





**SALE**

2BHK semi furnished ready to move flat (1100sqft. living area) Mahatab Road, Oldtown, Bhubaneswar. Contact: 8249142655, 9437177403. D-22300

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71199

**BMC, RERA, SBI, approved 3BHK premium flats for sale at Surekha Orchid, Patia, ready to move within 3months. Price 1crore onwards. Contact: 9124000333/ 444/999.** D-71739

Ready to move 3BHK flat for sale at Sahid Nagar, Bhubaneswar. 7978751719. D-71327

**Bhubaneswar infocity-2 200' road side near NH-5 gharabari plot sqft. 1450/- Bank finance ଥାଇ ମିଳୁଛି। 7978230118, 9237480561, 8260722312.** D-71717

Land for sale at Gajapati Nagar Corner plot with boundary wall, Commercial type use, 120 decimal land (5227sqft.), budget: 10.5Cr. No negotiation and no broker. Contact: 8917520293. D-71905

Barunei Overbridge ପାଖରେ sthitiban plot electricity, boundary wall, Blacktop road ସହିତ ଘରପାଇଁ ସୁବିଧାରେ ମିଳୁଅଛି। 7735888421, 9800700664. D-22271

**Sum Hospital ପାଖ ଘଙ୍ଗାପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595.** D-71737

Furnished, Non-Furnished office space available centrally located Unit-9. 7789837712, 9861256148. D22224

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300 mtr distance ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8908122121.** D-71729

6BHK duplex 52,00,000/- finishing Hanspal, ready to move simplex 34,00,000/-: 9668194157. D-70970

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





**Tolet 30,000 sqft. Warehouse/ Godown/ Office on Highway between Cuttack and Bhubaneswar. Contact- 7008175963, 9776050040.** D-22211





Ashirvaad Saloon and SPA get good massage for your health tha best therapy. 7077181074. D-71817

One hour any therapy by expert therapist @800 only. 9078484455. D-71437

Newly open full body massage ladies and gents. 8327740003. D-71822

Refreshing your mind, your body with tha best therapy at Lotus SPA. 8018891951. D-71820

Newly Open Saikrupa Panchakarma Spa positively health benefits with Expert. 8984068077. D-22247

Refreshing your mind and body with the best therapy. 7873794731. D-71902

Refreshments rejuvenation body massage therapy with experience therapists, Bhubaneswar. 9668374480. D-71904

Newly open therapy/ SPA center (Expert therapist) positively health benefits. 8249051570. D-71439

Full body massage only for best therapy ladies. 9439140029. D-22289

**୧୬ତମ ଜନ୍ମଦିନ ଶୁଭେଚ୍ଛା**



ଅମନ ପ୍ରତୀକ୍ ପଟ୍ଟନାୟକ (ବାବାନୀ)
ରେଡକ୍ରସ୍ ରୋଡ୍ (ପୁରୀ)

ଆଜି ତୋର ସ୍ୱନକ୍ଷତ୍ର ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶିରିଡ଼ି ସାଇବାବାଙ୍କ ଚରଣରେ ପ୍ରାର୍ଥନା କରୁଛୁ, ତୋର ଚଲାପଥ କୁସୁମିତ ତଥା ଦୀର୍ଘାୟୁ ହେଉ। ଏବଂ ଭବିଷ୍ୟତ ଉଜ୍ଜ୍ୱଳ ହେଉ।

***ଆଶୀର୍ବାଦ ଶୁଭେଚ୍ଛା ସହ:*** ଜେଜେମାଆ, ଦୁଇ ବଡ଼ବାପା, ଦୁଇ ବଡ଼ମମି, ବାବା, ମାମା

ଧ-୨୨୩୦୮

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


ପ୍ରଥମ ପୃଷ୍ଠାରୁ...

### ଉପରୁ ଛୁଇଁଲେ...

ବୋଲି ଧରାଯିବ। ଏକ ନିୟମ ତିଆରି କରିବା ଦ୍ୱାରା ପୂର୍ବ ନିୟମ ନଷ୍ଟ ହେବା ପରିବର୍ତ୍ତେ ଶକ୍ତ ହେବା ଉଚିତ। ନିୟମର କୌଣସି ସଂକୀର୍ଣ୍ଣ ଭାବାନ୍ତରକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ସର୍ବୋଚ୍ଚ ଅଦାଲତ ଆହୁରି କହିଛନ୍ତି, ଆର୍ଟର୍ନି ଜେନେରାଲ ପ୍ରଥମ ଥର ପାଇଁ ଏକ ଆପରାଧିକ ମାମଲାରେ ଅପିଲ କରିଛନ୍ତି। ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ଲୁଥ୍ରା ଦୋଷୀଙ୍କ ପକ୍ଷରୁ ଆମିକସ୍ କ୍ୟୁରି ଭାବେ ପ୍ରତିନିଧିତ୍ୱ କରିଥିବାବେଳେ ତାଙ୍କ ଭଉଣୀ ଗୀତା ଲୁଥ୍ରା ଜାତୀୟ ମହିଳା କମିଶନଙ୍କ ତରଫରୁ ମାମଲା ପରିଚାଳନା କରିଥିଲେ। ଏନେଇ ସୁପ୍ରିମକୋର୍ଟ କହିଥିଲେ, ଏହା ଏପରି ଏକ ସମୟ ଯେତେବେଳେ ଭଉଣୀ ଓ ଭାଇ ପରସ୍ପରକୁ ବିରୋଧ କରୁଛନ୍ତି।

### ଅଫ୍‌ଲାଇନରେ ହେବ ସିବିଏସ୍‌ଇ...

ବୋଲି ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ କହିଥିଲେ। ସିବିଏସ୍‌ଇ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପସ୍ଥିତ ରହି ଅଦାଲତଙ୍କୁ କହିଥିଲେ, ମହାମାରୀ ସ୍ଥିତିକୁ ଦୃଷ୍ଟିରେ ରଖି ଅଫ୍‌ଲାଇନ ମୋଡ୍‌ରେ ବୋର୍ଡ ପରୀକ୍ଷା କରାଇବା ଲାଗି ସମସ୍ତ ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପରୀକ୍ଷା କେନ୍ଦ୍ର ସଂଖ୍ୟା ୬,୫୦୦ରୁ ୧୫,୦୦୦କୁ ବଢ଼ାଇ ଦିଆଯାଇଛି। ପରୀକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଲାଗି ଆବେଦନ କରିବାରେ ବହୁତ ବିଳମ୍ବ ହୋଇଯାଇଛି। ବର୍ତ୍ତମାନ ସ୍ଥିତିରେ ପରୀକ୍ଷା କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ଆବେଦନକାରୀଙ୍କ ପକ୍ଷରୁ ଉପସ୍ଥିତ ଥିବା ବରିଷ୍ଠ ଆଇନଜୀବୀ ସଞ୍ଜୟ ହେଗ୍‌ଡେଙ୍କୁ କହିଥିଲେ।

### ତଦନ୍ତର ଷ୍ଟାଟସ ରିପୋର୍ଟ...

ଉକ୍ତ ମାମଲାରେ ଗୁରୁବାର ଆଉ ଏକ ଅନ୍ତରୀଣ ଆବେଦନ କରାଯାଇ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଆବେଦନ କରାଯାଇଛି। ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ପୀଡ଼ିତାଙ୍କ ବାପା ଗଣମାଧ୍ୟମରେ ଅଭିଯୋଗ କରିସାରିଥିବାରୁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ପରିଷଦ ପକ୍ଷରୁ ଆବେଦନ କରାଯାଇଛି। ଏହାସହ ସମ୍ବଲପୁର ଡିଆଇଜି, ବଲାଙ୍ଗୀର ଏସ୍‌ପିଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ ପାଇଁ ଆବେଦନରେ ପ୍ରାର୍ଥନା କରାଯାଇଛି। ତେଣୁ ଏମାନଙ୍କ ପଲିଗ୍ରାଫ ଯାଞ୍ଚ କରାଯିବା ସହ ମମିତାଙ୍କ ଲାପ୍‌ଟପ, ପେନ୍‌ଡ୍ରାଇଭ ଓ ଫୋନ କଲ୍‌କୁ ତଦନ୍ତ ପରିସରଭୁକ୍ତ କରିବାକୁ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଅପିଲ କରିଛନ୍ତି।

### ସିବିଆଇ, ଇଡି ମୁଖ୍ୟଙ୍କ...

ଅନୁଷ୍ଠାନଗୁଡ଼ିକର ନିରପେକ୍ଷତା ବଜାୟ ରଖିବା ଲାଗି ବିଭିନ୍ନ ସମୟରେ ଦେଇଥିବା ରାୟର ଉଲ୍ଲଂଘନ କରୁଥିବା କଂଗ୍ରେସ ମୁଖ୍ୟ ମୁଖପାତ୍ର ସୁର୍ଜେୱାଲା ଦର୍ଶାଇଛନ୍ତି ଏବଂ ଏହା ସରକାରଙ୍କ କ୍ଷମତାର ଦୁରୁପଯୋଗ ବୋଲି ଅଭିଯୋଗ କରିଛନ୍ତି। ଟିଏମ୍‌ସି ଏମ୍‌ପି ମହୁଆ ମୈତ୍ର ବୁଧବାର ସର୍ବୋଚ୍ଚ ଅଦାଲତରେ ଦୁଇ ଅଧ୍ୟାଦେଶକୁ ଚ୍ୟାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟ ନିକଟରେ ଦେଇଥିବା ରାୟର ଏହା ବିରୁଦ୍ଧାଚରଣ କରୁଥିବା ସେ ଦର୍ଶାଇଛନ୍ତି। ଏହା ପୂର୍ବରୁ ଆଇନଜୀବୀ ଏମ୍.ଏଲ୍. ଶର୍ମା ମଧ୍ୟ ଅଧ୍ୟାଦେଶକୁ ଅସାମ୍ବିଧାନିକ ଦର୍ଶାଇ ଏହା ବିରୋଧରେ ମଙ୍ଗଳବାର ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ।

### ଭାରତୀୟ ଦଳରେ ଓଡ଼ିଶାର...

ଫୁଟବଲର ଅଫ୍ ଦି ଇୟର ଏବଂ ୨୦୨୦-୨୧ରେ ଇଣ୍ଡିଆନ ଫୁଟବଲ ଫ୍ୟାନ୍ସ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଥିଲେ। ୧୯୯୧ ଏପ୍ରିଲ ୨୦ରେ ସୁନ୍ଦରଗଡ଼ ଜିଲାର ଦାଣ୍ଡିଆପଲ୍ଲୀରେ ଜନ୍ମିତ ମନୀଷା ମଧ୍ୟ ୨୦୧୫ରୁ ଭାରତୀୟ ଦଳରୁ ଖେଳି ଆସିଛନ୍ତି। ୨୦୧୫-୧୬ ଏଏଫ୍‌ସି ଓମେନ୍ସ ଅଲିମ୍ପିକ୍ କ୍ୱାଲିଫାଇଂ ଟୁର୍ନାମେଣ୍ଟ, ସାଉଥ୍ ଏସିଆନ ଗେମ୍ସ ଏବଂ ୨୦୧୬ ସାଫ୍ ଓମେନ୍ସ ଚାମ୍ପିୟନଶିପ୍‌ରେ ସେ ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏହି ଦୁଇ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବାସି ପଖାଳ ଖାଇ ୭ ଅସୁସ୍ଥ

ଆନନ୍ଦପୁର,(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ତରତରା ଗ୍ରାମରେ ବାସି ପଖାଳ ଖାଇ ୭ ଶ୍ରମିକ ଅସୁସ୍ଥ ହୋଇପଡ଼ିଛନ୍ତି। ରାମଚନ୍ଦ୍ରପୁର ଥାନା ପଟିଲୋ ଗ୍ରାମର ଏହି ଶ୍ରମିକମାନେ ତରତରା ନିକଟରେ ଉନ୍ନୟନମୂଳକ କାର୍ଯ୍ୟ ଦାୟିତ୍ୱରେ ଥିବା ଏକ ଘରୋଇ ନିର୍ମାଣ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ବୁଧବାର ରାତିରେ କ୍ୟାମ୍ପରେ ପ୍ରସ୍ତୁତ ବାସି ପଖାଳକୁ ଖାଇଥିଲେ। ଖାଇବାର କିଛି ସମୟରେ ଜଣକ ପରେ ଜଣେ ବାନ୍ତି କରିବା ସହିତ ଅସୁସ୍ଥ ହୋଇପଡ଼ିଥିଲେ। ସମସ୍ତେ ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।



# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦନ୍ତାହାତୀ ମୃତ


ପଥରପୁଞ୍ଜି ନିକଟରେ ଠାବ କରାଯାଇଥିବା ହାତୀର ମୃତଦେହ।

**ବଣାଇଁ,୧୮।୧୧(ସ୍ୱ.ପ୍ର.)**

ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡ ଅଧୀନ ତିକୟତପାଲି ସେକ୍ସନ ପଥରପୁଞ୍ଜି ନିକଟରେ ଗୁରୁବାର ଏକ ଦନ୍ତାହାତୀର ମୃତଦେହ ଠାବ କରାଯାଇଛି। ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ମୃତଦେହ ନିକଟରେ ବିଦ୍ୟୁତ୍ ତାର ପଡିଥିବା ଦେଖିବାକୁ ମିଳିଥିଲା। ହାତୀଟିର ବୟସ ଆନୁମାନିକ ୫୦ ବର୍ଷ ହେବ ବୋଲି ବନ ବିଭାଗ କହିଛି। ପ୍ରାଣୀଧନ ଚିକିତ୍ସକ ଅବିନାଶ ପ୍ରଧାନଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ହାତୀ ମୃତଦେହର ବ୍ୟବଚ୍ଛେଦ କରିଥିଲେ। ପରେ ବନ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ଘଟଣାସ୍ଥଳରେ ହାତୀର ମୃତଦେହ ପୋତି ଦିଆଯାଇଛି। ହାତୀର ଦାନ୍ତକୁ ବନବିଭାଗ କାର୍ଯ୍ୟାଳୟକୁ ଓଜନ ପାଇଁ ନିଆଯାଇଛି। ଆଇନ ଅନୁଯାୟୀ ଏହାକୁ ସଂରକ୍ଷିତ କରି ରଖାଯିବ ବୋଲି ଜଣାପଡିଛି। ବଣାଇଁ ବନଖଣ୍ଡ ଅଧିକାରୀ ସନତ୍ କୁମାର ଏନ୍ ଘଟଣାର ଅନୁଧ୍ୟାନ କରିଛନ୍ତି। ପାରିପାର୍ଶ୍ୱିକ ସ୍ଥିତିରୁ ଉକ୍ତ ଦନ୍ତାହାତୀ ବିଦ୍ୟୁତ୍ ଆଘାତରେ ମରିଥିବା ଅନୁମାନ କରାଯାଉଛି ବୋଲି ବନଖଣ୍ଡ ଅଧିକାରୀ ଏନ୍ ପ୍ରକାଶ କରିଛନ୍ତି। ହାତୀର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ବାର୍‌ହା ଶିକାର ପାଇଁ ବିଛା ଯାଇଥିଲା ତାର

ସୂଚନାଯୋଗ୍ୟ, ଗତ କିଛିଦିନ ହେବ ଉକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ହାତୀ ପଲ ପଶି ଫସଲ ନଷ୍ଟ କରୁଛନ୍ତି। ବୁଧବାର ରାତିରେ ଦନ୍ତାହାତୀ ସହ ଅନ୍ୟ ଦୁଇଟି ହାତୀ ତିକୟତପାଲି ଅଞ୍ଚଳକୁ ଆସିଥିଲେ। କେତେଜଣ ଶିକାରୀ ବାର୍‌ହା ଶିକାର ପାଇଁ ବିଛାଇ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦନ୍ତାହାତୀର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ହାତୀ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ। ଗୁରୁବାର ସକାଳେ ସ୍ଥାନୀୟ ଲୋକଙ୍କଠାରୁ ଏ ସମ୍ପର୍କରେ ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚ ଥିଲେ।

# ଛତିଶଗଡ଼ର ୧୭୧ ସ୍କୁଲରେ ସ୍ଥାନ ପାଇବ ଡ.ଓସାମାଙ୍କ ପ୍ରକଳ୍ପ

**ରଘୁନାଥପୁର,୧୮।୧୧(ଡି.ଏନ୍.ଏ.)**

ଛତିଶଗଡ଼ ରାୟପୁରଠାରେ ଜବାହରଲାଲ ନେହେରୁ ଅନ୍ତର୍ଜାତୀୟ ଶିକ୍ଷା ସମ୍ମିଳନୀ (ଭିଜନ ୨୦୩୦) ନଭେମ୍ବର ୧୪ରେ ଅନୁଷ୍ଠିତ ହୋଇଯାଇଛି। ଓଡିଶାରୁ ଏକମାତ୍ର ଶିକ୍ଷକ ଭାବେ ଏହି ସମ୍ମିଳନୀରେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଉତ୍ତରକୂଳ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୁଗୁରିଆରୁ ଡ. ମହମ୍ମଦ ଓସାମା ଯୋଗଦେଇଥିଲେ। ତାଙ୍କ ଦ୍ୱାରା ପ୍ରସ୍ତୁତ ଇଂଲିଶ୍ ଭାଷା ଶିକ୍ଷା ପ୍ରକଳ୍ପକୁ ସମ୍ମିଳନୀରେ ପ୍ରଶଂସା କରାଯିବା ସହ ୧୭୧ ସ୍ୱାମୀ ଆତ୍ମାନନ୍ଦ ଇଂଲିଶ୍ ମିଡିୟମ ସ୍କୁଲ୍‌ରେ ସ୍ଥାନ ପାଇବ ବୋଲି ଛତିଶଗଡ଼ ସରକାର ଘୋଷଣା କରିଛନ୍ତି। ଏନେଇ ଡ. ଓସାମାଙ୍କଠାରୁ ଅନୁମତି ପତ୍ରରେ ସ୍ୱାକ୍ଷର କରାଯାଇଛି। ସମ୍ମିଳନୀକୁ ଛତିଶଗଡ଼


ମହମ୍ମଦ ଓସାମା

### ଅନ୍ତର୍ଜାତୀୟ ଶିକ୍ଷା ସମ୍ମିଳନୀରେ ପ୍ରଶଂସା

ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଉଦ୍‌ଘାଟନ କରିଥିଲେ। ଶିକ୍ଷାମନ୍ତ୍ରୀ ପ୍ରେମସାଇ ଟିକାମ ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ଭାରତରୁ ୫୧ ଜଣ ମନୋନୀତ ପ୍ରତିନିଧି ଯୋଗଦେଇବାବେଳେ ବିଶ୍ୱର ବିଭିନ୍ନ ଦେଶର ଜୁରିମାନେ ଭର୍ଚୁଆଲରେ ଏଥିରେ ଅଂଶଗ୍ରହଣ କରିଥିଲେ। ଓସାମାଙ୍କ ଏହି ସଫଳତା ପାଇଁ ପ୍ରଧାନ ଶିକ୍ଷକ ଆଶୁତୋଷ ବାନାର୍ଜୀ, ବିଇଓ ଲକ୍ଷହୀରା ଲାବଣ୍ୟବତୀ ବେହେରା ଓ ଡିଇଓ କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲାରେ ଆଜୀବନ ଜେଲ

**ଭଦ୍ରକ ଅଫିସ, ୧୮।୧୧**

ଭଦ୍ରକ ଅତିରିକ୍ତ ଜିଲା ତଥା ଦୌରାଜଜ୍ ପ୍ରଣତି ସାହା ଗୁରୁବାର ଏକ ନାବାଳିକା ଯୌନ ନିର୍ଯାତନା ମାମଲାର ବିଚାରକରି ଦୋଷୀ ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଘୁଷୁରିଗଡ଼ିଆ ଗ୍ରାମର ମାନସ ଜେନା (୩୮)ଙ୍କୁ ଆଜୀବନ ଜେଲ୍ ଦଣ୍ଡ ଶୁଣାଣି କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଓ ଅନାଦାୟେ ପୁଣି ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ। ଅନ୍ୟପକ୍ଷେ ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ପୀଡ଼ିତାଙ୍କୁ ୩ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୭ ନଭେମ୍ବର ୩ ସନ୍ଧ୍ୟାରେ ଚରମ୍ପା ଡଗରାସାହି ଅଞ୍ଚଳର ଜଣେ ନାବାଳିକା ଘର ସମ୍ମୁଖରେ ଖେଳୁଥିବା ବେଳେ ସେଠାରେ ଭଡ଼ାରେ ରହୁଥିବା ମାନସ ତାଙ୍କୁ ନିଛାଟିଆ ସ୍ଥାନକୁ ନେଇ ଯୌନ ନିର୍ଯାତନା ଦେଇଥିଲେ। ଏନେଇ ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗକ୍ରମେ ଭଦ୍ରକ ଟାଉନ ଥାନା ପୋଲିସ ଦଫା ୩୭୬ ଓ ପୋକ୍‌ସୋ ଆଇନ ଧାରା ୬ରେ ମାମଲା(ନଂ.୩୩୪/୧୭) ରୁଜୁ କରିଥିଲା। ଅଭିଯୁକ୍ତ ମାନସଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେବେଠାରୁ ମାନସ ଜେଲରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ବଟକୃଷ୍ଣ ଦାସ ଓ ଅରୁଣ କୁମାର ମିଶ୍ର ମାମଲା ପରିଚାଳନା କରିଥିଲେ।

# ବଳାତ୍କାରୀଙ୍କୁ ୭ବର୍ଷ ଜେଲ

**ବାଲେଶ୍ୱର ଅଫିସ, ୧୮।୧୧**

ବଳାତ୍କାର ମାମଲାର ବିଚାର କରି ଗୁରୁବାର ବାଲେଶ୍ୱର ଜିଲା ଅତିରିକ୍ତ ସେସନ ଜଜ୍ ମିହିର ରଞ୍ଜନ ପରିଡ଼ା ଅଭିଯୁକ୍ତ ଔପଦା ଥାନା ସୋରିଷପାଳ ଗ୍ରାମର କୈଳାଶ ପାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୭ବର୍ଷ ସଶ୍ରମ କାରାଦଣ୍ଡ ସହ ୭ ହଜାର ଟଙ୍କା ଜରିମାନା କରାଯାଇଛି। ଏହାସହ ଅଭିଯୋଗକାରିଣୀଙ୍କୁ କ୍ଷତିପୂରଣ ବାବଦରେ ୭ ହଜାର ଟଙ୍କା ଦେବା ପାଇଁ ରାୟରେ କୁହାଯାଇଛି। ୨୦୧୬ ଅକ୍ଟୋବର ୧୬ ରାତିରେ ଔପଦା ଥାନା ଅଞ୍ଚଳର ଜଣେ ବିଧବାଙ୍କୁ କୈଳାଶ ପାତ୍ର ବଳାତ୍କାର କରିଥିଲେ। ଏନେଇ ସମ୍ପୃକ୍ତ ମହିଳା ଥାନାରେ ଏତଲା ଦେଇଥିଲେ। ସରକାରୀ ଆଇନଜୀବୀ ନଳିନୀ କୁମାର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ବାଲିଗୁଡ଼ାରୁ ବଜ୍ରକାପ୍ତା ଉଦ୍ଧାର, ୨ ଗିରଫ

### ବନବିଭାଗ ସହାୟତାରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଚଢ଼ାଉ



**ଭୁବନେଶ୍ୱର,(ବ୍ୟୁରୋ)/ବାଲିଗୁଡା, ୧୭।୧୧(ଡି.ଏନ୍.ଏ.)**

ରାଜ୍ୟରେ ବନ୍ୟପ୍ରାଣୀ ଶିକାର ଓ ଚୋରାଚାଲାଣ ର୍ୟାକେଟ୍ ସକ୍ରିୟ ରହୁଛି। ବଜ୍ରକାପ୍ତା ଭଳି ସଂରକ୍ଷିତ ମୂଲ୍ୟବାନ ବନ୍ୟପ୍ରାଣୀ ଓ ତା'ର କାତିକୁ ବିଦେଶକୁ ଚାଲାଣ କରାଯାଉଛି। ଏହି କାରବାର ବନ୍ଦ କରିବା ପାଇଁ ବନ ବିଭାଗ ଓ କ୍ରାଇମବ୍ରାଞ୍ଚ ଯେତେ ଚଢ଼ାଉ, ଜବତ, ଗିରଫ କରୁଥିଲେ ମଧ୍ୟ ସଫଳ ହୋଇପାରୁ ନାହିଁ। ବୁଧବାର ବିଳମ୍ବିତ ରାତିରେ କନ୍ଧମାଳ ଜିଲା ବାଲିଗୁଡା ଥାନା ଅନ୍ତର୍ଗତ ଜାକିକିଆ ଗାଁ ନିକଟରେ ଡିଲ୍‌ବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବନ ବିଭାଗ ସହାୟତାରେ ଚଢ଼ାଉ କରି ୨ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୧ କେଜି ଓଜନର ବଜ୍ରକାପ୍ତାକୁ ଉଦ୍ଧାର କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ସୋନୁବାଡି ଗ୍ରାମର ଶିବାନନ୍ଦ ମଲିକ ଓ ବରଖମା ଥାନା କାଳୀପୁସାଙ୍ଗିଆ ଗ୍ରାମର ରାସ୍ତରା ଭୋଇ। ଅଭିଯୁକ୍ତଦ୍ୱୟଙ୍କୁ ଏସ୍‌ଟିଏଫ୍ ବାଲିଗୁଡା ବନ ବିଭାଗକୁ


ଗିରଫ ୨ ଅଭିଯୁକ୍ତ।

ହସ୍ତାନ୍ତର କରିଥିଲା। ବନ ବଭାଗ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ଏଥିସହ ଉଦ୍ଧାର ବଜ୍ରକାପ୍ତାକୁ ବାଲିଗୁଡା ଡିଏଫ୍‌ଓଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତଦ୍ୱୟ ପାଖ ଜଙ୍ଗଲରୁ ବଜ୍ରକାପ୍ତାକୁ ଆଣିଥିବା ସନ୍ଦେହ କରାଯାଉଛି। ତେବେ ଏମାନେ କାହାକୁ ବିକ୍ରି କରିଥାନ୍ତେ, ପୂର୍ବରୁ କେତୋଟି ବଜ୍ରକାପ୍ତା ଚାଲାଣ କରିଛନ୍ତି ସେନେଇ ବନ ବିଭାଗ ଓ ଏସ୍‌ଟିଏଫ୍ ମିଳିତ ତଦନ୍ତ ଜାରି ରଖିଛନ୍ତି। ଏସ୍‌ଟିଏଫ୍‌ର ରିପୋର୍ଟ ଅନୁଯାୟୀ, ଗତ ବର୍ଷକ ମଧ୍ୟରେ ୨୦ ବାଘଛାଲ, ୧୧ଟି ହାତୀ ଦାନ୍ତ, ୨ ହରିଣ ଚମଡ଼ା, ୭ ଜୀବନ୍ତ ବଜ୍ରକାପ୍ତା, ୧୫ କେଜି ବଜ୍ରକାପ୍ତା କାତି ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୪୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।


**Bid Identification No. 2021 ORULB-72681**

No.C-1317:-

| | | |
|---|---|---|
| 1 | Tender Reference No. | 1527_16.11.2021 NACKBJ |
| 2 | Name of the work | Civil construction works as mentioned in DTCN |
| 3 | Estimated cost | As per DTCN |
| 4 | No. of works | 15 Nos. Civil Construction works |
| 5 | Period of completion | 15 & 45 days |
| 6 | Date & time of bidding | 18.11.2021 at 10 A.M. to 30.11.2021 upto 5 P.M. |
| 7 | Last date & time for receipt of bids in the portal | 30.11.2021 upto 5 P.M. |
| 8 | Opening of price bid online | 01.12.2021 at 11 A.M. |
| 9 | Name and address of the officer inviting bid | Executive Officer, NAC Kantabanji |

Further details can be seen from the procurement portal i.e. https://www.tendersorissa.gov.in

Sd./- Executive Officer, NAC, Kantabanji
OIPR-13111/11/0009/2122


# କୋରାପୁଟ ଗସ୍ତରେ ବିଏସ୍‌ଏଫ୍ ଆଇଜି

### ମାଓବାଦୀ ପ୍ରବଣ ଅଞ୍ଚଳ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା

**କୋରାପୁଟ,୧୮।୧୧(ସ୍ୱ.ପ୍ର.)**

ରାୟପୁରସ୍ଥିତ ବିଏସ୍‌ଏଫ୍ ମୁଖ୍ୟ କାର୍ଯ୍ୟାଳୟ ଆଇଜି (ମାଓବାଦୀ ଅପରେସନ) ବି.କେ. ମେହେତା, ଓଡିଶା ବିଏସ୍‌ଏଫ୍ ଆଇଜି ଏଫଟିଆର (ସ୍ୱତନ୍ତ୍ର ଅପରେସନ) ସତୀଶ ବୁଡାକୋଟ, ବିଏସ୍‌ଏଫ୍ ଡିଆଇଜି (ଅପରେସନ) ଅଖିଳେଶ୍ୱର ସିଂ, କୋରାପୁଟ ଏସ୍‌ଏଚ୍‌କ୍ୟୁ ମଦନ ଲାଲ ଗୁରବାର ଦୁଇଦିନିଆ କୋରାପୁଟ ଓ ମାଲକାନାଗିରି ଜିଲା ଗସ୍ତରେ ଆସିଛନ୍ତି। ସେମାନେ କୋରାପୁଟସ୍ଥିତ ବିଏସ୍‌ଏଫ୍ କାର୍ଯ୍ୟାଳୟରେ ଓଡିଶା-ଆନ୍ଧ୍ର, ଓଡିଶା-ଛତିଶଗଡ ସୀମାନ୍ତ, ମାଲକାନାଗିରି ସ୍ୱାଭିମାନ ଅଞ୍ଚଳ, ବୈପାରିଗୁଡା ବ୍ଲକର ତୁଲସୀଡଙ୍ଗର ସଂରକ୍ଷିତ ଅଞ୍ଚଳରେ ମାଓବାଦୀ ଗତିବିଧି ଓ ଉକ୍ତ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିବା ସୂଚନା ମିଳିଛି। ବର୍ତ୍ତମାନ ସମୟରେ


କୋରାପୁଟକୁ ଆସିଥିବା ବିଏସ୍‌ଏଫ୍‌ର ଅଧିକାରୀମାନେ।

ଏସବୁ ଅଞ୍ଚଳରେ ନିୟୋଜିତ ବିଏସ୍‌ଏଫ୍ ଯବାନମାନଙ୍କ ସମସ୍ୟା ସମ୍ପର୍କରେ ମଧ ଆଲୋଚନା କରାଯାଇଛି। ଅପରାହ୍ନରେ କୋରାପୁଟ ଜିଲା ନାରାୟଣପାଟଣା ଓ ଅନକାଡେଲି ନିକଟ ଅଣ୍ଡ୍ରାହାଲ ଆଦି ଅଞ୍ଚଳ ପରିଦର୍ଶନ ବିଏସଏଫ୍ ଅଧିକାରୀ ଓ ଯବାନମାନଙ୍କ ସହ ଆଲୋଚନା କରିଛନ୍ତି।


**ODISHA CONSTRUCTION CORPORATION LTD.**
(A Government of Odisha Undertaking)
Central Workshop, Rasulgarh, Bhubaneswar - 10 (Odisha)

No. OCC/CWS/PROC/PDBP-10/41/21-22 Dtd. : 18.11.2021

**TENDER CALL NOTICE**

Sealed tenders in conformity with the terms, conditions and specifications in tender documents are invited from reputed manufacturers / traders for **"SUPPLY OF FRP COVER (GREY COLOUR) OF GEAR BOX & CENTRAL DRIVE UNIT FOR PRANADEIPUR BARRAGE PROJECT".**

For details, please visit our website www.odishaconstruction.com or Govt. of Odisha website www.odisha.gov.in. The last date & time of sale of tender document and receipt of tender is **29.11.2021 at 01:00 P.M & 03:30 P.M.** respectively and **TECHNICAL BID & PRICE BID** to be opened on same date at **04:00 P.M. i.e. 29.11.2021** *(Bidders are requested to visit above website regularly for any changes, since it will not be published in news paper again).*

Sd/-
SENIOR MANAGER (MECH.) - I



**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, BHUBANESWAR**
e-Mail: eeolicdivn.bbsr@ymail.com, Tel.: 0674-2391847

**e-Procurement Notice**
Bid Identification No. 2757/2021-22 Dt.16.11.2021

No. CAD-1920: The **Executive Engineer, Lift Irrigation Division, Bhubaneswar** on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites **percentage rate bids in online mode** for installation & Energisation of Lift Irrigation Projects in Puri & Khordha district under BKVY in PLAN FUND in TURNKEY BASIS as mentioned below from the reputed contractors/firms having valid HT licence issued by E.L.B.O., Odisha and Civil licence as mentioned below with experience in similar nature of work.

1. Nature of Work : Execution of work for installation & Energisation of 08 Nos. L.I. Projects in different blocks of Puri & Khordha district.
2. No. of Packages : 08 Nos.
3. Estimated Cost : Varies from Rs.978821/- to Rs.3503049/-.
4. Period of Completion : 90 days
5. Date & time of availability of bid documents in the portal : 23.11.2021 at 10.00 A.M.
6. Last date & time for receipt of bids in the portal : 02.12.2021 upto 5.00 P.M.
7. Date & time of seeking clarification : 23.11.2021 at 10.00 A.M. to 02.12.2021 upto 5.00 P.M.
8. Opening Date & time : 03.12.2021 at 11.00 A.M.
9. Name & address of the Officer Inviting Bid : Executive Engineer, Lift Irrigation Division, Bhubaneswar.

The details of tenders are available in the Government tender website i.e. **www.tendersorissa.gov.in** and other related documents are available in the DTCN for bidding. Any Addendum/Corrigendum/Cancellation of tender will be available in the said website.

Sd./- Executive Engineer, L.I. Division, Bhubaneswar
OIPR-32155/11/0007/2122



**Office of the Notified Area Council, Rambha**
Letter No. 2520/NAC Date: 17.11.2021

**Notice Inviting Expression of Interest**

No.C-1314:- Sealed EOIs are invited from the intending agencies / suppliers of sanitary goods mentioned in EOI to NAC Rambha with all taxes and transportation charges. The sealed EOI should reach the office of the undersigned through the registered post / speed post only on or before 03.12.2021 by 01.00 P.M. The EOI received beyond the stipulated date and time will not be entertained. The EOI will be opened on 03.12.2021 at 02.00 P.M. The bidder or their authorized agents may present at the time of opening of quotation. The bidder should purchase the EOI paper on payment of Rs.2000/- (Rupees Two Thousand Only) from the Office of the E.O., NAC, Rambha from 18.11.2021 to 03.12.2021. The bidder will have deposit Security deposit of Rs.20,000/- (Rupees Twenty Thousand Only) while execution of tender. The bidder should have valid GST clearance certificate / PAN No. / Supplier authorized licence if any. The authority reserves all right to reject any or one EOI without assigning any reason thereof.

Sd./- Executive Officer
N.A.C., Rambha
OIPR-13114/11/0005/2122


# ବେକରେ ଫାଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ,୧୮।୧୧**

ଟାଙ୍ଗରପାଲି ଥାନା ଅଧୀନ ଉପରବାଲଯୋଡି ଅଞ୍ଚଳରେ ଜଣେ ଯୁବକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଭଗବାନ ଗୋଚ୍ଛାୟତ (୨୮)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯୨/୨୧) ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ସାରନଗରୀ ନିକଟସ୍ଥ ଉପରବାଲଯୋଡିରେ ଭଗବାନ ଗୋଚ୍ଛାୟତ ବୁଧବାର ରାତି ସାଢ଼େ ୮ଟାରେ ଘରେ କୌଣସି କାରଣରୁ ପଙ୍ଖାରେ ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ମର୍ଗ ହାଉସ୍‌ରେ ରଖି ଘଟଣାର ତଦନ୍ତ ଚଳାଇଛି।

# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ, ଆରଆଇ, ମୁଖ୍ୟ କିରାଣି

**ନୟାଗଡ଼ ଅଫିସ/ରଣପୁର,୧୮।୧୧(ସ୍ୱ.ପ୍ର.)**


ରଶ୍ମିନାଥ ବରାଳ

ନୟାଗଡ଼ ଜିଲା ରଣପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ରଶ୍ମିନାଥ ବରାଳଙ୍କ ଘରେ ଗୁରୁବାର ଭିଜିଲାନ୍ସ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଛି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍‌ର କଟକ ଶାଖା ନେତୃତ୍ୱରେ ୪ଜଣିଆ ଦଳ ଖୋର୍ଦ୍ଧା, ନୟାଗଡ଼, ରଣପୁର ଓ ଢେଙ୍କାନାଳରେ ଥିବା ତାଙ୍କ ଘର ଓ ସମ୍ପର୍କୀୟଙ୍କ ଘର ଉପରେ ଏକ ସମୟରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ୪ଜଣ ଡିଏସ୍‌ପି ଓ ୮ ଇନ୍ସପେକ୍ଟରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ। ଏହି ଚଢ଼ାଉରେ ସହକାରୀ ଯନ୍ତ୍ରୀଙ୍କ ଗୋଟିଏ ଫ୍ଲାଟ, ୪ ଚକିଆ ଦାମି କାର, ନଗଦ ୧ ଲକ୍ଷ ୩୦ ହଜାର ଟଙ୍କା ମିଳିଥିବା ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି।

**ଜୟପୁର/ସୁନାବେଡ଼ା,(ନି.ପ୍ର./ସ୍ୱ.ପ୍ର.):** କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଦୁଧାରୀ ଆର୍‌ଆଇ କ୍ଷୀରାବ୍ଧି ତନୟା ସ୍ୱାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଜୟପୁର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କୁ ଗିରଫ କରାଯାଇ ଜୟପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଅଧିକ ପଚରାଉଚରା କରାଯାଉଛି। ସୂଚନାନୁଯାୟୀ, ଦୋଲିଆମ୍ବ ଗ୍ରାମର ଜୟରାମ ପାଙ୍ଗୀଙ୍କ ମା' ଜଣେ ସରକାରୀ କର୍ମଚାରୀ


କ୍ଷୀରାବ୍ଧି ତନୟା ସ୍ୱାଇଁ

ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ମୃତ୍ୟୁ ପରେ ଚାକିରି ପାଇଁ ପୁଅ ଜୟରାମ ଆବେଦନ କରିଥିଲେ। ସେହି ସମ୍ବନ୍ଧୀୟ ରିପୋର୍ଟ ଦେବାକୁ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଆର୍‌ଆଇଙ୍କୁ ୩ମାସ ତଳେ ନିର୍ଦ୍ଦେଶ ହୋଇଥିଲା। ଉକ୍ତ ପ୍ରମାଣପତ୍ର ଦେବାକୁ ସେ କିନ୍ତୁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶେଷରେ ବାଧ ହୋଇ ଜୟରାମ ଜୟପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଗୁରୁବାର ଜୟରାମ ସମ୍ପୃକ୍ତ ଆର୍‌ଆଇଙ୍କୁ ୧୦ହଜାର ଟଙ୍କା ଦେବାକୁ ଯାଇଥିଲେ। ଲାଞ୍ଚ ନେବାବେଳେ ଜୟପୁର ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛନ୍ତି। ଭିଜିଲାନ୍ସ ଡିଏସ୍‌ପିଙ୍କ ନେତୃତ୍ୱରେ ୬ ଜଣିଆ ଟିମ୍ ତଦନ୍ତ ଜାରି ରଖିଛନ୍ତି। ଆର୍‌ଆଇଙ୍କ ସୁନାବେଡ଼ା-୧ କଲୋନୀସ୍ଥିତ ସରକାରୀ ବାସଭବନରେ ଚଢ଼ାଉ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ବନମାଳୀ ପ୍ରଧାନ ସୂଚନା ଦେଇଛନ୍ତି।

**ବଲାଙ୍ଗୀର ଅଫିସ/ସୋନପୁର, (ନି.ପ୍ର.):** ସୁବର୍ଣ୍ଣପୁର ଉପଜିଲାପାଳ ଅଫିସର ମୁଖ୍ୟ କିରାଣି ରମେଶ କୁମାର ନାଗଙ୍କ ଘର ଏବଂ ଅଫିସରେ ଭିଜିଲାନ୍ସ ପକ୍ଷରୁ ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଗୁରୁବାର ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ଟିମ୍ ନାଗଙ୍କ ବଲାଙ୍ଗୀର ସହର ଶାନ୍ତିପଡାସ୍ଥିତ ବାସଭବନ, ତାଳପାଲିପଡା ପୈତୃକ ଘର ଏବଂ ସୋନପୁର ଉପଜିଲାପାଳ ଅଫିସରେ ଏକକାଳୀନ ଚଢ଼ାଉ କରିଥିଲା। ଶାନ୍ତିପଡାଠାରେ ଏକ ତିନିମହଲା କୋଠା ରହିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଭିଜିଲାନ୍ସ ବିଭାଗ ପକ୍ଷରୁ ସମ୍ପତ୍ତି ଆକଳନ ଚାଲିଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ବଲାଙ୍ଗୀର, ସୋନପୁର ଏବଂ ସମ୍ବଲପୁର ଭିଜିଲାନ୍ସ ଟିମ୍‌ର ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ।


**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/SBP/Stores/ Tender Publication/03, ତା.12.11.2021ରିଖ

**(1) ଟେଣ୍ଡର ସଂ.40215328A, ସାମଗ୍ରୀଗୁଡ଼ିକର ବିବରଣୀ:** ସମସ୍ତ ଫିଟିଙ୍ଗ୍‌ସ ସହାୟକ ଉପକରଣ (Accessories) ସିରିଅଲ ପୋର୍ଟ କେବୁଲ କିମ୍ବା କନେକ୍ଟର ଇତ୍ୟାଦି ସହିତ ସଡ଼କ ପାର୍ଶ୍ୱସ୍ଥ ଷ୍ଟେସନ ସ୍ଥାନଗୁଡ଼ିକ ପାଇଁ 2 ଦ୍ରୁତ ଇଥରନେଟ୍ ଲାନ୍ (Ethernet LAN) ଇଣ୍ଟରଫେସ୍ ଏବଂ 4 ଗୋଟି 2Mbps V.35 WAN ପୋର୍ଟ ଇଣ୍ଟରଫେସ୍ ସହିତ ସଜ୍ଜିତ (Equipped) RDSO ସ୍ପେସିଫିକେସନ ନଂ.RDSO/SPN/TC/ 84/2008 Rev.0.0 କିମ୍ବା ସଦ୍ୟତମ ଅନୁଯାୟୀ 19 ଇଞ୍ଚ ରେକ୍ ମାଉଣ୍ଟେବୁଲ (Mountable) ରାଉଟର (Router)ର ଯୋଗାଣ। ମେକ୍-CISCO, HP JUNIPER କିମ୍ବା D LINK। ୱାରେଣ୍ଟି-3 ବର୍ଷ।
ଟେଣ୍ଡର ମୂଲ୍ୟ (ଟଙ୍କାରେ): 32,62,936/-, EMD @ 2% (ଟଙ୍କାରେ) : 65,259/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.09.12.2021 ରିଖ 1500 ଘଟିକାରେ।

**(2) ଟେଣ୍ଡର ସଂ.40215687, ସାମଗ୍ରୀଗୁଡ଼ିକର ବିବରଣୀ:** ସମସ୍ତ ସହାୟକ ଉପକରଣ (Accessories) ଏବଂ ବୈଷୟିକ ମାନୁଆଲ ଇତ୍ୟାଦି ସହିତ ସର୍ବନିମ୍ନ ଗୋଟିଏ ଇଥରନେଟ୍ ପୋର୍ଟକୁ ସହାୟତା କରୁଥିବା ଗୋଟିଏ ଇଥରନେଟ୍ (Ethernet Port) ଇଣ୍ଟରଫେସ୍ କାର୍ଡ଼, ପାୱାର ୟୁନିଟ୍, ସବ୍ ରେକ୍ (Sub racks), ସଂସ୍ଥାପନ ସାମଗ୍ରୀ ସହିତ VC-12, VC-3 ଏବଂ VC-4 ଲେଭେଲ ଏଗ୍ରିଗେଟ୍ ଇଣ୍ଟରଫେସ୍ ଠାରେ E1 କାର୍ଡ ସମ୍ପୂର୍ଣ୍ଣ ୱାୟର୍ଡ (Fully wired) କ୍ରସ୍ କନେକ୍ଟ ଗ୍ରାନୁଲାରିଟି (Granularity) ବ୍ୟତୀତ ସାଧାରଣତଃ 63E1 କ୍ଷମତା ପର୍ଯ୍ୟନ୍ତ ସଂପ୍ରସାରଣ ଯୋଗ୍ୟ 21E1 (ଇଂଜିନିୟରିଂ ଅର୍ଡର ୱାୟର ଅନ୍ତର୍ଭୁକ୍ତ) ସହିତ ସଜ୍ଜିତ OFC ସିଷ୍ଟମ୍ ନିମନ୍ତେ ବୈଷୟିକ ଆବଶ୍ୟକତା ଅନୁଯାୟୀ L-1.1 ଅପ୍ଟିକାଲ ଇଣ୍ଟରଫେସ୍ ଦ୍ୱାରା ସଦ୍ୟତମ ବୈଷୟିକ ବିନିର୍ଦ୍ଦେଶ, ସଂଶୋଧନ-1 ଏବଂ 2 ସହିତ ବୈଷୟିକ ବିନିର୍ଦ୍ଦେଶ ସଂ.GR/TX-SH-004/04 Jan 2011 ଅନୁଯାୟୀ ଲଙ୍ଗ୍ ହାଲ (Long haul) ଠାରେ ବ୍ୟାକ୍ ଅପ୍ ଷ୍ଟ୍ରିମ୍ (Back up stream) ନିମନ୍ତେ SDH DROP MUX (STM-1) ର ଯୋଗାଣ। SDH ଉପକରଣଗୁଡ଼ିକ ବିଡ୍ ଖୋଲାଯିବା ତାରିଖକୁ କିମ୍ବା ତା' ପୂର୍ବରୁ TEC ଅନୁମୋଦିତ ହୋଇଥିବ। ମେକ୍-ମେସର୍ସ TEJAS ନେଟୱାର୍କ ଲିମିଟେଡ୍, ମଡେଲ-TJ 1400 କିମ୍ବା ଅନୁରୂପ।
ଟେଣ୍ଡର ମୂଲ୍ୟ(ଟଙ୍କାରେ): 36,31,804/-, EMD @ 2% (ଟଙ୍କାରେ): 72,636/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.03.12.2021 ରିଖ 1500 ଘଟିକାରେ।

ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ସମ୍ବଲପୁର
PR-555/M/21-22



**OFFICE OF THE DIVISIONAL FOREST OFFICER CHANDAKA WILD LIFE DIVISION**
Email- dfo.chandakawl@odisha.gov.in
**INVITATION FOR BIDS THROUGH e-Procurement**
Bid Identification No.02/2021-22

No.MM-251

| | | | |
|---|---|---|---|
| 1. | Name of the work | : | RENOVATION OF GROUND FLOOR OF ARANYA BHAWAN, CHANDRASEKHARPUR, BHUBANESWAR. |
| 2. | Total no. of works | : | 01 No. |
| 3. | Estimated Cost | : | Rs.68,63,622.00 |
| 4. | Class of Contractor | : | "B" & "A" |
| 5. | Period of Completion | : | 03 (Three Calendar Months) |
| 6. | Type of tender | : | Double Cover Tender |
| 7. | Date and Time of availability of Bid documents in the portal | : | From 11.00 A.M. of Dt.20.11.2021 to 17.00 hrs of dt.04.12.2021 |
| 8. | Last date/Time for receipt of bids in the portal | : | Dt.04.12.2021 upto 17.00 hrs. |
| 9. | Submission of Original documents (TP cost, EMD (Bid security declaration) Joint venture agreement with Electrical Contractor & Affidavit-F etc as per DTCN) | : | During office hours from 10.30 A.M. on dt.06.12.2021 to dt.07.12.2021 upto 17.00 hrs in the office of the undersigned. |
| 10. | Date of opening of Bid (Cover-I) through online | : | Dt.08.12.2021 at 11.00 hrs in the office of the undersigned. |
| 11. | Name & address of the O.I.T. (Officer Inviting Tender) | : | Divisional Forest Officer, Chandaka Wild Life Division, Bhubaneswar |

Further details can be seen from the e-procurement portal https://tendersodisha.gov.in.

**N.B. Subsequent corrigendum/addendum if required shall be available inthe website as indicated above.**

Sd./- Divisional Forest Officer, Chandaka Wild Life Division, Bhubaneswar
OIPR-08096/11/0002/2122



File No. JM-32013/45/2020-WORKS SECTION-JM-JAGATSINGHPUR MUNICIPALITY I/53178/2021

**OFFICE OF THE MUNICIPALITY, JAGATSINGHPUR**
Phone: 06724-220073, Fax: 06724-220073, Email ID: jspurm.hud@gmail.com

No. 6090 **e-Procurement Notice** Dt.17.11.2021

No. C-1308: Bid documents consisting of list of works, Estimated Cost, Cost of Tender Paper, Time of Completion, Class of Contractors and set of terms & conditions of contract and other necessary documents can be seen in Government website i.e. **www.tendersorissa.gov.in**.

1. Tender Reference No. : JSPUR-03/2021-22
2. Tender ID No. : 2021_ORULB_72697
3. Name of the work : Civil Construction works as mentioned in website
4. No. of works : 17 Nos.
5. Estimated Cost : Rs.890048.00 to Rs.1782318.00
6. Period of Completion : 60 days
7. Date & time of Bidding : 19.11.2021 at 10 A.M. to 28.11.2021 upto 5.00 P.M.
8. Last date & time for receipt of bids in the portal : 28.11.2021 upto 5.00 P.M.
9. Last date of receipt of Technical Bid by either Registered Post or Speed Post only (Bid Paper/documents received through Courier/By hand will not be accepted) : 29.11.2021 upto 5.00 P.M.
10. Opening of Technical Bid : 30.11.2021 at 11.00 A.M.
11. Opening of Price Bid Online : 01.12.2021 at 03.00 P.M.
12. Name and address of the Officer Inviting Tender : Executive Officer, Jagatsinghpur Municipality

Further details can be seen from the procurement portal i.e. **https:// www.tendersorissa.gov.in**.

Sd./- Executive Officer
Jagatsinghpur Municipality
OIPR-13087/11/0017/2122

ଭଗବାନ କେବେ ଦୁଃଖିତ ହୁଅନ୍ତି ନାହିଁ। ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ତୁମ ଭିତରୁ ସମସ୍ତ ଦୁଃଖଭାବ ଦୂରକୁ ଫିଙ୍ଗି ଦେବାକୁ ହେବ ଏବଂ ସବୁପ୍ରକାର ଭାବପ୍ରବଣ ଦୁର୍ବଳତା ମଧ୍ୟ ତ୍ୟାଗ କରିବାକୁ ହେବ। —ଶ୍ରୀମା

# ପ୍ରକୃତି ସୁରକ୍ଷାର ପ୍ରତିବଦ୍ଧତା



ଆଣ୍ଡ୍ରିଆ ମେଜା

ଚଳିତ ବର୍ଷ କୋଷ୍ଟାରିକା ସ୍ୱାଧୀନତାର ୨୦୦ ବର୍ଷ ପୂର୍ତ୍ତି ପାଳନ କରୁଛି। ପୂର୍ବଜଙ୍କୁ ସମ୍ମାନ ଦେବା ଓ ପରପିଢ଼ିଙ୍କ ସମ୍ପର୍କରେ ଚିନ୍ତା କରିବାର ଏହା ଏକ ସୁଯୋଗ। ଏହାକୁ ପାଳନ କରିବା ଲାଗି ଆମେ ମଧ୍ୟ ବିଶ୍ୱ ସମୁଦାୟକୁ ଆମନ୍ତ୍ରଣ କରୁଛୁ। ଯେଉଁମାନେ କୋଷ୍ଟାରିକା ଆସିପାରିବେ ନାହିଁ କି ଆମ ସହ ଭାଗ ନେଇପାରିବେ ନାହିଁ, ସେମାନେ ଜୀବନର ଉତ୍ସ ଭୂଭାଗ ଓ ମହାସାଗର ସୁରକ୍ଷା ଲାଗି ଏହାକୁ ପାଳନ କରିବା ଉଚିତ। ବିଶେଷକରି ବିଭିନ୍ନ ଦେଶର ସରକାର, ବ୍ୟବସାୟିକ ସଂସ୍ଥା, ଗୋଷ୍ଠୀ ସମୁଦାୟ ଏବଂ ବ୍ୟକ୍ତିମାନେ ୨୦୩୦ ସୁଦ୍ଧା ଭୂଭାଗ ଓ ମହାସାଗରର ଅତିକମ୍‌ରେ ୩୦% ସଂରକ୍ଷଣ ପାଇଁ ପ୍ରତିବଦ୍ଧତା ପ୍ରକାଶ କରିବା ଦରକାର। ଏହାକୁ '୩୦x୩୦' ଲକ୍ଷ୍ୟ ଭାବେ ସୂଚିତ କରାଯାଇଛି। ପ୍ରକୃତିର ବିନାଶକାରୀ କ୍ଷତି ରୋକିବା ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ପାଇଁ ଏହି ଲକ୍ଷ୍ୟ ସଂରକ୍ଷଣର ସର୍ବନିମ୍ନ ସ୍ତର ବୋଲି ବୈଜ୍ଞାନିକମାନେ ନିର୍ଦ୍ଧାରଣ କରିଛନ୍ତି। କିନ୍ତୁ ୩୦x୩୦ ଲକ୍ଷ୍ୟ ଆପଣାଛାଏଁ ହାସଲ ହୋଇପାରିବ ନାହିଁ। ଏଥିପାଇଁ ସମୟ ଲାଗିବ ଓ ଅର୍ଥ ଆବଶ୍ୟକ ହେବ ଏବଂ ଏହା ଉପରେ ଧ୍ୟାନ ଦେବାକୁ ପଡ଼ିବ । ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି, ଜୀବ ଉଦ୍ଭିଦର ପ୍ରାକୃତିକ ଭଣ୍ଡାରରେ ଭରା ବିଶ୍ୱର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ ଲୋଡ଼ା। ଲୋପପାଇଯାଉଥିବା ଓ ଅତ୍ୟନ୍ତ ସଙ୍କଟରେ ଥିବା ଜୀବଜନ୍ତୁଙ୍କୁ ଉଦ୍ଧାର କରି ଏହି ଲକ୍ଷ୍ୟ ହାସଲ କରିବାକୁ ହେବ ବୋଲି ସେମାନେ କହିଛନ୍ତି। ଏଥିପାଇଁ ପ୍ରକୃତିକୁ ନଷ୍ଟ କରୁଥିବା କାର୍ଯ୍ୟକଳାପଗୁଡ଼ିକ ପାଇଁ ସବ୍‌ସିଡି ବାବଦରେ ସରକାର ଯାହା ବ୍ୟୟ କରୁଛନ୍ତି ତାହାର ଏକ ତୃତୀୟାଂଶରୁ କମ୍ ଅର୍ଥ ଆବଶ୍ୟକ ହେବ। ଉତ୍ସାହଜନକ ଯେ, ନିକଟରେ ସମାଜର ମଙ୍ଗଳ ଲାଗି କାର୍ଯ୍ୟରତ ୯ଟି ସଂସ୍ଥା '୩୦x୩୦' ପାଇଁ ୫ ବିଲିୟନ ଡଲାର ଦେବା ଲାଗି କଥା ଦେଇଛନ୍ତି। ପ୍ରକୃତି ସୁରକ୍ଷା ସକାଶେ ଏହା ସବୁଠୁ ବଡ଼ ଦାନ । ଅନ୍ୟମାନେ ସେମାନଙ୍କ ପଥ ଅନୁସରଣ କରିବା ଆବଶ୍ୟକ। ୧୯୭୦ ପରଠାରୁ ପୃଥିବୀର ବନ୍ୟ ଜୀବଜନ୍ତୁଙ୍କ ମଧ୍ୟରୁ ୬୦ % ଲୋପ ହୋଇଯାଇଛି। ବିଶ୍ୱର ସମସ୍ତ ମତ୍ସ୍ୟ ସମ୍ପଦର ପ୍ରାୟ ଏକ ତୃତୀୟାଂଶ ଆମେ ଅନିୟନ୍ତ୍ରିତ ଭାବେ ଉପଯୋଗ କରିସାରିଛୁ। କେବଳ ଏତିକି ନୁହେଁ, ପ୍ରାକୃତିକ ଅଞ୍ଚଳଗୁଡ଼ିକୁ ଧ୍ୱଂସ କରିବା ଦ୍ୱାରା ପ୍ରଚୁର ସବୁଜ ଗୃହ ବାଷ୍ପ ନିର୍ଗମନ ହେଉଛି ଓ ତାହା ଜଳବାୟୁ ପରିବର୍ତ୍ତନର କାରଣ ପାଲଟିଛି।

ବିଶେଷକରି କୋଭିଡ୍-୧୯ ମହାମାରୀ ଯୋଗୁ ଦେଶଗୁଡ଼ିକ ଆର୍ଥିକ ମାନ୍ଦାବସ୍ଥାରେ ଥିବାବେଳେ ପ୍ରକୃତିର ସୁରକ୍ଷା ଲାଗି ଆବଶ୍ୟକ ଖର୍ଚ୍ଚ ସେମାନଙ୍କ ପାଇଁ ଅଧିକ ହୋଇପାରେ। ଏହା ମଧ୍ୟ ସତ। କିନ୍ତୁ ଏହି ଖର୍ଚ୍ଚ ପରିମାଣ ବିଶ୍ୱର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୧ ପ୍ରତିଶତରୁ କମ୍। ୨୦୧୯ରେ ଜିଡିପି ପାଖାପାଖି ୮୭ ଟ୍ରିଲିୟନ ଡଲାର ଥିଲା। ଏହି ବ୍ୟୟ ମଧ୍ୟ ୨୦୨୦ରେ ବିଶ୍ୱରେ ପ୍ରତିରକ୍ଷା ବାବଦ ଖର୍ଚ୍ଚ ୨ ଟ୍ରିଲିୟନ ଡଲାରର ଏକ ତୃତୀୟାଂଶରୁ ଅଳ୍ପ ବେଶି। ତେବେ ଗୁରୁତ୍ୱପୂର୍ଣ୍ଣ ଜୈବବ୍ୟବସ୍ଥା ସୁରକ୍ଷା ବିଫଳତାରୁ ଅର୍ଥ ବ୍ୟବସ୍ଥାରେ ହେବାକୁ ଥିବା କ୍ଷତିର ମାତ୍ର କିଛି ଅଂଶ ହେବ ଏହି ବ୍ୟୟ ପରିମାଣ । ତେବେ ଆବଶ୍ୟକ ଅର୍ଥ ପାଇଁ ସମାଜର ମଙ୍ଗଳ କାର୍ଯ୍ୟରେ ଜଡ଼ିତ ସଂସ୍ଥାଗୁଡ଼ିକ ଉପରେ କେବଳ ନିର୍ଭର କରିପାରିବା ନାହିଁ। ବୈଶ୍ୱିକ ନିବେଶ ଦରକାର ଏବଂ ଏହା ମିଳିତ ଭାବେ ସରକାରୀ ଓ ବେସରକାରୀ ସ୍ତରରେ ବଢାଇବାକୁ ପଡ଼ିବ। ବିଶେଷକରି ଜି୭ ଦେଶଗୁଡ଼ିକ ଯେଭଳି ପାଣ୍ଠି ଯୋଗାଇ ଦେବାକୁ ସଙ୍କଳ୍ପ ନେଉଛନ୍ତି, ସେମିତି ପ୍ରତ୍ୟେକ ଦେଶ ତା' ଭାଗ ଦେବା ଲାଗି ପ୍ରତିବଦ୍ଧତା ପ୍ରକାଶ କରିବା ଉଚିତ। ପ୍ରକୃତିର ସୁରକ୍ଷା ବଦଳରେ ଏହାର କ୍ଷତିକରୁଥିବା ସବ୍‌ସିଡିଗୁଡ଼ିକୁ ଧୀରେ ଧୀରେ ଶେଷ କରି ବିଭିନ୍ନ ଦେଶର ସରକାର ଅତିରିକ୍ତ ସଂସାଧନଗୁଡ଼ିକୁ କଟକଣା ମୁକ୍ତ କରିପାରିବେ।

ପ୍ରକୃତିରି ସୁରକ୍ଷା ଲାଗି ଆବଶ୍ୟକ ପାଣ୍ଠିର ଏକ ସଂହଭାଗ ବିଶ୍ୱର ଜୈବ ବିବିଧତାରେ ଭରପୂର ନିମ୍ନ ଆୟକରୀ ଦେଶଗୁଡ଼ିକୁ ଦିଆଯିବା ଉଚିତ। ଏଠାରେ କୋଷ୍ଟାରିକାର ଦୃଷ୍ଟାନ୍ତ ନିଆଯାଉ। ଏହାର ଭୂଭାଗ ପୃଥିବୀ ସ୍ଥଳଭାଗର ମାତ୍ର ୦.୦୩%, କିନ୍ତୁ ବିଶ୍ୱର ମୋଟ ଜୈବ ବିବିଧତାର ୫% ଏଠାରେ ଉପଲବ୍ଧ। ପୁନଶ୍ଚ ଆଦିବାସୀ ଲୋକମାନଙ୍କର ଏବଂ ସ୍ଥାନୀୟ ସମୁଦାୟର ଭୂମିଗତ ଅଧିକାର ସୁରକ୍ଷା ପାଇଁ ଉପଯୁକ୍ତ ପାଣ୍ଠିର ବ୍ୟବସ୍ଥା କରାଯିବା ଉଚିତ। ଏମାନେ କମ୍ ବ୍ୟବସ୍ଥା ଓ କମ୍ ଖର୍ଚ୍ଚରେ ପ୍ରକୃତିର ସୁରକ୍ଷା ଓ ସଞ୍ଚାଳନ କରିଥାଆନ୍ତି।

ଆମେ ଯଦି ନିବେଶ କରିବା ତେବେ ପ୍ରତିବଦଳରେ ପ୍ରକୃତି ଆମକୁ ଅନେକ ଥର ବହୁତ କିଛି ଦେବ। ୨୦୩୦ ସୁଦ୍ଧା ସମଗ୍ର ଭୂଭାଗ ଓ ମହାସାଗରର ୩୦% ସୁରକ୍ଷା କରାଯିବା ସହ ଜଙ୍ଗଲ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରାଯାଇପାରିଲେ ଖର୍ଚ୍ଚ ଅତି କମ୍‌ରେ ୫:୧ ଅନୁପାତରେ ଅଧିକ ହେବାର ସମ୍ଭାବନା ରହିବ। ପ୍ରକୃତି ଉପଯୋଗୀ କାର୍ଯ୍ୟକଳାପଗୁଡ଼ିକ ଉପରେ କୋଷ୍ଟାରିକାର ଅର୍ଥ ବ୍ୟବସ୍ଥା ଅଧାରିତ। ଜଙ୍ଗଲ ସଂରକ୍ଷଣ, ଅକ୍ଷୟ ବିଦ୍ୟୁତ ଉତ୍ପାଦନ ଏବଂ ଜୈବ ବିବିଧତା ସୁରକ୍ଷାକୁ ଏହା ଗୁରୁତ୍ୱ ଦେଇଛି। ୧୯୬୦ ପରଠାରୁ ଏହା ଜଙ୍ଗଲ କ୍ଷୟକୁ ରୋକିଛି ଏବଂ ଧ୍ୱଂସ ପାଇଥିବା ଜଙ୍ଗଲ ସମ୍ପଦ ପୁଣି ଫେରାଇଆଣିଛି। ଏହି ସମୟ ମଧ୍ୟରେ ତା'ର ଅର୍ଥ ବ୍ୟବସ୍ଥା ବାସ୍ତବରେ ୨୫୦% ପାଖାପାଖି ବୃଦ୍ଧିପାଇଛି। ଏବେ କୋଷ୍ଟାରିକା ପାଖରେ ତା' ଭୂଭାଗର ୨୬%ରୁ ଅଧିକରେ ଜାତୀୟ ଉଦ୍ୟାନ ଓ ସଂରକ୍ଷିତ ଅଞ୍ଚଳଗୁଡ଼ିକ ଶୋଭାପାଉଛି। ପ୍ରଥମ ଥର ପାଇଁ କୋଷ୍ଟାରିକା ଆର୍ଥଶଟ୍ ପୁରସ୍କାର ପାଇଛି। ଭୂଭାଗରେ ହାସଲ କରିଥିବା ସଫଳତାକୁ ମହାସାଗରରେ ଦୋହରାଇବାକୁ ଏହା ଆମକୁ ପ୍ରେରିତ କରିବ । ଏ ଦିଗରେ ବି ଆମେ ଆଗକୁ ବଢିଲୁଣି। ଆମ ସମୁଦ୍ର ସୀମା ମଧ୍ୟରେ ସୁରକ୍ଷିତ ଥିବା ୩%ରୁ କମ୍ ଅଞ୍ଚଳକୁ ପାଖାପାଖି ୩୦%କୁ ସମ୍ପ୍ରସାରିତ କରିବା ଲାଗି ଚଳିତ ବର୍ଷ ଏକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ୟାରିସ ଜଳବାୟୁ ବୁଝାମଣା ଅନୁଯାୟୀ ୨୦୨୦ର ଜାତୀୟ ନିର୍ଦ୍ଧାରିତ ଯୋଗଦାନ ସଂକଳ୍ପକୁ ଆଧାର କରି ଏହା କରାଯାଇଛି। ମୁଁ ମଧ୍ୟ ଅଫିସ୍ ଛାଡ଼ିବା ପୂର୍ବରୁ ଏଭଳି ବ୍ୟାପକ ସମ୍ପ୍ରସାରଣ ହାସଲ କରିବାକୁ ଲକ୍ଷ୍ୟ ରଖିଛି।

'୩୦x୩୦' ଲକ୍ଷ୍ୟ ହାସଲ ଏବେ ଜୋର ଧରୁଛି। କୋଷ୍ଟାରିକା, ଫ୍ରାନ୍ସ ଏବଂ ଇଂଲଣ୍ଡ ନେତୃତ୍ୱରେ ହାଇ ଆମ୍ବିଶନ କୋଆଲିସନ ଫର୍ ନେଚର ଆଣ୍ଡ ପିପୁଲ ଅଭିଯାନ ଆଗକୁ ବଢିଛି ଓ '୩୦x୩୦'ଲକ୍ଷ୍ୟ ସମର୍ଥନରେ ୭୦ରୁ ଅଧିକ ଦେଶର ସମର୍ଥନ ପାଇପାରିଛି। ନିକଟରେ ଗ୍ଲୋବାଲ ବାୟୋଡାଇଭର୍ସିଟି ଫ୍ରେମ୍‌ୱର୍କର ଚିଠାରେ '୩୦x୩୦' ଲକ୍ଷ୍ୟ ଏକ ପ୍ରମୁଖ ବିଷୟ ହୋଇଛି। ୨୦୨୨ରେ ଚାଇନାର କୁନ୍‌ମିଙ୍ଗ୍‌ରେ ଅନୁଷ୍ଠିତ ହେବାକୁ ଥିବା ଜାତିସଂଘର ବାୟୋଲୋଜିକାଲ ଡାଇଭର୍ସିଟି ସମ୍ମିଳନୀ( ସିବିଡି କପ୍୧୫) ରେ ଏ ସମ୍ପର୍କରେ ଚୂଡାନ୍ତ କରାଯିବ ବୋଲି ସ୍ଥିର କରାଯାଇଛି। କହିବାଠାରୁ କାମ କରିବା ବଡ଼। ସରକାର, ଫାର୍ମ ଏବଂ ସବୁ ସମାଜ '୩୦x୩୦' ଲକ୍ଷ୍ୟ ହାସଲ କରିବା ସକାଶେ ଆବଶ୍ୟକ ଆର୍ଥିକ ସଂସାଧନଗୁଡ଼ିକ ପ୍ରତି ସମର୍ପିତ ହେବା ଉଚିତ। ଆମର ସବୁ ମଧୁରଜଳ, ଖାଦ୍ୟ, ବିଶୁଦ୍ଧ ବାୟୁ ଏବଂ ଔଷଧ ଓ ଶିଳ୍ପ ପାଇଁ ପାରମ୍ପରିକ ସଂସାଧନର ସର୍ବଶ୍ରେଷ୍ଠ ଉତ୍ସ ପ୍ରକୃତି। ଏହା ବିପଜ୍ଜନକ ରୋଗ ସୃଷ୍ଟିକାରୀ ଭୂତାଣୁକୁ ଆୟତ୍ତ କରେ , ଭୂପୃଷ୍ଠରେ କାର୍ବନ ନିୟନ୍ତ୍ରଣ କରିବା ସହ ସବୁଜ ନିଯୁକ୍ତି ସୃଷ୍ଟି କରେ। ମାନବ ସୃଜନତା,ଆଧ୍ୟାତ୍ମିକତା ଏବଂ ମାନସିକ ସ୍ୱାସ୍ଥ୍ୟର ଏହା ଏକ ଅଦ୍ୱିତୀୟ ଉତ୍ସ। ମାନବତା ପ୍ରକୃତିରେ ନିହିତ। ପ୍ରକୃତିକୁ ନଷ୍ଟ କଲେ ନିଜକୁ ରକ୍ଷା କରିବା ଅସମ୍ଭବ। ଏହାକୁ ନଷ୍ଟ କରିବାରେ ଆମେ ଯେଭଳି ସକ୍ଷମ ସେଭଳି ଏହାର ସୁରକ୍ଷା ମଧ୍ୟ ଆମର ଉତ୍ତରଦାୟିତ୍ୱ। ତେବେ ଆସନ୍ତୁ ଆମେ ସମସ୍ତେ ନିଷ୍ପତ୍ତି ନେବା ଓ ବିଳମ୍ବ ହେବା ପୂର୍ବରୁ ଏହି ଦାୟିତ୍ୱ ପୂରଣ କରିବା ପାଇଁ ଆବଶ୍ୟକ ଫଣ୍ଡରେ ନିବେଶ କରିବା ।

**ପରିବେଶ ଓ ଶକ୍ତି ମନ୍ତ୍ରୀ, କୋଷ୍ଟାରିକା**

## ନୌବାଣିଜ୍ୟ ଓ ଓଡ଼ିଶା



ଡ. ପ୍ରମୋଦ କୁମାର ପଣ୍ଡା

କରୋନା ମହାମାରୀ ପାଇଁ ଏବର୍ଷ କଟକ ବାଲିଯାତ୍ରା ହେବ ନାହିଁ। ଏହି ବାଲିଯାତ୍ରା ଓ ନୌବାଣିଜ୍ୟର ଅନେକ ବିଶେଷତ୍ୱ ରହିଛି, ଯାହା କି ଉତ୍କଳୀୟଙ୍କ ପାଇଁ ଗୌରବର ବିଷୟ। ନୂତନ ପିଢ଼ି ବାଲିଯାତ୍ରାର ପ୍ରକୃତ ଅର୍ଥ ଜାଣିବା ନିତାନ୍ତ ଆବଶ୍ୟକ। ତା' ହେଲେ ପ୍ରଶ୍ନ ଉଠେ ଯେ ଏହି ବାଲିଯାତ୍ରା କ'ଣ ଏକ ଯାତ୍ରା, ମେଳା ନା ଏକ ସାଂସ୍କୃତିକ ସମନ୍ୱୟନ ନା ଏକ ବ୍ୟବସାୟିକ ମିଳନ। ଉପରୋକ୍ତ ୪ଟି ମଧ୍ୟରୁ ଏହା କେଉଁଟି ବି ନୁହେଁ। ତା' ହେଲେ ବାଲିଯାତ୍ରାର ପ୍ରକୃତ ଅର୍ଥ କ'ଣ? ବାଲିଯାତ୍ରାର ପ୍ରକୃତ ଅର୍ଥ ହେଲା – Voyage to Bali କିମ୍ବା Journey to Bali Island of Indonesia। ଅର୍ଥାତ୍ କଟକର ମହାନଦୀର ଏହି ଗଡ଼ଗଡ଼ିଆ ଘାଟରୁ ପ୍ରାଚୀନ ଉତ୍କଳ ସାଧବ ପୁଅମାନେ କାର୍ତ୍ତିକ ପୂର୍ଣ୍ଣିମାରେ ଓଡ଼ିଶାରୁ ଉତ୍ପନ୍ନ ସାମଗ୍ରୀକୁ ବୋଇତରେ ଲଦି ସୁଦୂର ବାଲି, ଜାଭା, ସୁମାତ୍ରା ଆଦି ଦୀପକୁ ବିକ୍ରି କରିବାକୁ ଯାଉଥିଲେ। ସେଠାରେ ସେଗୁଡ଼ିକ ବିକ୍ରିକରି ଆମ ରାଜ୍ୟକୁ ପ୍ରଚୁର ପରିମାଣରେ ଧନ ରତ୍ନ ବୋହି ଆଣୁଥିଲେ। ସେମାନଙ୍କୁ ବିଦାୟ ଦେବାପାଇଁ ସେମାନଙ୍କ ପତ୍ନୀ ଓ ଆତ୍ମୀୟସ୍ୱଜନ ଉପବାସ ବ୍ରତ କରୁଥିଲେ ଓ ସେମାନଙ୍କର ଶୁଭଯାତ୍ରା କାମନା କରୁଥିଲେ। ଆଜି ମଧ୍ୟ କାର୍ତ୍ତିକ ପୂର୍ଣ୍ଣିମାରେ ପ୍ରତ୍ୟେକ ଓଡ଼ିଆବାସୀ କାଗଜ, ସୋଲ ଓ କଦଳୀ ପଟୁକା ନିର୍ମିତ ଡଙ୍ଗା ବା ନୌକାକୁ ଯେ କୌଣସି ଜଳାଶ୍ରୟରେ ଭସାଇ କହନ୍ତି – ଆ-କା-ମା-ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧର୍ମ ମୋର।

ସମଗ୍ର ଓଡ଼ିଶାରେ କାର୍ତ୍ତିକ ମାସକୁ ଧର୍ମ ମାସ ହିସାବରେ ଗଣାଯାଏ ଓ ପୂରା ମାସ ଯାକ ନିରାମିଷ ସମସ୍ତେ ଭୋଜନ କରନ୍ତି। ପୂର୍ବେ ସେହି ସମୟରେ ଏକାବେଳେ ଶହ ଶହ ବୋଇତ ଓଡ଼ିଶାରେ ଉତ୍ପନ୍ନ ସାମଗ୍ରୀ ନେଇ ଦୂର ବିଦେଶକୁ ବିକ୍ରି ପାଇଁ ଯାଉଥିବାର ଐତିହାସିକ ପ୍ରମାଣ ମିଳେ। ବିଦେଶକୁ ସାଧବ ପୁଅଙ୍କ ବୋଇତ ଯାତ୍ରା ବନ୍ଦ ହୋଇଯିବା ପରେ ନୌବାଣିଜ୍ୟର ସ୍ମୃତି ରକ୍ଷା ଲାଗି ବାଲିଯାତ୍ରା ଆୟୋଜିତ ହେଉଛି। ହେଲେ ବାଲିଯାତ୍ରାର ଅସଲ ଉଦ୍ଦେଶ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଯାଇଛି। ବାଲିଯାତ୍ରାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ବାଲି ଦେଶକୁ ଯାତ୍ରା ଅର୍ଥାତ୍ ଓଡ଼ିଶାର ଉତ୍ପାଦ ନେଇ ସେହି ଦେଶରେ ବିକ୍ରି କରିବା। ଏବେ ସେମିତି ଆମର ଉତ୍ପାଦ ବାହାର ରାଜ୍ୟରେ କିମ୍ବା ବାହାର ଦେଶରେ ବିକ୍ରି କରିବାର ବ୍ୟବସ୍ଥା ତ କରିପାରିବା । ଏହା କଲେ ଆମ କାରିଗର ବା ଉତ୍ପାଦନକାରୀଙ୍କ ଆର୍ଥିକ ପ୍ରଗତି ହେବ ଓ ଆମେ ଆମର ବେରୋଜଗାରି ଦୂର କରିବାରେ ସକ୍ଷମ ହେବା। ଯେପରି ଆମର ସାଧବ ପୁଅ ବାଲିଯାତ୍ରା ମାଧ୍ୟମରେ ଓଡ଼ିଶାରେ ଉତ୍ପନ୍ନ ହେଉଥିବା ସାମଗ୍ରୀକୁ ବାଲି, ଜାଭା, ସୁମାତ୍ରା, କାମ୍ବୋଡିଆ ଓ ଭିଏତ୍‌ନାମ ଦେଶରେ ବିକ୍ରି କରି ଆମ ରାଜ୍ୟକୁ ପ୍ରଚୁର ଧନ ରତ୍ନ ବୋହି ଆଣୁଥିଲେ, ଆମକୁ ବାଲିଯାତ୍ରାର ନାମ ସାର୍ଥକ କରିବା ପାଇଁ ସେପରି କରିବାକୁ ପଡ଼ିବ। ଅର୍ଥାତ୍ ଓଡ଼ିଶାର ଉତ୍ପାଦିତ ସାମଗ୍ରୀକୁ ନେଇ ବାଲିଯାତ୍ରା ପ୍ରଦର୍ଶନୀ ମାଧ୍ୟମରେ ବାଲି, ଜାଭା, ସୁମାତ୍ରା ଓ ଅନ୍ୟାନ୍ୟ ଦେଶରେ ବିକ୍ରିକରି ଆମର ଉତ୍ପାଦନକାରୀଙ୍କ ଆର୍ଥିକ ପ୍ରଗତିରେ ସହାୟତା କରିବାକୁ ପଡ଼ିବ। ବାଲିଯାତ୍ରା ମାଧ୍ୟମରେ ଆମେ ଆମର ସାମଗ୍ରୀକୁ ଭାରତର ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ବିକ୍ରି କରିବାର ସୁଯୋଗ ସୃଷ୍ଟି କରିବା। ଏହାଦ୍ୱାରା ଆମେ ତିନୋଟି ଲାଭ ପାଇପାରିବା। ପ୍ରଥମଟି ଆମ ରାଜ୍ୟର ସାମଗ୍ରୀକୁ ଆମେ ଅନ୍ୟ ଦେଶ ବା ରାଜ୍ୟରେ ବିକ୍ରି କରି ଆମର ଉତ୍ପାଦନକାରୀଙ୍କୁ ପ୍ରଚୁର ଲାଭ ଦେବା। ଆମ ରାଜ୍ୟକୁ ବିଭିନ୍ନ ସାମଗ୍ରୀର ଉତ୍ପାଦନ ପେଣ୍ଠସ୍ଥଳୀ କରି ତା' ମାଧ୍ୟମରେ ବେରୋଜଗାରି ଦୂର କରିବା। ଅନ୍ୟ ରାଜ୍ୟ ଓ ବିଦେଶରେ ବାଲିଯାତ୍ରା ନାମର ପ୍ରଚାର ପ୍ରସାର ଦ୍ୱାରା ଆମର ଐତିହ୍ୟ, ସାହସିକତା ଓ ପ୍ରାଚୀନତାକୁ ଓଡ଼ିଶା ବାହାରେ ପ୍ରଚାର କରି ଓଡ଼ିଆଙ୍କ ସ୍ୱାଭିମାନ ବୃଦ୍ଧି କରିବା। ବିଶେଷ କରି ଆମକୁ ଅନ୍ୟ ରାଜ୍ୟର ବଡ଼ ବଡ଼ ସହରଗୁଡ଼ିକରେ ବାଲିଯାତ୍ରା ପ୍ରଦର୍ଶନୀ ଆୟୋଜନ କରିବାପାଇଁ ସରକାରୀ ସ୍ତରରେ ବ୍ୟୟବ୍ୟବସ୍ଥା କରିବାକୁ ପଡ଼ିବ। ଏହି ପ୍ରଦର୍ଶନୀରେ କେବଳ ଓଡ଼ିଶାର ଉତ୍ପାଦିତ (କାରିଗରି, ହସ୍ତଶିଳ୍ପ, କୃଷିଜାତ ପଦାର୍ଥ ଇତ୍ୟାଦି ସାମଗ୍ରୀ ବିକ୍ରି ହେବାର ବ୍ୟବସ୍ଥା କଲେ, ଆମର ଉତ୍ପାଦନକାରୀ ନିଶ୍ଚିତ ରୂପେ ଲାଭବାନ ହେବେ ଓ ଆମର ବେକାରି ସମସ୍ୟା ମଧ୍ୟ ଦୂରୀଭୂତ ହେବ। ବିଦେଶ କଥା ଛାଡ଼ନ୍ତୁ, ଆମ ଦେଶର ଅନ୍ୟାନ୍ୟ ରାଜ୍ୟର ଲୋକମାନେ ମଧ୍ୟ ଓଡ଼ିଶା ପ୍ରାଚୀନ ନୌବାଣିଜ୍ୟର ଜନକ ବୋଲି ଜାଣି ନାହାନ୍ତି। ଏହି ସତ୍ୟକୁ ଆମକୁ ବିଶ୍ୱ ସମ୍ମୁଖକୁ ଆଣିବାକୁ ପଡ଼ିବ। ବାଲିଯାତ୍ରା ଓଡ଼ିଶା ବାହାରେ ପ୍ରଚାରିତ ହେଲେ ଆମର ଐତିହ୍ୟ, ସାହସିକତା, ପ୍ରାଚୀନତା ବିଷୟରେ ଅନ୍ୟମାନେ ଅବଗତ ହେବେ ଓ ଓଡ଼ିଆଙ୍କ ପ୍ରତି ବିଶ୍ୱବାସୀଙ୍କ ସମ୍ମାନ ବୃଦ୍ଧି ପାଇବ ।

**ପ୍ରଧାନ ବୈଜ୍ଞାନିକ**
**ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ**
**ଭୁବନେଶ୍ୱର, ଓଡ଼ିଶା**
**ମୋ: ୮୯୧୭୪୨୬୪୪୦**

## ଏଇ ଭାରତରେ

ଅନେକ ସମୟରେ କିଛି ଘଟଣା ଜଣଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣେ, ଯାହା ଘଟିଛି ଡ.ସୁନୀଲ କୁମାରଙ୍କ କ୍ଷେତ୍ରରେ। କ୍ୟାନ୍‌ସରରେ ତାଙ୍କ ମା'ଙ୍କ ମୃତ୍ୟୁ ହେବା ପରେ ସେ ଅସହାୟ କ୍ୟାନ୍‌ସର ରୋଗୀଙ୍କୁ ମାଗଣାରେ ଚିକିତ୍ସା କରୁଛନ୍ତି। ଏବେ ସୁଦ୍ଧା ସେ ୧୦୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରି ସାରିଲେଣି। ୨୦୧୩ରେ ବିହାରରେ ଚନ୍ଦ୍ରକାନ୍ତି ଦେବୀ କ୍ୟାନ୍‌ସର ଫାଉଣ୍ଡେଶନ ପ୍ରତିଷ୍ଠା କରି ସେଠାରେ ଅସହାୟ ରୋଗୀମାନଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେଉଛନ୍ତି। ଡ.ସୁନୀଲ ଦିଲ୍ଲୀ ଏମ୍ସରେ ଚାକିରି କରିଛନ୍ତି। ତାଙ୍କ ବୟସ ଏବେ ୪୪। କ୍ୟାନ୍‌ସର ଡାଇଗ୍ନୋସିସ୍ କରିବା ପାଇଁ ପ୍ରତି ମାସର ପ୍ରଥମ ଶନିବାର ସେ ଦିଲ୍ଲୀରୁ ବିହାରର ଡେହେରିକୁ ଆସୁଛନ୍ତି । ଏହି କାର୍ଯ୍ୟରେ ସଂସ୍ଥାର ସ୍ୱେଚ୍ଛାସେବୀ ଓ ଡାକ୍ତରମାନେ ସହଯୋଗ କରୁଛନ୍ତି। ଚିକିତ୍ସା ଖର୍ଚ୍ଚ ତୁଲାଇବା କଷ୍ଟକର ହେଉଥିଲେ ମଧ୍ୟ ସେ ବିଭିନ୍ନ ଉତ୍ସରୁ ମିଳୁଥିବା ଆର୍ଥିକ ଅନୁଦାନରେ ଏହାକୁ ଆଗକୁ ବଢ଼ାଉଛନ୍ତି। ତାଙ୍କ ସଂସ୍ଥା ମଧ୍ୟ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି କ୍ୟାନ୍‌ସର ଉପରେ ଲୋକମାନଙ୍କୁ ସଚେତନ କରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ନଭେମ୍ବର ୧୯୯୬

- ସଂସ୍କାରବାଦୀ ନେତା ଏମିଲ୍ କନଷ୍ଟାଣ୍ଟିନେ ସ୍କ୍ୟୁ ରୋମାନିଆର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି।
- ୱେଷ୍ଟବ୍ୟାଙ୍କର ହ୍ରଦର୍ଣ୍ଣ ସହରରୁ ଇସ୍ରାଏଲ୍ ସୈନ୍ୟ ପ୍ରତ୍ୟାହାରରେ ଦେଖାଦେଇଥିବା ବିଳମ୍ବ ଦୂର ପାଇଁ ପି.ଏଲ୍.ଓ. ଏବଂ ଇସ୍ରାଏଲ୍ ମଧ୍ୟରେ ଚାଲିଥିବା କଥାବାର୍ତ୍ତା ବିଫଳ ହୋଇଛି।
- ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନ ଓ ଚିତ୍ର ନିର୍ମାତା ବି.ଆର୍. ଚୋପ୍ରାଙ୍କୁ ଇନ୍ଦିରା ଗାନ୍ଧୀ ସ୍ମୃତି ପୁରସ୍କାର ପ୍ରଦାନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | 7 | |
| | 5 | | | | | 6 | | |
| 1 | | | | 9 | 4 | | | |
| | | | | 3 | 6 | | 2 | |
| | | | | 7 | | | | |
| 2 | | | | 1 | | | 3 | |
| | | 2 | 7 | | | | | 9 |
| 8 | | | | | 3 | | | 7 |
| | 4 | | 1 | | | 5 | | 8 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 3 | 1 | 7 | 4 | 9 | 2 | 6 |
| 1 | 6 | 2 | 9 | 3 | 8 | 4 | 7 | 5 |
| 7 | 9 | 4 | 5 | 6 | 2 | 8 | 1 | 3 |
| 8 | 1 | 6 | 3 | 2 | 9 | 5 | 4 | 7 |
| 4 | 7 | 9 | 8 | 5 | 1 | 6 | 3 | 2 |
| 3 | 2 | 5 | 7 | 4 | 6 | 1 | 8 | 9 |
| 9 | 4 | 7 | 6 | 8 | 3 | 2 | 5 | 1 |
| 6 | 5 | 8 | 2 | 1 | 7 | 3 | 9 | 4 |
| 2 | 3 | 1 | 4 | 9 | 5 | 7 | 6 | 8 |

ଗତକାଲିର ଉତ୍ତର

# ପରଗ୍ରହୀ ଜୀବ ସନ୍ଧାନ



ଡ. ନରେନ୍ଦ୍ର କୁମାର ସେଠୀ

ଆଗାମୀ ଦଶନ୍ଧିରେ ଆରମ୍ଭ ହେବାକୁ ଥିବା ସ୍ପେସ୍ ଇଣ୍ଟରଫେରୋମିଟର ମିଶନ (ସିମ୍) ମହାକାଶ ଗବେଷଣା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବାକୁ ଯାଉଛି। ଏହି ସ୍ପେସ୍ ଇଣ୍ଟରଫେରୋମିଟର ବିଶ୍ୱର ସବୁଠୁ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର, ଯାହା ଏକାଧିକ ଟେଲିସ୍କୋପକୁ ନେଇ ଗଠିତ। ଏହି ଯନ୍ତ୍ରର ଶକ୍ତି ଏତେ ଅଧିକ ଯେ ଏହା ବିଜ୍ଞାନର ସବୁ ଭୌତିକ ସୀମାକୁ ପାର କରି ସୁଦୂର ମହାକାଶରେ ଥିବା ଛୋଟ ଜିନିଷକୁ ଦୃଶ୍ୟମାନ କରିପାରିବ। ଏପରି କି ମଙ୍ଗଳ ଗ୍ରହରେ ଜଣେ ମହାକାଶଚାରୀ ଛିଡ଼ାହୋଇ ହାତ ହଲେଇଲେ ଆମେ ପୃଥିବୀ ଉପରେ ଛିଡ଼ା ହୋଇ ଏହି ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ତାକୁ ଦେଖିପାରିବା। ଏହି ବିଚକ୍ଷଣ ଯନ୍ତ୍ର କାର୍ଯ୍ୟକ୍ଷମ ହେଲା ପରେ ବୈଜ୍ଞାନିକମାନେ ଆଗାମୀ ଦଶନ୍ଧିରେ ଆରମ୍ଭ ହେବାକୁ ଥିବା ପୃଥିବୀ ପରି ଜୀବନ ଥିବା ଅନ୍ୟ ଗ୍ରହଗୁଡ଼ିକୁ ଖୋଜିବାରେ ସହାୟକ ହେବ। କୌଣସି ଗ୍ରହ ପଚାଶ ଆଲୋକ ବର୍ଷ ମଧ୍ୟରେ ଥିଲେ ଏହି ଯନ୍ତ୍ର ତାକୁ ଖୋଜି ବାହାର କରିଦେବ । ଏହା ଫଳରେ ଯଦି କୌଣସି ଗ୍ରହରେ ଜୀବନ ଥାଏ ବା କୌଣସି ସଭ୍ୟତା ଥାଏ ତାହା ସହଜରେ ଖୋଜି ହେବ ଓ ସେମାନେ ଆମଠୁ ଜ୍ଞାନକୌଶଳରେ କେତେ ଆଗରେ ଅଛନ୍ତି ତାହା ମଧ୍ୟ ଜାଣିହେବ। ଯଦିଓ ଏହିପରି ଉନ୍ନତ ସଭ୍ୟତାର ଠିକ୍ ବିବରଣୀର ପୂର୍ବାନୁମାନ କରିବା ଅସମ୍ଭବ, ପଦାର୍ଥ ବିଜ୍ଞାନର ନିୟମ ବ୍ୟବହାର କରି ସେମାନଙ୍କ ବିଷୟରେ ଠିକ୍ ବିଶ୍ଳେଷଣ କରାଯାଇପାରେ। ମଣିଷ ସଭ୍ୟତା ସେମାନଙ୍କଠାରୁ ଅଲଗା ଏବଂ ଆମଠୁ ଯେତେ ଆଧୁନିକ ଓ ଉନ୍ନତ ହେଲେ ମଧ୍ୟ ସେମାନେ ବିଜ୍ଞାନର ନିୟମରେ ବନ୍ଧା ହୋଇଥିବେ ନିଶ୍ଚୟ ; ଯାହା ବର୍ତ୍ତମାନ ପରମାଣୁ କଣିକାଠାରୁ ଆରମ୍ଭକରି ବୃହତ୍ ବ୍ରହ୍ମାଣ୍ଡର ଗଠନ ପର୍ଯ୍ୟନ୍ତ ସବୁକିଛି ଜାଣିବା ପାଇଁ ଯଥେଷ୍ଟ ଉନ୍ନତ ହୋଇସାରିଛି। ଯଦି ସତରେ ଆଗାମୀ ଦଶନ୍ଧିରେ କୌଣସି ଉନ୍ନତ ସଭ୍ୟତାର ସନ୍ଧାନ ମିଳେ ତାହାଲେ ସେଠି ବାସ କରୁଥିବା ପ୍ରାଣୀମାନେ କେତେ ଉନ୍ନତ ହୋଇଥିବେ?

୧୯୬୪ରେ ସୋଭିଏଟ୍ ଜ୍ୟୋତିର୍ବିଜ୍ଞାନ ପତ୍ରିକାରେ ପ୍ରକାଶିତ ଏକ ସେମିନାର ସନ୍ଦର୍ଭରେ ରୁଷୀୟ ଜ୍ୟୋତିର୍ବିଜ୍ଞାନୀ ନିକୋଲାଇ କରଦାଶେଭ ବର୍ଣ୍ଣନା କରିଥିଲେ ଯେ, ଭବିଷ୍ୟତରେ ଅନ୍ୟ ଗ୍ରହର ଉନ୍ନତ ସଭ୍ୟତାଗୁଡ଼ିକୁ ସେମାନଙ୍କର ଦୈନିକ ଶକ୍ତିର ବ୍ୟବହାର ଆଧାରରେ ତିନୋଟି ପ୍ରକାର ଅନୁଯାୟୀ ଶ୍ରେଣୀଭୁକ୍ତ କରାଯାଇପାରେ। ଆବିଷ୍କୃତ ହେବାକୁ ଥିବା ସଭ୍ୟତା ହୁଏତ ଏତେ ଆଧୁନିକ ହୋଇ ନ ପାରେ, ଯାହା ଆମେ ଭାବୁଛେ। ହୁଏତ ଏହା ଅତ୍ୟନ୍ତ ଉନ୍ନତ ଓ ଆଧୁନିକ ଜ୍ଞାନକୌଶଳରେ ଆମଠୁ ଅଧିକ ଆଗୁଆ ମଧ୍ୟ ହୋଇପାରେ। ମନେରଖିବାକୁ ହେବ ଯେ ଆଜିର ବିଜ୍ଞାନ ଜ୍ଞାନକୌଶଳ ମାତ୍ର ତିନି ଶହ ବର୍ଷ ପୁରୁଣା ଓ ଏବଂ ତା' ପୂର୍ବରୁ ଆମେ ଅନ୍ଧବିଶ୍ୱାସ ଓ ଜଡ଼ପୂର୍ଣ୍ଣ ସାମାଜିକ ପ୍ରାଣୀ ଥିଲେ। ଅର୍ଥାତ୍ ଏହି ତିନି ଶହ ବର୍ଷ ଭିତରେ ଆମେ ଉନ୍ନତି କରି ଏହି ଅବସ୍ଥାରେ ପହଞ୍ଚିଛୁ ଓ ନିଜକୁ ଉନ୍ନତ ସଭ୍ୟତା ବୋଲି ମନେ କରୁଛୁ। ଉଲ୍ଲେଖଯୋଗ୍ୟ ଯେ, ସୂର୍ଯ୍ୟର ପ୍ରାୟ ଏକ ଶହ କୋଟି ଭାଗରୁ ପୃଥିବୀ ମାତ୍ର ଏକ ଭାଗ ଶକ୍ତି ଗ୍ରହଣ କରେ ଏବଂ ମଣିଷ ତା'ର ଦଶ ଲକ୍ଷ ଭାଗରୁ ଏକ ଭାଗ ବ୍ୟବହାର କରେ। ତେଣୁ ଆମେ ସୂର୍ଯ୍ୟଙ୍କ ସମୁଦାୟ ଶକ୍ତିର ପ୍ରାୟ ଅଣୁ ମାତ୍ର ବ୍ୟବହାର କରୁ। ବର୍ତ୍ତମାନ ଆମର ସମଗ୍ର ପୃଥିବୀରେ ମାନବ ସଭ୍ୟତାର ଶକ୍ତି ଉତ୍ପାଦନ ହେଉଛି ପ୍ରତି ସେକେଣ୍ଡରେ ପ୍ରାୟ ଏକ ଲକ୍ଷ କୋଟି ଏର୍ଗସ। କିନ୍ତୁ ମଣିଷର ଶକ୍ତି ଉତ୍ପାଦନ କ୍ଷମତା ବଢ଼ିବାରେ ଲାଗିଛି ଓ ଆଗାମୀ ୨୦୦ ବର୍ଷ ଭିତରେ ମଣିଷ ଏତେ ଶକ୍ତିଶାଳୀ ହୋଇଯିବ ଯେ ଜ୍ଞାନକୌଶଳ ବ୍ୟବହାର କରି ଆରାମରେ ଅନ୍ୟ ଗ୍ରହ ସହିତ ଯୋଗାଯୋଗ କରିବାରେ ସକ୍ଷମ ହୋଇଯିବ ଏବଂ ନିଜ ଇଚ୍ଛାରେ ପାଣିପାଗ ପରିବର୍ତ୍ତନ କରିପାରିବ। ଅର୍ଥାତ୍ ସେତେବେଳକୁ ମଣିଷ ଆଗୁଆ ସନ୍ଧାନ କରି ଭୂମିକମ୍ପ, ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ଦୁର୍ବିପାକକୁ ଅଟକେଇପାରିବ। ଖାଲି ସେତିକି ନୁହେଁ, ଆଗାମୀ ୬,୦୦୦ ବର୍ଷ ପରେ ମଣିଷ ଏତେ ଉନ୍ନତି କରି ସାରିଥିବ ଯେ ପୃଥିବୀ ଚାରିପାଖରେ ଏକ ଆବରଣ ନିର୍ମାଣ କରି ସୌରଶକ୍ତିକୁ ଅପଚୟ ହେବାକୁ ଦେବନି। ବୋଧହୁଏ ୬,୦୦୦ ବର୍ଷ ପରେ ଜ୍ଞାନକୌଶଳରେ ସମ୍ପନ୍ନ ସଭ୍ୟତା ପାଇଁ ଏକମାତ୍ର ଗୁରୁତର ବିପଦ ହେଉଛି ନିକଟସ୍ଥ ଆକାଶଗଙ୍ଗାରେ ସୁପରନୋଭା ବିସ୍ଫୋରଣ। ଯଦି ଏପରି କିଛି ହୁଏ ବିସ୍ଫୋରଣ ପରେ ହଠାତ ଉଦ୍‌ଗିରଣ ହେବାକୁ ଥିବା ଶକ୍ତିଶାଳୀ ଏକ୍ସ-ରେ ସମସ୍ତ ଜୀବଜନ୍ତୁଙ୍କୁ ହତ୍ୟା କରିପାରେ। କିନ୍ତୁ ହୁଏତ ମଣିଷ ସେତେବେଳକୁ ଏପରି ବିପଦରୁ ନିଜ ସଭ୍ୟତାକୁ ଏଡ଼େଇବା ପାଇଁ ଅନ୍ୟ ଏକ ଗ୍ରହ ଖୋଜି ବିକଳ୍ପ ସନ୍ଧାନ କରିସାରିଥିବ। ତେବେ ଏ ସବୁ ବୈଜ୍ଞାନିକ ଆକଳନ ମଣିଷର ଆଜିଠୁ ଛଅ ହଜାର ବର୍ଷ ପରେ ହେବାକୁ ଥିବା ବିଜ୍ଞାନର ଚରମ ସୀମାରେ ପହଞ୍ଚିବାର ସମ୍ଭାବନା ମାତ୍ର। କିନ୍ତୁ ଯଦି ଆମେ ଏ ବ୍ରହ୍ମାଣ୍ଡରେ ଏକୁଟିଆ ନାହୁଁ ଓ ଆଉ କିଛି ସଭ୍ୟତା ଅଛନ୍ତି ବୋଲି ପ୍ରମାଣ ମିଳେ ତାହାଲେ ପରିସ୍ଥିତି ରୋଚକପୂର୍ଣ୍ଣ ହୋଇଯିବ।

ୟୁରୋପରେ ଅନେକ ଦେଶର ଲୋକ ଅଜ୍ଞାତ ଉଡୁଥିବା ବସ୍ତୁକୁ ଦେଖିଥିବାର ଦାବି କରନ୍ତି। ଏପରି କି ନାସା ଏ ବିଷୟରେ ଅନେକ ଗୋପନୀୟ ଗବେଷଣା ଜାରି ରଖିଛି। ବୈଜ୍ଞାନିକମାନେ ଜୀବନର ସନ୍ଧାନ ପାଇଁ ବିଦ୍ୟୁତ ଚୁମ୍ବକୀୟ ତରଙ୍ଗର ସିଗ୍‌ନାଲ ମହାକାଶକୁ ପଠେଇବାରେ ଲାଗି ପଡ଼ିଛନ୍ତି। ତେବେ ଏହା କରିବା କେତେଦୂର ଉଚିତ ? ଯଦି ପ୍ରକୃତରେ ଆଲିଏନ ବା ପରଗ୍ରହୀ ଜୀବ ଅଛନ୍ତି ସେମାନେ ନିଶ୍ଚୟ ମଣିଷ ଠାରୁ ଅଧିକ ବୁଦ୍ଧିମାନ ଓ ଜ୍ଞାନ କୌଶଳରେ ଲକ୍ଷ ଲକ୍ଷ ବର୍ଷ ଆଗୁଆ ହୋଇଥିବେ। ଆଗରୁ କୁହାଯାଇଛି ଯେ, ଆଜିର ମଣିଷର ବିଜ୍ଞାନ ଇତିହାସ ମାତ୍ର ତିନିଶହ ବର୍ଷ ପୁରୁଣା ଅର୍ଥାତ୍ ଯଦି କେହି ପରଗ୍ରହୀ ଜୀବ ଉଡ଼ନ୍ତା ଥାଳିଆରେ ପୃଥିବୀ ଉପରକୁ ଆସୁଥାନ୍ତି ତାହାର କାରଣ କ'ଣ ହୋଇପାରେ ? ମଣିଷଠାରୁ ଲକ୍ଷ ଲକ୍ଷ ବର୍ଷ ଜ୍ଞାନକୌଶଳରେ ଉନ୍ନତ ସଭ୍ୟତା ପାଇଁ ପୃଥିବୀପୃଷ୍ଠର ମୂଲ୍ୟବାନ ସୁନା, ରୁପା ଓ ଖଣିଜ ପଦାର୍ଥ ଅଦରକାରୀ ଓ ମୂଲ୍ୟହୀନ ବସ୍ତୁ ଛଡ଼ା ଆଉ କିଛି ହୋଇ ନ ପାରେ। ତାହାଲେ ସେମାନେ ପୃଥିବୀ ପୃଷ୍ଠକୁ ଉଡ଼ନ୍ତା ଥାଳିଆରେ ମଣିଷକୁ ନିଜର ଦାସ ରୂପେ ବ୍ୟବହାର କରିବାର ସୁଯୋଗ ଖୋଜୁ ନାହାନ୍ତି ତ ? ନ ହେଲେ ହୁଏତ ପୃଥିବୀକୁ ଅଧିକାର କରି ସବୁ ଜୀବଜନ୍ତୁଙ୍କୁ ମାରି ନିଜେ ରହିବା ପାଇଁ ବିକଳ୍ପ ବାସସ୍ଥାନର ସନ୍ଧାନ କରୁନାହାନ୍ତି ତ ? କିଛି ବି ହୋଇପାରେ। ଯେହେତୁ ମଣିଷ ଓ ପରଗ୍ରହୀ ଜୀବମାନଙ୍କର ଶରୀର ଜୈବିକଗଠନ ଭିନ୍ନ ସେମାନେ ମଣିଷକୁ ଖାଇବେ ନାହିଁ। ତେଣୁ ସବୁଠୁ ବଡ଼ ସମ୍ଭାବନା ହେଲା ସେମାନେ ଆମକୁ ଅଦରକାରୀ ମୂଲ୍ୟହୀନ ଓ କାମରେ ଆସୁ ନ ଥିବା ଜୀବ ମନେକରି ଆମ ବାଟରେ ଛାଡ଼ି ଦେବେ। ବୋଧହୁଏ ସେମାନେ ପୃଥିବୀ ଓ ଏହାର ଅଧିବାସୀମାନଙ୍କୁ ଏପର୍ଯ୍ୟନ୍ତ ନିରୀକ୍ଷଣ କରିବା ପରେ କିଛି କାମରେ ଆସିବା ଭଳି ଜିନିଷ ପାଇନାହାନ୍ତି। କିନ୍ତୁ ମଣିଷ ଯଦି ନିଜେ ନିଜର ବିଜ୍ଞାପନ ଦେଇ ପରଗ୍ରହୀ ଜୀବର ସନ୍ଧାନରେ ଲାଗିପଡ଼େ ଓ ପରଗ୍ରହୀ ଜୀବମାନେ ପୃଥିବୀର କୌଣସି ଏକ ଜିନିଷରେ ନିଜର ଆଗ୍ରହ ଦେଖିବେ ସେଦିନ ହୁଏତ ମଣିଷ ସଭ୍ୟତା ସଙ୍କଟରେ ପଡ଼ିପାରେ। ତେଣୁ ବୋଷ୍ଟନ ବିଶ୍ୱବିଦ୍ୟାଳୟର ବିଖ୍ୟାତ ସିଦ୍ଧାନ୍ତିକ ପଦାର୍ଥ ବିଜ୍ଞାନୀ ମିଚିଓ କାକୁଙ୍କ ମତରେ ମହାକାଶରେ ଜୀବନ ସନ୍ଧାନ ପାଇଁ ଜାଣିଶୁଣି ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ପ୍ରେରଣ କରିବା ବୁଦ୍ଧିମାନର କାମ ନୁହେଁ। କିନ୍ତୁ ଦିନ ଆସିବ ମଣିଷ ଲୋକପ୍ରିୟ ହଲିଉଡ୍ ଚଳଚ୍ଚିତ୍ର ଷ୍ଟାର୍ ୱାର୍ ପରି ଆକାଶଗଙ୍ଗା ବାହାରେ ଶହ ଶହ ପୃଥିବୀ ପରି ଗ୍ରହର ସଂଯୋଜନାକୁ ପରୀକ୍ଷା କରିବା ସଙ୍ଗେ ସଙ୍ଗେ ଆମଠାରୁ ଏକ ଲକ୍ଷ ବର୍ଷ ଆଗରେ ଏକ ସଭ୍ୟତା କିପରି ଦେଖାଯିବ ତା'ର କଳ୍ପନା କରିବ ଏଥିରେ ସନ୍ଦେହ ନାହିଁ ।

**ମୋ: ୭୦୦୪୦୬୮୧୧୦**

## ପାଠକ ଶ୍ରେଷ୍ଠ ବିଚାରକ

### ଇଚ୍ଛା ମୃତ୍ୟୁର ତର୍ଜମା ହେଉ

ମହାଶୟ,

ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ବ୍ୟକ୍ତି ଆରୋଗ୍ୟ ହୋଇ ନ ପାରି ଇଚ୍ଛା ମୃତ୍ୟୁ ପାଇଁ ଦାବି କରୁଛନ୍ତି। କିନ୍ତୁ ଭାରତରେ ଏପର୍ଯ୍ୟନ୍ତ ଏହା ଆଇନ ଅନୁମୋଦିତ ହୋଇପାରିନି। ଅନେକ ରୋଗୀ ଜଟିଳ ରୋଗରେ ପଡ଼ି ଜମ ଯନ୍ତ୍ରଣା ଭୋଗ କରିଥାନ୍ତି ଓ ସେଥିରୁ ମୁକ୍ତି ପାଇଁ ଇଚ୍ଛା ମୃତ୍ୟୁ ଶ୍ରେୟସ୍କର ମଣନ୍ତି। ଏ ଦିଗରେ ସର୍ବୋଚ୍ଚ କୋର୍ଟରେ ବିଚାର ବିମର୍ଷ ଚାଲିଛି। ବିଭିନ୍ନ ଦିଗକୁ ବିଚାର କରି ନ୍ୟାୟାଳୟର ରାୟ ଉତ୍ତର ବାର୍ଦ୍ଧକ୍ୟରେ ସମ୍ମାନଜନକ ଜୀବନ ଚର୍ଯ୍ୟା ଲାଗି ସୁଯୋଗ ସୃଷ୍ଟି କରବ ବୋଲି ବିଚାର କରାଯାଇପାରେ। ଏ ଦିଗରେ ଅଧିକ ତର୍ଜମା ଆବଶ୍ୟକ। ତରବରିଆ ଭାବେ ନିଷ୍ପତ୍ତି ନେବା ଉଚିତ ନୁହେଁ।

**–ନିର୍ମଳ ସାମଲ, ବରିଷ୍ଠ ନାଗରିକ, ପୋଖରୀପୁଟ, ଭୁବନେଶ୍ୱର**

### ଚିରନ୍ତନୀ

ଉଚ୍ଚାରିଲ ଯେଉଁ ମନ୍ତ୍ର ଉଚ୍ଚେ ତୋଳି କୋଟି ଅଭିଳାଷ
ଠୁଳ ହେଲା ତୁମ ତହିଁ ସହସ୍ର ବର୍ଷର ଇତିହାସ
ସେହି ମନ୍ତ୍ର ଜଗତରେ ଆଣିବ କଲ୍ୟାଣ ସ୍ରୋତ ବହି
ଲୋଡ଼ା ତୁମେ ଯୁଗେ ଯୁଗେ ଜାଗ ଜାଗ ଆହେ ସତ୍ୟାଗ୍ରହି!
–(ଜାଗ ଜାଗ ଗାନ୍ଧି)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଯାନ ପଞ୍ଜୀକରଣ ୫.୩୩% ଖସିଲା

**ନୂଆଦିଲ୍ଲୀ, ୧୮।୧୧:** ଅକ୍ଟୋବରରେ ସବୁ ବର୍ଗରେ ଯାନ ପଞ୍ଜୀକରଣ ୫.୩୩% ହ୍ରାସ ଘଟିଛି। ୨୦୧୯ ଅକ୍ଟୋବର ତୁଳନାରେ ଏହା ୨୬.୬୩% ନିମ୍ନରେ ରହିଥିବା ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ ଗୁରୁବାର କହିଛି। ଚଳିତ ବର୍ଷ ଅକ୍ଟୋବରରେ ୧.୩୬ ଲକ୍ଷ ୟୁନିଟ ଯାନ ବିକ୍ରି ହୋଇଛି। ଏହା ୨୦୨୦ ଅକ୍ଟୋବରରେ ୧.୪୪ ଲକ୍ଷ ୟୁନିଟ ରହିଛି। ୨୦୧୯ ଅକ୍ଟୋବରରେ ୧.୮୬ ଲକ୍ଷ ୟୁନିଟ ଯାନ ବିକ୍ରି ହୋଇଥିଲା। ଚଳିତ ବର୍ଷର ପାର୍ବଣ ଅଟୋମୋବାଇଲ ଶିଳ୍ପ ପାଇଁ ଦଶନ୍ଧିର ସବୁଠାରୁ ଖରାପ ସମୟ ବୋଲି ଅଟୋମୋବାଇଲ ଡିଲର୍ସ ସଂଘ ପକ୍ଷରୁ କୁହାଯାଇଛି। ମୋଟାମୋଟି ଭାବେ ଯାନର ରିଟେଲ ବିକ୍ରି ୨୦% ନିମ୍ନରେ ରହିଛି। ୨୦୧୯ ସମାନ ଅବଧିକୁ ବିଚାରକଲେ ଏହା ୨୦.୮୨% ନିମ୍ନରେ ରହିଛି। ସେମିକଣ୍ଡକ୍ଟର ଅଭାବ ଅଟୋମୋବାଇଲ ଶିଳ୍ପ ପାଇଁ ଏକ ପ୍ରମୁଖ ସମସ୍ୟା ଭାବେ ଉଭାହୋଇଛି। ଏଥିଯୋଗୁ ଲୋକଙ୍କ ଯାନ ଆବଶ୍ୟକତା ପୂରଣ କରିବାରେ ଅଟୋ ଡିଲରଶିଳ୍ପଗୁଡିକ ସମସ୍ୟା ସାମ୍ନା କରିଛନ୍ତି ବୋଲି ଫେଡେରେଶନ ଅଫ୍ ଅଟୋ ମୋବାଇଲ ଡିଲର୍ସ ଆସୋସିଏଶନ ଭିଙ୍କେଶ ଗୁଲାଟି କହିଛନ୍ତି। କରୋନା ମହାମାରୀ ଯୋଗୁ ବଜାର କ୍ଷତିଗ୍ରସ୍ତ ରହିଥିବାବେଳେ ଉତ୍ପାଦନ ସମସ୍ୟା ବିକ୍ରି ଉପରେ ପ୍ରଭାବ ପକାଇଥିବା ସେ କହିଛନ୍ତି।

# ଆରମ୍ଭରୁ ୨୭% ଖସିଲା ପେଟିଏମ୍ ଶେୟାର

**ମୁମ୍ବାଇ, ୧୮।୧୧**

ଡିଜିଟାଲ ପେମେଣ୍ଟ କମ୍ପାନୀ ପେଟିଏମ୍‌ର ଇନିସିଆଲ ପବ୍ଲିକ ଅଫରିଂ(ଆଇପିଓ)ର ଶୁଭାରମ୍ଭ ପ୍ରଭାବିତ ରହିଛି। କମ୍ପାନୀ ଶେୟାର ବଜାରରେ ପ୍ରବେଶ କରିବା ପରଠାରୁ ଏହାର ଷ୍ଟକ୍ ପ୍ରାୟ ୨୭% ଖସିଛି। କମ୍ପାନୀ ୧୮,୩୦୦ କୋଟି ଟଙ୍କାର ଆଇପିଓ ଆଣିଥିଲା। ଏହା ଭାରତର ସବୁଠାରୁ ବଡ଼ ହୋଇଥିବା ବେଳେ ଏଭଳି କମ୍ପାନୀ କ୍ଷେତ୍ରରେ ବିଶ୍ୱରେ ଚତୁର୍ଥ ବୃହତ୍। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ରେ କାରବାର ବେଳେ ଷ୍ଟକ୍‌ର ଲୋୟର ସର୍କିଟ ଲିମିଟ୍ ୧୫୬୪ ଟଙ୍କା ସ୍ତରକୁ ଖସିଥିଲା। ବିଏସ୍‌ଇରେ ଏହାର ଇସ୍ୟୁ ମୂଲ୍ୟ ତୁଳନାରେ ୯% ନିମ୍ନରେ ରହି ୧୯୫୫ ଟଙ୍କା ସ୍ତରରେ ଏହା ସୂଚୀଭୁକ୍ତ ହୋଇଥିଲା। ଶେୟାର କାରବାର ପ୍ରଭାବିତ ରହିବା ଯୋଗୁ ଏହା ୨୭.୨୫% ନିମ୍ନରେ ରହି ୧୫୬୪ ଟଙ୍କା ସ୍ତରକୁ ଖସି ଆସିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ରେ ଇସ୍ୟୁ ପ୍ରାଇସ ତୁଳନାରେ ୯.୩୦% ନିମ୍ନରେ ରହି ୧୯୫୦ ଟଙ୍କା ସ୍ତରରେ ସୂଚୀଭୁକ୍ତ ହୋଇଥିଲା। ଦିନ ମଧ୍ୟରେ ଷ୍ଟକ୍ କାରବାର ୨୭.୩୪% ନିମ୍ନରେ ରହି ୧୫୬୦ ଟଙ୍କା ସ୍ତରକୁ ଖସି ଆସିଥିଲା। ପେଟିଏମ୍ ଏହାର ଆଇପିଓ ମୂଲ୍ୟକୁ ଶେୟାର ପିଛା ୨୦୮୦ ଟଙ୍କାରୁ ୨୧୫୦ ଟଙ୍କା ମଧ୍ୟରେ ରଖିଥିଲା। ଇନ୍‌ଷ୍ଟିଚ୍ୟୁଶନାଲ ଇନ୍‌ଭେଷ୍ଟର୍ସଙ୍କଠାରୁ ଏହା ୧.୧ ବିଲିୟନ ଏବଂ ବଳକା ଶେୟାର ଲାଗି ୨.୬୪ ବିଲିୟନର ବିଡ୍ ଏହା ହାସଲ କରିଛି।



ବିଜୟ ଶେଖର ଶର୍ମା

### ଦିନକରେ ବାଣିଜ୍ୟର ଭବିଷ୍ୟତ ନିର୍ଦ୍ଧାରଣ ହୁଏନି

ଲିଷ୍ଟିଂ ସେରିମନିରେ କମ୍ପାନୀର ପ୍ରତିଷ୍ଠାତା ତଥା ସିଇଓ ବିଜୟ ଶେଖର ଶର୍ମା ଭାବୁକ ହୋଇପଡ଼ିଥିଲେ। ଭାରତ ପେଟିଏମ୍ ଭଳି ଏକ କମ୍ପାନୀକୁ ଆଗକୁ ବଢ଼ିବା ଦିଗରେ ପ୍ରୋତ୍ସାହନ ଦେଇଛି। ପେଟିଏମ୍ ଷ୍ଟୋରି ଉଦ୍ୟୋଗିକତା ମନୋଭାବ ରଖି ଆଗକୁ ବଢୁଥିବା ବ୍ୟକ୍ତିବିଶେଷଙ୍କୁ ଉତ୍ସାହିତ କରିବ ବୋଲି ଆଶା ଥିବା ଶର୍ମା କହିଛନ୍ତି। ଅଂଶୀଦାରଙ୍କ ସମର୍ଥନ ବିନା ଏହି ଯାତ୍ରା ସମ୍ଭବ ହୋଇ ନ ଥାନ୍ତା, ଏଥିଲାଗି ସମସ୍ତଙ୍କ ନିକଟରେ କୃତଜ୍ଞ। ପେଟିଏମ୍‌କୁ ଭାରତରେ ସୂଚୀଭୁକ୍ତ କରାଇ ସେ କୌଣସି ଅନୁଶୋଚନା ରଖିନାହାନ୍ତି। ଦିନକରେ କୌଣସି ବାଣିଜ୍ୟର ଭବିଷ୍ୟତ ନିର୍ଦ୍ଧାରଣ ହୋଇ ନ ଥାଏ। ଏକ ନୂଆ ବିଜ୍‌ନେସ ମଡେଲ ହୋଇଥିବାରୁ ଏହାକୁ ବୁଝିବାକୁ ସମୟ ଲାଗି ବୋଲି ସେ ମତ ରଖିଛନ୍ତି।

### ଶିକ୍ଷକଙ୍କ ପୁଅରୁ ବିଲିୟନେୟାର ଯାତ୍ରା

ତେବେ ପେଟିଏମ୍‌ର ଯାତ୍ରାର କାହାଣୀ ବେଶ୍ ରୋଚକ। ୨୦୦୦ ମସିହାରେ ପେଟିଏମ୍‌ର ମୂଳ କମ୍ପାନୀ ୱାନ୍ ୯୭ କମ୍ୟୁନିକେଶନକୁ ସ୍ଥାପନ କରାଯାଇଥିଲା। ଉଭୟ ଗ୍ରାହକ ଏବଂ ବ୍ୟବସାୟୀଙ୍କ ଲାଗି ଏହା ଏକ ଡିଜିଟାଲ ଇକୋସିଷ୍ଟମ ପ୍ରଦାନ କରିବାରେ ଧ୍ୟାନ କେନ୍ଦ୍ରିତ କରିଥିଲା। ପେମେଣ୍ଟ ଏବଂ ଫାଇନାନ୍ସିଆଲ ସର୍ଭିସ ଭଳି ବିଭିନ୍ନ ସେବା ଏହା ଲୋକଙ୍କୁ ପ୍ରଦାନ କରିଆସୁଛି। ପେଟିଏମ୍‌କୁ ସଫଳତା ଦେବାରେ ସବୁ ଶ୍ରେୟ ବିଜୟ ଶେଖର ଶର୍ମାଙ୍କୁ ଯାଏ। ଜଣେ ଶିକ୍ଷକଙ୍କ ପୁଅରୁ ସେ ବିଲିୟନେୟାର ହୋଇପାରିଛନ୍ତି। ଫୋର୍ବସ ରିପୋର୍ଟ ମୁତାବକ ତାଙ୍କ ନେଟ୍‌ୱର୍ଥ ବା ସମ୍ପତ୍ତି ମୂଲ୍ୟ ପ୍ରାୟ ୨.୪ ବିଲିୟନ ଡଲାର ହେବ। ପେଟିଏମ୍ ଆଇପିଓ ଦେଶର ଅନ୍ୟ ୧୦୦ ବ୍ୟକ୍ତିବିଶେଷଙ୍କ ମିଲିୟନେୟାର ବନାଇ ଦେଇଛି। ଏହି କମ୍ପାନୀ ଏବେ ଯାଏ ଲାଭଜନକ ସ୍ଥିତିକୁ ଆସିନାହିଁ। ଜୁନ୍ ତ୍ରୈମାସରେ ଏହାର କ୍ଷତି ୩୮୨ କୋଟି ଟଙ୍କା ରହିଥିଲା। କମ୍ପାନୀକୁ ଯେତେବେଳେ ଅଧିକ ନିବେଶର ଆବଶ୍ୟକତା ପଡ଼ିବନି ସେତେବେଳେ ଏହା ଲାଭଜନକ ସ୍ଥିତିକୁ ଫେରିବ ବୋଲି ଶର୍ମା କହିଛନ୍ତି।

## ଜୟପୁରରେ ଭୋଲ୍ଟାସ୍‌ର ବ୍ରାଣ୍ଡ୍ ଷ୍ଟୋର




**ଜୟପୁର ୧୮।୧୧**

ଭୋଲ୍ଟାସ ପକ୍ଷରୁ ଜୟପୁରରେ ନୂଆ ବ୍ରାଣ୍ଡ୍ ଷ୍ଟୋର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଏମ୍‌ଜି ରୋଡ୍ ସ୍ଥିତ ହୋମ୍ ଡେକୋରଠାରେ ଷ୍ଟୋରଟି ଅବସ୍ଥିତ। ଏହା ରାଜ୍ୟରେ ୮ମ ବ୍ରାଣ୍ଡ୍ ଷ୍ଟୋର ହୋଇଥିବା ବେଳେ ଉକ୍ତ ସହରର ପ୍ରଥମ। ଭୋଲ୍ଟାସ ସାରା ଦେଶରେ ୧୭୦ ଏକ୍ସକ୍ଲୁସିଭ ବ୍ରାଣ୍ଡ ଷ୍ଟୋର ଦ୍ୱାରା ଲୋକଙ୍କୁ ସେବା ଯୋଗାଇ ଦେଉଛି। ଏଠାରେ ଲୋକମାନଙ୍କ ପାଇଁ ଭୋଲ୍ଟାସ ଏବଂ ଭୋଲ୍ଟାସ ବେକୋର ପ୍ରଡକ୍ଟ ପ୍ରଦର୍ଶନ ସହ ବିକ୍ରି କରାଯାଉଛି। ଗ୍ରାହକ ନୂଆ ଷ୍ଟୋରରେ ଏୟାର କଣ୍ଡିସନର, ଏୟାର ପ୍ୟୁରିଫାୟର, ଏୟାର କୁଲର, କମର୍ସିଆଲ ରେଫ୍ରିଜରେଟର, ୱାଟର ଡିସ୍‌ପେନଶନ, ୱାଟର କୁଲର, ରେଫ୍ରିଜରେଟର, ୱାଶିଂମେଶିନ, ମାଇକ୍ରୋୱେଭ ଏବଂ ଡିସ୍‌ୱାଶର ଭଳି ସାମଗ୍ରୀ ଲାଭ କରିପାରିବେ। ଜୟପୁର ଏବଂ ଏହାର ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ଥିବା ଗ୍ରାହକଙ୍କ ଚାହିଦା ପୂରଣ ଦିଗରେ ଷ୍ଟୋରଟି ସହାୟକ ହୋଇପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ନୂଆ ଷ୍ଟୋର ଶୁଭାରମ୍ଭ ଅବସରରେ ଭୋଲ୍ଟାସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପ୍ରଦୀପ ବକ୍ସି କହିଛନ୍ତି, ନୂଆ ଷ୍ଟୋର ଶୁଭାରମ୍ଭ କରି ଅତ୍ୟନ୍ତ ଖୁସି। ଗ୍ରାହକଙ୍କୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଦୈନନ୍ଦିନ ଜୀବନରେ ଆବଶ୍ୟକ ହେଉଥିବା ଅତ୍ୟାଧୁନିକ ଟେକ୍ନୋଲୋଜି ପ୍ରଡକ୍ଟ ଯୋଗାଣ ଦିଗରେ ଉଦ୍ୟମ ଜାରି ରହିଛି।

# ବଜାରରେ ନୂଆ ସ୍କୋଡା ସ୍ଲାଭିଆ

**ଭୁବନେଶ୍ୱର,୧୮।୧୧:** ସ୍କୋଡା ଅଟୋ ଇଣ୍ଡିଆ ନୂଆ ସ୍ଲାଭିଆ ମଡେଲର ଶୁଭାରମ୍ଭ କରିଛି। ଏହା ସହ ଇଣ୍ଡିଆ ୨.୦ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟ ଉନ୍ମୋଚନ କରାଯାଇଛି। ଯାନଟିକୁ ଟ୍ରିନିଟି ସ୍କୋଡାଠାରେ ଭର୍ଚୁଆଲ ଭାବେ ଉନ୍ମୋଚନ କରାଯାଇଥିଲା। ନୂଆ ସେଡାନ୍ ଭାରତ ବଜାରକୁ ରଖି ପ୍ରସ୍ତୁତ କରାଯାଇଛି। ସ୍ଲାଭିଆର ନିର୍ମାଣ ପ୍ରକ୍ରିୟାରେ ଲୋକାଲାଇଜେଶନ ସ୍ତର ୯୫% ପର୍ଯ୍ୟନ୍ତ ରହିଛି। ଏହି ସେଡାନଟି ଏମ୍‌କ୍ୟୁବି-ଏଓ-ଇନ୍ ପ୍ଲାଟ୍‌ଫର୍ମ ଉପରେ ଆଧାରିତ। ଏକ ଏମ୍‌କ୍ୟୁବି ଭାରିଆଣ୍ଟ ଯାହାକୁ ସ୍କୋଡା ଅଟୋ ଦ୍ୱାରା ବିଶେଷ ଭାବେ ଭାରତରେ ଗ୍ରହଣ କରାଯାଇଛି। ଏଥିରେ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଆଡଭାନ୍ସଡ୍ ଇନ୍‌ଫୋଟେନମେଣ୍ଟ ସିଷ୍ଟମ ରହିଛି। ସ୍କୋଡା ପରି ଏଥିରେ ମଧ୍ୟ ଇମୋଟିଭ୍ ଡିଜାଇନକୁ ଅନ୍ତର୍ଭୁକ୍ତ କରାଯାଇଛି। ଏ ସମ୍ପର୍କରେ ସ୍କୋଡା ଅଟୋର ସିଇଓ, ଥୋମାସ ସାଫର କହିଛନ୍ତି, ନୂଆ ସ୍ଲାଭିଆ ସହିତ ଆମେ ଇଣ୍ଡିଆ ୨.୦ ଉତ୍ପାଦ ଅଭିଯାନର ପରବର୍ତ୍ତୀ ପର୍ଯ୍ୟାୟକୁ ତ୍ୱରାନ୍ୱିତ କରୁଛୁ।




## ସିଡ୍‌ବି ସ୍ୱାବଲମ୍ବନ ଫଣ୍ଡର ଦ୍ୱିତୀୟ ପର୍ଯ୍ୟାୟ ଘୋଷଣା

**ନୂଆଦିଲ୍ଲୀ,୧୮।୧୧:** ସ୍ମଲ୍ ଇଣ୍ଡଷ୍ଟ୍ରିଜ ଡେଭଲପମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିଡ୍‌ବି) ପକ୍ଷରୁ ସ୍ୱାବଲମ୍ବନ ଚ୍ୟାଲେଞ୍ଜ ଫଣ୍ଡର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ କରାଯାଇଛି। ବିକାଶ କ୍ଷେତ୍ରରେ ରହୁଥିବା ତାରତମ୍ୟ ଦୂରୀକରଣ କରିବାକୁ ଲକ୍ଷ୍ୟ ରଖିଥିବା ଅଣ ଲାଭଦାୟକ ସଙ୍ଗଠନ, ଶିକ୍ଷାନୁଷ୍ଠାନ ଏବଂ ସାମାଜିକ ଉଦ୍ୟୋଗ ଆଦିକୁ ସହାୟତା ଯୋଗାଣ ଦିଗରେ ଏହି ଫଣ୍ଡ ସହାୟକ ହୋଇପାରିବ। ଜଳବାୟୁ ପରିବର୍ତ୍ତନ ଚ୍ୟାଲେଞ୍ଜକୁ ଦୃଷ୍ଟିଦେଇ ସମ୍ପୂର୍ଣ୍ଣ ନୂତନ ପ୍ରକଳ୍ପଗୁଡ଼ିକ ଉପରେ ଏହା କାର୍ଯ୍ୟ କରିବ। ଅନ୍ୟ ପ୍ରମୁଖ ଦିଗଗୁଡ଼ିକ ମଧ୍ୟରେ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ, ଆର୍ଥିକ ଅନ୍ତର୍ଭୁକ୍ତି, ଆର୍ଥିକ ସେବା ପହଞ୍ଚ ଏବଂ ଔଦ୍ୟୋଗିକତା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଆଦି ଅନ୍ତର୍ଭୁକ୍ତ ରହିଛି।


## CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
**ମୁଦ୍ରା ଫାଇନାନ୍ସ**
9953557897 / 9432985505
Whatsapp : 9953557897

**BALAJI FINANCE**
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ ରୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**କେମିତି ମଦ ଛାଡିବେ**
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ଼, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାକ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ଫୁରସତ୍**

# ଯମଜ ସନ୍ତାନର ଜନନୀ ପ୍ରୀତି



**ମୁମ୍ବାଇ:** ୪୬ ବର୍ଷରେ ମା' ହୋଇଛନ୍ତି ବଲିଉଡ୍‌ର ଡିମ୍ପଲ ଗର୍ଲ ପ୍ରୀତି ଜିଣ୍ଟା। ତାଙ୍କର ଯମଜ ସନ୍ତାନ ହୋଇଛି। ଏହି ଖୁସି ଖବରକୁ ପ୍ରୀତି ସୋସିଆଲ ମିଡିଆରେ ଜଣାଇଛନ୍ତି। ତେବେ ସରୋଗେସୀ ଜରିଆରେ ପ୍ରୀତିଙ୍କ ସନ୍ତାନ ହୋଇଛି। ସେ ଉଭୟଙ୍କ ନାମ ଜୟ ଜିଣ୍ଟା ଗୁଡ୍‌ଏନଫ୍ ଏବଂ ଜିୟା ଜିଣ୍ଟା ଗୁଡ୍‌ଏନଫ୍ ରଖିଛନ୍ତି। ୨୦୧୬ରେ ଆମେରିକୀୟ ପ୍ରେମିକ ଜିନ୍ ଗୁଡ୍‌ଏନଫଙ୍କୁ ସେ ବିବାହ କରିଥିଲେ। ପ୍ରୀତି ତାଙ୍କ ଟୁଇଟର ଆକାଉଣ୍ଟରେ ଲେଖିଛନ୍ତି, ଆଜି ଆପଣ ସମସ୍ତଙ୍କ ସହ ଏକ ଖୁସି ଖବର ବାଣ୍ଟିବାକୁ ଚାହୁଁଥିଲି। ଜିନ୍ ଆଉ ମୁଁ ବହୁତ ଖୁସି ଅଛୁ। ଆମେ ନିଜର ଯମଜ ସନ୍ତାନ ଜୟ ଜିଣ୍ଟା ଗୁଡ୍‌ଏନଫ୍ ଏବଂ ଜିୟା ଜିଣ୍ଟା ଗୁଡ୍‌ଏନଫ୍‌ଙ୍କୁ ସ୍ୱାଗତ କରୁଛୁ। ଜୀବନର ଏହି ସୋପାନକୁ ନେଇ ବହୁତ ଉତ୍ସାହିତ ଅଛୁ। ଏହି ଅବିଶ୍ୱସନୀୟ ଯାତ୍ରାରେ ଆମ ସହ ଥିବା ଡାକ୍ତର, ନର୍ସ ଏବଂ ଆମ ସରୋଗେଟ୍‌ଙ୍କୁ ହୃଦୟରୁ ଧନ୍ୟବାଦ। ବହୁତ ଭଲପାଇବା-ଜିନ୍, ପ୍ରୀତି, ଜୟ ଏବଂ ଜିୟା। ପ୍ରୀତିଙ୍କ ଏହି ପୋଷ୍ଟ ପରେ ତାଙ୍କୁ ପ୍ରଶଂସକ ଏବଂ ବଲିଉଡ୍ କଳାକାରମାନେ ଶୁଭେଚ୍ଛା ଜଣାଇଛନ୍ତି।

# ସମୟର ଆହ୍ୱାନ ଲିଙ୍ଗଗତ ସମାନତା




ସମସ୍ତଙ୍କ ଜୀବନରେ କିଛି ନା କିଛି ସମସ୍ୟା ଆସିବା ସ୍ୱାଭାବିକ। ଆଉ ସମସ୍ୟା ସମାଧାନର ପଥ ଖୋଜିବା ବି ଗୁରୁତ୍ୱପୂର୍ଣ୍ଣ। ପୁରୁଷମାନଙ୍କ କ୍ଷେତ୍ରରେ ସମାଜରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ସଚେତନତା ଲାଗି ପ୍ରତିବର୍ଷ ନଭେମ୍ବର ୧୯ରେ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳିତ ହୋଇଆସୁଛି। ସମାଜ, ଦେଶ ଏବଂ ପୃଥିବୀର ବିକାଶରେ ଲିଙ୍ଗଗତ ସମାନତା ଜରୁରୀ ବୋଲି ଏହି ଦିବସ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ।

ପୁରୁଷଙ୍କ ସାଂସ୍କୃତିକ, ରାଜନୈତିକ ଏବଂ ସାମାଜିକ ଆର୍ଥିକ ସମସ୍ୟାକୁ ଚିହ୍ନଟ କରି ଏହାର ନିରାକରଣ କରିବା ଅନ୍ତର୍ଜାତୀୟ ପୁରୁଷ ଦିବସର ମୁଖ୍ୟ ଲକ୍ଷ୍ୟ।

ମୌଳିକ ମାନବିକ ମୂଲ୍ୟବୋଧକୁ ପ୍ରୋତ୍ସାହନ ସହିତ ପୁରୁଷଙ୍କ ସଚେତନତା। ସମସ୍ୟା ପ୍ରତି ସୃଷ୍ଟିଲାଗି ୧୯୯୨ ଫେବୃୟାରୀ ୭ରେ ଥୋମାସ ଓଷ୍ଟରଙ୍କ ଦ୍ୱାରା ଏହି ଦିବସ ଆରମ୍ଭ କରାଯାଇଥିଲା। ଏହାର ଏକ ବର୍ଷ ପୂର୍ବରୁ ୧୯୯୧ ଫେବୃୟାରୀ ୮ରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତେବେ ୨୦୦୯ରେ ଏହି ଦିନଟିକୁ ନଭେମ୍ବର ୧୯ରେ ପାଳନ ଲାଗି ଘୋଷଣା କରାଯାଇଥିଲା। ଅନ୍ତର୍ଜାତୀୟ ପୁରୁଷ ଦିବସରେ ଲିଙ୍ଗଗତ ସମାନତା ପାଇଁ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥାଏ। ମାତ୍ର ମିଳିତ ଜାତିସଂଘ ପକ୍ଷରୁ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ ପାଇଁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ପ୍ରଦାନ କରାଯାଇ ନାହିଁ।

## ହେମା ମାଳିନୀ 'ଇଣ୍ଡିଆନ ପର୍ସନାଲିଟି ଅଫ୍ ଦି ଇଅର'



**ନୂଆଦିଲ୍ଲୀ:** ଅଭିନେତ୍ରୀ ହେମା ମାଳିନୀ ଏବଂ ସିବିଏଫ୍‌ସି ଅଧ୍ୟକ୍ଷ ପ୍ରସନ ଜୋଷୀଙ୍କୁ 'ଇଣ୍ଡିଆନ ପର୍ସନାଲିଟିଜ୍ ଅଫ୍ ଦି ଇଅର' ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ୨୦ ତାରିଖରୁ ଗୋଆରେ ଆରମ୍ଭ ହେବାକୁ ଥିବା ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆରେ ଉଭୟଙ୍କୁ ପୁରସ୍କୃତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଗୁରୁବାର ଘୋଷଣା କରିଛନ୍ତି। ଦୀର୍ଘବର୍ଷ ଧରି ଭାରତୀୟ ସିନେମାକୁ ହେମା ମାଳିନୀ ଏବଂ ପ୍ରସନ ଜୋଷୀଙ୍କ ଅନେକ ଅବଦାନ ରହିଥିବା ଠାକୁର କହିଛନ୍ତି।

# ସ୍ୱାସ୍ଥ୍ୟ ପାଇଁ ପରିମଳ

**ବିଶ୍ୱ ଶୌଚାଳୟ ଦିବସ**



ସୁସ୍ୱାସ୍ଥ୍ୟ ପାଇଁ ପରିଷ୍କାର ପରିଚ୍ଛନ୍ନତା ଅପରିହାର୍ଯ୍ୟ। ବାହାରେ ଶୌଚ ହେବା ଦ୍ୱାରା ସଂକ୍ରମିତ ରୋଗ ବ୍ୟାପିବାର ଆଶଙ୍କା ରହିଥାଏ। ତେଣୁ ଲୋକଙ୍କୁ ଶୌଚାଳୟ ବ୍ୟବହାର କରିବା ସମ୍ପର୍କରେ ସଚେତନ କରାଇବା ଲାଗି ପ୍ରତିବର୍ଷ ନଭେମ୍ବର ୧୯ରେ ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଇଥାଏ। ୨୦୦୧ ନଭେମ୍ବର ୧୯ରେ ପ୍ରଥମେ ସିଙ୍ଗାପୁରର ଏକ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା। ପରେ ଜାତିସଂଘ ପକ୍ଷରୁ ୨୦୧୨ ନଭେମ୍ବର ୧୯ରେ ଏହି ଦିବସ ପାଳନ ଲାଗି ସ୍ୱୀକୃତି ମିଳିଥିଲା। ଏବେ ବି ପୃଥିବୀରେ ପ୍ରାୟ ୪.୨ ବିଲିୟନ ଲୋକ ବିନା ପରିମଳ ବ୍ୟବସ୍ଥାରେ ବାସ କରୁଛନ୍ତି। ସେଥିମଧ୍ୟରୁ ୬୭୩ ନିୟୁତ ଲୋକ ବାହାରେ ମଳତ୍ୟାଗ କରିଥାନ୍ତି। ଏହାକୁ ରୋକିବା ଲାଗି ୨୦୨୦ରେ ଜାତିସଂଘ ପକ୍ଷରୁ ସ୍ଥାୟୀ ବିକାଶ ଲକ୍ଷ୍ୟ ରିପୋର୍ଟ ପ୍ରକାଶିତ ହୋଇଥିଲା। ୨୦୩୦ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ ମହେନ୍ଦ୍ର ଦାସ୍
ଦୋଳମଣ୍ଡପ ସାହି, ପୁରୀ
ଆବିର୍ଭାବ: ୦୩।୦୩।୧୯୫୩
ତିରୋଧାନ:୧୦।୧୧।୨୦୨୧
ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୨୨୩୧୪

**ପଞ୍ଚମ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଇଂ. ଶିଳାଦିତ୍ୟ ପଟ୍ଟନାୟକ
ଆବିର୍ଭାବ: ଆଶ୍ୱିନ ଶୁକ୍ଳପକ୍ଷ, ଏକାଦଶୀ- ୨୩।୧୦।୧୯୮୪
ତିରୋଧାନ: କାର୍ତ୍ତିକ ପୂର୍ଣ୍ଣିମା ୧୪।୧୧।୨୦୧୬
ଆଜିକୁ ପାଞ୍ଚବର୍ଷ ତଳେ ଏହି ପୁଣ୍ୟ ତିଥିରେ ତୁ ଆମ୍ଭ ସମସ୍ତଙ୍କୁ ଶୋକସାଗରରେ ବୁଡ଼ାଇ ଚିରଦିନ ପାଇଁ ପରମାରାଧ୍ୟଙ୍କ ଆଶ୍ରିତ ହୋଇଗଲୁ। ତୋର ସ୍ଥାନ ଆମ୍ଭ ପରିବାର ପାଇଁ ଅପୂରଣୀୟ। ତୋର ଅଧ୍ୟବସାୟ, କର୍ମନିଷ୍ଠା, ସ୍ନେହ ପ୍ରବଣତା ଆମ୍ଭ ସମସ୍ତଙ୍କ ପାଇଁ ଜ୍ୱଳନ୍ତ ଉଦାହରଣ ହୋଇ ରହିଗଲା। ପରମେଶ୍ୱର ପରିବାରର ସମସ୍ତଙ୍କୁ ତୋର ଆଦର୍ଶରେ ଅନୁପ୍ରାଣିତ କରନ୍ତୁ, ଏତିକି ମାତ୍ର ପ୍ରାର୍ଥନା।
ପରିବାର ଏବଂ ଆତ୍ମୀୟସ୍ୱଜନ ବୃନ୍ଦ।
ଧ-୨୨୨୬୮

WE MISS YOU
KUNU



(04.06.2013 ~ 14.11.2016)
A day spent away from you is as good as a day not worth being alive ...
We Miss You Kunu
With Loving Memory
Felu & Family
Nikirai, Kendrapara
ଧ-୭୧୯୦୬

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱ ପ୍ରଫେସର (ଡଃ)କସ୍ତୁରୀ ଦାସ
ରାଜାବଗିଚା, କଟକ
ଆବିର୍ଭାବ : ୦୪.୦୬.୧୯୪୩ / ତିରୋଧାନ : ୧୩.୧୧.୨୦୧୯
ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ : ୧୯.୧୧.୨୦୨୧
ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କର ସ୍ମୃତି ହୋଇ ରହିବ। ଆଜିର ଏହି ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲକ୍ଷ୍ମୀ ନାରାୟଣ ଦେବଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ-ବିମଳ କିଶୋର ମହାପାତ୍ର (ଫୁଲୁ), ପୁତ୍ର-ବାବୁଲ, ପାପୁଲ, ପୁତ୍ରବଧୂ-ଇଭା, ରଚିତା, ନାତୁଣୀ-ଡଲ୍, ମିତୁଲ୍, ନାତି-ଭିଆନ୍ ଓ ବନ୍ଧୁବର୍ଗ।
ସହଯୋଗୀ ଓ କର୍ମଚାରୀ ବୃନ୍ଦ
ଉତ୍କଳ ବିଲ୍ଡର୍ସ ଲିମିଟେଡ,
ଡ୍ରିମଲାଇଟ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ
କ୍ୱାଲିଟି ପେପର ମିଲସ ପ୍ରାଇଭେଟ ଲିମିଟେଡ
ଲକ୍ଷ୍ମୀନାରାୟଣ ଚାରିଟେବୁଲ ଟ୍ରଷ୍ଟ ଓ ଫୁଲୁ ଏବଂ ବୁଲୁ ଫାଉଣ୍ଡେସନ ପବ୍ଲିକ ଚାରିଟେବୁଲର ସଦସ୍ୟାବୃନ୍ଦ
ଧ-୨୨୩୦୭

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ ରତ୍ନାକର ପଣ୍ଡା
ଖଣ୍ଡଗିରିବାରି, ଭୁବନେଶ୍ୱର
ଆବିର୍ଭାବ: ୨୧।୦୫।୧୯୩୭
ତିରୋଧାନ: ୧୦।୧୧।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:-
ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ।
ଧ-୨୨୩୧୫

**ସଂକ୍ଷେପରେ**

## ଜ୍ୟୋତିଙ୍କୁ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ

**ଢାକା, ୧୮।୧୧ (ପି.ଟି.):** ବିଶ୍ୱ ଚାମ୍ପିୟନଶିପ୍‌ରେ ତ୍ରିପଲ ରୌପ୍ୟ ପଦକ ବିଜୟିନୀ ଜ୍ୟୋତି ସୁରେଖା ଭେନମ ଦୁଇଥର ଶକ୍ତିଶାଳୀ କୋରିଆ ଚ୍ୟାଲେଞ୍ଜକୁ ଅତିକ୍ରମ କରି ଏଠାରେ ଚାଲିଥିବା ଏସିଆନ ଆର୍ଚେରୀ ଚାମ୍ପିୟନଶିପ୍‌ର ମହିଳା ବ୍ୟକ୍ତିଗତ କମ୍ପାଉଣ୍ଡ ବିଭାଗରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଗତ ସେପ୍ଟେମ୍ବରରେ ୟାଙ୍କଟନ ୱାର୍ଲ୍ଡରେ ତିନୋଟି ସ୍ୱର୍ଣ୍ଣ ଜିତିଥିବା ଜ୍ୟୋତି ସେମିଫାଇନାଲରେ ୨୦୧୫ ବିଶ୍ୱ ଚାମ୍ପିୟନ କିମ୍ ୟୁନ୍‌ହିଙ୍କୁ ୧୪୮-୧୪୩ରେ ହରାଇ ଦେଇଥିଲେ। ପରେ ସେ ଫାଇନାଲରେ ଓ’ ୟୁହ୍ୟୁନ୍‌ଙ୍କୁ ଏକ ପଏଣ୍ଟ (୧୪୬-୧୪୫) ବ୍ୟବଧାନରେ ପରାସ୍ତ କରିଥିଲେ। କମ୍ପାଉଣ୍ଡ ମିକ୍ସଡ ଇଭେଣ୍ଟରେ ଜ୍ୟୋତି ଓ ତାଙ୍କ ଟିମ୍‌ମେଟ୍ ରିଷଭ ଯାଦବ ଫାଇନାଲରେ ଟପ୍ ସିଡ୍ କୋରିଆ ଟିମ୍‌ଠାରୁ ପରାଜିତ ହୋଇ ବ୍ରୋଞ୍ଜ ଜିତିଥିଲେ। ୧୯ ବର୍ଷୀୟ ଯାଦବଙ୍କର ମଧ ଏହା ହେଉଛି ଦ୍ୱିତୀୟ ପଦକ। ବୁଧବାର ସେ ଅଭିଷେକ ବର୍ମା ଓ ଅମନ ସଇନିଙ୍କୁ ସାଥୀ କରି ବ୍ରୋଞ୍ଜ ପଦକ ଲାଭ କରିଥିଲେ।

## ମୁଗୁରୁଜାଙ୍କୁ ଟାଇଟଲ

**ଗୁଆଡାଲାଜରା (ମେକ୍ସିକୋ), ୧୮।୧୧:** ବର୍ଷ ଶେଷର ସବୁଠାରୁ ବଡ଼ ହାଇପ୍ରୋଫାଇଲ ମହିଳା ଟେନିସ ଟୁର୍ନାମେଣ୍ଟ ଡବ୍ଲ୍ୟୁଟିଏ ଫାଇନାଲ୍ସରେ ସ୍ପେନ୍‌ର ଗାର୍ବାଇନ ମୁଗୁରୁଜା ଚାମ୍ପିୟନ ହେବାର ଗୌରବ ଅଜର୍ନ କରିଛନ୍ତି। ୨୮ ବର୍ଷୀୟା ମୁଗୁରୁଜା ବୁଧବାର ଅନୁଷ୍ଠିତ ସିଙ୍ଗଲ୍ସ ଫାଇନାଲ ମୁକାବିଲାରେ ଇସ୍ତୋନିଆର ଆନେଟ କୋଣ୍ଟାଭେଟ୍‌ଙ୍କୁ ୬-୩, ୭-୫ ସେଟ୍‌ରେ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। କ୍ୟାରିୟରରେ ପ୍ରଥମଥର ପାଇଁ ମୁଗୁରୁଜା ଡବ୍ଲ୍ୟୁଟିଏ ଫାଇନାଲ୍ସରେ ଟାଇଟଲ ଜିତିଛନ୍ତି। ଏଥିସହ ଏହି ଟୁର୍ନାମେଣ୍ଟରେ ସେ ମୋଟ ୧୪ଟି ବିଜୟ ହାସଲ କରିଥିବା ବେଳେ ୨ଟି ପରାଜୟ ବରଣ କରିଛନ୍ତି।

## ପ୍ରଣୟ, ଶ୍ରୀକାନ୍ତ, ସିନ୍ଧୁ କ୍ୱାର୍ଟରରେ

**ବାଲି, ୧୮।୧୧ (ପି.ଟି.):** ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପି. ଭି. ସିନ୍ଧୁ, କିଡାମ୍ବି ଶ୍ରୀକାନ୍ତ ଓ ଏଚ୍.ଏସ୍. ପ୍ରଣୟ ଇଣ୍ଡୋନେସିଆ ମାଷ୍ଟର୍ସ ସୁପର ୭୫୦ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରବାର ଟୁର୍ନାମେଣ୍ଟର ମୁଖ୍ୟ ଘଟଣା ହେଲା ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଭିକ୍ଟର ଏକ୍ସଲେସେନ୍‌ଙ୍କ ବିପକ୍ଷରେ ପ୍ରଣୟଙ୍କ ୧୪-୨୧, ୨୧-୧୯, ୨୧-୧୬ରେ ବିଜୟ। ପୁରୁଷ ସିଙ୍ଗଲ୍ସର ଏହି ଦ୍ୱିତୀୟ ରାଉଣ୍ଡ ମୁକାବିଲା ୧ ଘଣ୍ଟା ୧୧ମିନିଟ ଧରି ଚାଲିଥିଲା। ମହିଳା ସିଙ୍ଗଲ୍ସରେ ବିଶ୍ୱ ଚାମ୍ପିୟନ ତଥା ଏଠାରେ ତୃତୀୟ ସିଡ୍ ପ୍ରାପ୍ତ ସିନ୍ଧୁ ସ୍ପେନର କ୍ଲାରା ଆଜୁରମେନ୍ଦିଙ୍କ ବିପକ୍ଷରେ ୧୭-୨୧, ୨୧-୭, ୨୧-୧୨ରେ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ବିଶ୍ୱର ପୂର୍ବତନ ନମ୍ବର ୱାନ ଖେଳାଳି ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡରେ ଇଣ୍ଡୋନେସିଆର ଜୋନାଥନ କ୍ରିଷ୍ଟିଙ୍କୁ ୧୩-୨୧, ୨୧-୧୮, ୨୧-୧୫ରେ ପରାସ୍ତ କରିଛନ୍ତି। ଅଣସିଡ ଶ୍ରୀକାନ୍ତ ୨୦୧୭ରେ ଜାକର୍ତ୍ତାରେ ଇଣ୍ଡୋନେସିଆ ଓପନ ସୁପର ସିରିଜ ପ୍ରିମିୟର ଜିତିଥିଲେ।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**ରାଞ୍ଚି,୧୮।୧୧**

ସ୍ଥାନୀୟ ଝାଡ଼ଖଣ୍ଡ ଷ୍ଟେଟ୍ କ୍ରିକେଟ ଆସୋସିଏଶନ (ଜେଏସ୍‌ସିଏ) ଅନ୍ତର୍ଜାତୀୟ ଷ୍ଟାଡିୟମ କମ୍ପ୍ଲେକ୍ସରେ ଭାରତ ଦ୍ୱିତୀୟ ଟି୨୦ ମୁକାବିଲାରେ ଶୁକ୍ରବାର ଭ୍ରମଣକାରୀ ନ୍ୟୁଜିଲାଣ୍ଡକୁ ଭେଟିବ। ଜୟପୁରରେ ଅନୁଷ୍ଠିତ ପ୍ରଥମ ଟି୨୦ରେ ଭାରତ ୫ ଉଇକେଟରେ ବିଜୟୀ ହୋଇ ୩ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଦ୍ୱିତୀୟ ମ୍ୟାଚ୍ ଜିତି ଭାରତ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ ମଧ ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ପ୍ରଦର୍ଶନ ଆଶାନୁରୂପ ହୋଇପାରି ନ ଥିଲା। ତେଣୁ ଭାରତ ମିଡ୍‌ଲ ଅର୍ଡରକୁ ସୁଧାରିବାକୁ ପ୍ରୟାସ କରିବ। କୋଚ୍

**ଆଜି ଦ୍ୱିତୀୟ ଟି୨୦**



କୋଚ୍ ରାହୁଲ ଦ୍ରାବିଡଙ୍କ ସହ ଅଧିନାୟକ ରୋହିତ ଶର୍ମା।

ରାହୁଲ ଦ୍ରାଭିଡ୍ ଓ ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟର ନୂଆ ଯୁଗ ବିଜୟରୁ ଆରମ୍ଭ ହୋଇଛି। ତେଣୁ ଦ୍ୱିତୀୟ ମ୍ୟାଚ ଜିତି ଭାରତ ସିରିଜ ବିଜୟ ହାସଲ କଲେ ଦ୍ରାଭିଡ୍ ଓ ରୋହିତଙ୍କ ପାଇଁ ଏହା ଏକ ବଡ଼ ଉପଲବ୍ଧି ସାବ୍ୟସ୍ତ ହେବ।

ଟପ୍ ଅର୍ଡରର ଭଲ ପ୍ରଦର୍ଶନ ଓ ବୋଲିଂରେ ନିୟନ୍ତ୍ରଣ ଆଣି ଭାରତ ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ସବୁ ଫର୍ମାଟକୁ ବିଚାର କଲେ ଭାରତ ନ୍ୟୁଜିଲାଣ୍ଡଠାରୁ କ୍ରମାଗତ ୭ଟି ମ୍ୟାଚ୍‌ରେ ପରାସ୍ତ ହେବା ପରେ ବିଜୟ ହାସଲ କରିଥିଲା। ଅନ୍ତିମ ମ୍ୟାଚ୍ ରବିବାର କୋଲକାତାରେ ଖେଳାଯିବ। ଟି୨୦ ନେତୃତ୍ୱରୁ ଓହରି ଯାଇଥିବା ବିରାଟ କୋହଲିଙ୍କୁ ଏହି ସିରିଜରୁ ବିଶ୍ରାମ ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ ସୂର୍ଯ୍ୟକୁମାର ଯାଦବ ମିଳିଥିବା ସୁଯୋଗର ଭରପୂର ଫାଇଦା ଉଠାଇ ୩ ନମ୍ବରରେ ବ୍ୟାଟିଂ କରି ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ୪୦ଟି ବଲର ସମ୍ମୁଖୀନ ହୋଇ ସେ ୬ ଚୌକା ଓ ୩ ଛକା ସହ ୬୨ ରନର ଦ୍ରୁତ ଇନିଂସ ଖେଳିଥିଲେ। ଆରମ୍ଭ ଭଲ ହୋଇଥିଲେ ମଧ ଶ୍ରେୟାସ ଆୟାର ଓ ରିଷଭ ପନ୍ତ ମାନ୍ଦା ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ଦୀର୍ଘ ଦିନ ପରେ ଭାରତ ପାଇଁ ଖେଳିଥିବା ଆୟାରଙ୍କ ବ୍ୟାଟିଂରେ ଆତ୍ମବିଶ୍ୱାସ ଦେଖିବାକୁ ମିଳି ନ ଥଲା। ବଡ଼ ଶଟ୍‌ର ଆବଶ୍ୟକତା ଥିବା ବେଳେ ସେ ଷ୍ଟ୍ରାଇକ ରୋଟେଟ କରିବାରେ ମଧ ସଫଳ ହୋଇପାରି ନ ଥିଲେ। ୮ଟି ବଲ ଖେଳି ସେ ମାତ୍ର ୫ ରନକରି ୧୯ତମ ଓଭରରେ ଟିମ୍ ସୌଦିଙ୍କ ଦ୍ୱାରା ଆଉଟ ହୋଇଥିଲେ। ତେବେ ରନ୍ ରେଟ୍ ଭଲ ଥିବାରୁ ଚେଜ୍ କରିବାର ସେତେଟା ସମସ୍ୟା ସୃଷ୍ଟି ହୋଇ ନ ଥିଲା। ସୂର୍ଯ୍ୟକୁମାର ଖଚାଖଚ୍ ଭରା ଷ୍ଟାଡିୟମରେ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

ଭୁବନେଶ୍ୱର କୁମାର ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ପ୍ରଦର୍ଶନ ଆଶାନୁରୂପ ହୋଇଥିଲା। ଏହି ଦୁଇ ଅଭିଜ୍ଞ ବୋଲର ଠିକ୍ ସ୍ଥାନରେ ବୋଲିଂ କରିଥିଲେ। ତେବେ ଅନଭିଜ୍ଞ ବୋଲରମାନେ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ପାକିସ୍ତାନ ବିପକ୍ଷ ବିଶ୍ୱକପ୍ ଟି୨୦ ମ୍ୟାଚ୍‌ରେ ଭୁବନେଶ୍ୱର ବହୁତ ରନ୍ ବ୍ୟୟ କରିଥିଲେ। ଫଳରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ଅବଶ୍ୟ ସେ କ୍ୟାରିୟରର କଷ୍ଟକର ସମୟ ଦେଇ ଗତି କରୁଛନ୍ତି। ପ୍ରଥମ ମ୍ୟାଚ୍‌ରେ ୩୧ ବର୍ଷୀୟ ଭୁବନେଶ୍ୱର ବଲ୍ ସୁଇଂ କରିବାରେ ସଫଳ ହୋଇଥିଲେ ଓ ଏକ ଭଲ ଇନ୍‌ସୁଇଙ୍ଗରେ ସେ ଡାରିଲ ମିଚେଲଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ କରିଥିଲେ। ସେ ୨୪ ରନ ଦେଇ ୨ଟି ଉଇକେଟ ଅକ୍ତିଆର କରିଥିଲେ। ସେହିପରି ଅଶ୍ୱିନ ୨୩ ରନ ବ୍ୟୟ କରି ଦୁଇ ଉଇକେଟ ନେଇଥିଲେ। ଡେଥ୍ ଓଭରରେ ଭାରତର ବୋଲିଂ ଭଲ ହୋଇଥିଲା। ୩ ଉଇକେଟ ବିନିମୟରେ ଭାରତୀୟ ବୋଲରମାନେ ୪୧ ରନ ବ୍ୟୟ କରିଥିଲେ। ବୋଲରମାନେ ୧୫ରୁ ୨୦ ରନ ବଞ୍ଚାଇବାରେ ସଫଳ ହୋଇଥିଲେ। ଏକଦା ନ୍ୟୁଜିଲାଣ୍ଡ ୧୮୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିବ ବୋଲି ଆଶା କରାଯାଉଥିଲା। ବିଜୟ ହାସଲ କରିଥିବାରୁ ରୋହିତ ବ୍ୟାଟିଂ କ୍ରମରେ ଓ ଦଳରେ କୌଣସି ପରିବର୍ତ୍ତନ କରିବେ ନାହିଁ ବୋଲି ଆଶା କରାଯାଉଛି। ଅନ୍ତିମ ଓଭରରେ ଯୁବ ଦ୍ରୁତ ବୋଲର ମହମ୍ମଦ ସିରାଜ ଅଧିକ ରନ୍ ବ୍ୟୟ କରିଥିଲେ।

କାକର ପଡୁଥିବାରୁ ରନ୍ ଚେଜ୍ କରିବାକୁ ଥିବା ଦଳ ଫାଇଦାରେ ରହିବ। ତେଣୁ ଟସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। ସିରିଜ ବଞ୍ଚାଇବାକୁ ହେଲେ ନ୍ୟୁଜିଲାଣ୍ଡ କର ବା ମର ସ୍ଥିତିର ସମ୍ମୁଖୀନ ହୋଇଛି। ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସୌଦିଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି। ବୋଲିଂରେ ତ୍ରୁଟି ସୁଧାରି ପାୱାର ପ୍ଲେ’ରେ ରନ ବ୍ୟୟ ରୋକିବାକୁ ନ୍ୟୁଜିଲାଣ୍ଡ ପ୍ରୟାସ କରିବ। ସେହିପରି ଡେଥ୍ ଓଭରରେ ମଧ ଭଲ ହାରରେ ରନ୍ ସଂଗ୍ରହ ଉପରେ ଭ୍ରମଣକାରୀ ଦଳ ଗୁରୁତ୍ୱ ଦେବ।

**ମ୍ୟାଚ୍ ଆରମ୍ଭ: ରାତି ୭ଟା**
**ସ୍ଥାନ: ରାଞ୍ଚି**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**




# ପ୍ରକାଶ ପାଦୁକୋନ୍‌ଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ

**ନୂଆଦିଲ୍ଲୀ, ୧୮।୧୧ (ପି.ଟି.):** ଭାରତର ମହାନ୍ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରକାଶ ପାଦୁକୋନ୍ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍)ଠାରୁ ଚଳିତବର୍ଷର ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପାଇବେ। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ଏହି ପୁରସ୍କାର ପାଇଁ ପ୍ରକାଶଙ୍କ ନାମ ସୁପାରିସ କରିଥିଲା। ଆୱାର୍ଡ କମିଶନଙ୍କ ସୁପାରିଶକୁ ଭିତ୍ତିକରି ବିଡବ୍ଲ୍ୟୁଏଫ୍ କାଉନ୍‌ସିଲ ପୁରସ୍କାର ପାଇଁ ଭାରତୀୟ କିମ୍ବଦନ୍ତୀଙ୍କୁ ଯୋଗ୍ୟ ବିବେଚିତ କରିଥିଲା। ବିଶ୍ୱର ଏହି ପୂର୍ବତନ ନମ୍ବର ୱାନ ଖେଳାଳି ପ୍ରଥମ ଭାରତୀୟ ଭାବେ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି। ଖେଳ ପ୍ରତି ପ୍ରକାଶଙ୍କର ବହୁ ଅବଦାନ ରହିଛି। ୨୦୧୮ରେ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ ) ଦ୍ୱାରା ସେ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ବିଡବ୍ଲ୍ୟୁଏଫ୍ କାଉନ୍‌ସିଲ ଆହୁରି ମଧ ମେରିଟୋରିୟସ୍ ସର୍ଭିସ ଆୱାର୍ଡ ପାଇଁ ହରିୟାଣା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ଦେବେନ୍ଦର ସିଂ, ମହାରାଷ୍ଟ୍ର ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସାଧାରଣ



ସମ୍ପାଦକ ଏସ୍. ଏ. ଶେଟ୍ଟି, ବାଇ ଉପସଭାପତି ତଥା ଟୁର୍ନାମେଣ୍ଟ କମିଟି ଚେୟାରପର୍ସନ ଓ.ଡି. ଶର୍ମା ଏବଂ ବାଇ ଉପସଭାନେତ୍ରୀ ମନିକା ସାହାଙ୍କ ନାମ ସୁପାରିସ କରିଛି। ଉତ୍ତରାଖଣ୍ଡ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାନେତ୍ରୀ ଅଳକାନନ୍ଦା ଆଶୋକ ଓମେପ୍ ଆଣ୍ଡଖ ଜେଣ୍ଡର ଇକ୍ୱିଟି ଆୱାର୍ଡ ପାଇବେ। ଏହି ପରିପ୍ରେକ୍ଷୀରେ ବାଇ ସାଧାରଣ ସମ୍ପାଦକ ଅଜୟ ସିଂଘାଣିଆ କହିଛନ୍ତି, ଭାରତୀୟ ବ୍ୟାଡ୍‌ମିଣ୍ଟନ ବର୍ତ୍ତମାନ ଯେଉଁଠାରେ ପହଞ୍ଚିଛି ତା’ ପଛରେ ପ୍ରକାଶଙ୍କ ଯଥେଷ୍ଟ ଅବଦାନ ରହିଛି। ବ୍ୟାଡ୍‌ମିଣ୍ଟନ ପ୍ରତି ନିରବଚ୍ଛିନ୍ନ ସହାୟତା କରି ଆସୁଥିବା ସନରାଇଜ୍ ସ୍ପୋର୍ଟ (ଇଣ୍ଡିଆ) ଲିମିଟେଡ ଓ ଇଣ୍ଡିଆନ ଅଏଲ୍ କର୍ପୋରେଶନ ଲିମିଟେଡ୍‌କୁ କମେଣ୍ଡେଶନ ସାର୍ଟିଫିକେଟ ପ୍ରଦାନ କରାଯିବ।

# ଚାଇନାରେ ଟେନିସ ଖେଳାଳି ପେଙ୍ଗ୍ ନିଖୋଜ



ପେଙ୍ଗ୍ ଶୁଆଇ

**ତାଇପେ, ୧୮।୧୧ (ଏପି):** ଚାଇନାର ପ୍ରଫେସନାଲ ଟେନିସ ଷ୍ଟାର ପେଙ୍ଗ୍ ଶୁଆଇ ନିଖୋଜ ହୋଇଯାଇଛନ୍ତି। ଜଣେ ପୂର୍ବତନ ସରକାରୀ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ସେ ଯୌନ ନିର୍ଯାତନା ପାଇଥିବା ୨ ସପ୍ତାହ ପୂର୍ବେ ଏହି ଗ୍ରାଣ୍ଡସ୍ଲାମ ଡବଲ୍ସ ଚାମ୍ପିୟନ ଜଣକ ଅଭିଯୋଗ କରିଥିଲେ। ଏହାପରଠାରୁ ତାଙ୍କର ଖୋଜ ଖବର ମିଳୁନାହିଁ। ତାଙ୍କୁ ଖୋଜି ବାହାର କରିବା ପାଇଁ ବିଶ୍ୱର ବିଭିନ୍ନ ଆଡୁ ଚାପ ପଡୁଥିଲେ ମଧ ଚାଇନା କର୍ତ୍ତୃପକ୍ଷ ନୀରବତାକୁ ନେଇ ନାନା କଥା ଶୁଣିବାକୁ ମିଳୁଛି। ଦେଶରେ ଖେଳାଳିମାନଙ୍କ ସୁରକ୍ଷା ନେଇ ଚିନ୍ତା ପ୍ରକଟ କରାଯାଇଛି। ଓମେନ୍ସ ଟେନିସ ଆସୋସିଏଶନ (ଡବ୍ଲ୍ୟୁଟିଏ) ଘଟଣାର ତଦନ୍ତ ଦାବି କରିଛି। ପେଙ୍ଗ ଶୁଆଇଙ୍କ ଅବସ୍ଥିତି ସମ୍ପର୍କରେ ସ୍ପଷ୍ଟ ସୂଚନା ଦିଆ ନ ଗଲେ ଚାଇନାରୁ ଟେନିସ ଟୁର୍ନାମେଣ୍ଟ ପ୍ରତ୍ୟାହାର କରି ନିଆଯିବ ବୋଲି ଧମକ ଦେଇଛି। ନାଓମି ଓସାକ ଓ ନୋଭାକ ଜୋକୋଭିଚ୍‌ଙ୍କ ଭଳି ଖେଳାଳି ଏ ବିଷୟରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨୦୧୮ରେ ଚାଇନାରେ କିଛି ସମୟ ପାଇଁ #ମି ଟୁ ମୁଭମେଣ୍ଟ ଦେଖା ଦେଇଥିଲା। ଏହାକୁ ସେତେବେଳେ ଚପାଇ ଦିଆଯାଇଥିଲା। ଚାଇନାର ମାନବାଧିକାର ରେକର୍ଡ ଭଲ ନ ଥିବାରୁ ଫେବୃୟାରୀରେ ବେଜିଂ ୱିଣ୍ଟର ଅଲିମ୍ପିକ୍ସକୁ ବର୍ଜନ ପାଇଁ ବହୁ ବିଦେଶୀ ରାଜନେତା ଓ ମାନବାଧିକାର କର୍ମୀ ଆହ୍ୱାନ ଦେଇଥିଲେ ସୁଦ୍ଧା ଇଭେଣ୍ଟର ଆୟୋଜନ ହୋଇଥିଲା। ଚାଇନା ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନଙ୍କୁ ପଚରାଯିବାରେ ସେ ଏବିଷୟରେ କିଛି ଜାଣନ୍ତି ନାହିଁ ବୋଲି କହିଛନ୍ତି। ୩୫ ବର୍ଷୀୟା ପେଙ୍ଗ୍ ହେଉଛନ୍ତି ବିଶ୍ୱର ପୂର୍ବତନ ନମ୍ବର ୱାନ ମହିଳା ଡବଲ୍ସ ଖେଳାଳି। ସେ ୨୦୧୩ରେ ୱିମ୍ବେଲଡନ ଏବଂ ୨୦୧୪ ଫ୍ରେଞ୍ଚ ଓପନ୍ ଜିତିଛନ୍ତି। ନଭେମ୍ବର ୨ରେ ସେ ସୋସିଆଲ ମିଡିଆରେ ଏକ ବଡ଼ ଲେଖା ପୋଷ୍ଟ କରିଥିଲେ। ୩ ବର୍ଷ ପୂର୍ବେ ବାରମ୍ବାର ପ୍ରତ୍ୟାଖ୍ୟାନ ସତ୍ତ୍ୱେ ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ତଥା ଶାସକ କମ୍ୟୁନିଷ୍ଟ ପାର୍ଟିର ଜଣେ ବରିଷ୍ଠ ସଦସ୍ୟ ଝାଙ୍ଗ୍ ଗାଓଲି ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ଲାଗି ବାଧ କରିଥିଲେ। ତାଙ୍କର ଏହି ପୋଷ୍ଟଟିକୁ ଚାଇନାର ଅଗ୍ରଣୀ ସୋସିଆଲ ମିଡିଆ ପ୍ଲାଟଫର୍ମ ୱିବୋରୁ ତୁରନ୍ତ ଡିଲିଟ୍ କରି ଦିଆଯାଇଥିଲା। ହେଲେ ତାଙ୍କ ବିସ୍ଫୋରକ ଅଭିଯୋଗର ସ୍କ୍ରିନଶଟ୍ ସମଗ୍ର ଚାଇନାର ଇଣ୍ଟରନେଟ୍‌ରେ ଘୂରିବୁଲିଥିଲା। ଏହାପରଠାରୁ ସର୍ବସାଧାରଣରେ ତାଙ୍କର ଆଉ ଖୋଜଖବର ମିଳୁ ନାହିଁ। ଏଣେ ଡବ୍ଲ୍ୟୁଟିଏ ଚେୟାରମ୍ୟାନ ଓ ସିଇଓ ଷ୍ଟିଭ ସିମନ୍ସ କହିଛନ୍ତି ତାଙ୍କ ପାଇଁ ଉଦ୍ଦିଷ୍ଟ ଇ-ମେଲ୍‌ର ସତ୍ୟତା ଉପରେ ସେ ପ୍ରଶ୍ନ କରିଛନ୍ତି, ଯେଉଁଥିରେ ପେଙ୍ଗ କହିଛନ୍ତି, ସେ ସୁରକ୍ଷିତ ଅଛନ୍ତି। ଯୌନ ନିର୍ଯାତନା ଅଭିଯୋଗର ସତ୍ୟତା ନାହିଁ। ଚାଇନା ସରକାରଙ୍କ ବ୍ରଡ୍‌କାଷ୍ଟର ସିଜିଟିଭିର ଏକ ଅନ୍ତର୍ଜାତୀୟ ଶାଖା ସିଜିଟିନ୍‌ରେ ଗୁରୁବାର ଏହା ପୋଷ୍ଟ କରାଯାଇଛି। ହେଲେ ଏହା ପ୍ରକୃତରେ ପେଙ୍ଗ୍‌ଙ୍କ ଲେଖା କି ନା ସେ ନେଇ ସନ୍ଦେହ ରହିଛି।




# ଦାର୍ଜିଲିଂରେ ପ୍ରଶିକ୍ଷଣ ନେବେ ସୁଦୀପା

**ଯାଜପୁର ଟାଉନ, ୧୮।୧୧ (ଡି.ଏନ.ଏ.)**

ଯାଜପୁର ଟାଉନ ବିବିସରାଇର ଏମ. ସୁଦୀପା ଦାର୍ଜିଲିଂଠାରେ ହେବାକୁ ଥିବା ଜାତୀୟ କିକ୍ ବକ୍ସିଂ ପ୍ରଶିକ୍ଷଣରେ ଯୋଗଦେବେ। ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ସେଠାରେ ହେବାକୁ ଥିବା ଉକ୍ତ ପ୍ରଶିକ୍ଷଣ ଶିବିରରେ ଓଡ଼ିଶା ଦଳ ପାଇଁ ଏମ. ସୁଦୀପା ମନୋନୀତ ହୋଇଛନ୍ତି। ସଞ୍ଜୟ ମହାରଣା ଓ ଟୁଟୁଲ ମିତ୍ରଙ୍କ ଝିଅ




ସୁଦୀପା(ବାମରୁ ଦ୍ୱିତୀୟ)ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସୁଦୀପା ପିଲାବେଳରୁ କିକ୍ ବକ୍ସିଂ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ତାଙ୍କ ସଫଳତାର ଶ୍ରେୟ ସେ ପ୍ରଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଡାକୁଆ ଓ ଭବାନୀ ପ୍ରସାଦ ମିଶ୍ରଙ୍କୁ ଦେଇଛନ୍ତି। ଗୁରୁବାର ଦାର୍ଜିଲିଂ ଗସ୍ତ ପୂର୍ବରୁ ସୁଦୀପାଙ୍କୁ ଯାଜପୁର ସ୍ପୋର୍ଟ୍ସ କିକ୍ ବକ୍ସିଂ ଆସୋସିଏସନ ତରଫରୁ ସଭାପତି ଭବ ପ୍ରସାଦ ଦାସ, କାର୍ଯ୍ୟକାରୀ ସଭାପତି ବଟକୃଷ୍ଣ ମହାପାତ୍ର, ସମ୍ପାଦକ ରଞ୍ଜନ ସୁତାର, ସେ ଅଧ୍ୟୟନ କରୁଥିବା ଚିତାଳୋ କଲେଜ କ୍ରୀଡ଼ା ଶିକ୍ଷକ ଜ୍ୟୋତିର୍ମୟ ନାଥଶର୍ମା ଓ ଲୋକନାଥ ମହାପାତ୍ର ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୧୯/୨୦୨୧ (୮+୮=୧୬ ପୃଷ୍ଠା) Sambalpur, Friday, November 19/2021 

# କେଉଁଠି ଅଛ ନ ଜାଣିଲେ ଶୁଣାଣି ହୋଇପାରିବ ନାହିଁ

**ନୂଆଦିଲ୍ଲୀ, ୧୮।୧୧(ପି.ଟି.)**

ସୁରକ୍ଷା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ମୁମ୍ବାଇର ପୂର୍ବତନ ପୋଲିସ କମିଶନର ପରମବୀର ସିଂ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ତୁମେ କେଉଁଠି ଅଛ ନ ଜାଣିବା ପର୍ଯ୍ୟନ୍ତ ଶୁଣାଣି ହୋଇପାରିବ ନାହିଁ କି ସୁରକ୍ଷା ଦିଆଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେବା ସହ ରହିଥିବା ସ୍ଥାନର ଠିକଣା ଜଣାଇବାକୁ ପରମବୀରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୨୨ ତାରିଖକୁ ଧାର୍ଯ୍ୟ କରାଯାଇଛି।

ପାୱାର ଅଫ୍ ଆଟର୍ନି ଜରିଆରେ ସୁରକ୍ଷା ନିର୍ଦ୍ଦେଶ ଲାଗି ଆବେଦନ କରାଯାଇଛି। ଆବେଦନକାରୀ କେଉଁଠି ଅଛନ୍ତି ତାହା ଜଣାନାହିଁ। ସେ ବିଦେଶରେ ଥାଇ ପାୱାର ଅଫ୍ ଆଟର୍ନି ଜରିଆରେ ଆଇନଗତ ଫାଇଦା ଉଠାଇବାକୁ ଚାହୁଁଥାଇପାରନ୍ତି। ଯଦି ବିଦେଶରେ ଥାଆନ୍ତି ତେବେ ନିଜ ସପକ୍ଷରେ ନିର୍ଦ୍ଦେଶନାମା ଚାହୁଁଥିଲେ ଭାରତ ଫେରିଆସିବାକୁ ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏମ୍.ଏମ୍. ସୁନ୍ଦ୍ରେଶଙ୍କ ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ ବଟି ଆଦାୟ ମାମଲାରେ ଅଭିଯୁକ୍ତ ପରମବୀରଙ୍କୁ ବୁଧବାର ମୁମ୍ବାଇର ଏକ ମାଜିଷ୍ଟ୍ରେଟ୍ କୋର୍ଟ ପଳାତକ ଘୋଷଣା କରିଥିଲେ। ଗତ ମେ'ରୁ ପରମବୀର ଛୁଟିରେ ଯାଇଛନ୍ତି। ସେ କେଉଁଠି ଅଛନ୍ତି ତାହାର ଖବର ମହାରାଷ୍ଟ୍ର ପୋଲିସ ନିକଟରେ ନାହିଁ। ବାରମ୍ବାର ସମନ ସତ୍ତ୍ୱେ ସେ ତଦନ୍ତ ପାଇଁ ହାଜର ନ ହେବାରୁ ତାଙ୍କୁ ପଳାତକ ଘୋଷଣା କରିବା ଲାଗି ମୁମ୍ବାଇ ପୋଲିସର କ୍ରାଇମ୍ ବ୍ରାଞ୍ଚ ପକ୍ଷରୁ ଆବେଦନ କରାଯାଇଥିଲା।

**ପରମବୀର ସିଂଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ**



# ଅଧିକାରୀଙ୍କୁ ଅଧିଗ୍ରହଣ ବୋଝ

- ୩ ରେଳ ପ୍ରକଳ୍ପର ଦୋହରୀକରଣ, ସମ୍ପ୍ରସାରଣକୁ ନେଇ ଚିନ୍ତା
- ସମସ୍ୟାର ସମାଧାନ ପାଇଁ ବାଣିଜ୍ୟ,ପରିବହନ ବିଭାଗର ନିର୍ଦ୍ଦେଶ

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୧୮।୧୧**

ଯାଜପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, କଟକ ଓ ଢେଙ୍କାନାଳ ଜିଲା ଦେଇ ଯାଇଥିବା ୩ ରେଳ ପ୍ରକଳ୍ପର ଦୋହରୀକରଣ ଓ ସମ୍ପ୍ରସାରଣ ପାଇଁ ଜମି ମିଳୁନି। ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଗତ ୧୨ ରୁ ୧୫ ବର୍ଷ ହେଲା ଅତି କମ୍ ଦରମାରେ ଠିକା କର୍ମଚାରୀ ନିଯୁକ୍ତି ଏହାର ପ୍ରମୁଖ କାରଣ ବୋଲି କୁହାଯାଇଛି। ଏହାସହ ଜମି ଅଧିଗ୍ରହଣରେ କ୍ଷତିଗ୍ରସ୍ତଙ୍କୁ ଅତି କମ ଦର ନିର୍ଦ୍ଧାରଣ, କର୍ମଚାରୀ ଅଭାବ ଇତ୍ୟାଦି ପ୍ରକଳ୍ପ ଅଗ୍ରଗତିରେ ପ୍ରତିବନ୍ଧକ ସାଜିଛି ବୋଲି ଗତ ସମୀକ୍ଷା ବୈଠକରେ ମତ ପ୍ରକାଶ ପାଇଛି। ଏହାକୁ ନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଉପରୋକ୍ତ ସ୍ଥାନରେ ଜମି ଅଧିଗ୍ରହଣ ବୋଝ ହୋଇଛି। ଏସବୁ ସମସ୍ୟାର ସମାଧାନ କରିବାକୁ ସମ୍ପୃକ୍ତ ଜିଲାପାଳ ଓ ଜମି ଅଧିଗ୍ରହଣ ଅଧିକାରୀ(ଏଲ୍ଏଓ)ମାନଙ୍କୁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ଉପସଚିବ କଳ୍ପତରୁ ସାମନ୍ତରାୟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି।



ସମୀକ୍ଷା ବୈଠକରେ ପ୍ରଥମେ ତାଳଚେର-ବିମଳାଗଡ଼ ନୂତନ ରେଳ ଲିଙ୍କ୍ ପ୍ରକଳ୍ପ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଏହି ପ୍ରକଳ୍ପ ସୁନ୍ଦରଗଡ଼, ଦେବଗଡ଼ ଓ ଅନୁଗୋଳ ଜିଲାର ମୋଟ ୧୧୫ ଗ୍ରାମର ଜମି ଅଧିଗ୍ରହଣ କରିବାକୁ ନୋଟିସ ହୋଇଛି। ତେବେ ସୁନ୍ଦରଗଡ଼ ଜିଲାର ୨୯ରୁ ୨୩ ଗ୍ରାମରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ସମସ୍ତ ଗ୍ରାମର ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ କରାଯାଇ ରେଳ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ସମ୍ପୃକ୍ତ ଏଲ୍ଏଓ ପ୍ରତିଶ୍ରୁତି ଦେଇଛନ୍ତି। ଦେବଗଡ଼ ଜିଲାର ୧୯ ଗ୍ରାମରୁ ମାତ୍ର ୯ ଗ୍ରାମର ଜମି ପାଇଁ ଅର୍ଥ ମଞ୍ଜୁର ହୋଇସାରିଛି। ଏହି ଜିଲା ପାଇଁ ଜଣେ ଲେଖାଏଁ ଆର୍ଆଇ, ଅମିନ ଓ ଚେନ୍ମ୍ୟାନ୍ ନିଯୁକ୍ତି ଦେବାକୁ ବୈଠକରେ ଧାର୍ଯ୍ୟ ହୋଇଥିଲା। ଅନୁଗୋଳ ଜିଲାର ଧାର୍ଯ୍ୟ ୬୭ ଗ୍ରାମରୁ ୪୮ ଗ୍ରାମର(୦ ରୁ ୬୨.୨ କି.ମି.) ଜମି ରେଳ ବିଭାଗକୁ ହସ୍ତାନ୍ତର ହୋଇସାରିଛି। ଅବଶିଷ୍ଟ ୧୯ ଗ୍ରାମରୁ ୧୫ ଗ୍ରାମର ଜମି ପାଇଁ ମଞ୍ଜୁର ହୋଇଛି। ସେଥିରୁ ପାଳହଡା, ଦେରେଇକେଳା ଓ ବାଲିପୋଷି ଗ୍ରାମର ଜମି ଅଧିଗ୍ରହଣ ପାଇଁ ଅଟକଳ ପ୍ରକ୍ରିୟା ଚାଲିଛି। ଝିମିରିପାଲି ଗ୍ରାମରେ ଏକ ଆଇଓସିଏଲ୍ ପେଟ୍ରୋଲ ପମ୍ପ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଏଯାଏ ଆରମ୍ଭ ହୋଇ ପାରିନାହିଁ। ତେଣୁ ଜମି ଅଧିଗ୍ରହଣ ପାଇଁ ଆଉ ୧୧ କୋଟି ୨୪ ଲକ୍ଷ ୩୮ ହଜାର ୬୦୬ ଟଙ୍କାର ଆବଶ୍ୟକତା ରହିଛି ବୋଲି ସମ୍ପୃକ୍ତ ସ୍ୱତନ୍ତ୍ର ଏଲ୍ଏଓ ପ୍ରସ୍ତାବ ଦେଇଥିଲେ। ଏହାସହ ସନସଦା, ବଡ଼ସଡ଼ା ଓ ବାରକୋଟିଆ ଗ୍ରାମବାସୀ ଅତି କମ୍ ଅର୍ଥ ଦେଉଥିବା ଅଭିଯୋଗ କରି ତାହା ଗ୍ରହଣ କରୁନାହାନ୍ତି। ତେଣୁ ଏହି ପ୍ରକଳ୍ପ ପାଇଁ ୮୪୦.୨୩ ହେକ୍ଟର ଜମି ଚିହ୍ନଟ ହୋଇଥିଲାବେଳେ ସେଥିରୁ ୪୭୯.୪୪ ହେକ୍ଟର ଜମି ଅକ୍ତିଆର ହୋଇଛି।

ସାଲଗାଓଁ-ବୁଢାପଙ୍କ ରେଳ ପ୍ରକଳ୍ପ କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲାର ୯୨ ଗ୍ରାମର ୧୪୮.୩୮ ହେକ୍ଟର ବେସରକାରୀ, ସରକାରୀ ଓ ଜଙ୍ଗଲ ଜମି ଅଧିଗ୍ରହଣ ହେଉଛି। ତେବେ କଟକ ଜିଲାର ସମସ୍ତ ୧୧ଟି ଗ୍ରାମର ଜମି ରେଳ ବିଭାଗକୁ ହସ୍ତାନ୍ତର ହୋଇ ସାରିଛି। ଢେଙ୍କାନାଳ ଜିଲାର ୪୭ ଗ୍ରାମରୁ ମାତ୍ର ୬ ଗ୍ରାମର ଜମି ରେଳ ବିଭାଗକୁ ହସ୍ତାନ୍ତର ହୋଇଛି। ବାକି ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। ଅନୁଗୋଳ ଜିଲାର ୩୪ ଗ୍ରାମର ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସୀମିତ ରହିଛି। ସମ୍ପୃକ୍ତ ଏଲ୍ଏଓ ଅଧିକ କର୍ମଚାରୀ ସହ ଆବଶ୍ୟକ ପାଣ୍ଠି ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

ସୁକିନ୍ଦା-ଅନୁଗୋଳ ନୂତନ ରେଳ ଲିଙ୍କ୍ ପ୍ରକଳ୍ପରେ ଯାଜପୁର, ଢେଙ୍କାନାଳ ଓ ଅନୁଗୋଳ ଜିଲାର ୧୨୭ ଗ୍ରାମର ଜମି ଅଧିଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି। ସେଥିରୁ ଯାଜପୁର ଜିଲାର ୧୭ ସମେତ ଅତିରିକ୍ତ ୪, ଅନୁଗୋଳ ଜିଲାର ୧୦ ଓ ଅତିରିକ୍ତ ୩ ଗ୍ରାମ ଏବଂ ☞ପୃଷ୍ଠା-୬

# ୨୩ରୁ ଯୁକ୍ତ ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆବେଦନ

- ୧୦୨୪ ଡିଗ୍ରୀ କଲେଜରେ ୮୬,୨୩୩ ସିଟ୍ ବଳକା

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ)**

ଯୁକ୍ତ ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରୀଛାତ୍ର ଆସନ୍ତା ୨୩ ତାରିଖ ପୂର୍ବାହ୍ନ ୧୧ଟାରୁ ୨୮ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ। ଡିସେମ୍ବର ୩ ଅପରାହ୍ନ ୨ଟାରେ ନାମଲେଖା ପାଇଁ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ ଓ ଅପରାହ୍ନ ୫ଟାରୁ ୬ ତାରିଖ ମଧ୍ୟରାତ୍ର ମଧ୍ୟରେ ଛାତ୍ରୀଛାତ୍ର ନାମଲେଖା ପାଇଁ ଫି' ଦାଖଲ କରିବେ। ଡିସେମ୍ବର ୪ରୁ ୭ ତାରିଖ ମଧ୍ୟରେ ପ୍ରଥମ ମେଧା ତାଲିକାରେ ଚୟନ ହୋଇଥିବା ଛାତ୍ରୀଛାତ୍ର ନାମ ଲେଖାଇବେ। ସେହିପରି ୧୦ ତାରିଖ ଅପରାହ୍ନ ୨ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ ଓ ୧୩ ତାରିଖ ମଧ୍ୟରେ ନାମଲେଖା ଫି ଦାଖଲ ହେବ। ୧୧ରୁ ୧୪ ତାରିଖ ମଧ୍ୟରେ ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ରିପୋର୍ଟିଂ କରିବେ। ୧୭ ତାରିଖ ଅପରାହ୍ନ ୨ଟାରେ ଖାଲିଥିବା ସିଟ୍ ସମ୍ପର୍କରେ ଚୂଡ଼ାନ୍ତ ☞ପୃଷ୍ଠା-୬

# ସ୍ମାର୍ଟ ହେଲ୍‌ଥ କାର୍ଡରେ ଯୋଡ଼ିହେଲା କେନ୍ଦୁଝର

- ଉପକୃତ ହେବେ ୪.୨ ଲକ୍ଷ ପରିବାର
- ୧,୪୩୩ କୋଟିର ପ୍ରକଳ୍ପ ଶୁଭାରମ୍ଭ
- ୨୦୨୨ ସୁଦ୍ଧା ଜିଲାର ସବୁ ଘରକୁ ପାଣି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର(ବ୍ୟୁରୋ)/କେନ୍ଦୁଝର (ସ୍ୱ.ପ୍ର./ଡି.ଏନ୍.ଏ.), ୧୮।୧୧**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ସ୍ମାର୍ଟ ହେଲ୍‌ଥ କାର୍ଡ ସ୍କିମ୍‌ରେ ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଯୋଡ଼ିହୋଇଛି। କେନ୍ଦୁଝର ଜିଲା ସଂସ୍କୃତି ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାର ଶୁଭାରମ୍ଭ କରିଛନ୍ତି। ସ୍ମାର୍ଟ ହେଲ୍‌ଥ୍ କାର୍ଡ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସାରା ଦେଶକୁ ବାଟ ଦେଖାଇଛି। କେନ୍ଦୁଝର ଜିଲାର ପ୍ରାୟ ୪ ଲକ୍ଷ ୨୦ ହଜାର ପରିବାର ଏହାଦ୍ୱାରା ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲା ପାଇଁ ମୋଟ ୧,୪୩୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ।

କେନ୍ଦୁଝରକୁ ସମୃଦ୍ଧ ଜିଲା ଭାବେ ଗଢ଼ିତୋଳିବା ସରକାରଙ୍କ ଲକ୍ଷ୍ୟ। ୨୦୨୨ ଡିସେମ୍ବର ସୁଦ୍ଧା ଜିଲାର ସବୁ ଗାଁ, ସହର ସମେତ ପ୍ରତି ପରିବାର ପାଖରେ ପାଇପ୍ ପାଣି ପହଞ୍ଚିଛି। ଜନଜାତି ସମ୍ପ୍ରଦାୟର ଲୋକଙ୍କ ରୋଜଗାର ବୃଦ୍ଧି ଲାଗି ରାଜ୍ୟ ସରକାର ୩୬ କୋଟି ଟଙ୍କା ବିନିଯୋଗରେ ମେଗା କୁକୁଡ଼ା ପାଳନ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛନ୍ତି। ଏହାଦ୍ୱାରା ଜନଜାତି ବର୍ଗର ୩୦ ହଜାର ଲୋକ ଉପକୃତ ହେବେ। ସ୍ମାର୍ଟ ହେଲ୍‌ଥ କାର୍ଡ ଦ୍ୱାରା ରାଜ୍ୟର ୯୬ ଲକ୍ଷ ପରିବାରର ସାଢ଼େ ତିନି କୋଟି ଲୋକ ଉପକୃତ ହେବେ। ଗରିବ ଲୋକେ ଚିକିତ୍ସା ଜନିତ ଆର୍ଥିକ ସମସ୍ୟାରୁ ମୁକ୍ତ ହୋଇପାରିବେ। ଦେଶର ୨୦୦ ବଡ଼ ହସ୍ପିଟାଲରେ ☞ପୃଷ୍ଠା-୬




କେନ୍ଦୁଝର ଜିଲା ସଂସ୍କୃତି ଭବନଠାରେ ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ ସ୍ମାର୍ଟ ହେଲ୍‌ଥ କାର୍ଡ ପାଇଥିବା ମହିଳା ହିତାଧିକାରୀ।

# ନିଲମ୍ବନ ପରେ ଚାକିରିରୁ ବିଦା

**ଓପିଏଚ୍‌ଡବ୍ଲ୍ୟୁସି ଡେପୁଟି ମ୍ୟାନେଜରଙ୍କୁ ବାଧ୍ୟତାମୂଳକ ଅବସର**

- ରିମାଣ୍ଡ ଅବଧି ସରିଲା, ଜେଲ ଗଲେ ପ୍ରତାପ
- ଭଉଣୀଙ୍କୁ ପଚରାଉଚରା କଲା ଭିଜିଲାନ୍ସ

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇଥିବା ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ୍ ୱେଲ୍‌ଫେୟାର କର୍ପୋରେଶନ (ଓପିଏଚ୍‌ଡବ୍ଲ୍ୟୁସି)ର ନିଲମ୍ବିତ ଡେପୁଟି ମ୍ୟାନେଜର ପ୍ରତାପ କୁମାର ସାମଲଙ୍କୁ ରାଜ୍ୟ ସରକାର ଗୁରୁବାର ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଅପାରଗତା ଓ ଦୁର୍ନୀତି ପାଇଁ ପ୍ରତାପଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦୁର୍ନୀତିଗ୍ରସ୍ତ ଏବଂ ଅପାରଗ ଅଧିକାରୀଙ୍କ ବିରୋଧରେ ଶୂନ ସହିଷ୍ଣୁତା ନୀତି ଅବଲମ୍ବନ ସ୍ୱରୂପ ରାଜ୍ୟ ସରକାର ଏଯାବତ୍ ପ୍ରତାପଙ୍କୁ ମିଶାଇ ୧୩୧ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ବା ଚାକିରିରୁ ବହିଷ୍କାର କଲେଣି। ଅନ୍ୟପକ୍ଷରେ ମଙ୍ଗଳବାର ସନ୍ଧ୍ୟାରୁ ତାଙ୍କୁ ଭିଜିଲାନ୍ସ ୨ ଦିନିଆ ରିମାଣ୍ଡରେ ଆଣି ଘନଘନ ଜେରା କରିଥିଲା। ତେବେ ଗୁରୁବାର ରିମାଣ୍ଡ ଅବଧି ସରିଯିବାରୁ ଭିଜିଲାନ୍ସର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯିବା ପରେ ତାଙ୍କୁ ପୁଣି ଜେଲ ହାଜତକୁ ପଠାଇ ଦିଆଯାଇଛି।

ରିମାଣ୍ଡ ସମୟରେ ଭିଜିଲାନ୍ସ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ପ୍ରତାପ ରାଧାକୃଷ୍ଣ ପ୍ରଡକ୍ସନରେ ଦୁଇଟି ସିନେମା ତିଆରି କରିଥିବାବେଳେ ଏଥିରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ କରିଥିଲେ। ଉକ୍ତ ଦୁଇ ଫିଲ୍ମରେ ଅଣପଞ୍ଜୀକୃତ ଭାବେ ସ୍ତ୍ରୀ ସସ୍ମିତା ସାମଲ ଓ ଭଉଣୀ ନମିତା ଦାସଙ୍କୁ ପ୍ରଯୋଜକ ଦର୍ଶାଇଥିଲେ। ଏହି ଫିଲ୍ମରେ ବିପୁଳ ଅର୍ଥ ରୋଜଗାର ହୋଇଥିବା ଜଣାପଡ଼ିଛି। ପ୍ରତାପ ଓ ତାଙ୍କ ପରିବାର ସଦସ୍ୟଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ସନ୍ଦେହଜନକ ଭାବରେ ଦେଢ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜମା କରାଯାଇଥିବା ଉତ୍ସ ସଂକ୍ରାନ୍ତରେ ମଧ୍ୟ ଭିଜିଲାନ୍ସ ତଥ୍ୟ ହାସଲ କରିଛି। ଅଧିକ ତଥ୍ୟ ହାସଲ ପାଇଁ ଭଉଣୀ ନମିତା ଦାସଙ୍କୁ ଭିଜିଲାନ୍ସ ପଚରାଉଚରା ☞ପୃଷ୍ଠା-୬



ପ୍ରତାପ କୁମାର ସାମଲ

# ବଳାତ୍କାର ପରେ ହତ୍ୟା ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ

**ବାରିପଦା ଅଫିସ,୧୮।୧୧**

ମୟୂରଭଞ୍ଜ ଜିଲା ଓ ଦୌରା ଜଜ୍ ଚୌଧୁରୀ ପ୍ରବୀର କୁମାର ଏକ ବଳାତ୍କାର ଓ ହତ୍ୟା ମାମଲାର ବିଚାର କରି ଦୋଷୀଙ୍କୁ ୭ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୫ହଜାର ଟଙ୍କା ଜରିମାନା ଓ ଅନାଦେୟ କ୍ଷେତ୍ରରେ ୪ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଝାରପୋଖରିଆ ଥାନା ଅଧୀନ ଜାତିଆଶୋଳର ମୋହନ ମୁର୍ମୁ(୩୦)। ୨୦୧୭ ଅଗଷ୍ଟ ୨୯ତାରିଖ ରାତି ୧୦ଟା ସମୟରେ ଜନୈକା ବିବାହିତା ମହିଳାଙ୍କୁ ସେ ବଳାତ୍କାର କରିଥିଲେ। ଏହାର କିଛି ସମୟ ପରେ ଉକ୍ତ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପ୍ରଚାରିତ ହେବା ପରେ ଗ୍ରାମବାସୀ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ଏକ ବଳାତ୍କାର ଓ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରୀ ଓକିଲ କୃଷ୍ଣଚନ୍ଦ୍ର ଦାଶ ମାମଲା ପରିଚାଳନା କରିଥିଲେ ।

# ଚାକିରି ଫେରି ପାଇବାକୁ ଅଧିଆ

**ଜିଲାପାଳଙ୍କ କାର୍ଯ୍ୟାଳୟରେ ମହିଳାଙ୍କ ଅଭିନବ ପ୍ରତିବାଦ**

**ସୁନ୍ଦରଗଡ,୧୮।୧୧(ଡି.ଏନ୍.ଏ.)**

ଚାକିରି ଫେରି ପାଇବା ପାଇଁ ଗୁରୁବାର ଜଣେ ଆଦିବାସୀ ମହିଳା ସୁନ୍ଦରଗଡ଼ ଜିଲାପାଳଙ୍କ ଅଫିସ ସମ୍ମୁଖ ବାରଣ୍ଡାରେ ମୁହଁମାଡି ଶୋଇ ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି । ପରେ ଜିଲାପାଳ ନିଖିଲ ପୱନ କଲ୍ୟାଣ ଆସି ତାଙ୍କୁ ତଳୁ ଉଠାଇ ଦାବିପତ୍ର ଗ୍ରହଣ କରିବା ସହ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରକାଶ ଯେ, ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ମଝାପଡାର ଅବିବାହିତା ପିରୋ କିଶାନ ୨୦୦୩ ମସିହାରୁ ଦୀର୍ଘ ୧୦ବର୍ଷ କାଳ ମଝାପଡା ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିନା ପାରିଶ୍ରମିକରେ ପିଅନ ଭାବେ କାର୍ଯ୍ୟ କରୁଥିଲେ। ଏହି ବିଦ୍ୟାଳୟ ଗତ ୨୦୧୨ମସିହା ପରେ ବ୍ଲକଗ୍ରାଣ୍ଟ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲା । ସେତେବେଳେ ଏହି ସ୍କୁଲ କମିଟିର ଜଣେ ସଦସ୍ୟ ଚାକିରି ସ୍ଥାୟୀ ହେବ କହି ପିରୋଙ୍କୁ ୩୦ହଜାର ଟଙ୍କା ଦେବାକୁ କହିଥିଲେ। କିନ୍ତୁ ପିରୋ ପ୍ରଥମେ ୧୫ ହଜାର ଟଙ୍କା ଦେଇ ଦରମା ମିଳିବା ପରେ ଅବଶିଷ୍ଟ ଟଙ୍କା ଦେବି ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସ୍ଥାନରେ ଆଉ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଥିଲା। ୨୦୧୩ ମସିହାରୁ ମହିଳା ଜଣକ ଏ ନେଇ ଜିଲା ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରି ଆସୁଥିଲେ ହେଁ ଅଦ୍ୟାବଧି ତାଙ୍କୁ ନ୍ୟାୟ ମିଳିନାହିଁ। ଚଳିତ ମାସ ୧ ତାରିଖରେ

## ପ୍ରତିଶ୍ରୁତି ପରେ ଉଠିଲେ

ସ୍ଥାନୀୟ ଯୁବନେତା ଡା. ହିମାଂଶୁ ଶେଖର ଷଡଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ପିରୋ ତାଙ୍କ ସହିତ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କ ନିକଟରେ ଅଭିଯୋଗ କରି ଧାରଣାରେ ବସିଥିଲେ। ଏହାପରେ ଜିଲାପାଳ ଅଭିଯୋଗ ଉପରେ ଏକ ଇନକ୍ୱାରି ରିପୋର୍ଟ ଜିଲା ଶିକ୍ଷା ଅଧିକାରୀଙ୍କୁ ମାଗିଥିଲେ। ମାତ୍ର ତଦନ୍ତକାରୀ ଅଧିକାରୀ ସଂପୃକ୍ତ ମହିଳା ଜଣକ ସ୍ୱଇଚ୍ଛାରେ ଇସ୍ତଫା ଦେଇଥିବା ରିପୋର୍ଟରେ ଜଣାଇଥିଲେ। ଏହା ଜଣାପଡିବା ପରେ ପିରୋ ଜିଲାପାଳଙ୍କ ଅଫିସ ବାରଣ୍ଡାରେ ମୁହଁମାଡି ଶୋଇ ପଡି ତାଙ୍କ ଚାକିରି ଫେରାଇବାକୁ ଦାବି କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏଭଳି ଅଭାବନୀୟ ଦୃଶ୍ୟ ଘଟିବା ପରେ ଜିଲାପାଳ ନିଖିଲ ପୱନ କଲ୍ୟାଣ, ଅତିରିକ୍ତ ଜିଲାପାଳ ବିଶ୍ୱଜିତ୍ ମହାପାତ୍ର ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ପ୍ରମୁଖ ପ୍ରଶାସନିକ ଅଧିକାରୀ ପହଞ୍ଚି ତାଙ୍କୁ ବୁଝାଶୁଝା କରି ଏ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ସେ ଉଠିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ପିରୋ କିଶାନ ଶୋଇ ରହି ପ୍ରତିବାଦ କରୁଛନ୍ତି ।

## ସଂକ୍ଷେପରେ

### ଖାଦ୍ୟରେ ମଲା ସାପ: ୫୨ ଛାତ୍ର ହସ୍ପିଟାଲରେ ଭର୍ତ୍ତି

**ୟାଦଗିର(କର୍ନାଟକ), ୧୮।୧୧:** କର୍ନାଟକର ଏକ ଆବାସିକ ବିଦ୍ୟାଳୟ ପିଲାଙ୍କ ପାଇଁ ପ୍ରସ୍ତୁତ ଜଳଖିଆରେ ମଲା ସାପ ବାହାରିବାରୁ ୫୨ ଛାତ୍ରୀଛାତ୍ରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁବାର ସକାଳେ ଆବେ ତୁମ୍କୁର ବିଶ୍ୱାରାଧ୍ୟା ବିଦ୍ୟାବର୍ଦ୍ଧକ ରେସିଡେନ୍ସିଆଲ ସ୍କୁଲ୍‌ର ପିଲାମାନେ ସକାଳ ଜଳଖିଆ ଖାଇବା ପରେ ୩ ଜଣ ବାନ୍ତି କରିବା ସହ ଅନ୍ୟ ୪୯ ଜଣ ଅସୁସ୍ଥ ଅନୁଭବ କରିଥିଲେ। ସଙ୍ଗେ ସଙ୍ଗେ ସେମାନଙ୍କୁ ଜିଲା ସରକାରୀ ହସ୍ପିଟାଲକୁ ନିଆଯାଇଥିଲା। ୩ ଜଣଙ୍କୁ ଇଣ୍ଟେନ୍‌ସିଭ କେୟାର ୟୁନିଟରେ ଓ ଅନ୍ୟମାନଙ୍କୁ ସାଧାରଣ ୱାର୍ଡରେ ଭର୍ତ୍ତି କରାଯାଇଛି। ପିଲାମାନେ ବିପଦମୁକ୍ତ ଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି।

### ୟୁନେସ୍କୋ କାର୍ଯ୍ୟକାରିଣୀ ବୋର୍ଡକୁ ଭାରତ ପୁନଃ ନିର୍ବାଚିତ

**ନୂଆଦିଲ୍ଲୀ, ୧୮।୧୧:** ଜାତିସଂଘର ସଂସ୍କୃତି ଓ ଶିକ୍ଷା ସଂଗଠନ ୟୁନେସ୍କୋର କାର୍ଯ୍ୟକାରିଣୀ ବୋର୍ଡକୁ ୨୦୨୧-୨୫ ବର୍ଷ ପାଇଁ ଭାରତ ବୁଧବାର ପୁନର୍ବାର ନିର୍ବାଚିତ ହୋଇଛି। ଏହା ସପକ୍ଷରେ ୧୬୪ ଭୋଟ ମିଳିଥିଲା। ଭାରତ ନିର୍ବାଚିତ ହୋଇଥିବା ଏସିଆ-ପ୍ରଶାନ୍ତ ମହାସାଗରୀୟ ରାଷ୍ଟ୍ର ଗ୍ରୁପ୍-୪ରେ ଜାପାନ, ଫିଲିପାଇନ୍ସ, ଭିଏତ୍‌ନାମ, କୁକ୍ ଆଇଲାଣ୍ଡସ୍ ଏବଂ ଚାଇନା ଅଛନ୍ତି। ଭାରତ ୟୁନେସ୍କୋକୁ ପୁନଃ ନିର୍ବାଚିତ ହୋଇଥିବାରୁ କେନ୍ଦ୍ର ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ମୀନାକ୍ଷୀ ଲେଖି ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଧନ୍ୟବାଦ ଜଣାଇଛନ୍ତି।

### ଚନ୍ନିଙ୍କ କର୍‌ତାରପୁର ଯାତ୍ରାରେ ସାମିଲ ହେଲେନି ସିଦ୍ଧୁ



**ଚଣ୍ଡିଗଡ଼, ୧୮।୧୧:** ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନିଙ୍କ ନେତୃତ୍ୱରେ ତାଙ୍କ କ୍ୟାବିନେଟ ସହକର୍ମୀ, ବିଧାୟକ ଓ ସେମାନଙ୍କ ପରିବାର ସଦସ୍ୟମାନେ କର୍‌ତାରପୁର ସାହିବକୁ ଯାତ୍ରା କରିଥିଲେ। ତେବେ ଏହି ଜାଠ (ଗ୍ରୁପ୍)ରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନବଜ୍ୟୋତ ସିଂ ସିଦ୍ଧୁ ସାମିଲ ହୋଇନାହାନ୍ତି। କର୍‌ତାରପୁର ସାହିବ କରିଡର ଖୋଲିବା ନେଇ ୨୦୧୯ରେ ସିଦ୍ଧୁ ପ୍ରଥମେ ଖବର ପ୍ରକାଶ କରି ବିବାଦ ଘେରକୁ ଆସିଥିଲେ। ମଙ୍ଗଳବାର କର୍‌ତାରପୁର କରିଡର ଖୋଲିବା ସମ୍ପର୍କରେ କେନ୍ଦ୍ର ସରକାର ଘୋଷଣା କରିବା ପରେ ଜାଠରେ ସାମିଲ ହେବା ପାଇଁ ସିଦ୍ଧୁଙ୍କୁ ଅନୁରୋଧ କରାଯାଇଥିଲା। ତେବେ ସେ ମୁଖ୍ୟମନ୍ତ୍ରୀଙ୍କ ସହ ଯାତ୍ରାରେ ସାମିଲ ହେବେ ନାହିଁ ବୋଲି ଜନସମ୍ପର୍କ ଅଧିକାରୀ ଓ ଗୋଇନ୍ଦା ଅଫିସରଙ୍କୁ ଜଣାଇଦେଇଥିଲେ।

### ଅଭ୍ୟାସଗତ ବଳାତ୍କାରୀଙ୍କୁ ଖାସି କରାଯିବ

**କେମିକାଲ୍ କାଷ୍ଟ୍ରେଶନକୁ ପାକିସ୍ତାନ ପାର୍ଲାମେଣ୍ଟର ମଞ୍ଜୁରୀ**

**ଇସ୍‌ଲାମାବାଦ, ୧୮।୧୧(ପି.ଟି.):** ପାକିସ୍ତାନରେ ଏକାଧିକ ଥର ବଳାତ୍କାର ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧୀଙ୍କୁ ରାସାୟନିକ ପଦ୍ଧତିରେ ନପୁଂସକ କରାଯିବ। ଅଭ୍ୟାସଗତ ବଳାତ୍କାରୀଙ୍କୁ ଶୀଘ୍ର ଦୋଷୀ ସାବ୍ୟସ୍ତ କରିବା ଓ କଠୋର ଦଣ୍ଡଦେବା ଲକ୍ଷ୍ୟରେ ପାକ୍ ପାର୍ଲାମେଣ୍ଟ ଗୁରୁବାର ନୂଆ ବିଧେୟକକୁ ମଞ୍ଜୁରୀ ପ୍ରଦାନ କରିଛି। ପାକିସ୍ତାନରେ ମହିଳା ଓ ପିଲାମାନଙ୍କ ପ୍ରତି ବଳାତ୍କାର ବଢୁଥିବାରୁ ଏନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏଭଳି ଅପରାଧ ରୋକିବା ଦିଗରେ କଠୋର ଆଇନ ପ୍ରଣୟନ ପାଇଁ ଦାବି ହୋଇ ଆସୁଥିଲା। ରାଷ୍ଟ୍ରପତି ଅରିଫ୍ ଆଲ୍‌ଭି ବଳାତ୍କାର ନିରୋଧୀ ଅଧାଦେଶକୁ ଅନୁମୋଦନ କରିବାର ବର୍ଷେ ପରେ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହୋଇଛି। ପ୍ରସ୍ତାବିତ ଆଇନ ଅନୁଯାୟୀ ଅପରାଧୀଙ୍କ ସହମତିରେ ତାଙ୍କର କେମିକାଲ କାଷ୍ଟ୍ରେଶନ କରାଯିବ। ଏଥିସହ ଯୌନ ଅପରାଧଗୁଡ଼ିକର ତ୍ୱରିତ୍ ବିଚାର ଲାଗି ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରାଯିବ।

## ଲେଖିକା ହେଲେ ସ୍ମୃତି ଇରାନୀ



କେନ୍ଦ୍ରମନ୍ତ୍ରୀ ସ୍ମୃତି ଜୁବିନ ଇରାନୀଙ୍କୁ ଅଭିନୟ, ରାଜନୀତି ପରେ ଏବେ ଲେଖିକା ଅବତାରରେ ଦେଖିବାକୁ ମିଳିଛି। 'ଲାଲ ସଲାମ' ପୁସ୍ତକ ଜରିଆରେ ସେ ଲେଖିକା ଭାବେ ଡେବ୍ୟୁ କରିଥିବା ପବ୍ଲିଶିଂ ହାଉସ୍ ୱେଷ୍ଟଲାଣ୍ଡ ପକ୍ଷରୁ ଘୋଷଣା କରାଯାଇଛି। ୨୯ ନଭେମ୍ବରରେ ଏହି ପୁସ୍ତକ ବଜାରକୁ ଆସିବ। ଦାନ୍ତେୱାଡାଠାରେ ୨୦୧୦ ଏପ୍ରିଲରେ ୭୬ ସିଆର୍‌ପିଏଫ୍ ଯବାନଙ୍କ ହତ୍ୟା ଘଟଣାରୁ ପ୍ରେରିତ ହୋଇ ସ୍ମୃତି 'ଲାଲ ସଲାମ' ଜରିଆରେ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି ବରିଷ୍ଠ ଭାଜପା ନେତ୍ରୀ କହିଛନ୍ତି, ସେହି ଘଟଣାକୁ ବାରମ୍ବାର ତାଙ୍କ ମନକୁ ଆସୁଥିଲା। ତାହାକୁ ପୁସ୍ତକରେ ଅବତାରଣ କରିବାକୁ ନିଜକୁ ଅଟକାଇ ପାରି ନ ଥିଲେ। ପାଠକମାନେ ଏହାକୁ ଗ୍ରହଣ କରିବେ ବୋଲି ଆଶା ରହିଛି। 'ଲାଲ ସଲାମ' ଯୁବ ଅଫିସର ବିକ୍ରମ ପ୍ରତାପ ସିଂଙ୍କ କାହାଣୀ। ରାଜନୀତି ଯୋଗୁ ଭ୍ରଷ୍ଟ ହୋଇପଡିଥିବା ବ୍ୟବସ୍ଥା ଓ ଏଥିଜନିତ ଚ୍ୟାଲେଞ୍ଜକୁ ସେ କିପରି ସାମ୍ନା କରିଥିଲେ ତାହା ଉପରେ ଏହା ଆଧାରିତ।

## ମଧ୍ୟପ୍ରଦେଶରେ ବୀର ଦାସଙ୍କ ଶୋ' ବନ୍ଦ

'ମୁଁ ଦୁଇ ଭାରତରୁ ଆସିଛି' ବିବାଦୀୟ ମନ୍ତବ୍ୟ ଦେଇଥିବା ଷ୍ଟାଣ୍ଡଅପ୍ କମେଡିଆନ୍ ବୀର ଦାସ୍ ଅଡୁଆରେ ପଡ଼ିଯାଇଛନ୍ତି। ତାଙ୍କ ପ୍ରଦର୍ଶନକୁ ମଧ୍ୟପ୍ରଦେଶରେ ନିଷେଧ କରାଯାଇଛି। ହାସ୍ୟାଭିନେତା ତାଙ୍କର ବିବାଦୀୟ ମନ୍ତବ୍ୟ ପାଇଁ କ୍ଷମା ମାଗିବା ଆବଶ୍ୟକ। କ୍ଷମା ନ ମାଗିଲେ ତାଙ୍କୁ ପ୍ରଦର୍ଶନକୁ ରାଜ୍ୟରେ ଅନୁମତି ମିଳିବ ନାହିଁ ବୋଲି ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରା କହିଛନ୍ତି। ଆମେରିକାରେ ଥିବା ବୀର ଦାସ ସୋମବାର ୟୁ-ଟ୍ୟୁବ୍‌ରେ ଏକ ଭିଡିଓ ଅପ୍‌ଲୋଡ୍ କରିଥିଲେ, ଯାହାର ନାଁ ଥିଲା ' ଆଇ କମ୍ ଫ୍ରମ୍ ଟୁ ଇଣ୍ଡିଆସ୍'। ଏହା ତାଙ୍କ ୱାଶିଂଟନ ଡିସି ପ୍ରଦର୍ଶନର ଏକ ଅଂଶବିଶେଷ। କେତେଜଣ ୟୁଜର୍ସ ତାଙ୍କୁ ପ୍ରଶଂସା କରିଥିବାବେଳେ ଅନ୍ୟମାନେ ଏହାକୁ ଦେଶବିରୋଧୀ ମନ୍ତବ୍ୟ କହି ହାସ୍ୟାଭିନେତାଙ୍କୁ କଡ଼ା ସମାଲୋଚନା କରିଥିଲେ। ମୁମ୍ବାଇର ଆଇନଜୀବୀ ଆଶୁତୋଷ ଦୁବେ ସ୍ଥାନୀୟ ଥାନାରେ ବୀର ଦାସଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିବାବେଳେ ସେହିପରି ନୂଆଦିଲ୍ଲୀରେ ମଧ୍ୟ ମାମଲା ରୁଜୁ ହୋଇଛି।



# ବଦଳୁଛି ଗଙ୍ଗା ଗତିପଥ



- ଜଳବାୟୁ ପରିବର୍ତ୍ତନର ପ୍ରଭାବ
- ଆଗକୁ ଭୟଙ୍କର ବନ୍ୟା ଆଶଙ୍କା: ରିପୋର୍ଟ

**ନୂଆଦିଲ୍ଲୀ, ୧୮।୧୧**

ଜଳବାୟୁ ପରିବର୍ତ୍ତନର ଭୟଙ୍କର ପ୍ରଭାବ ଆମ ପରିବେଶ ଉପରେ ପଡୁଛି। ଜୀବଜଗତ ଗୋଟିଏ ପରେ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି। ଏବେ ଆହୁରି ଚିନ୍ତାରେ ପକାଇବା ଭଳି ଏକ ଅନୁସନ୍ଧାନ ରିପୋର୍ଟ ସାମ୍ନାକୁ ଆସିଛି। ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଇଏସ୍‌ସି) ଏବଂ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି) କାନପୁର ପକ୍ଷରୁ ହୋଇଥିବା ଏକ ଅନୁସନ୍ଧାନ ଅନୁସାରେ, ମାନବୀୟ କାର୍ଯ୍ୟକଳାପ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ଗଙ୍ଗା ନଦୀ ପ୍ରବାହର ଦିଗ ବଦଳୁଛି। ଆଗକୁ ଏହା ପ୍ରଳୟଙ୍କାରୀ ବନ୍ୟାକୁ ଡାକି ଆଣିବ ବୋଲି ସାଇଣ୍ଟିଫିକ୍ ରିପୋର୍ଟ ଜର୍ନାଲରେ ପ୍ରକାଶିତ ଏହି ଅଧ୍ୟୟନ ରିପୋର୍ଟରୁ ଜଣାପଡ଼ିଛି।

ବିନାଶକାରୀ ମାନବୀୟ କାର୍ଯ୍ୟକଳାପ ଯୋଗୁ ନଦୀ ଭଳି ପ୍ରାକୃତିକ ଉତ୍ସ କ୍ରମାଗତ ଭାବେ ପ୍ରଭାବିତ ହେବାରେ ଲାଗିଛି। ଏବେ ପ୍ରଦୂଷଣର ମାତ୍ରା ବୃଦ୍ଧି ସିଧାସଳଖ ଭାବେ ଗଙ୍ଗାନଦୀର ଗତି ପଥ ବଦଳାଇଦେଇଛି। ନଦୀରେ ବନ୍ଧ ନିର୍ମାଣ ମଧ୍ୟ ଏହାର ପ୍ରମୁଖ କାରଣ ପାଲଟିଛି। ଦେବପ୍ରୟାଗଠାରେ ଏକତ୍ରିତ ହୋଇ ଗଙ୍ଗା ସୃଷ୍ଟି କରିଥିବା ଭାଗୀରଥୀ ଏବଂ ଅଳକାନନ୍ଦା ନଦୀ ଉପରେ ମଧ୍ୟ ଅଧ୍ୟୟନ କେନ୍ଦ୍ରୀଭୂତ ହୋଇଛି ଏବଂ ମଣିଷ କାର୍ଯ୍ୟ ଯୋଗୁ ପର୍ବତାଞ୍ଚଳ କିପରି କ୍ଷତିଗ୍ରସ୍ତ ହୋଇଛି ତାହା ରିପୋର୍ଟରେ ଦର୍ଶାଯାଇଛି। ଗଙ୍ଗୋତ୍ରୀ ଗ୍ଲେସିୟରରୁ ବାହାରି ଥିବା ଭାଗୀରଥୀ ଏବଂ ସତୋପନ୍ଥ ଗ୍ଲେସିୟରରୁ ବାହାରିଥିବା ଅଳକାନନ୍ଦା ଦେବପ୍ରୟାଗଠାରେ ଗଙ୍ଗା ସହ ମିଶିଛନ୍ତି।

ଗଙ୍ଗା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଜାଣିବା ପାଇଁ ଗବେଷକମାନେ ଋଷିକେଶ ପର୍ଯ୍ୟନ୍ତ ଉପର ଗଙ୍ଗା ବେସିନ୍‌କୁ ଅଧ୍ୟୟନ କରିଥିଲେ। ଏଥିରେ ଉଲ୍ଲେଖ କରାଯାଇଛି, ଭାଗୀରଥୀ ବେସିନ୍‌ରେ୪ଟି ଡ୍ୟାମ୍ ୨୦୧୦ ପୂର୍ବରୁ ଆରମ୍ଭ ହୋଇଥିବାବେଳେ ୨୦୧୫ ପରେ ଅଳକାନନ୍ଦା ବେସିନ୍‌ରେ ୨ଟି ଡ୍ୟାମ ହୋଇଥିଲା। ୧୯୯୫ରୁ ୨୦୦୫ ମଧ୍ୟରେ ଅଳକାନନ୍ଦା ବେସିନ୍‌ରେ ପାଣି ପ୍ରବାହ ଦୁଇଗୁଣା ହୋଇଛି। ପାଣି ପ୍ରବାହ ହାର ବୃଦ୍ଧି ବନ୍ୟା ଆଶଙ୍କାକୁ ଆହୁରି ବଢ଼ାଇଥିବା କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ସହିତ ଅଳକାନନ୍ଦା ଅଞ୍ଚଳରେ ବନ୍ଧ ନିର୍ମାଣ ଜଳ ପ୍ରବାହର ଦିଗ ବଦଳାଇ ଦେଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ନଦୀ ଗତିପଥ ଉପରେ ପଡୁଥିବା ପ୍ରଭାବକୁ ରୋକି ହୋଇପାରିବ ବୋଲି ଏଥିରେ ପରାମର୍ଶ ଦିଆଯାଇଛି। ଏଥିସହ ନଦୀଗୁଡ଼ିକରେ ମନୁଷ୍ୟ କାର୍ଯ୍ୟକଳାପ ବନ୍ଦ ନ ହେଲେ ଏହାର ସୁଦୂରପ୍ରସାରୀ ପରିଣାମ ଦେଖିବାକୁ ମିଳିବ ବୋଲି ରିପୋର୍ଟରେ ଚେତାବନୀ ଦିଆଯାଇଛି।

## ଅରୁଣାଚଳରେ ଚାଇନାର ଦ୍ୱିତୀୟ ଏନ୍‌କ୍ଲେଭ୍



ଅରୁଣାଚଳ ପ୍ରଦେଶରେ ଚାଇନା ଦ୍ୱିତୀୟ ଏନ୍‌କ୍ଲେଭ୍ ନିର୍ମାଣର ସାଟେଲାଇଟ୍ ଚିତ୍ର।

**ନୂଆଦିଲ୍ଲୀ, ୧୮।୧୧**

ଅରୁଣାଚଳ ପ୍ରଦେଶରେ ଚାଇନା ଦ୍ୱିତୀୟ ଏନ୍‌କ୍ଲେଭ୍ ନିର୍ମାଣ କରିଥିବା ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି। ଏହି ଏନ୍‌କ୍ଲେଭ୍ ବା କ୍ଲଷ୍ଟରରେ ଅନ୍ୟୂନ ୬୦ଟି ବିଲ୍ଡିଂ ରହିଛି। ୨୦୧୯ରେ ଏଭଳି ଏନ୍‌କ୍ଲେଭ୍ ନ ଥିଲା। ବର୍ଷକ ପରେ ଏହା ଦେଖିବାକୁ ମିଳିଥିଲା। ଅରୁଣାଚଳରେ ଚାଇନା ନିର୍ମାଣ କରିଥିବା ଗ୍ରାମର ପୂର୍ବ ଦିଗରେ ୯୩ କିଲୋମିଟର ଦୂରରେ ଏହି ଏନ୍‌କ୍ଲେଭ୍ ରହିଛି। ଅରୁଣାଚଳ ପ୍ରଦେଶରେ ଚାଇନା ୧୦୦ ଘର ବିଶିଷ୍ଟ ଗ୍ରାମ ନିର୍ମାଣ କରୁଥିବା ନେଇ ଗତ ଜାନୁୟାରୀରେ ଏକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା ଯାହାକୁ ନିକଟରେ ଆମେରିକାର ପେଣ୍ଟାଗନ୍ ସ୍ପଷ୍ଟ କରିଥିଲା। ଦ୍ୱିତୀୟ ଏନ୍‌କ୍ଲେଭ ଅରୁଣାଚଳପ୍ରଦେଶର ଶି ୟୋମି ଜିଲାରେ ୨୦୧୯ ମାର୍ଚ୍ଚରୁ ୨୦୨୧ ଫେବୃୟାରୀ ମଧ୍ୟରେ ନିର୍ମାଣ ହୋଇଥିବା କୁହାଯାଉଛି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ଠାରୁ ୬ କିଲୋମିଟର ଭାରତୀୟ ଅଞ୍ଚଳ ମଧ୍ୟରେ ଏହି ଏନ୍‌କ୍ଲେଭ୍ ନିର୍ମାଣ ହୋଇଛି। ତେବେ ସେଠାରେ ଲୋକ ରହିଲେଣି କି ନାହିଁ ତାହା ସାଟେଲାଇଟ୍ ଚିତ୍ରରୁ ସ୍ପଷ୍ଟ ହୋଇନାହିଁ।

ଅନ୍ୟ ଏକ ରିପୋର୍ଟ ଅନୁଯାୟୀ ଚାଇନାର ଉକ୍ତ ନୂଆ ଗ୍ରାମ ଡୋକଲାମ ନିକଟବର୍ତ୍ତୀ ଭୁଟାନ ଅଞ୍ଚଳରେ ବୋଲି କୁହାଯାଉଛି। ଗତବର୍ଷ ପୂର୍ବ ଲଦାଖରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗି ରହିଥିବାବେଳେ ପିଏଲ୍‌ଏ ଏହି ଗ୍ରାମ ନିର୍ମାଣ କରିଥିବା କୁହାଯାଉଛି।




ମୁମ୍ବାଇ ଉପକୂଳରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ 'ପ୍ରସ୍ଥାନ' ନାମରେ ସେନା ହେଲିକପ୍ଟରରୁ ଉଦ୍ଧାର କାର୍ଯ୍ୟର ଅଭ୍ୟାସ କରାଯାଇଛି।

### ଅସ୍ତ୍ର ତାଲିମ ପାଇଁ ପିଓକେ ଯାଉଥିବା ୩ ଛାତ୍ର ଧରାହେଲେ

**ଶ୍ରୀନଗର, ୧୮।୧୧:** ଅସ୍ତ୍ର ତାଲିମ ପାଇଁ ନିୟନ୍ତ୍ରଣ ରେଖା ଅତିକ୍ରମ କରି ପାକ୍ ଅଧିକୃତ କଶ୍ମୀର (ପିଓକେ) ଯିବାକୁ ଉଦ୍ୟମ କରୁଥିବା ଜମ୍ମୁ-କଶ୍ମୀରର ୩ ଜଣ ଦଶମ ଶ୍ରେଣୀ ଛାତ୍ରଙ୍କୁ ଗୁରୁବାର ସୁରକ୍ଷା ବଳ ଧରିଛନ୍ତି। ସେମାନେ ପାକିସ୍ତାନୀ ଆତଙ୍କବାଦୀ କମାଣ୍ଡର ତୟାବ ଫାରୁକିଙ୍କ ସହ ଯୋଗାଯୋଗରେ ରହିଥିଲେ ଏବଂ କୁପୱାଡ଼ା ଦେଇ ତାଙ୍କୁ ଭେଟିବାକୁ ଯାଉଥିଲେ। ଧରିପଡ଼ିଥିବା ପିଲାମାନେ ହେଲେ ଫୁର୍‌କାନ ସୁଲତାନ ଖଣ୍ଡାୟ, ଫୁର୍‌କାନ ନାଜିର ଖଣ୍ଡାୟ ଏବଂ କମରାନ ସାଜଦ ଶେଖ୍। ସମସ୍ତଙ୍କ ବୟସ ୧୬ ବର୍ଷ ଓ ଘର ପୁଲୱାମା ଜିଲାରେ। ସୋସିଆଲ ମିଡିଆ ପ୍ଲାଟଫର୍ମ ଜରିଆରେ ଫାରୁକି ସେମାନଙ୍କୁ କଠୋରପନ୍ଥୀ କରାଇଥିଲେ ବୋଲି ଜେରାବେଳେ ସେମାନେ ପୋଲିସକୁ କହିଛନ୍ତି।

## ପରିବାରକୁ ମୃତଦେହ ଫେରାଅ

**ଶ୍ରୀନଗର, ୧୮।୧୧**

ଜମ୍ମୁ-କଶ୍ମୀର ହାଇଦରପୋରା ଏନ୍‌କାଉଣ୍ଟରରେ ଦୁଇ ବ୍ୟବସାୟୀଙ୍କ ମୃତ୍ୟୁ ଘଟଣାରେ ନ୍ୟାଶନାଲ କନଫରେନ୍ସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଗୁରୁବାର ଧାରଣାରେ ବସିଛନ୍ତି। ମୃତଦେହଗୁଡ଼ିକୁ ସେମାନଙ୍କ ପରିବାରକୁ ଫେରାଇବା ଦାବିରେ ଶାନ୍ତିପୂର୍ଣ୍ଣ ଭାବେ ସେ ଧାରଣା ଦେଇଥିବା କହିଛନ୍ତି। ସୋମବାର ସୁରକ୍ଷାକର୍ମୀ ଏବଂ ଆତଙ୍କବାଦୀଙ୍କ ସହ ଗୁଳିବିନିମୟବେଳେ ଦୁଇ ବ୍ୟବସାୟୀ ନିହତ ହେବାକୁ ନେଇ ବିବାଦ ଦେଖାଦେଇଛି। ଉଭୟେ ଆତଙ୍କବାଦୀଙ୍କୁ ସହଯୋଗ କରୁଥିବା ପୋଲିସ କହିଥିବାବେଳେ ପରିବାର ପକ୍ଷରୁ ଅଭିଯୋଗ ଖଣ୍ଡନ କରାଯାଇଛି। ପୋଲିସ ମୃତଦେହକୁ ପରିବାରକୁ ହସ୍ତାନ୍ତର ନ କରି ହଣ୍ଡୱାରାଠାରେ ପୋତିଦେଇଥିବା ଅଭିଯୋଗ ହୋଇଛି। ଉପରାଜ୍ୟପାଳ ମନୋଜ ସିହ୍ନା ମୃତକଙ୍କ ପରିବାରକୁ ଭେଟି ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଆଶ୍ୱାସନା ଦିଅନ୍ତୁ ବୋଲି ଓମାର କହିଛନ୍ତି। ଘଟଣାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ପାଇଁ ଉପରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି।

**ହାଇଦରପୋରା ଏନ୍‌କାଉଣ୍ଟର**
**ଧାରଣାରେ ବସିଲେ ଓମାର**



## ଏଜିଙ୍କ ଅପିଲ: ଦ୍ୱିତୀୟ ଦୃଷ୍ଟାନ୍ତ ବିବାଦୀୟ ବିଚାରପତି ଗଣେଦିୱାଲା

**ନୂଆଦିଲ୍ଲୀ,୧୮।୧୧**

ପୋକ୍ସୋ ଆଇନ ଅଧୀନ ଏକ ମାମଲାରେ ବମ୍ବେ ହାଇକୋର୍ଟ ଦେଇଥିବା ରାୟକୁ ଆର୍ଟର୍ନି ଜେନେରାଲ (ଏଜି) ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବାର ଏହା ହେଉଛି ଦ୍ୱିତୀୟ ଦୃଷ୍ଟାନ୍ତ। ପୂର୍ବରୁ ମଧ୍ୟ ଏକ ଅନୁରୂପ ରାୟର ଆପରାଧିକ ଦିଗକୁ ସର୍ବୋଚ୍ଚ ଅଦାଲତରେ ଏଜିଙ୍କ ଦ୍ୱାରା ଚ୍ୟାଲେଞ୍ଜ କରାଯାଇଥିଲା।

ଜଣେ ନାବାଳିକାଙ୍କୁ ଅଭିଯୁକ୍ତ ଖାଦ୍ୟ ଦେବା ବାହାନାରେ ଘରକୁ ନେଇ ଯୌନ ଉତ୍ପୀଡ଼ନ କରିଥିଲେ। ଏହି ମାମଲାକୁ ନେଇ ବମ୍ବେ ହାଇକୋର୍ଟଙ୍କ ରାୟକୁ ଏଜି କେ.କେ. ବେଣୁଗୋପାଳ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଗୁରୁବାର ୩ ଜଣିଆ ଖଣ୍ଡପୀଠରେ ଏହାର ରାୟ ପ୍ରକାଶ ବେଳେ ଜଷ୍ଟିସ୍ ୟୁ.ୟୁ. ଲଳିତ କହିଥିଲେ, ସମ୍ଭବତଃ ଆପରାଧିକ ଦିଗକୁ ନେଇ ଏଜି ପ୍ରଥମ ଥର ପାଇଁ ଅପିଲ ଫାଇଲ କରିଛନ୍ତି। ଜଷ୍ଟିସ୍ ଏ. ରବୀନ୍ଦ ଭଟ୍ଟ କହିଥିଲେ, ୧୯୮୫ରେ ତତ୍କାଳୀନ ଆର୍ଟର୍ନି ଜେନେରାଲ କେ. ପରାଶରନ ରାଜସ୍ଥାନ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରିଥିଲେ।



କେ.କେ. ବେଣୁଗୋପାଳ

ସେତେବେଳେ ହାଇକୋର୍ଟ ଦୋଷୀଙ୍କୁ ଜୟପୁରର ରାମିଲା ଗ୍ରାଉଣ୍ଡ ଷ୍ଟାଡିୟମ୍‌ରେ ସର୍ବସାଧାରଣରେ ଫାଶୀ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଫାଶୀ ପୂର୍ବରୁ ମୃତ୍ୟୁଦଣ୍ଡର ତାରିଖ, ସମୟ ଓ ସ୍ଥାନ ସମ୍ପର୍କରେ ଗଣମାଧ୍ୟମରେ ପର୍ଯ୍ୟାପ୍ତ ସୂଚନା ଦେବାକୁ ହାଇକୋର୍ଟ କହିଥିଲେ। ତେବେ ଏପରି କରିବା ଦ୍ୱାରା ଏକ ବର୍ବର ପରମ୍ପରା ସୃଷ୍ଟି ହେବ। ଏହା ସମ୍ବିଧାନର ଅନୁଚ୍ଛେଦ ୨୧ର ବିରୁଦ୍ଧାଚରଣ ବୋଲି ଏଜି ପରାଶରନ ଦର୍ଶାଇଥିଲେ। ୧୯୮୫ ଡିସେମ୍ବର ୧୩ରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇଥିଲେ।

ସ୍କିନ୍-ଟୁ-ସ୍କିନ୍ ଟଚ୍ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ପୁଣି ଚର୍ଚ୍ଚାକୁ ଆସିଛନ୍ତି ଜଷ୍ଟିସ୍ ପୁଷ୍ପା ବୀରେନ୍ଦ୍ର ଗଣେଦିୱାଲା। ୧୯୬୯ ମାର୍ଚ୍ଚ ୩ରେ ମହାରାଷ୍ଟ୍ରର ଅମରାବତୀ ଜିଲା ପରାଟୱାଡ଼ାରେ ଜନ୍ମିତ ଗଣେଦିୱାଲା ପ୍ରଥମେ ବିଭିନ୍ନ ବ୍ୟାଙ୍କ ଓ ବୀମା କମ୍ପାନୀର ପ୍ୟାନେଲ ଆଡ୍‌ଭୋକେଟ ଥିଲେ। ଅମରାବତୀର ଏକାଧିକ କଲେଜରେ ମଧ୍ୟ ସେ ଅଧ୍ୟାପନା କରିଥିଲେ। ଅମରାବତୀ ବିଶ୍ୱବିଦ୍ୟାଳୟର ଏମ୍‌ବିଏ ଏବଂ ଏଲ୍‌ଏଲ୍‌ଏମ୍ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପାଠ ପଢ଼ାଉଥିଲେ। ୨୦୦୭ରେ ଗଣେଦିୱାଲା ଜିଲା ଜଜ୍ ଭାବେ ପ୍ରତ୍ୟକ୍ଷ ନିଯୁକ୍ତି ପାଇଥିଲେ। ୨୦୧୯ ଫେବୃୟାରୀ ୧୩ରେ ସେ ବମ୍ବେ ହାଇକୋର୍ଟର ଅତିରିକ୍ତ ବିଚାରପତି ରୂପେ ନିଯୁକ୍ତ ହୋଇଥିଲେ। ୨୦୨୧ ଆରମ୍ଭରେ ସେ ଗୋଟିଏ ପରେ ଗୋଟିଏ ଲଗାତର ୩ଟି ମାମଲାରେ ବିବାଦୀୟ ରାୟ ଦେଇଥିଲେ। ଜାନୁୟାରୀ ୨୮ରେ ମଧ୍ୟ ସେ ସ୍କିନ୍-ଟୁ-ସ୍କିନ୍ କଣ୍ଟାକ୍ଟ ସହ ଅନ୍ୟ ଏକ ମାମଲାର ରାୟରେ କହିଥିଲେ, ଜଣେ ନାବାଳିକଙ୍କ ହାତ ଧରିବା ଓ ନିଜ ପ୍ୟାଣ୍ଟର ଜିପ୍ ଖୋଲିବା ପୋକ୍ସୋ ଆଇନ କିମ୍ବା ଉତ୍ତେଜିତ ଯୌନ ଅପରାଧ ପରିସରରେ ଆସୁନାହିଁ। ୫ ବର୍ଷୀୟା ଶିଶୁକନ୍ୟା ପ୍ରତି ଯୌନ ଉତ୍ପୀଡ଼ନ ଓ ଅସଦାଚରଣ ମାମଲାରେ ସେସନ୍ସ କୋର୍ଟ ଅଭିଯୁକ୍ତ ଲିବ୍‌ନସ୍ କୁଜୁର୍‌ଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ତେବେ ୫୦ ବର୍ଷୀୟ ଅଭିଯୁକ୍ତ ଉକ୍ତ ରାୟକୁ ବମ୍ବେ ହାଇକୋର୍ଟର ନାଗପୁର ଖଣ୍ଡପୀଠରେ ଚ୍ୟାଲେଞ୍ଜ କରିଥିଲେ। ଏହି ମାମଲାରେ ଜଷ୍ଟିସ୍ ଗଣେଦିୱାଲା ଉପରୋକ୍ତ ରାୟ ଦେଇ ଅଭିଯୁକ୍ତଙ୍କୁ ପୋକ୍ସୋ ଆଇନରୁ ଦୋଷମୁକ୍ତ କରିଥିଲେ। ତୃତୀୟ ମାମଲାରେ ଜଷ୍ଟିସ୍ ଗଣେଦିୱାଲା ଜଣେ ଦୋଷୀଙ୍କୁ ଅନୁରୂପ ଭାବେ ଦୋଷମୁକ୍ତ କରିଥିଲେ। ଜଣେ ମହିଳାଙ୍କୁ ଯୌନ ନିର୍ଯାତନା ଦେଇ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କୁ ସେ ଖଲାସ କରିଥିଲେ। ପୀଡ଼ିତାଙ୍କ ବୟାନ ବିଶ୍ୱାସଯୋଗ୍ୟ ନୁହେଁ। ତାଙ୍କ ଶରୀରରେ କ୍ଷତ ନ ଥିବାରୁ ମହିଳା ଜଣକ ଅପରାଧକୁ ବିରୋଧ କରି ନ ଥିଲେ ଏବଂ ଉଭୟଙ୍କ ସହମତିରେ ଶାରୀରିକ ସମ୍ବନ୍ଧ ସ୍ଥାପନ ହୋଇଥାଇପାରେ ବୋଲି ଗଣେଦିୱାଲା ରାୟ ଦେଇଥିଲେ। ଗୋଟିଏ ପରେ ଗୋଟିଏ ଏଭଳି ବିବାଦୀୟ ରାୟ ଦେଇଥିବାରୁ ବମ୍ବେ ହାଇକୋର୍ଟରେ ସ୍ଥାୟୀ ବିଚାରପତି ରୂପେ ନିଯୁକ୍ତି ଦେବା ସୁପାରିସକୁ ଜାନୁୟାରୀ ୩୦ରେ ସୁପ୍ରିମକୋର୍ଟ କଲେଜିୟମ ପ୍ରତ୍ୟାହାର କରିନେଇଥିଲେ।



ଜଷ୍ଟିସ୍ ପୁଷ୍ପା ବୀରେନ୍ଦ୍ର ଗଣେଦିୱାଲା

### ୧୦୦ ଦେଶକୁ ୬୫ ନିୟୁତ ଡୋଜ୍ କୋଭିଡ୍ ଟିକା ପଠାଇଛି ଭାରତ

**ନୂଆଦିଲ୍ଲୀ, ୧୮।୧୧(ପି.ଟି.)**

ଚଳିତ ବର୍ଷ ଭାରତ ପାଖାପାଖି ୧୦୦ ଦେଶକୁ ୬୫ ନିୟୁତରୁ ଅଧିକ ଡୋଜ୍ କୋଭିଡ୍ ଟିକା ରପ୍ତାନି କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। ଭାରତର ସ୍ୱାସ୍ଥ୍ୟସେବା ସେକ୍ଟର ପ୍ରତି ଆସ୍ଥା ଏହାକୁ ବିଶ୍ୱ ଫାର୍ମାସୀର ଆଖ୍ୟା ଦେଇଛି। ଔଷଧ ଓ ନୂତନ ମେଡିକାଲ ଉପକରଣ ଉଦ୍‌ଭାବନରେ ନେତୃତ୍ୱ ନେବା ଲାଗି ନବପ୍ରବର୍ତ୍ତନର ପରିବେଶ ସୃଷ୍ଟି କରିବାକୁ ଭାରତ ଚାହେଁ ବୋଲି ପ୍ରଧାନମନ୍ତ୍ରୀ ପ୍ରଥମ ଗ୍ଲୋବାଲ ଇନୋଭେଶନ ସମିଟ୍ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି। ଔଷଧ ଶିଳ୍ପକୁ ଶୀର୍ଷରେ ପହଞ୍ଚାଇବା ପାଇଁ ଭାରତରେ ଯଥେଷ୍ଟ ବୈଜ୍ଞାନିକ ଓ ପ୍ରଯୁକ୍ତିବିତ୍ ରହିଛନ୍ତି। ଉଦ୍‌ଭାବନ ଏବଂ ମେକ୍ ଇନ୍ ଇଣ୍ଡିଆ ପାଇଁ ଏହି ସାମର୍ଥ୍ୟର ଉପଯୋଗ ହେବା ଆବଶ୍ୟକ। ଭାରତରେ ଗବେଷଣା କରିବା, ଭାରତରେ ତିଆରି କରିବା ଓ ବିଶ୍ୱ ପାଇଁ ପ୍ରସ୍ତୁତ କରିବା ଲାଗି ପ୍ରଧାନମନ୍ତ୍ରୀ ସମିଟ୍‌ରେ ଭାଗ ନେଇଥିବା ବିଭିନ୍ନ ଦେଶର ଫାର୍ମାସୀ ସଂସ୍ଥାଗୁଡ଼ିକୁ ଆହ୍ୱାନ ଦେଇଥିଲେ।

## ସଂକ୍ଷେପରେ

### ୨୯୮ ଡିଏସ୍‌ପି, ଏସ୍‌ଆଇଙ୍କୁ ନିଯୁକ୍ତି

**କଟକ ଅଫିସ,୧୮।୧୧:** ଓଡ଼ିଶା ପୋଲିସର ୨୯୮ ଜଣ ନବାଗତ ଡିଏସ୍‌ପି ଓ ସବ୍ ଇନ୍ସପେକ୍ଟର(ଏସ୍‌ଆଇ)ଙ୍କୁ ଗୁରୁବାର ନିଯୁକ୍ତି ମିଳିଛି। ସେଥିମଧ୍ୟରୁ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀରୁ ଟ୍ରେନିଂ ଶେଷ କରିଥିବା ୭ଜଣ ଡିଏସ୍‌ପିଙ୍କୁ ନୂତନ ସ୍ଥାନରେ ଅବସ୍ଥାପିତ କରାଯାଇଛି। ସୁଶାନ୍ତ କୁମାର ସିଂହଙ୍କୁ ରାୟଗଡ଼ା ପିସିଆର ସେଲ୍ ଡିଏସପି, ଆଲେକ୍ସିୟସ କିସପୋଟାଙ୍କୁ ବଲାଙ୍ଗୀର ପିସିଆର ସେଲ୍, ଅଭିଷେକ ପାଣିଗ୍ରାହୀଙ୍କୁ ଭଦ୍ରକ ଆଇୟୁସିଏଡବ୍ଲୁ, ଅମ୍ରିତ କୁମାର ପଣ୍ଡାଙ୍କୁ ମୟୂରଭଞ୍ଜ, ସ୍ୱରାଜ ଦେବତାଙ୍କୁ ବ୍ରହ୍ମପୁର, ସନ୍ତୋଷ କୁମାର ବାରିକଙ୍କୁ ନୟାଗଡ଼ ଓ ଅଞ୍ଜନା ଟୁଡୁଙ୍କୁ ଢେଙ୍କାନାଳ ଜିଲା ପୋଲିସ ମୁଖ୍ୟାଳୟରେ ନିଯୁକ୍ତି ଦିଆଯାଇଛି। ସେହିପରି ୨୯୧ ଜଣ ଏସ୍‌ଆଇଙ୍କୁ ରାଜ୍ୟର ବିଭିନ୍ନ ଥାନା ଓ ସରକାରୀ ସଂସ୍ଥାରେ ଅବସ୍ଥାପିତ କରାଯାଇଛି। ଏହି ଅବସରରେ ଡିଜିପି ଅଭୟ ନବାଗତ ପୋଲିସ ଅଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ପ୍ରଫେସର ବିଷ୍ଣୁଚରଣ ରାଉତଙ୍କ ପରଲୋକ



**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ):** ବିଶିଷ୍ଟ ଶିକ୍ଷାବିତ୍ ତଥା ରାଜନୀତି ବିଜ୍ଞାନ ପ୍ରଫେସର ବିଷ୍ଣୁଚରଣ ରାଉତଙ୍କ ବୁଧବାର ମଧ୍ୟରାତିରେ ଲୁଇସ୍‌ରୋଡ୍‌ସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଛି। ତାଙ୍କୁ ୮୪ ବର୍ଷ ହୋଇଥିଲା। ଗତ କିଛିଦିନ ହେବ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ପ୍ରଫେସର ରାଉତ ୧୯୩୭ରେ ଜଗତ୍‌ସିଂହପୁର ଜିଲା ହଳଦିଆପଡ଼ାସ୍ଥିତ ମଧଶାସନ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ୭୦ଦଶକରୁ ଊର୍ଦ୍ଧ୍ୱ ସମୟ ଧରି ରାଜନୀତି ବିଜ୍ଞାନରେ ଅନେକ ପାଠ୍ୟପୁସ୍ତକ ରଚନା କରିଛନ୍ତି। ସେ ଜଣେ ସରଳ ଓ ଅତ୍ୟନ୍ତ ଛାତ୍ରବତ୍ସଳ ଶିକ୍ଷକ ଥିଲେ। ମୃତ୍ୟୁବେଳକୁ ତାଙ୍କ ସ୍ତ୍ରୀ, ବଡ ପୁଅ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ରାଉତ, କନ୍ୟା ସ୍ମିତା ରାଉତ, ସାନପୁଅ ଇଂ. ଦେବବ୍ରତ, ଜ୍ୱାଇଁ ଦେବାଶିଷ ସିଂ, ପୁତ୍ରବଧୂ ଓ ବଡ଼ନାତି ଉପସ୍ଥିତ ଥିଲେ।

### ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**ଫୁଲବାଣୀ ଅଫିସ,୧୮।୧୧:** ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଫୁଲବାଣୀ ପୋକ୍‌ସୋ ଅଦାଲତର ବିଚାରପତି ଭାସ୍କର ଚନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୮ ହଜାର ଟଙ୍କା ଜରିମାନା କରାଯାଇଛି । ଜରିମାନା ଅନାଦାୟ ଆଉ ୬ ମାସ ଜେଲ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ସାରଙ୍ଗଡ ଥାନା ଅଞ୍ଚଳର ଅଚ୍ୟୁତ ସାହୁ। ୨୦୧୭ ମସିହା ଅଗଷ୍ଟ ୩ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ଅଚ୍ୟୁତ ମିଠା ଖୁଆଇବା ବାହାନାରେ ନାବାଳିକାଙ୍କୁ ବାଇକ୍‌ରେ ଅପହରଣ କରି ନେଇଥିଲେ । ସାରଙ୍ଗଡ କଲେଜ ପଛପଟେ ନିର୍ମାଣାଧୀନ ଏକ ଘରକୁ ନେଇ ତାଙ୍କୁ ବଳାତ୍କାର କରିଥିଲେ । ଏ କଥା କାହା ଆଗରେ ପ୍ରକାଶ କଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ । ନାବାଳିକା ଜଣକ ପରିବାର ଲୋକଙ୍କୁ ଏହା ଜଣାଇବାରୁ ତାଙ୍କ ବାପା ସାରଙ୍ଗଡ ଥାନାରେ ଏତାଲା ଦେଇଥିଲେ । ପୋଲିସ ନଂ.୪୯/୧୭ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ମାମଲାର ବିଚାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ ।

### ମାରଣାସ୍ତ୍ର ଦେଖାଇ ଯୁବକ ଗିରଫ

**ଭୋଗରାଇ, ୧୮।୧୧(ଡି.ଏନ.ଏ.):** ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ. ରାଜ୍ୟ ରାଜପଥ ବାଟଗ୍ରାମ ପୋଲଠାରେ ନିଶାଗ୍ରସ୍ତ ଅବସ୍ଥାରେ ଜଣେ ଯୁବକ ବୁଧବାର ବାଟୋଇଙ୍କୁ ଭୁଜାଲି ଦେଖାଇ ଭୟଭୀତ କରିଥିଲେ। ଜଣେ ପାନ ଦୋକାନୀ ପ୍ରତିବାଦ କରିବାରୁ ମାରଣାସ୍ତ୍ର ଧରିଥିବା ଯୁବକଙ୍କ ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା। ଯୁବକଜଣକ ଭୁଜାଲି ଧରି ପାନ ଦୋକାନୀଙ୍କୁ ଭୟଭୀତ କରୁଥିବା ପୋଲିସ ପହଞ୍ଚି ଯୁବକଙ୍କୁ କାବୁ କରିବା ସହିତ ଭୁଜାଲି ଜବତ କରିଥିଲା।

# ୫ ଜିଲାର ୧୫୮ ରୂପାନ୍ତରିତ ସ୍କୁଲ ଲୋକାର୍ପିତ

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ)/ ବାରିପଦା (ଅଫିସ)**

- ୫-ଟି ସମ୍ପର୍କରେ ଶିକ୍ଷକ,ପିଲାଙ୍କୁ ବୁଝାଇଲେ ମୁଖ୍ୟମନ୍ତ୍ରୀ
- ଲକ୍ଷ୍ୟ ପୂରଣ ପାଇଁ ଆମ ମନୋବଳ ଦୃଢ଼ କରିଛି: ଛାତ୍ରୀଛାତ୍ର

ରାଜ୍ୟରେ ସ୍କୁଲ ରୂପାନ୍ତର ପର୍ବ ଜାରି ରହିଛି। ୫-ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମର ଚତୁର୍ଥ ଦିବସରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ ଜିଲାର ୧୫୮ ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏଥିରେ ମାଲକାନଗିରିର ୬ ସ୍କୁଲ, ଝାରସୁଗୁଡାର ୨୫, କଳାହାଣ୍ଡିର ୨୯, ମୟୂରଭଞ୍ଜର ୬୦ ଏବଂ ଖୋର୍ଦ୍ଧାର ୩୮ ସ୍କୁଲ ରହିଛି।

ଏ ପର୍ଯ୍ୟନ୍ତ ୬୮୯ ରୂପାନ୍ତରିତ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି। ସୂଚନାଯୋଗ୍ୟ, ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଏବେ ରାଜ୍ୟର ୧୦୭୫ ସ୍କୁଲର ଲୋକାର୍ପଣ କାର୍ଯ୍ୟକ୍ରମ ଜାରି ରହିଛି। ଆସନ୍ତା ୨୪ ତାରିଖରେ ଏହା ସମ୍ପୂର୍ଣ୍ଣ ହେବ। ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଏ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ସହର ଓ ଗାଁ ସ୍କୁଲମାନଙ୍କ ଭିତରେ ଥିବା ତଫାତକୁ ଦୂର କରିଛି। ଗାଁ ସ୍କୁଲରେ ଆଜି ସହରର ଭଲ ଭଲ ବେସରକାରୀ ସ୍କୁଲର ପରିବେଶ ସୃଷ୍ଟି ହୋଇଛି। ଆଉ ଗୋଟିଏ ଗୌରବ କଥା ହେଲା ସରକାରୀ ସ୍କୁଲରେ ପଢୁଥିବା ପିଲାମାନଙ୍କ ଡାକ୍ତର, ଇଞ୍ଜିନିୟର ହେବାର ସ୍ୱପ୍ନ ଯେପରି ସାକାର ହୋଇପାରିବ, ସେଥିପାଇଁ ରାଜ୍ୟ ସରକାର ସେମାନଙ୍କ ପାଇଁ ୧୫ ପ୍ରତିଶତ ଆସନ ସଂରକ୍ଷିତ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍କୁଲରେ ତିଆରି ହୁଏ ଦେଶର ଭବିଷ୍ୟତ, ଜାତିର ଭବିଷ୍ୟତ। କଥାରେ ଅଛି, ପିଲାମାନେ ଆମ ଜନସଂଖ୍ୟାର ଏକ ତୃତୀୟାଂଶ ହେଲେ ବି ସେମାନେ ଆମର ପୂରା ଭବିଷ୍ୟତ। ସ୍କୁଲ ସମୟ ପିଲାମାନଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ । ଏ ସମୟରେ ପିଲାମାନଙ୍କୁ ସେମାନଙ୍କର ପ୍ରତିଭାର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବା ଆମର ଦାୟିତ୍ୱ। ମୁଁ ଚାହେଁ ମୋ ରାଜ୍ୟର ପିଲା ସବୁ କ୍ଷେତ୍ରରେ ଆଗୁଆ ହୁଅନ୍ତୁ। ପାଠ ସହ କ୍ରୀଡ଼ା, ସଂଗୀତ ସବୁ କ୍ଷେତ୍ରରେ ଓଡ଼ିଶାର ଗୌରବ ବଢ଼ାନ୍ତୁ। ନୂଆ ନୂଆ ଜ୍ଞାନକୌଶଳ ବିଷୟରେ ଜାଣନ୍ତୁ। ବଡ଼ ବଡ଼ ସ୍ୱପ୍ନ ଦେଖନ୍ତୁ ଓ ଜୀବନର ସବୁ ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ନ୍ତୁ। ଏହା ହିଁ ହେଉଛି ସ୍କୁଲ ରୂପାନ୍ତରର ଲକ୍ଷ୍ୟ।

୫-ଟି ନୀତି ଉପରେ ମୁଖ୍ୟମନ୍ତ୍ରୀ କହିଲେ, ସ୍କୁଲ ରୂପାନ୍ତର ହେଉଛି ୫-ଟି କାର୍ଯ୍ୟକ୍ରମର ଶ୍ରେଷ୍ଠ ଉଦାହରଣ। ୫-ଟି ହେଉଛି ଟେକ୍ନୋଲୋଜି, ଟିମ୍ ୱାର୍କ, ଟାଇମ୍, ଟ୍ରାନ୍ସପରେନ୍ସି ଓ ଟ୍ରାନ୍ସଫର୍ମେଶନ। ଏହା ହିଁ ରୂପାନ୍ତରକୁ ସମ୍ଭବ କରିପାରିଛି।



ମାଲକାନଗିରି ଜିଲାର ରୂପାନ୍ତରିତ ସ୍କୁଲ।

ଏହି କାର୍ଯ୍ୟକ୍ରମରେ ୫ ଜିଲାର ଛାତ୍ରୀଛାତ୍ରମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ବିଦ୍ୟାଳୟ ରୂପାନ୍ତର ସମ୍ପର୍କରେ ନିଜର ମନ କଥା କହିଥିଲେ। ମାଲକାନଗିରିର ପାପୁନି ମାଣ୍ଡି, ଝାରସୁଗୁଡ଼ାର ଶାଳିନୀ ତ୍ରିପାଠୀ, କଳାହାଣ୍ଡିର କୁମୁଦିନୀ ବନ୍ଦିଛୋଡ, ମୟୂରଭଞ୍ଜର ମଧୁସ୍ମିତା ସାହୁ ଏବଂ ଖୋର୍ଦ୍ଧା ଜିଲାର ଉଦୟ ପ୍ରକାଶ ବେହେରା ପ୍ରମୁଖ ଛାତ୍ରୀଛାତ୍ର ଆଲୋଚନାରେ ଭାଗ ନେଇ କହିଥିଲେ, ଗାଁ ଭିତରେ ସ୍କୁଲ ହିଁ ବର୍ତ୍ତମାନ ଆମର ସବୁଠାରୁ ବଡ଼ ଆକର୍ଷଣ। ଏହି ରୂପାନ୍ତରିତ ସ୍କୁଲରେ ଉପଲବ୍ଧ ଥିବା ସ୍ମାର୍ଟ ସୁବିଧା ଆମକୁ ଉତ୍ସାହିତ କରିଛି। ଏହା ଆମର ଲକ୍ଷ୍ୟ ପୂରଣ ପାଇଁ ଆମର ମନୋବଳକୁ ଦୃଢ଼ କରିଛି। ଭବିଷ୍ୟତରେ କ'ଣ ହେବାକୁ ଚାହାନ୍ତି ବୋଲି ମୁଖ୍ୟମନ୍ତ୍ରୀ ପଚାରିବାରୁ ସେମାନେ ଉତ୍ସାହିତ ହୋଇ ଆଇଏଏସ୍ ଅଫିସର, ଶିକ୍ଷକ, ଡାକ୍ତର, ଇଞ୍ଜିନିୟର, ସମାଜସେବୀ, ସାମ୍ବାଦିକ ହେବେ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ମାଲକାନଗିରିରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଝାରସୁଗୁଡ଼ାରେ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, କଳାହାଣ୍ଡିରେ ଶକ୍ତି ଓ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମୟୂରଭଞ୍ଜରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏବଂ ଖୋର୍ଦ୍ଧାରେ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ରୂପାନ୍ତର କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ଓ କଟକ-ଭୁବନେଶ୍ୱରର ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ନିଜର ସଫଳତାରେ ସ୍କୁଲର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ରୂପାନ୍ତରିତ ସ୍କୁଲରେ ମିଳୁଥିବା ଆଧୁନିକ ସୁବିଧାର ସମ୍ପୂର୍ଣ୍ଣ ଉପଯୋଗ କରିବା ପାଇଁ ଶିକ୍ଷକ ଓ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ସାହୁ କଳାହାଣ୍ଡିର ମାଣିକେଶ୍ୱରୀ ହାଇସ୍କୁଲ ଛାତ୍ର ଥିଲାବେଳେ ସୌମେନ୍ଦ୍ର ପ୍ରିୟଦର୍ଶୀ ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲର ଛାତ୍ର ଥିଲେ।

ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ। ଉପରୋକ୍ତ ଦୁଇ ପଦସ୍ଥ ଅଧିକାରୀଙ୍କ ଅଭିଜ୍ଞତା ଛାତ୍ରୀଛାତ୍ରଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ସହାୟକ ହେବ ବୋଲି ପାଣ୍ଡିଆନ ଆଶାବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ସମ୍ପର୍କରେ ଭିଡିଓ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ପି.କେ. ଜେନା ଓ କୃଷି ଉତ୍ପାଦନ କମିଶନର ଆର୍.କେ. ଶର୍ମା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।

## ସରକାରଙ୍କ ସହ ୪୮୮ ବର୍ଗ ଶିକ୍ଷକଙ୍କ ଆଲୋଚନା

**ଭୁବନେଶ୍ୱର,୧୮।୧୧**

ନିଖିଳ ଓଡ଼ିଶା ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ(୪୮୮) ଶିକ୍ଷକ ଓ କର୍ମଚାରୀ ସଂଘ ସେମାନଙ୍କ ଦାବି ନେଇ ସରକାରଙ୍କ ସହ ବୁଧବାର ଆଲୋଚନା କରିଛନ୍ତି। ସଂଘର ୫ଜଣିଆ ପ୍ରତିନିଧି ବିଭାଗୀୟ ସଚିବଙ୍କୁ ଭେଟି ସପ୍ତମ ବେତନ ସୁପାରିସ ସହ ସମସ୍ତ ଚାକିରି ସର୍ତ୍ତାବଳୀ ଲାଗୁ କରିବାରେ ବିଳମ୍ବ କରିବାକୁ ଅନୁରୋଧ କରିଥିଲେ। ଏହି ବର୍ଗରେ ସମାନ ପଦବୀରେ ଥାଇ ୨୫ ବର୍ଷର କନିଷ୍ଠ ଅଧ୍ୟାପକ ଆଗାମୀ ୨/୩ବର୍ଷ ମଧ୍ୟରେ ଅଧ୍ୟକ୍ଷ ହେବେ। ଗୁଣାତ୍ମକ ଶିକ୍ଷା ପାଇଁ ଏଭଳି ନିୟମର ସଂଶୋଧନ ହେବା ଆବଶ୍ୟକ ବୋଲି ସଂଘ ପକ୍ଷରୁ ସଚିବଙ୍କୁ ସୂଚନା ଦିଆଯାଇଥିଲା। ୨୦୧୭ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ପୂର୍ଣ୍ଣ ଅନୁଦାନ ଏକ ବ୍ଲକ ଗ୍ରାଣ୍ଟ ଓ ଏଥିରେ ଚାକିରି ସର୍ତ୍ତାବଳୀ ଦିଆଯାଇପାରିବ ନାହିଁ ବୋଲି ସଚିବ ଘୋଷଣା କରିଥିଲେ। ସଚିବଙ୍କ ଏହି ମନ୍ତବ୍ୟକୁ ସଂଘ ଦୃଢ଼ ବିରୋଧ କରିଥିଲା। ଏଥିସହ ବେତନରେ କିଛି ପରିମାଣ ବୃଦ୍ଧି ଓ ପେନସନ ବଦଳରେ ଏକ ସ୍ଥିରୀକୃତ ଅର୍ଥ ପ୍ରଦାନକୁ ସଂଘ ପ୍ରତ୍ୟାଖ୍ୟାନ କରିଥିଲା। ଦାବିଗୁଡ଼ିକ ଉପରେ ପୁନର୍ବିଚାର କରିବାକୁ ସଚିବ ଆଶ୍ୱାସନା ଦେଇଥିଲେ। ଏହି ଆଲୋଚନାରେ ସଂଘର ରାଜ୍ୟ ସଭାପତି ବନମାଳୀ ବାରିକ, କାର୍ଯ୍ୟକାରୀ ସଭାପତି ମାନସ ପୁରୋହିତ, ସାଧାରଣ ସମ୍ପାଦକ ପ୍ରିୟରଞ୍ଜନ ରଥ, ଆବାହକ ଆଦିତ୍ୟ ପ୍ରସାଦ ରଥ, କାର୍ଯ୍ୟକାରିଣୀ ସଦସ୍ୟ ଡ.ସୁବିଜ୍ଞ ଗଡ଼ତ୍ୟା ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ, ଏସବୁ ଦାବିକୁ ନେଇ ସଂଘ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଉଥିବାବେଳେ ଗତ ୧୪ ତାରିଖରେ ଭୁବନେଶ୍ୱରରେ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ବିଭାଗୀୟ ସଚିବ ଆଲୋଚନା ପାଇଁ ଡାକିଥିଲେ।

## ବିଭିନ୍ନ ପ୍ରକଳ୍ପ ଉଦଘାଟିତ



ଟିଟିଲାଗଡ ହଟଲି ଛକଠାରେ ବଜାର ପିଣ୍ଡିକୁ ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

**ଟିଟିଲାଗଡ଼, ୧୮।୧୧ (ଡି.ଏନ.ଏ)**

ବଲାଙ୍ଗୀର ଟିଟିଲାଗଡ ପୌର ପରିଷଦ ପକ୍ଷରୁ ନିର୍ମିତ ବିଭିନ୍ନ ପ୍ରକଳ୍ପ ଗୁରୁବାର ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ସହର ମଧ୍ୟରେ ହଟଲି ଛକ ନିକଟରେ ପରିବା ବିକାଳଙ୍କ ପାଇଁ ନୂତନ ବଜାର ପିଣ୍ଡି, ମିଶନ ଶକ୍ତି ଯୋଜନାରେ ୬ ନମ୍ବର ୱାର୍ଡରେ ମହିଳାଙ୍କ ପାଇଁ ପରିଚୟ ଘର, ଦେସିଲଠାରେ ଶୁଖିଲା ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଗୃହକୁ ସେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଟିଟିଲାଗଡ ଉପଜିଲାପାଳ ତଥା ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ ସତ୍ୟୱାନ ମହାଜନ, ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ପୌର ଯନ୍ତ୍ରୀ ଅନାଥ ସାହୁ, ନୀଳକଣ୍ଠ କିଷାନ, ସିତୁ ପାଢୀ, ସୁନିଲ ସାହୁ, ଅରୁଣ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଗୃହରେ ସଦସ୍ୟ ଆଚରଣ ରଖିବା ଉଚିତ: ବାଚସ୍ପତି



ସମ୍ମିଳନୀରେ ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ଅନ୍ୟମାନେ।

**ଭୁବନେଶ୍ୱର,୧୮।୧୧**

**ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ**

ସଂସଦ ଓ ବିଧାନସଭାର ଅଧ୍ୟକ୍ଷ ଭାବେ ବାଚସ୍ପତିମାନେ ଗୃହର ସୁପରିଚାଳନା ସହ ଗରିମା ରକ୍ଷା କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି। ସାଂସଦ ଓ ବିଧାୟକମାନେ ଏହାକୁ ସମ୍ପୂର୍ଣ୍ଣରୂପେ ହୃଦୟଙ୍ଗମ କରି ଗୃହରେ ନିଜର ଆଚରଣ ରଖିବା ଉଚିତ। ସଂସଦ ଓ ବିଧାନସଭାର ଗରିମା ରକ୍ଷା କରିବା ପ୍ରତ୍ୟେକ ସଦସ୍ୟଙ୍କ ପ୍ରାଥମିକତା ହେବା ଉଚିତ। ସେହିଭଳି ଜନସାଧାରଣଙ୍କ ମୌଳିକ ସମସ୍ୟା ତଥା ଆବଶ୍ୟକତା ସଂସଦ ଓ ବିଧାନସଭାରେ ସମ୍ପୂର୍ଣ୍ଣ ରୂପେ ପ୍ରତିଫଳିତ ହେବା ଆବଶ୍ୟକ। ହିମାଚଳ ପ୍ରଦେଶର ଶିମ୍‌ଲାଠାରେ ଅନୁଷ୍ଠିତ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀର ଶତବାର୍ଷିକୀରେ ଯୋଗଦେଇ ଓଡ଼ିଶା ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ଏହା କହିଛନ୍ତି।

ଗତ ୧୭ ଓ ୧୮ ତାରିଖରେ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଅତିଥି ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ସଂସଦୀୟ ଗଣତନ୍ତ୍ରରେ ବାଚସ୍ପତିଙ୍କ ମହାନୀୟ ଓ ନିରପେକ୍ଷ ଭୂମିକା ଉପରେ ଆଲୋକପାତ କରିଥିଲେ। ହିମାଚଳ ପ୍ରଦେଶ ବିଧାନସଭା ବାଚସ୍ପତି ବିପିନ ସିଂ ପରମର ସ୍ୱାଗତ ଭାଷଣ ଦେଇଥିବାବେଳେ ବିରୋଧୀ ଦଳ ନେତା ମୁକେଶ ଅଗ୍ନିହୋତ୍ରୀ, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଓଡ଼ିଶା ବିଧାନସଭା ବାଚସ୍ପତି ଡ. ପାତ୍ର ସମ୍ବିଧାନ, ଗୃହ ଓ ଜନସାଧାରଣଙ୍କ ପ୍ରତି ଗୃହ ଅଧ୍ୟକ୍ଷଙ୍କ ଦାୟିତ୍ୱବୋଧ ପରେ ମତ ରଖିଥିଲେ। ସୂଚନାଯୋଗ୍ୟ, ଶିମ୍‌ଲାଠାରେ ୧୯୨୧ ମସିହାରେ ପ୍ରଥମ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

## ଭାରରେ ବୁହାହେଲା ବଣ୍ଡା ନାବାଳକଙ୍କ ମୃତଦେହ

**ମାଲକାନଗିରି,୧୮।୧୧(ଡି.ଏନ୍.ଏ.)**

**ଉନ୍ନତ ଚିକିତ୍ସା ପାଇଁ ମିଳିଲାନି ସହାୟତା**

ହାଇଦ୍ରାବାଦରେ କାମ କରିବାକୁ ଯାଇଥିବାବେଳେ ରୋଗାକ୍ରାନ୍ତ ହୋଇ ଫେରିଥିବା ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅଣ୍ଡ୍ରାହାଲ ପଞ୍ଚାୟତ ଓମ୍‌ଗୁଣ୍ଡା ଗ୍ରାମର ବଣ୍ଡା ସମ୍ପ୍ରଦାୟର ଶୁକ୍ରା ମୁଦୁଲିଙ୍କ ପୁଅ ରବି(୧୩)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। କୋରାପୁଟ ଜିଲା ଲମତାପୁଟସ୍ଥିତ ଆଶା କିରଣ ହସ୍ପିଟାଲରେ ସେ ଚିକିତ୍ସାଧୀନ ଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଆମ୍ବୁଲାନ୍ସ ଯୋଗେ ରବିଙ୍କୁ ନେଇ ତାଙ୍କ ଭାଇ ଗାଁକୁ ଫେରୁଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଗାଁକୁ ରାସ୍ତା ନ ଥିବାରୁ ମୃତଦେହ ଭାରରେ ବୋହିନେଇ ସତ୍କାର କରାଯାଇଥିବା ଜଣାପଡ଼ିଛି। ସେହିପରି ଚିକିତ୍ସା ପାଇଁ ଚିତ୍ରକୋଣ୍ଡା ବିଧାୟକଙ୍କ ସମେତ ଅଧିକାରୀମାନଙ୍କ ସହାୟତା ଲୋଡ଼ିଥିଲେ ମଧ୍ୟ କେହି ସାହାଯ୍ୟ କରି ନ ଥିବା ରବିଙ୍କ ଭାଇ ସନିଆ କ୍ଷୋଭର ସହ ପ୍ରକାଶ କରିଛନ୍ତି।



ରବିଙ୍କ ମୃତଦେହ ଭାରରେ ବୋହି ଗାଁକୁ ନିଆଯାଉଛି।

ସୂଚନାଯୋଗ୍ୟ, ରବି ମାଲକାନଗିରି ସଦରସ୍ଥିତ ବିବିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିଲେ। ନେଟ୍‌ୱର୍କ ସମସ୍ୟା ଯୋଗୁ କରୋନା ସମୟରେ ଅନ୍‌ଲାଇନ ପାଠପଢ଼ାରେ ସମସ୍ୟା ହୋଇଥିଲା। ଏହି ସମୟରେ ଦଲାଲଙ୍କ ପ୍ରରୋଚନାରେ ରବି କାମ କରିବାକୁ ହାଇଦ୍ରାବାଦ ଚାଲିଯାଇଥିଲେ। ସେଠାରେ ଏକ ନିର୍ମାଣ କମ୍ପାନୀରେ ପ୍ରାୟ ୨୦ ଦିନ କାମ କରିବା ପରେ କୌଣସି କାରଣରୁ ଅସୁସ୍ଥ ହୋଇ ଅକ୍ଟୋବରରେ ଘରକୁ ଫେରିଥିଲେ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଫୁଲିଯିବା ସହ ଯନ୍ତ୍ରଣା ହେବାରୁ ତାଙ୍କୁ ପ୍ରଥମେ ଖଇରପୁଟ ଡାକ୍ତରଖାନା ଏବଂ ପରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ଥାନୀୟ ଜନ ପ୍ରତିନିଧି ଏବଂ ଅଧିକାରୀଙ୍କ ସାହାଯ୍ୟ ନ ମିଳିବାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହଯୋଗରେ ଭାଇକୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଲମତାପୁଟକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ସେଠାରେ ରବିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଥିଲା। ଚିକିତ୍ସା ପାଇଁ କୌଣସି ପ୍ରକାର ସାହାଯ୍ୟ ନ ମିଳିବା ପରେ ଭାଇ ସନିଆ ସ୍ୱାସ୍ଥ୍ୟସେବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

## କବି ରାଜେନ୍ଦ୍ର କିଶୋର ପଣ୍ଡା ପାଇଲେ 'ରାଷ୍ଟ୍ରୀୟ କୁଭେମ୍ପୁ ପୁରସ୍କାର'

**ଭୁବନେଶ୍ୱର, ୧୮।୧୧ (ବ୍ୟୁରୋ)**

ଭାରତୀୟ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କବି ଡ. ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ 'ରାଷ୍ଟ୍ରୀୟ କୁଭେମ୍ପୁ ପୁରସ୍କାର' ପ୍ରଦାନ କରାଯାଇଛି। ୨୦୨୦ ମସିହା ପାଇଁ ବେଙ୍ଗାଲୁରୁସ୍ଥିତ ରାଷ୍ଟ୍ରକବି କୁଭେମ୍ପୁ ପ୍ରତିଷ୍ଠାନମ୍ ପକ୍ଷରୁ ଡ. ପଣ୍ଡାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଏହି ପୁରସ୍କାର ଦିଆଯାଇଛି। ପୁରସ୍କାର ବାବଦରେ ଡ. ପଣ୍ଡା ୫ଲକ୍ଷ ଟଙ୍କାର ଚେକ୍ ସମେତ ଅଙ୍ଗବସ୍ତ୍ର ଓ ଉପଢୌକନ ଗ୍ରହଣ କରିଛନ୍ତି। କୋଭିଡ୍ କାରଣରୁ ପୁରସ୍କାର ପ୍ରଦାନ ଉତ୍ସବ ବେଙ୍ଗାଲୁରୁରେ ଆୟୋଜିତ ହେବା ପରିବର୍ତ୍ତେ କବିଙ୍କୁ ତାଙ୍କ ବାସଭବନରେ ପ୍ରଦାନ କରାଯାଇଥିଲା। ଏଥିରେ ପ୍ରତିଷ୍ଠାନର କାର୍ଯ୍ୟକର୍ତ୍ତା ମନୁଦେବ ଦିୱାନୀ, କବି ପ୍ରଫେସର ଡ.ଏଚ୍.ଏସ୍. ଶିବପ୍ରକାଶ, ଅନୁବାଦକ ଡ. ରବୀନ୍ଦ୍ର କୁମାର ସ୍ୱାଇଁ, ସୂର୍ଯ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



କବି ଡ. ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ 'ରାଷ୍ଟ୍ରୀୟ କୁଭେମ୍ପୁ ପୁରସ୍କାର' ପ୍ରଦାନ କରାଯାଉଛି।

## ଫୁଟବଲ ଟୁର୍ନାମେଣ୍ଟ: ବାଙ୍କିବାହାଲ ଚାମ୍ପିୟନ

ବଡଗାଁ,(ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ପଞ୍ଚାୟତର ବାଙ୍କିବାହାଲ ଗ୍ରାମରେ ହୋଇଥିବା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ୬୦ଟି ଟିମ୍ ଅଂଶଗ୍ରହଣ କରିଥିବା ଉକ୍ତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ବାଙ୍କିବାହାଲ ଟିମ୍ ପେନାଲ୍‌ଟି କିକ୍ ମାଧମରେ ୧-୦ରେ ବରଙ୍ଗାକଛାର ଟିମ୍‌କୁ ହରାଇ ଚାମ୍ପିୟନ ହୋଇଛି । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ତଳସରା ବିଧାୟକ ଭବାନୀଶଙ୍କର ଭୋଇ ମୁଖ୍ୟଅତିଥି ଓ ସ୍ଥାନୀୟ ସରପଞ୍ଚ ରାଜେଶ୍ୱରୀ କାଲେ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ରମେଶ ଚନ୍ଦ୍ର ମାଝି , ପ୍ରଫୁଲ୍ଲ ମାଝି ଓ ପୀତାମ୍ବର ସାହୁ ଖେଳ ପରିଚାଳନା କରିଥିଲେ ।

# ୨୯ରୁ ଜିଲାରେ ଧାନ କିଣାଯିବ

### ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ

ନୂଆପଡ଼ା ଅଫିସ,୧୮।୧୧

ଆସନ୍ତା ୨୯ ତାରିଖରୁ ନୂଆପଡ଼ା ଜିଲାରେ ମଣ୍ଡି ଖୋଲି ଧାନ କିଣାଯିବ ବୋଲି ଗୁରୁବାର ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକରେ ସ୍ଥିର ହୋଇଛି। ଜିଲାରେ ଚଳିତ ଖରିଫ ଋତୁରେ ଏଯାବତ ୧୨ଲକ୍ଷ ୭୫ ହଜାର ମେଟ୍ରିକ ଟନ୍ ଧାନ କିଣିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲାପାଳଙ୍କ ସଦଭାବନା ଗୃହରେ ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକରେ ଜିଲାପାଳ ସ୍ୱାଧାଦେବ ସିଂଙ୍କ ଅଧ୍ୟକ୍ଷତା କରିଥିଲେ। ବୈଠକରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଜିଲା ଯୋଗାଣ ଅଧିକାରୀ ଜି. ପ୍ରଭାକର ପାତ୍ରୋ ପ୍ରମୁଖ ଉପସ୍ଥିତ ଥିବା ବେଳେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇଥିଲେ। ଚଳିତବର୍ଷ ଜିଲାରେ ମୋଟ ୩୬,୪୭୮ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୨୬୭ଜଣ ଚାଷୀ ବାଦ ପଡିଛନ୍ତି। ଫଳରେ ଜିଲାରେ ୩୬,୨୧୧ ଜଣ ଚାଷୀ ଧାନ ବିକ୍ରୟ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଚଳିତବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୯୬୦ ଟଙ୍କା ରଖାଯାଇଛି ବୋଲି ବୋଲି ଜିଲା ଯୋଗାଣ ଅଧିକାରୀ କହିଥିଲେ। ଜିଲାର ୨୬ଟି ସେବା ସମବାୟ ସମିତି ଜରିଆରେ ୫୬ଟି ଓ ୧୭ଟି ମହିଳା ସ୍ୱୟଂ ସହାୟକ ଦଳ ଏପରି ମୋଟ ୭୩ଟି ଧାନକ୍ରୟ କେନ୍ଦ୍ର ଖୋଲାଯାଇ ଚାଷଙ୍କଠାରୁ ଧାନ ସଂଗ୍ରହ କରାଯିବା ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଜିଲାରେ ମୋଟ ୨୭ଟି ମିଲର୍ସ ଧାନ କିଣା ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବେ ଓ ଆବଶ୍ୟକ ହେଲେ ପଡୋଶୀ ଜିଲାରୁ ଆଉ ୫ଟି ମିଲର୍ସ ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ଧାନ କ୍ରୟକେନ୍ଦ୍ରରେ ସର୍ବନିମ୍ନ ଆନୁସଙ୍ଗିକ ବ୍ୟବସ୍ଥା ଯୋଗାଇଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଯୋଗଦେଇଥିବା ଜନପ୍ରତିନିଧି, ଚାଷୀ ପ୍ରତିନିଧି ଓ ମିଲ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ସମୟରେ ଗତବର୍ଷରେ ଚାଷୀମାନେ ବିଭିନ୍ନ ଶୋଷଣର ଶିକାର ହୋଇଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଚଳିତବର୍ଷ ସୁରୁଖୁରୁରେ ଧାନ କ୍ରୟ କରାଯାଉ ବୋଲି ଚାଷୀ ପ୍ରତିନିଧିମାନେ ଜିଲାପାଙ୍କୁ ନିବେଦନ କରିଥିଲେ। ବୈଠକରେ ଉପଜିଲାପାଳ ତରଣୀ ସେନ ନାଏକ, ତହସିଲଦାର ଦେବେନ୍ଦ୍ର ରାଉତ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିବେକାନନ୍ଦ ମହାନନ୍ଦ, ଜିଲା ପରିବହନ ଅଧିକାରୀ ମାନା ସିଂ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ରାମ ତାଣ୍ଡି, ସହଯୋଗାଣ ଅଧିକାରୀ ରତ୍ନାକର ସେଠୀ, ଖଣ୍ଟୁରାମ ନାଏକ, ମିଲର୍ସ ପ୍ରତିନିଧି ଓ ଚାଷୀ ପ୍ରତିନିଧି ଉପସ୍ଥିତଥିଲେ।



ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ବୃନ୍ଦ।

## ସଂକ୍ଷେପରେ

### ୧୪ ଦିନରେ ୱେସ୍କୋ ଇଞ୍ଜିନିୟର ସଂଘର ଆନ୍ଦୋଳନ

ଲୋଇସିଂହା,୧୮।୧୧(ଡି.ଏନ.ଏ): ୱେସ୍କୋ ଇଞ୍ଜିନିୟର ସର୍ଭିସ ଆସୋସିଏଶନ ପକ୍ଷରୁ କଳାବ୍ୟାଜ ପିନ୍ଧି ଚାଲିଥିବା ଆନ୍ଦୋଳନ ଗୁରୁବାର ୧୪ଦିନରେ ପହଞ୍ଚିଛି। ଟାଟା ପାୱାର ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ଅଧିନରେ କାର୍ଯ୍ୟରତ ସମସ୍ତ ଡିଗ୍ରୀ ଇଞ୍ଜିନିୟର ଏଥିରେ ସାମିଲ ହୋଇଛନ୍ତି। ଟାଟ ପାୱାର ୱେସ୍କୋକୁ ଅଧିଗ୍ରହଣ କଲା ପରଠାରୁ ପୂର୍ବ କାର୍ଯ୍ୟରତ କର୍ମଚାରୀଙ୍କୁ ଅଣଦେଖା କରି ଆସୁଛି। ସଂଘ ତରଫରୁ ବିଭିନ୍ନ ସମୟରେ ଦାବିପତ୍ର ଦେବା ସତ୍ତ୍ୱେ ଟାଟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନାହାନ୍ତି। ସେକ୍ସନ, ସବ୍‌ଡିଭିଜନର ଗ୍ରାହକ ସଂଖ୍ୟା ଓ ଲୋଡକୁ ଆଖି ଆଗରେ ରଖି ରିଷ୍ଟ୍ରକଚରିଂ କରିବା କଥା । ଇଞ୍ଜିନିୟରମାନଙ୍କୁ ନନ୍ ଏକଜିକ୍ୟୁଟିଭ କର୍ମଚାରୀ ତୁଳନାରେ କମ୍ ଘରଭଡା ଓ ଔଷଧ ଭତ୍ତା ମିଳୁଛି । କର୍ତ୍ତୃପକ୍ଷ ଗ୍ରେଡେସନରେ ବିଭିନ୍ନ ଅସୁବିଧା ଦେଖାଇ ଦୀର୍ଘ ୬ବର୍ଷ ଧରି ଇଞ୍ଜିନିୟରମାନଙ୍କୁ ପଦୋନ୍ନତି ନ ଦେବା ଦୁର୍ଭାଗ୍ୟଜନକ ବୋଲି ସଂଘ ପକ୍ଷରୁ କୁହାଯାଇଛି । ନିୟମାନୁଯାୟୀ ଡିଗ୍ରୀ ଇଞ୍ଜିନିୟରମାନେ ଉପଖଣ୍ଡୀୟ ଅଧିକାରୀଭାବେ ଅବସ୍ଥାପିତ ହେବା କଥା। ପରିତାପର ବିଷୟ ଦୀର୍ଘ ୧୫ ବର୍ଷ ହେଲା ସେମାନେ ସେକ୍ସନରେ ଜୁନିୟର ଇଞ୍ଜିନିୟରଭାବେ କାମ କରି ଆସୁଛନ୍ତି। ଏ ସମସ୍ତ ଦାବି ଆସନ୍ତା ୨୦ତାରିଖ ସୁଦ୍ଧା ପୂରଣ କରା ନ ଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ ସହସମ୍ପାଦକ ଇଂ ଶଙ୍କର ବେହେରା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

### ଶିଶୁ ଅଧିକାର ସପ୍ତାହ ପାଳିତ

ଦେଓଗାଁ,୧୮।୧୧(ଡି.ଏନ.ଏ.): ଦେଓଗାଁ ବ୍ଲକ ଉଡାର ଜଲିଆ ଏଥ୍ରୀ ୱାଲ୍ଡ ପରିସରରେ ଶିଶୁ ଅଧିକାର ସପ୍ତାହ ଗୁରୁବାର ପାଳିତ ହୋଇଯାଇଛି। ସୁବ୍ରତ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ଯୋଗେଶ୍ୱର ମାହାନ୍ତି, ଜିଲା ଶିଶୁ ସୁରକ୍ଷା କମିଟି ଡିସିପିଓ ଲକ୍ଷ୍ମୀ ସିଂ, ସନାତନ ଠାକୁର, ବିଦ୍ୟୁତଲତା ଖମାରୀ, ଶିବ ଶଙ୍କର ପୃଷ୍ଟି, ୱାସିଡିଏର ଅରୁଣ ପଧାନ ଉପସ୍ଥିତ ଥିଲେ। ଆଲୋଚନାଚକ୍ରରେ ପ୍ରତ୍ୟେକ ଶିଶୁ ପାଇଁ କାହିଁକି ଏକ ଉତ୍ତମ ପରିବାର ଆବଶ୍ୟକ, ଶିଶୁଙ୍କୁ ଥଇଥାନ କରିବାକୁ ସରକାରୀସ୍ତରରେ ଥିବା ବ୍ୟବସ୍ଥା, ପରିବାରଠାରୁ ଦୂରରେ ରହିଲେ ପରବର୍ତ୍ତୀ ସମୟରେ ଉପୁଜୁଥିବା ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ।

### ଚାଇଲ୍ଡଲାଇନ ସେ ଦୋସ୍ତି ଅଭିଯାନ

ଟିଟିଲାଗଡ଼,୧୮।୧୧ (ଡି.ଏନ.ଏ): ଚାଇଲ୍ଡ ଲାଇନ ପକ୍ଷରୁ ଦୋସ୍ତି କାର୍ଯ୍ୟକ୍ରମ ନେଇ ଗୁରୁବାର ଏକ ସଚେତନତା ପଦଯାତ୍ରା ଟିଟିଲାଗଡ ସହର ପରିକ୍ରମା କରିଥିଲା। ଉପଜିଲାପାଳ ମନୋଜ ସତ୍ୟୱାନ ମହାଜନ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମୃଣ୍ମୟୀ ଭୋଇ ପତକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପରେ ନେହେରୁ କ୍ଲବ ପରିସରରେ ଏକ ସଭାରେ ଶିଶୁଙ୍କୁ ଆଧାର ଚାଇଲ୍ଡଲାଇନ ସହ ସମ୍ପର୍କ, ସମସ୍ୟାର ସମାଧାନ ତଥା ଶିଶୁଙ୍କ ସୁରକ୍ଷା ନେଇ ଆଲୋଚନା ହୋଇଥିଲା। ଶିଶୁମାନେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଯାଇ ଅଧିକାରୀ କର୍ମଚାରୀଙ୍କୁ ଦୋସ୍ତି ରିବନ ବାନ୍ଧିଥିଲେ। ଶିବାନନ୍ଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉତ୍ତମ ମାନର ଧାନ ସଂଗ୍ରହ ପାଇଁ ପ୍ରଶିକ୍ଷଣ ଶିବିର


ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଚାଷୀ ଓ ଅନ୍ୟମାନେ ।

ଲହୁଣୀପଡ଼ା,୧୮।୧୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡ଼ାସ୍ଥିତ ବ୍ଲକ ସଭାଗୃହଠାରେ ଉତ୍ତମ ମାନର ଧାନ ସଂଗ୍ରହ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଣେଇ ଏସସିଏସଓ ଧର୍ମପଦ ଦାସ,ଏଆରସିଏସ ସଞ୍ଜୟ କୁମାର ପ୍ରଧାନ, ଆରଏମସି ସମ୍ପାଦକ ବାବୁଲାଲ କୁମ୍ଭାର ଯୋଗ ଦେଇଥିଲେ । ଲହୁଣୀପଡ଼ା ବ୍ଲକ ଯୋଗାଣ ଅଧିକାରୀ ବିଜୟ କୁମାର ସାହୁ ଅଧକ୍ଷତା କରି ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସରକାରଙ୍କ ତରଫରୁ ଧାନ କିଣିବା ପାଇଁ ଦିଆଯାଉଥିବା ଟୋକନକୁ ନିଜେ ଚାଷୀ ନେଇ ଧାନ ବିକ୍ରି କରି ପାରିବେ ଏବଂ ସମୟ ସୀମା ଭିତରେ ଚାଷୀମାନେ ନିଜ ନାମକୁ ପଞ୍ଜୀକୃତ କରିବା ଆବଶ୍ୟକ ବୋଲି କହିଥିଲେ । ଏହି ଅବସରରେ ଉତ୍ତମ ମାନର ଧାନ କିପରି ଚିହ୍ନଟ କରାଯିବ ଓ କେମିତି କରାଯାଇ ପାରିବ ସେ ସମ୍ପର୍କରେ ଜିଲାରୁ ଆସିଥିବା ପ୍ରଶିକ୍ଷକମାନେ ପ୍ରାଞ୍ଜଳ ଭାବରେ ତାଲିମ ପ୍ରଦାନ କରିଥିଲେ । ଚଳିତବର୍ଷ ପ୍ରଥମଥର ପାଇଁ ବ୍ଲକର ଦୁଇଟି ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ଦ୍ୱାରା କୁଲିପୋଷ ଓ ତାଳବାହାଲି ଗ୍ରାମଠାରେ ଧାନକ୍ରୟ କରାଯିବ ବୋଲି ସୂଚନା ଦେଇଥିଲେ । ଏହି ତାଲିମ ଶିବରରେ ଲହୁଣୀପଡ଼ା ସରପଞ୍ଚ ଜୁଲିଆନି କାଣ୍ଡିର, କଲେଇପୋଷ ସରପଞ୍ଚ ଶାନ୍ତି ଓରାମ, କୁଲିପୋଷ ସରପଞ୍ଚ ବୈଲୋଚନ ନାଏକ, ଜିଲା ପରିଷଦ ସଦସ୍ୟ କେଦାର କୁମାର ମାହାନ୍ତ, ଲହୁଣୀପଡ଼ା, ଖୁଣ୍ଟଗାଁ, ମହୁଲପଦା ଲ୍ୟାମ୍ପ ଏମଡ଼ି ପରକ୍ଷୀତ ମାହାନ୍ତ, ବସନ୍ତ ପଲେଇ ଓ ଦୁର୍ଯ୍ୟୋଧନ କିଷାନଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ

### ୫ମ ଦିନରେ ସେବା ସମବାୟ ସମିତି କର୍ମଚାରୀଙ୍କ ଧାରଣା

ଦେବଗଡ଼,୧୮।୧୧(ଡି.ଏନ.ଏ)

ସରକାରୀ କର୍ମଚାରୀ ମାନ୍ୟତା ସମେତ ୫ ଦଫା ଦାବିରେ ଓଡିଶା ସେବା ସମବାୟ ସମିତି କର୍ମଚାରୀ ମହାସଂଘ ଦେବଗଡ ଶାଖା ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଛି। ଏହିକ୍ରମରେ ଦେବଗଡ ସମବାୟ ସମିତି ସମୂହ ଅତିରିକ୍ତ ନିବନ୍ଧକ(ଏଆର୍‌ସିଏସ୍)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ୧୪ ତାରିଖଠାରୁ ଚାଲିଥିବା ଧାରଣା ଗୁରୁବାର ପଞ୍ଚମ ଦିବସରେ ପହଞ୍ଚିଛି। ମାତ୍ର ସେମାନଙ୍କ ଦାବି ପୂରଣ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଧାରଣାରତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଅନିର୍ଦ୍ଦିଷ୍ଟକାଳ ଯାଏ ଜାରି ରହିବ ବୋଲି ସଂଘ ଅଡି ବସିଛି। ଅନ୍ୟପକ୍ଷରେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ସେବା ସମବାୟ ସମିତି କର୍ମଚାରୀମାନେ ସରକାରଙ୍କ କୃଷି ବିଭାଗ, ଯୋଗାଣ ବିଭାଗ ତଥା ସମବାୟ ବିଭାଗର ସମସ୍ତ କାମ ସୂଚାରୁ ରୂପେ କରି ଆସୁଛନ୍ତି। ହେଲେ ସରକାର ସେମାନଙ୍କ ମୌଳିକ ସୁବିଧା ସୁଯୋଗ ପ୍ରଦାନ କରିନାହାନ୍ତି। ଏପରିକି ସେମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ମଧ୍ୟ ପ୍ରଦାନ କରାଯାଇନାହିଁ । ଏଥି ସହିତ ଅନ୍ୟାନ୍ୟ ନ୍ୟାର୍ଯ୍ୟ ଦାବି ପୂରଣ ନେଇ ସେମାନେ ପୂର୍ବରୁ ଏକ ସ୍ମାରକପତ୍ର ଜିଲାପାଳ ଏବଂ ସମବାୟ ସମିତି ସମୂହ ଅତିରିକ୍ତ ନିବନ୍ଧକଙ୍କୁ ପ୍ରଦାନ କରିଥିଲେ। ୧୦ଦିନ ମଧ୍ୟରେ ଦାବି ପୂରଣ ନହେଲେ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବାକୁ ଲିଖିତ ଚେତାବନୀ ଦେଇଥିଲେ। ମାତ୍ର ଧାର୍ଯ୍ୟ ସମୟ ମଧ୍ୟରେ ସେମାନଙ୍କର ଦାବି ପୂରଣ ନହେବାରୁ ଓଡିଶା ସେବା ସମବାୟ ସମିତି କର୍ମଚାରୀ ମହାସଂଘ ଦେବଗଡ ଶାଖା ସଭାପତି ବସନ୍ତ କୁମାର ପ୍ରଧାନ, ଉପସଭାପତି ମହେଶ୍ୱର ବେହେରା, ସମ୍ପାଦକ ନିହାର ରଞ୍ଜନ ପ୍ରଧାନ, ସହସମ୍ପାଦକ ରମେଶ ଚନ୍ଦ୍ର କୁଣ୍ଡଙ୍କ ନେତୃତ୍ୱରେ ଗତ ୧୪ ତାରିଖଠାରୁ ସଂଘର ସଦସ୍ୟମାନେ କାର୍ଯ୍ୟ ବନ୍ଦ କରି ସ୍ଥାନୀୟ ସମବାୟ ସମିତି ସମୂହ ଅତିରିକ୍ତ ନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।


ଧାରଣାରତ ସେବା ସମବାୟ ସମିତି କର୍ମଚାରୀ।

## ମୋବାଇଲ ଚୋରି ଅଭିଯୋଗରେ ୨ ଗିରଫ



ଜୁନାଗଡ,୧୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ପୋଲିସ ଗୁରୁବାର ମୋବାଇଲ ଚୋରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜୁନାଗଡ ସହର ଲକ୍ଷ୍ମୀସାଗରପଡାର ଭୁବନେଶ୍ୱର ଖର୍ସେଲ ଓରଫ କାଳିଆ (୨୧) ଓ ବିପନ କଟା (୨୨)। ସେମାନଙ୍କଠାରୁ ୧୬ଟି ମୋବାଇଲ ଫୋନ୍, ଗୋଟିଏ ବ୍ଲୁଟୁଥ୍ ସ୍ପିକର, ଗୋଟିଏ ସିସିଟିଭି କ୍ୟାମେରା ଆଦି ଜବତ କରାଯାଇଛି ବୋଲି ଜୁନାଗଡ ଥାନାଧିକାରୀ ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି। ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ ଯେ, ଗତ ୧୧ ତାରିଖ ରାତିରେ ଜୁନାଗଡ ସହର ପିଆଇ କଲେଜ ଛକଠାରେ ସତ୍ୟ ନାରାୟଣ ନାହାକଙ୍କ ଦୋକାନ ତାଲା ଭାଙ୍ଗି ଭୁବନେଶ୍ୱର ଓ ବିପନ ୧୫ଟି ମୋବାଇଲ ଫୋନ୍, ଗୋଟିଏ ବ୍ଲୁଟୁଥ୍ ସ୍ପିକର, ଗୋଟିଏ ସିସିଟିଭି କ୍ୟାମେରା ଓ ଗୋଟିଏ ମରାମତି ମୋବାଇଲ ଚୋରି କରିଥିଲେ। ୧୨ ତାରିଖରେ ଚୋରି ହୋଇଥିବା ନେଇ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୩୮୬/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ସାମିଲ ଥିବା ଭୁବନେଶ୍ୱର ଓ ବିପନଙ୍କୁ ପୋଲିସ ଗିରଫ କରି ସ୍ଥାନୀୟ ଜେଏମଏଫସି କୋର୍ଟ ଚାଲାଣ କରିଛି।

## ଟ୍ରେନ୍ ଆଗରେ ଶୋଇ ଯୁବକଙ୍କ ଆତ୍ମହତ୍ୟା

ବଲାଙ୍ଗୀର ଅଫିସ, ୧୮।୧୧

ଏକ ମାଲବାହୀ ଟ୍ରେନ୍ ସମ୍ମୁଖରେ ଶୋଇ ଜଣେ ଯୁବକ ଆତ୍ମହତ୍ୟା କରିବା ଦୃଶ୍ୟ ଏଠାରେ ପ୍ରତ୍ୟକ୍ଷଦର୍ଶୀଙ୍କୁ ବିଚଳିତ କରିଥିଲା। ଗୁରୁବାର ଦିନ ପ୍ରାୟ ସାଢ଼େ ୧ଟାରେ ମାଲବାହୀ ଟ୍ରେନ୍ ଆସୁଥିବା ଦେଖି ବଲାଙ୍ଗୀର କଦମପଡା ଟ୍ରେନ୍ ଲାଇନ୍ ଉପରେ ମୁରିବାହାଲ ଥାନା ବୁଢ଼ୀପଦର ଗ୍ରାମର ରାକେଶ ମହାନନ୍ଦ(୨୧) ଯୁବକ ଜଣକ ଶୋଇଯାଇଥିଲେ। କିଛି ସମୟ ମଧ୍ୟରେ ଯୁବକଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ବଲାଙ୍ଗୀର ରେଲବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର କରି ସ୍ଥାନୀୟ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲା। ଶୁକ୍ରବାର ବ୍ୟବଚ୍ଛେଦ ହେବ ବୋଲି ରେଲବାଇ ପୋଲିସ ଥାନାଧିକାରୀ ସୁକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି। କେଉଁ କାରଣରୁ ଯୁବକ ଜଣକ ଏପରି କଲେ ତାହା ଜଣାପଡିନାହିଁ।

## ରାଉରକେଲା ମ୍ୟୁନିସିପାଲ କଲେଜ ଚାମ୍ପିୟନ

### ବିଶ୍ୱ ବିଦ୍ୟାଳୟସ୍ତରୀୟ ପୁରୁଷ ହକି ପ୍ରତିଯୋଗିତା


ପାନପୋଷଠାରେ ଚାମ୍ପିୟନ ଟ୍ରଫି ସହ ହକି ଖେଳାଳିମାନେ।

ରାଉରକେଲା ଅଫିସ,୧୮।୧୧

ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ ପରିସରରେ ଚାଲିଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ସମସ୍ତ ବିଶ୍ୱବିଦ୍ୟାଳୟସ୍ତରୀୟ ପୁରୁଷ ହକି ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୧୨ଟି ମହାବିଦ୍ୟାଳୟ ଅଂଶ ଗ୍ରହଣ କରିଥିଲା। ମ୍ୟୁନିସିପାଲ କଲେଜ ରାଉରକେଲା ଦଳ ସହ ହିମରପୁରସ୍ଥିତ କଲ୍ୟାଣରାୟ ମହାବିଦ୍ୟାଳୟ ମଧ୍ୟରେ ଫାଇନାଲ ମ୍ୟାଚ ଖେଳା ଯାଇଥିଲା। ଏଥିରେ ରାଉରକେଲା ମ୍ୟୁନିସିପାଲ କଲେଜ ୨–୦ ଗୋଲରେ କଲ୍ୟାଣୀରାୟ ମହାବିଦ୍ୟାଳୟକୁ ହରାଇ ଚାମ୍ପିୟନ ହୋଇଥିଲା। ମ୍ୟାଚର ୨୨ ମିନିଟ୍‌ରେ ଶକ୍ତି କୁଜୁର ପ୍ରଥମ ଗୋଲ ଦେଇଥିବା ବେଳେ ୪୫ ମିନିଟ୍‌ରେ ପେନାଲଟିକ୍ କର୍ଣ୍ଣରୁ ପ୍ରଶାନ୍ତ ଦ୍ୱିତୀୟ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। କଲେଜର ପୂର୍ବ ଅଧ୍ୟକ୍ଷ ପ୍ରସାଦ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟୁନିସିପାଲ କଲେଜ ଏହି ଗୌରବ ପାଇଁ ଅଧ୍ୟକ୍ଷ ପ୍ରଫେସର ପରେଶ ଚନ୍ଦ୍ର ପ୍ରଧାନ, କ୍ୟାପଟେନ ସତ୍ୟ ନାରାୟଣ ରାଉତ, ମୁଖ୍ୟ କିରାଣି ହେମନ୍ତ ପୁହାଣ, ସତ୍ୟବାନ ସାହୁ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଥିଲେ।

## ଉପନିବନ୍ଧକ କାର୍ଯ୍ୟାଳୟ ଅପେକ୍ଷା ଗୃହ ଉଦ୍‌ଘାଟିତ

ବଲାଙ୍ଗୀର ଅଫିସ, ୧୮।୧୧

ବଲାଙ୍ଗୀର ଜିଲା ଉପନିବନ୍ଧକ ଅଫିସ ପରିସରରେ ନବନିର୍ମିତ ଅପେକ୍ଷାଗୃହ ଏବଂ ମୁଖ୍ୟଦ୍ୱାର ନବୀକରଣ କାର୍ଯ୍ୟକୁ ଜିଲାପାଳ ଚଞ୍ଚଳ ରାଣା ଗୁରୁବାର ଉଦ୍‌ଘାଟନ କରିଥିଲେ। ଜମିବାଡି ରେଜିଷ୍ଟ୍ରି ତଥା ଆନୁସଙ୍ଗିକ କାର୍ଯ୍ୟ ପାଇଁ ଆସୁଥିବା ଲୋକେ ଏଠାରେ ଅପେକ୍ଷା ଗୃହ ନଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଲକ୍ଷ୍ୟ କରି ଜିଲା ପ୍ରଶାସନ ତରଫରୁ ଲୋକଙ୍କ ସୁବିଧା ଦୃଷ୍ଟିରୁ ଏକ ଅପେକ୍ଷା ଗୃହ ସହ ଉପନିବନ୍ଧକ ଅଫିସର ମୁଖ୍ୟଦ୍ୱାର ଓ ଅନ୍ୟାନ୍ୟ କାର୍ଯ୍ୟର ନବୀକରଣ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ ରାଣାଙ୍କ ସହ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଜିଲା ଉପନିବନ୍ଧକ ପଦ୍ମନାଭ ପୁରୋହିତ ଉପସ୍ଥିତ ଥିଲେ।

## ଶିଶୁପାର୍କ, ସ୍ମାର୍ଟ ଶୌଚାଳୟ ଉଦ୍‌ଘାଟିତ

କଣ୍ଟାବାଞ୍ଜି, ୧୮।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ଗୁରୁବାର ୨ଟି ଶିଶୁପାର୍କ ଏବଂ ଏକ ସ୍ମାର୍ଟ ଶୌଚାଳୟ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଏନଏସି ପକ୍ଷରୁ ପଞ୍ଚଦଶ ସ୍ୱତନ୍ତ୍ର ଆର୍ଥିକ ଅନୁଦାନରେ ପ୍ରତ୍ୟେକ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପାର୍କ ନିର୍ମାଣ ହୋଇଛି। ୱାର୍ଡ ନଂ.୧୪ ଝାଙ୍କରପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବଂ ପିଡବ୍ଲ୍ୟୁଡ ରାମେଶ୍ୱର ମନ୍ଦିର ପରିସରରେ ଏହି ପାର୍କ ନିର୍ମିତ ହୋଇଛି। ସେହିପରି ତହସିଲ ଓ ସିଭିଲ କୋର୍ଟ ପରିସରରେ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସ୍ମାର୍ଟ ଶୌଚାଳୟ ନିର୍ମାଣ ହୋଇଛି। ଉଦ୍‌ଘାଟନ ଅବସରରେ ସମ୍ମାନିତ ଅତିଥିଭାବେ ଏନଏସି ନିର୍ବାହୀ ଅଧିକାରୀ ସାମ୍ପି ରେଡ୍ଡି ଜୟଶ୍ରୀ, ବିଶିଷ୍ଟ ଅତିଥିଭାବେ ମ୍ୟୁନିସିପାଲ ଇଞ୍ଜିନିୟର ଅଶୋକ କୁମାର ପଟ୍ଟନାୟକ, ଜେ.ଇ. ଆଦିତ୍ୟ କୁମାର ମିଶ୍ର, ନୋଡାଲ ଅଫିସର ଚନ୍ଦ୍ରଶେଖର ଭୋଇ, ପୂର୍ବତନ ନଗରପାଳ ଡମ୍ବରୁଧର ବେହେରା ଉପସ୍ଥିତ ଥିଲେ।


ବିଧାୟକ ସନ୍ତୋଷ ସିଂ ସାଲୁଜା ସ୍ମାର୍ଟ ଶୌଚାଳୟ ଉଦ୍‌ଘାଟନ କରୁଛନ୍ତି।

## ବିଭିନ୍ନ ସମସ୍ୟା ନେଇ ଆଲୋଚନା

ସୁନ୍ଦରଗଡ,୧୮।୧୧(ଡି.ଏନ.ଏ.)

ସୁନ୍ଦରଗଡ ସହରର ବିଭିନ୍ନ ସମସ୍ୟା ନେଇ ଜିଲା କଂଗ୍ରେସ କମିଟିର ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ପୌରନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂଙ୍କୁ ଭେଟି ଆଲୋଚନା କରିଛନ୍ତି। ଜିଲା କଂଗ୍ରେସ କମିଟିର ସଭାପତି ବେଣୁ ମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀ ସହରର ଜନସାଧାରଣଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦେବାକୁ ଦାବି କରିଥିଲେ। ଏହି ଅବସରରେ ପ୍ରତିନିଧିମଣ୍ଡଳୀ ତରଫରୁ ବିଗତ ଦିନରେ ପୂର୍ବ ନିର୍ବାହୀ ଅଧିକାରୀଙ୍କୁ ଦେଇଥିବା ଦାବିପତ୍ରର ଏକ ନକଲ କପି ଦେଇଥିଲେ। ପୌରାଞ୍ଚଳରେ ଥିବା ନାଳ ନର୍ଦ୍ଦମା ସଫା ନ ହୋଇ ପାରିବା, ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ନର୍ଦ୍ଦମା ପାଣି ବହୁଥିବା, ରାସ୍ତାରେ ଗୃହପାଳିତ ଗାଈ ଗୋରୁ ବୁଲବା, ଷ୍ଟ୍ରିଟ ଲାଇଟ ଠିକ ଭାବରେ ଜଳୁ ନ ଥିବା ଆଦି ସମସ୍ୟା ଉପରେ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ କାର୍ଯ୍ୟନିର୍ବାହୀ ଅଧିକାରୀ ସିଂ ଆଗାମୀ ଦିନରେ ପ୍ରତ୍ୟେକ ୱାର୍ଡ ବୁଲି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପଦକ୍ଷେପ ନେବେ ବୋଲି କହିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଟାଉନ କଂଗ୍ରେସ ସଭାପତି ନେପାଳ ଚନ୍ଦ୍ର ସାହୁ, ଜିଲା ସାଧାରଣ ସମ୍ପାଦକ କାଳୀପଦ ସାମଲ, ପର୍ଶୁରାମ ସରାଫ, ଆଡ଼ଭୋକେଟ ପ୍ରଣବ ସିଂ, ସେବାଦଳ ପର୍ଯ୍ୟବେକ୍ଷକ ମୁନୁ ସରାଫ, ଉପ ସଭାପତି ଅଜିତ ପ୍ରସାଦ, ନରେନ୍ଦ୍ର ସିଂ, ସତ୍ୟନାରାୟଣ ସାହୁ, ପୂର୍ବତନ କାଉନସିଲର ଦେବାଶିଷ ଦାସ, ଯୁବକଂଗ୍ରେସ ନେତା ବିଶ୍ୱଜିତ ପଟ୍ଟନାଏକ ପ୍ରମୁଖ ସାମିଲ ଥିଲେ।


ପୌର ନିର୍ବାହୀ ଅଧିକାରୀଙ୍କୁ ପ୍ରତିନିଧିମଣ୍ଡଳୀ ଭେଟି ଆଲୋଚନା କରୁଛନ୍ତି।

## ଭିନ୍ନକ୍ଷମ ଚିହ୍ନଟ ଶିବିର

ଟିଟିଲାଗଡ଼, ୧୮।୧୧ (ଡି.ଏନ.ଏ)

ଟିଟିଲାଗଡ ବିଆରସିସି ପଡିଆରେ ସମଗ୍ର ଶିକ୍ଷା ଅଭିଯାନ ଏବଂ ସ୍ୱାମୀ ବିବେକାନନ୍ଦ ନିରତାର ବଲାଙ୍ଗୀର ପକ୍ଷରୁ ଗୁରୁବାର ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୦୫ଜଣଙ୍କ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫୮ ଜଣଙ୍କୁ ବିଭିନ୍ନ ସହାୟକ ଉପରଣ ପ୍ରଦାନ ପାଇଁ ଚୟନ କରାଯାଇଥିଲା। ଡା. ସୁରେନ୍ଦ୍ର ବୋଇ, ଡା. ଅର୍କେଶ ପଟ୍ଟନାୟକ, ଡା. ଅମିତ ମିଶ୍ର ରୋଗୀଙ୍କ ପରୀକ୍ଷା କରିଥିଲେ। ଅନୁଷ୍ଠିତ ସଭାରେ ଟିଟିଲାଗଡ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୋଦଣ୍ଡଧର ଭୋଇ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ।

## ଭାଜପା ପକ୍ଷରୁ ଜନଜାତି ଦିବସ ପାଳିତ

ରାଉରକେଲା ଅଫିସ: ସେକ୍ଟର-୩ସ୍ଥିତ ଭାଜପା କାର୍ଯ୍ୟାଳୟରେ ପାନପୋଷ ସାଙ୍ଗଠନିକ ଜିଲା ଅନୁସୂଚିତ ମୋର୍ଚ୍ଚା ଅଧ୍ୟକ୍ଷ ବାବୁଲି ମୁର୍ମୁଙ୍କ ଅଧ୍ୟକ୍ଷତାରେ ବିର୍ସାମୁଣ୍ଡା ଜୟନ୍ତୀ ଅବସରରେ ଜନଜାତି ଗୌରବ ଦିବସ ପାଳିତ ହୋଇଛି। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପୂର୍ଣ୍ଣିମା କେରକେଟ୍ଟା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଦୀର୍ଘ ୭୫ ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିର୍ସାମୁଣ୍ଡାଙ୍କୁ ସମ୍ମାନ ଦେବା ସହ ତାଙ୍କର ଜୟନ୍ତୀକୁ ଜନଜାତି ଗୌରବ ଦିବସ ରୂପେ ପାଳନ କରିବାକୁ ଘୋଷଣା କରିବାକୁ ମୋର୍ଚ୍ଚା ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି। ଏଥିରେ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ନରସିଂହ ମିଞ୍ଜ, ରାଇସନ ତିର୍କୀ, ବିଜୟିନୀ କିସପଟ୍ଟା, ଭୋଲାନାଥ ମାଝିଙ୍କ ସହ ବହୁ କର୍ମୀ ବିର୍ସାମୁଣ୍ଡାଙ୍କ ସ୍ମୃତି ଚାରଣ କରିଥିଲେ।

### ଆଜି କ'ଣ କେଉଁଠି

ସମ୍ବଲପୁର

- ବ୍ରହ୍ମପୁରା ମନ୍ଦିରରେ ନୂତନ ଧ୍ୱଜାରୋହଣ ଓ ଠାକୁରଙ୍କ ରାଜ ରାଜେଶ୍ୱର ବେଶ , ସକାଳ ୮ଟା, ଝାଡୁଆପଡା ।
- ଦ୍ୱିତୀୟ ବେଣୀମାଧବ ସମ୍ମାନ ସମାରୋହ, ସନ୍ଧ୍ୟା ୫ଟା, ଝାଡୁଆପଡା ଆରଣ୍ୟକ ମଞ୍ଚ ।
- ରଙ୍ଗୋଲି ଆୟୋଜିତ ପଶ୍ଚିମ ଓଡିଶା ସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା, ସନ୍ଧ୍ୟା ୭ଟା, ଓଡିଶା ସାଂସ୍କୃତିକ ସମାଜ ଭବନ ।

# ହୀରାକୁଦ ବିସ୍ଥାପିତଙ୍କୁ ପଟ୍ଟାଦେବା ପ୍ରହସନ

### ବୁଡ଼ି ଅଞ୍ଚଳ ସଂଗ୍ରାମ ସମିତିର ବିକ୍ଷୋଭ

ସମ୍ବଲପୁର,୧୮।୧୧(ବ୍ୟୁରୋ)

୨୦୦୧ରେ ରାଜ୍ୟ ସରକାର ହୀରାକୁଦ ବିସ୍ଥାପିତଙ୍କୁ ୧୦ ଡେସିମିଲ ଘରଡିହ ଦେବାକୁ ଘୋଷଣା କରିଥିଲେ। ୧୯ବର୍ଷ ପରେ ଏହା ମନେ ପଡିଛି। ଝାରସୁଗୁଡ଼ା ଜିଲାର ୨ ହଜାର ପରିବାରକୁ ଜମିପଟ୍ଟା ପ୍ରଦାନ କରାଯିବ ବୋଲି ଘୋଷଣା କରି ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼ ଜିଲାର ବିସ୍ଥାପିତଙ୍କ ପ୍ରତି ସରକାର ଅଣଦେଖା କରିଛନ୍ତି। ଅନ୍ୟପଟେ ଝାରସୁଗୁଡ଼ା ଜିଲାର ଆବେଦନ କରିଥିବା ସମସ୍ତ ପରିବାରକୁ ମଧ୍ୟ ସାମିଲ କରାଯାଇ ନାହିଁ ବୋଲି ଗୁରୁବାର ଆର୍‌ଡିସି ଅଫିସ ନିକଟରେ ହୀରାକୁଦ ବୁଡ଼ି ଅଞ୍ଚଳ ସଂଗ୍ରାମ ସମିତି କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ସେମାନେ ଅଭିଯୋଗ କରିଛନ୍ତି, ସମ୍ବଲପୁର ଜିଲାରୁ ୨୭୧୯, ସୁନ୍ଦରଗଡ଼ରୁ ୩୧୦୦, ବରଗଡରୁ ୬୫୦, ଝାରସୁଗୁଡ଼ା ଜିଲରୁ ୧୦୪୬୫ ପରିବାର ଘରଡିହ ପାଇଁ ଆବେଦନ କରିଥିଲେ। ସମସ୍ତଙ୍କୁ ୧୦ ଡେସିମିଲ ଲେଖାଏ ଜମି ଯୋଗାଇଦେବାକୁ ଘୋଷଣା କରାଯାଇଥିଲା। ଏବେ ମାତ୍ର ୨ ହଜାର ପରିବାରକୁ ଚିହ୍ନଟ କରାଯାଇଛି। ଜମି ପଟ୍ଟା ଦେବା ପାଇଁ ସରକାର ବିସ୍ଥାପିତଙ୍କୁ ୬୫ ବର୍ଷ ପୁରୁଣା ରେକର୍ଡ ଦାଖଲ କରିବାକୁ କହୁଛନ୍ତି। ଏପରି କି ବିସ୍ଥାପିତ ପ୍ରମାଣପତ୍ର ମଧ୍ୟ ମାଗୁଛନ୍ତି। ଅଧିକାଂଶ ପରିବାର ପାଖରେ ସେଭଳି ତଥ୍ୟ ପ୍ରମାଣ ନାହିଁ। ସରକାରଙ୍କ ଅବହେଳା ଯୋଗୁ ଅଧିକାଂଶ ପରିବାର ମୁଖ୍ୟଙ୍କ ପରଲୋକ ହୋଇଯାଇଛି। ତେଣୁ ଏଭଳି ଲଲିପପ ଦେଇ ପୁଣି ୨୦ ବର୍ଷ ବିତିଯିବ ବୋଲି ସଂଗ୍ରାମ ସମିତିର ଗୋପିନାଥ ମାଝି ଅଭିଯୋଗ କରିଛନ୍ତି। ପୂର୍ବାହ୍ନ ୧୦ଟାରୁ ୩ଟା ପର୍ଯ୍ୟନ୍ତ ସମାବେଶ ହୋଇଥିଲା। ପରେ ଆର୍‌ଡିସିଙ୍କ ଅତିରିକ୍ତ ସଚିବ ଗିରିଶଚନ୍ଦ୍ର ସିଂଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ ହୀରାକୁଦ ଜଳଭଣ୍ଡାର ପାଇଁ ୧୯୫୫-୫୬ ମସିହାରେ ୨୬ ହଜାର ୫୦୧ ବିସ୍ଥାପିତ ପରିବାର ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୩ ହଜାର ୪୭୦ ପରିବାରଙ୍କୁ ଥଇଥାନ ଓ କ୍ଷତିପୂରଣ ପ୍ରଦାନ କରାଯାଇ ନାହିଁ। ମାତ୍ର ୫୦ ପ୍ରତିଶତ କ୍ଷତିପୂରଣ ରାଶି ପ୍ରଦାନ କରାଯାଇ ବାକି ୫୦ ପ୍ରତିଶତ ଦିଆଯାଇ ନାହିଁ। ୯ ହଜାର ୯୧୩ ପ୍ରଜାଙ୍କୁ କ୍ଷତିପୂରଣ ଦିଆଯାଇ ନ ଥିବା ଓଡ଼ିଶା ବିଧାନସଭାରେ ୧୯୮୭ ମସିହାରେ ତତ୍କାଳୀନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ ପ୍ରଶ୍ନ ଉତ୍ତରରେ ପ୍ରକାଶ କରାଯାଇଥିଲା। ବାରମ୍ବାର ଦାବି ଓ ଆଇନର ଅଶ୍ରୟ ନେବା ପରେ ସେଥିମଧ୍ୟରୁ ୩୫୪୦ ଜଣଙ୍କୁ ୧୦ ହଜାର ଟଙ୍କା ଏକର ପିଛା ଅନୁକମ୍ପା ରାଶି ଦିଆଯାଇଥିଲା। ୫୨୦୪ ପରିବାରଙ୍କୁ କୂଅ, ଗଛ, ମନ୍ଦିର, ଗୌନ୍ତିଆ ଭାଗ ବାବଦକୁ କ୍ଷତିପୂରଣ ଦିଆଯାଇ ନାହିଁ। ୨୦୦୨ରେ ବିସ୍ଥାପିତଙ୍କୁ ୧୦ ଡେସିମିଲ ଲେଖାଏ ଜମି ଯୋଗାଇ ଦେବାକୁ ସରକାର ନିଷ୍ପତ୍ତି ନେଇଥିଲେ। ହେଲେ ଆଜିପର୍ଯ୍ୟନ୍ତ ଜମି ଦିଆଯାଇ ନାହିଁ।



ସମ୍ବଲପୁର ଆର୍‌ଡଡସି ଅଫିସ ନିକଟରେ ବିକ୍ଷୋଭ କରାଯାଉଛି।

## ଭିଜିଲାନ୍ସ ଜାଲରେ ପରମାଣପୁର ଆର୍‌ଆଇ



ସମ୍ବଲପୁର,୧୮।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ତହସିଲ ପରମାଣପୁର ରାଜସ୍ୱ ନିରୀକ୍ଷକ ଭିଖାରୀ କୁସମ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତ। ଜମି ପଟ୍ଟା କରାଇଦେବାକୁ କହି ଜଣେ ବ୍ୟକ୍ତିଙ୍କଠାରୁ ୧୫ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା । ମିଳିଥିବା ରିପୋର୍ଟ ଅନୁସାରେ ଆର୍‌ଆଇ କୁସୁମ ଜମି ପଟ୍ଟା କରିବା ପାଇଁ ରିପୋର୍ଟ ଦେବାରେ ବିଳମ୍ବ କରୁଥିଲେ। ଏଥିପାଇଁ ୨୦ ହଜାର ଟଙ୍କା ଦାବି କରିଥିଲେ। ୧୫ ହଜାର ଟଙ୍କାରେ କଥା ଛିଡିଥିଲା। ବ୍ୟକ୍ତି ଜଣକ ଏନେଇ ଭିଜିଲାନ୍ସ ପାଖରେ ଅଭିଯୋଗ କରିଥିଲେ। ଗୁରୁବାର ସନ୍ଧ୍ୟାରେ ଟଙ୍କା ଦେବା ସମୟରେ ଭିଜିଲାନ୍ସ ଟିମ ତାଙ୍କୁ ଧରିଥିଲା। ଆର୍‌ଆଇଙ୍କ ପାଖରୁ ରାସାୟନିକ ପ୍ରଲେପ ଦିଆ ୫ ଶହ ଟଙ୍କିଆ ୩୦ ଗୋଟି ନୋଟ ଜବତ ହୋଇଥିଲା। ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

### ସଂକ୍ଷେପରେ

## ଦୁର୍ଘଟଣାରେ ସ୍କୁଟି ଆରୋହୀ ମୃତ

### ମୃତଦେହ ରଖି ରାସ୍ତା ଅବରୋଧ

ରେଙ୍ଗାଲି,୧୮।୧୧(ଡି.ଏନ.ଏ.): ସମ୍ବଲପୁର ଜିଲା ଠେଲକଲୋଇ ଥାନା ଲପଙ୍ଗା ଆଦିତ୍ୟ ଆଲୁମିନିୟମ ଛକଠାରେ ଗୁରୁବାର କାର୍ ଧକ୍କାରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରେଙ୍ଗାଲି ବ୍ଲକ ଫୁଲଚାଙ୍ଗୁରି ଗ୍ରାମର କ୍ଷୀରୋଦ ବୁଦ୍ଧିଆ। ଅପରାହ୍ନ ୪ଟା ସମୟରେ କ୍ଷୀରୋଦ ଏକ ସ୍କୁଟିରେ ଯାଉଥିବା ବେଳେ ଆଦିତ୍ୟ ଆଲୁମିନିୟମର ଜଣେ କର୍ମଚାରୀଙ୍କ କାର୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ କ୍ଷୀରୋଦଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଗାଁକୁ ଅଣାଯାଇଥିଲା। ପରେ ଉତ୍ତ୍ୟକ୍ତ ଗ୍ରାମବାସୀ କ୍ଷତିପୂରଣ ଦାବିରେ ମୃତଦେହ ରଖି ଆଦିତ୍ୟ ଆଲୁମିନିୟମ ରାସ୍ତା ଅବରୋଧ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି।

## ଶିଶୁ ନାଟକ, ଆଲୋଚନାଚକ୍ର ଉଦ୍‌ଘାଟିତ

ରାଉରକେଲା ଅଫିସ,୧୮।୧୧: ରାଉରକେଲା ସେକ୍ଟର-୧୯ସ୍ଥିତ ସିଭିକସେଣ୍ଟ ପରିସରରେ ଓଡିଶା ସଙ୍ଗୀତ ନାଟକ ଏକାଡମୀ ଆନୁକୂଲ୍ୟରେ ଶିଶୁ ନାଟକ ଓ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି। ଦୁଇ ଦିନିଆ କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓଡିଶା ସଙ୍ଗୀତ ନାଟକ ଏକାଡମୀର ସଚିବ ପ୍ରବୋଧ କୁମାର ରଥ ଓ ରାଉରକେଲା ଇସ୍ପାତ କାରଖାନା ସହର ପ୍ରଶାସନ ମୁଖ୍ୟ ମହାପ୍ରବନ୍ଧକ ଅଜୟ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡ. ସମର ମୁଦାଲିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିନରେ ୪ଟି ନାଟକ ପରିବେଷଣ କରାଯାଇଥିଲା। ପ୍ରଥମେ ମଧୁସୂଦନ ଶିକ୍ଷା ନିବାସ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ଭଙ୍ଗା କଣ୍ଢେଇ' ନାଟକ ପରିବେଷଣ ହୋଇଥିଲା। ଏହି ନାଟକକୁ ସୁରେନ୍ଦ୍ର ପାଢ଼ୀ ନିର୍ଦ୍ଦେଶନା ଦେଇଥିଲେ। ପରେ ବିବେକାନନ୍ଦ ଶିଶୁ ସଦନ ପକ୍ଷରୁ 'ଫୁଲ ପରିବେଷ୍ଟିତ' ନାଟକ ଓ ତୃତୀୟ ନାଟକ 'ବ୍ୟବଧାନ' ଓ ବାଜି ରାଉତ ଶିକ୍ଷା ନିକେତନ ପକ୍ଷରୁ 'ଚନ୍ଦନ' ନାଟକ ପରିବେଷଣ କରାଯାଇଥିଲା। ଏହି ଉତ୍ସବକୁ ଶିଶିର ମୁଦାଲି, କ୍ଷୀରୋଦ ବାଢ଼ତ୍ୟା, ରମେଶ ଚନ୍ଦ୍ର ଗୌଡ଼, ନରୋତ୍ତମ ସମାଲ, ଅମୂଲ୍ୟ ବେହେରା, ସସ୍ମିତା ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସ୍ପନ୍ଦନ ଅନୁଷ୍ଠାନ ସମ୍ପାଦକ ସତ୍ୟ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଏଲ୍‌ଆଇସି ସମ୍ବଲପୁର ମଣ୍ଡଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ


ଅଇଁଠାପାଲି ଏଲ୍‌ଆଇସି ମଣ୍ଡଳ ଅଫିସ ପରିସରରେ ବୃକ୍ଷରୋପଣ ଓ ସଫେଇ କାର୍ଯ୍ୟକ୍ରମ ।

ସମ୍ବଲପୁର,୧୮।୧୧(ବ୍ୟୁରୋ)

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ସମ୍ବଲପୁର ମଣ୍ଡଳ ପକ୍ଷରୁ ବୃକ୍ଷରୋପଣ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଲ୍‌ଆଇସି କର୍ମଚାରୀ ଓ ଅଧିକାରୀଙ୍କ ସମେତ ସେମାନଙ୍କ ପରିବାର ବର୍ଗ ଏଥିରେ ସାମିଲ ହୋଇଥିଲେ। ପରିବେଶ ସୁସ୍ଥ ରହିଲେ ସମସ୍ତେ ସୁସ୍ଥ ରହିବେ। ଏହି ବାର୍ତ୍ତା ନେଇ ସେମାନେ ଅଫିସ ପରିସର ଓ କଲୋନୀ ସଫେଇ କରିଥିଲେ। ସେହିପରି ବୃକ୍ଷ ରୋପଣ ଦ୍ୱାରା ବାୟୁ ପ୍ରଦୂଷଣ ରୋକାଯାଇପାରିବ। ଏହାକୁ ଦୃଷ୍ଟି ରଖି ଅଧିକାରୀ ଓ କର୍ମଚାରୀମାନେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି । ଏଲ୍‌ଆଇସି ସମ୍ବଲପୁର ମଣ୍ଡଳ ପ୍ରବନ୍ଧକ ବିଏଲ୍ ଦାସଙ୍କ ତତ୍ତ୍ୱାବଧାନରେ ଅଇଁଠାପାଲି ଏଲ୍‌ଆଇସି ମଣ୍ଡଳ ଅଫିସ ପରିସରରେ ସଫେଇ ଓ ବୃକ୍ଷରାପଣ ହୋଇଥିଲା। ମାର୍କେଟିଂ ମ୍ୟାନେଜର ଏ କୁମାର, ଏନ୍‌ବି ମ୍ୟାନେଜର କେ ହାଁସଦା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ହାଇସ୍କୁଲ ପରିଦର୍ଶନ କଲେ ଜିଲାପାଳ

### ୨୦ରେ ଲୋକାର୍ପଣ ହେବ ୩୨ ବିଦ୍ୟାଳୟ

ଦେବଗଡ଼,୧୮।୧୧(ଡି.ଏନ.ଏ.)

୫ଟି ଯୋଜନାରେ ରୂପାନ୍ତରିତ ହୋଇଥିବା ଦେବଗଡ ଜିଲାରେ ୩୨ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଆସନ୍ତା ୨୦ ତାରିଖରେ ଲୋକାର୍ପିତ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପୂର୍ବରୁ ଜିଲା ପ୍ରଶାସନ ଚୂଡାନ୍ତ ପ୍ରସ୍ତୁତି ଆରମ୍ଭ କରିଛି। ଦେବଗଡ ସହରର ଐତିହ୍ୟ ସମ୍ପନ୍ନ ରାଜା ବାସୁଦେବ ହାଇସ୍କୁଲରେ ଏଲଇଡି ସ୍କ୍ରିନ ଯୋଗେ ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ କରାଯିବ। ଏଥିପାଇଁ ପ୍ରଶାସନ ପକ୍ଷରୁ କ'ଣ କ'ଣ ପଦକ୍ଷେପର ନିଆଯାଇଛି ତାହା ଜିଲାପାଳ ସୁଧାଂଶୁ ମୋହନ ସାମଲ ତର୍ଜମା କରିଛନ୍ତି। ଗୁରୁବାର ସେ ରାଜା ବାସୁଦେବ ହଇସ୍କୁଲରେ ପହଞ୍ଚି ଲୋକାର୍ପଣ ଉତ୍ସବ ନିମନ୍ତେ କରାଯାଇଥିବା ପ୍ରସ୍ତୁତି ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ, ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ଉପଖଣ୍ଡ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରି ବୁଝିଥିଲେ । ସେହିପରି ସଭା ମଣ୍ଡପ ଏବଂ ଖେଳ ପଡିଆ ପରିଦର୍ଶନ କରିଥିଲେ। ଅନ୍ୟପକ୍ଷରେ ୫ଟି ଯୋଜନାରେ ରୂପାନ୍ତରିତ ହୋଇଥିବା ଏହି ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀ କୋଠରି, ଇ-ଲାଇବ୍ରେରୀ ଓ ଆଧୁନିକ ପରୀକ୍ଷାଗାର ବୁଲି ଦେଖିଥିଲେ। ପରେ ଶିକ୍ଷକ,ଛାତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ ଚୌକି, ବେଞ୍ଚ ଓ ଡେସ୍କରେ ବସି ଏହାର ମାନ ଯାଞ୍ଚ କରିଥିଲେ। ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ ଟଚ୍‌ସ୍କ୍ରିନ ଏଲ୍‌ଇଡିଗୁଡିକୁ ପରୀକ୍ଷା କରିଥିଲେ। ଦେବଗଡ ପୌର ପରିଷଦର ନିର୍ବାହୀ ଅଧିକାରୀ ଅତସୀ ପରିଡା ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।


ରାଜା ବାସୁଦେବ ହାଇସ୍କୁଲରେ ଜିଲାପାଳ ଡେସ୍କର ମାନ ପରୀକ୍ଷା କରୁଛନ୍ତି।

## ଦୁର୍ଘଟଣାରେ ୨ ବାଳକ ଗୁରୁତର

ରେଢାଖୋଲ,୧୮।୧୧(ଡି.ଏନ.ଏ.)

ରେଢାଖୋଲ ସହର ଉପକଣ୍ଠ ରେଲଷ୍ଟେଶନ ରାସ୍ତାରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ୨ ଛାତ୍ର ଗୁରୁତର ହୋଇଛନ୍ତି। ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ଶୁଭମ୍ ବେହେରା (୮) ଓ ନିତିନ ସାହାଣୀ (୧୨)। ସୂଚନା ମତେ ଦୁଇ ବାଳକ ଏକ ସାଇକେଲରେ ସାଲେ ସିଂ ଆଡକୁ ଯାଉଥିବା ବେଳେ କଳିଙ୍ଗ କଲେଜ ନିକଟରେ ଭାରସାମ୍ୟ ହରାଇ ରାସ୍ତା ଉପରେ ପଡିଯାଇଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଟ୍ରକ୍ ନଂ ଓଡି ୧୬ ଏ-୭୯୬୭ ନିତିନଙ୍କ ଡାହାଣ ହାତରେ ଚଢିଯାଇଥିଲା। ନିତିନ ଗୌରଚନ୍ଦ୍ର ହାଇସ୍କୁଲରେ ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ଶୁଭମ ତୃତୀୟ ଶ୍ରେଣୀରେ ପଢନ୍ତି। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରି ଏକ ମାମଲା ରୁଜୁ କରିଛି। ଟ୍ରକ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

## ଗଛକଟା ପ୍ରସଙ୍ଗ: ବିସ୍ଥାପିତଙ୍କୁ ଜରିମାନା

ସମ୍ବଲପୁର,୧୮।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ତହସିଲ ଚନ୍ଦନିମାଲରେ ପ୍ରସ୍ତାବିତ ଏକଲବ୍ୟ ସ୍କୁଲ ବିସ୍ଥାପିତଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବୃଦ୍ଧି ପାଇଛି। ବନ ବିଭାଗ ବିସ୍ଥାପିତମାନଙ୍କ ନାମରେ ଗଛକଟା ଅଭିଯୋଗରେ ଜରିମାନା ଆଦାୟ କରିଛି। ପରିବାର ପିଛା ୧ ହାଜାର ଟଙ୍କା ଲେଖାଏ ମୋଟ ୮ ଜଣଙ୍କ ପାଖରୁ ଜରିମାନା ଆଦାୟ ହୋଇଛି। ସେମାନେ ହେଲେ ଫରୁ ନାଗେଶ୍ୱର, ବାସୁ ମାଝି, ଚଇତୁ ମାଝି, ବୁଧୁଆ ମୁଣ୍ଡ, ଦୁଃଖ ମାଝି, ବୁଧୁଆ ଭେଙ୍ଗରା, ଦାଳଧର ନାଗେଶ୍ୱର, ଭାଗୀରଥି ପରେକ। ବିସ୍ଥାପିତ ମାନଙ୍କୁ ସରକାର ୪ ଡେସିମିଲ ଲେଖାଏ ଜମି ଯୋଗାଇ ଦେଇଛନ୍ତି। ପୂର୍ବରୁ ତହସିଲ ପକ୍ଷରୁ ବନ ବିଭାଗ ଉପସ୍ଥିତିରେ ଜେସିବି ସାହାଯ୍ୟରେ ମାଟି ସମତଳ କରାଯାଇଥିଲା। ସେ ସମୟରେ ବଡ ବଡ ୧୫ ଗୋଟି ଶାଳ ଗଛ ଉପାଡି ଦିଆଯାଇଥିଲା। ଏହାକୁ ନେଇ ନଭେମ୍ବର ୬ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ସଦର ରେଞ୍ଜର ଅକ୍ଷୟ ମହାରଣା କହିଛନ୍ତି, ସେମାନଙ୍କୁ ଜମି ଦିଆଯାଇଛି। ହେଲେ ଗଛ କାଟିବା ପାଇଁ ଯେ କେହି ହେଲେ ମଧ ଅନୁମତି ନେବା କଥା। ଗଛ କାଟିବା ବେଆଇନ। ତେଣୁ ଜରିମାନା କରି ଛାଡି ଦିଆଯାଇଛି।

## ବଦ୍ରିପ୍ରସାଦ ଶିକ୍ଷାନୁଷ୍ଠାନରେ ଦୁଇଦିନିଆ କର୍ମଶାଳା

ସମ୍ବଲପୁର,୧୮।୧୧(ବ୍ୟୁରୋ)

ସମ୍ବଲପୁର ଦେବେଇପାଲିସ୍ଥିତ ବଦ୍ରିପ୍ରସାଦ ଶିକ୍ଷାନୁଷ୍ଠାନରେ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ସୌମ୍ୟଜିତ ମିଶ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ନୂତନ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷାନୁଷ୍ଠାନର ପରିଚାଳନା କମିଟି ସଭ୍ୟା ନମ୍ରତା ଅଗ୍ରୱାଲ ଓ ହର୍ଷିତା ଅଗ୍ରୱାଲ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ। କର୍ମଶାଳାରେ ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନର ନୀତି ନିୟମ, ସଂସ୍କୃତି, ଲକ୍ଷ୍ୟ ଓ ଆଦର୍ଶ ବିଷୟରେ ଅବଗତ ହୋଇଥିଲେ। ପ୍ରବୀନ କୁମାର ପାଠକ ପରୀକ୍ଷା ବିଷୟରେ ସୂଚନା ଓ ରାଜ ଶେଖର ସିହ୍ନା ପ୍ରଶିକ୍ଷଣ ଏବଂ ନିଯୁକ୍ତି ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ । ଏଥିରେ ଡିପ୍ଲୋମା ଇଞ୍ଜିନିୟରିଂ, ବିସିଏ, ବିବିଏ, ବିଏ, ବିଏସ୍‌ସି, ବିକମ୍ ବିଭାଗର ଛାତ୍ରୀଛାତ୍ର ଭାଗ ନେଇଥିଲେ। ବଦ୍ରିପ୍ରସାଦ ସମୂହ ଶିକ୍ଷାନୁଷ୍ଠାନ ସମ୍ପାଦକ ସଞ୍ଜୀବ ଅଗ୍ରୱାଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶ୍ୱେତାଞ୍ଜଳି ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା ଓ ସାର୍ଥକ ପଣ୍ଡା ପରିଚାଳନା କରିଥିଲେ।


କର୍ମଶାଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ଆଧୁନିକ ମେଟାଲିକ୍ସରେ ଶ୍ରମିକଙ୍କ ଧର୍ମଘଟ

ସୁନ୍ଦରଗଡ,୧୮।୧୧(ଡି.ଏନ୍.ଏ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ଚାରଡିହି ହରିହରପୁରଠାରେ ଥିବା ଲିବର୍ଟି ହାଉସ ଅଧିକୃତ ଆଧୁନିକ ମେଟାଲିକ୍ସରେ ବକେୟା ଦରମା ପ୍ରଦାନ ଦାବିରେ ଶ୍ରମିକମାନେ ଗୁରୁବାର ସକାଳୁ ଧର୍ମଘଟ ଆରମ୍ଭ କରିଛନ୍ତି । ଶ୍ରମିକଙ୍କ ଅଭିଯୋଗ ଅନୁସାରେ ଦୀର୍ଘ ୨୨ମାସର ଦରମା ଓ୨୦୧୫ ମସିହାର ୩ ମାସର ଦରମା ପ୍ରଦାନ ଦିଗରେ କାରଖାନା କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି । ଫଳରେ ସେଠାରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀ ଧର୍ମଘଟ କରିଛନ୍ତି। ଦିନତମାମ ଧର୍ମଘଟ ଜାରି ରହିଥିଲେ ମଧ ଶ୍ରମିକ, କର୍ମଚାରୀଙ୍କ ସହିତ କାରଖାନା କର୍ତ୍ତୃପକ୍ଷ ଆଲୋଚନା ପାଇଁ ଆସି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ଏଣିକି ବସ୍‌ରେ ଲାଗିବ ଭଡ଼ା ଦର

### ମାଲିକ ସଂଘକୁ ଆର୍‌ଟିଓଙ୍କ ନିର୍ଦ୍ଦେଶ

ସମ୍ବଲପୁର,୧୮।୧୧(ବ୍ୟୁରୋ)

ବସ୍‌ଭଡ଼ା ନିୟନ୍ତ୍ରଣ ପାଇଁ ସମ୍ବଲପୁର ଭାରପ୍ରାପ୍ତ ଆର୍‌ଟିଓ ପ୍ରମୋଦ ସାହୁ ତତ୍ପରତା ପ୍ରକାଶ କରିଛନ୍ତି । ଘରୋଇ ବସ୍ ମାଲିକ ସଂଘକୁ ଭଡ଼ା ତାଲିକା ସୂଚୀ ବସ୍ ଭିତରେ ପ୍ରଦର୍ଶିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି, ଜିଲାରୁ ଅତାବିରା, ଗୋଡଭଗା, ରେଙ୍ଗାଲି କ୍ୟାମ୍ପ, କୁଚିଣ୍ଡା, ଝାରସୁଗୁଡା, ସୁନ୍ଦରଗଡ, ସୋନପୁର, ରେଢାଖୋଲ, ବୌଦ୍ଧ ଆଦି ସ୍ଥାନକୁ ଘରୋଇ ବସ୍ ଯିବାଆସିବା କରୁଛି। ସେମାନେ ଯାତ୍ରୀମାନଙ୍କଠାରୁ ସରକାରଙ୍କ ଧାର୍ଯ୍ୟ ଦରଠାରୁ ଅଧିକ ସଂଗ୍ରହ କରୁଛନ୍ତି। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କର। ଧାର୍ଯ୍ୟଦର ସାଧାରଣ ବସ୍‌ଭଡା ପ୍ରତି କିମି ୮୭ ପଇସା, ଏକ୍ସପ୍ରେସ ଭଡା ୯୧ ପଇସା, ଡିଲକ୍ସ ୧୨୫ ପଇସା,ଏସି ଡିଲକ୍ସ ୧୫୩ ପଇସା, ସୁପର ପ୍ରିମିୟମ ୨୩୮ ପଇସା ରହିଛି ବୋଲି ଉଲ୍ଲେଖ କରିଛନ୍ତି । ଏ ସମ୍ପର୍କରେ ବସ୍‌ମାଲିକ ସଂଘ ସଭାପତି ସୁବ୍ରତ ପାଣିଗ୍ରାହୀ କହିଛନ୍ତି, ଆର୍‌ଟିଓଙ୍କ ନିର୍ଦ୍ଦେଶ ପାଇଛନ୍ତି। ସମସ୍ତ ବସ୍ ମାଲିକଙ୍କୁ ଏ ନେଇ ଜଣାଇ ଦିଆଯାଇଛି। କେତେକ ବସ୍ ଅଧିକ ଭଡ଼ା ନେଉଥିବା ନେଇ ଆମ ପାଖରେ ଅଭିଯୋଗ ହୋଇଥିଲା। ଏବେ ବାଧ୍ୟତାମୂଳକ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ ସମ୍ବଲପୁର ବୁଦ୍ଧିଜୀବୀ ଫୋରମ ପକ୍ଷରୁ ନଭେମ୍ବର ୧୫ରେ ଆରଟିଓଙ୍କ ପାଖରେ ଭଡ଼ା ଅଧିକ ନିଆଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଏହା ସହିତ ବସ୍ କର୍ମଚାରୀ ଏକ ନିର୍ଦ୍ଦିଷ୍ଟ ରଙ୍ଗର ଡ୍ରେସ ବ୍ୟବହାର, ଯାତ୍ରୀଙ୍କ ଅଭିଯୋଗ ପାଇଁ ବସ୍‌ରେ ଫୋନ ନମ୍ବର ପ୍ରଚଳନ, ସମ୍ବଲପୁର ସହରରେ ଚାଲୁଥିବା ଅଟୋ ଚାଳକଙ୍କ ୟୁନିଫର୍ମ, ବ୍ୟାଚ, ଅଟୋ ନମ୍ବର, ରହି ନିର୍ଦ୍ଦିଷ୍ଟ ସ୍ଥାନ ସହ ଭଡା ନିର୍ଦ୍ଧାରଣ କରାଯାଉ ବୋଲି ଦାବି କରାଯାଇଥିଲା । ସଂଘ ସଭାପତି ପ୍ରଫୁଲ୍ଲ ଦାସ, ସହ ସଂଯୋଜକ ଅରବିନ୍ଦ ନାଏକ, ତ୍ରିଲୋଚନ ତ୍ରିପାଠୀ, ସଂଗ୍ରାମ କେଶରୀ ପଣ୍ଡା, ଗୋବିନ୍ଦ ଅଗ୍ରୱାଲ, ଦିଲୀପ ପଣ୍ଡା ପ୍ରମୁଖଙ୍କ ସ୍ୱାକ୍ଷର ଥିବା ଅଭିଯୋଗପତ୍ର ଦିଆଯାଇଥିଲା।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

### ଓପିଜିସି କର୍ତ୍ତୃପକ୍ଷଙ୍କ କାଳକ୍ଷେପଣ ନୀତି

ଝାରସୁଗୁଡ଼ା ଅଫିସ,୧୮।୧୧

ଓପିଜିସି ଅଫିସର୍ସ ଆସୋସିଏଶନ ଓ ଓପିଜିସି ଏମ୍ପ୍ଲଇଜ୍ ୟୁନିୟନ ତରଫରୁ ୧୩ଦଫା ଦାବିନେଇ ଦୀର୍ଘଦିନ ହେଲା ଲଢେଇ ଜାରି ରହିଛି । ଏ ନେଇ କମ୍ପାନୀ କର୍ତ୍ତୃପକ୍ଷ, ଆସୋସିଏଶନ ଓ ୟୁନିୟନ ମଧ୍ୟରେ ଅନେକଥର ଆଲୋଚନା ହୋଇଛି। କମ୍ପାନୀ ତରଫରୁ ପ୍ରତିଶ୍ରୁତି ମିଳିଛି, ହେଲେ ତାହା କାର୍ଯ୍ୟକାରୀ କରାଯାଇ ନାହିଁ। କମ୍ପାନୀ କର୍ତ୍ତୃପକ୍ଷଙ୍କ ଏଭଳି କାଳକ୍ଷେପଣ ନୀତି ବିରୋଧରେ ଅଧିକାରୀ ଓ କର୍ମଚାରୀ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି।

ଗତ ଫେବୃୟାରୀ ୨୨ରେ ଓପିଜିସି ଚେୟାରମ୍ୟାନ ନିକୁଞ୍ଜ ବିହାରୀ ଧଳଙ୍କ ସହିତ ଆସୋସିଏଶନ ଓ ୟୁନିୟନର ଆଲୋଚନା ହୋଇଥିଲା। କମ୍ପାନୀର ନୂଆ ଏମ୍‌ଡି ଓ ଡାଇରେକ୍ଟର ନିଯୁକ୍ତି ପାଇବା ପରେ ଦାବି ସମ୍ପର୍କରେ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି କହିଥିଲେ। କମ୍ପାନୀରେ ଉଭୟ ଅଧିକାରୀ ନୂଆ ନିଯୁକ୍ତି ପାଇଥିଲେ ମଧ ଦାବି ପୂରଣ ହେଲାନାହିଁ। ଏ ନେଇ ଉଭୟ ସଙ୍ଗଠନ ତରଫରୁ ପତ୍ରମାଧ୍ୟମରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି ସୁଫଳ ମିଳିନାହିଁ। ଫଳରେ ଅଧିକାରୀ ଓ କର୍ମଚାରୀ ଗତ ଜୁଲାଇ ୫ତାରିଖରୁ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରୁଛନ୍ତି। ଏଭଳି ସ୍ଥିତିରେ ପୁଣିଥରେ ଗତ ୬ତାରିଖରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆସୋସିଏଶନ ଓ ୟୁନିୟନର ଆଲୋଚନା ହୋଇଥିଲା । କମ୍ପାନୀ କର୍ତ୍ତୃପକ୍ଷ ଦାବି ସମୂହକୁ ବିଚାରକୁ ନେଇ ଆସନ୍ତା ନୂଆବର୍ଷରେ ଅଧିକାରୀ ଓ କର୍ମଚାରୀଙ୍କୁ ଭେଟି ଦେବାପାଇଁ ଆସୋସିଏଶନ ଓ ୟୁନିୟନ ଦାବି କରିଛି। ଏହା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଉଭୟ ସଙ୍ଗଠନ ଚେତାବନୀ ଦେଇଛି । ଏହି ଅବସରରେ ଗତ ବୁଧବାର ଉଭୟ ସଙ୍ଗଠନ ତରଫରୁ ସ୍ଥାନୀୟ ଇବ୍ କ୍ଲବ୍ ପରିସରରେ ଆସୋସିଏଶନ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସୋସିଏଶନ ସାଧାରଣ ସମ୍ପାଦକ ଧରଣୀଧର ବେହେରା, ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ମିଶ୍ର, ୟୁନିୟନ ଉପସଭାପତି ସୁଶାନ୍ତ ଚନ୍ଦ୍ର ବାହିନୀପତି, ସାଧାରଣ ସମ୍ପାଦକ ଦୀପ୍ତି କୁମାର ମହାପାତ୍ର, ସମ୍ପାଦକ ପ୍ରଶାନ୍ତ ହୋତା, କାର୍ଯ୍ୟକାରୀ ସଦସ୍ୟ ସେନାପତି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।


ବୈଠକରେ ଯୋଗଦେଇଥିବା ଉଭୟ ସଙ୍ଗଠନର କର୍ମକର୍ତ୍ତା।

## ପତ୍ରପତ୍ରିକା ଶିଶୁ ସାହିତ୍ୟର ବୌଦ୍ଧିକ ବିକାଶ କରିଥାଏ

ରାଉରକେଲା ଅଫିସ,୧୮।୧୧

ଛେଣ୍ଡସ୍ଥିତ ମଧୁସୂଦନ ପାଠାଗାର ପରିସରରେ ଶିଶୁ ସାହିତ୍ୟ ଅନୁଷ୍ଠାନ ସୁନାଫୁଲ ପକ୍ଷରୁ ଶିଶୁମେଳା ହୋଇଯାଇଛି। ସଭାପତି ବିଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ କବୟତ୍ରୀ ମଞ୍ଜୁଳା ରଥ ଓ ରଶ୍ମିବାଳା ରାଉତରାୟ ଅତିଥି ଭାବେ ଯୋଗଦେଇଥିଲେ। ପତ୍ରପ୍ରତିକା ଶିଶୁ ସାହିତ୍ୟର ବୈଦ୍ଧିକ ବିକାଶ କରିଥାଏ ବୋଲିଅତିଥିଗଣ ମତ ପ୍ରକାଶ କରିଥିଲେ। ସୁନୀଲ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଶ୍ରଦ୍ଧା ରାଉତ ପରିଚାଳନା କରିଥିବାବେଳେ ସମ୍ପାଦକ କିଶୋର ଫତରକାର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଜୟ୍ କିଷାନ ମଜଦୁର ସଂଗ୍ରାମ ପରିଷଦର ଦାବିପତ୍ର

**ନୂଆପଡ଼ା ଅଫିସ,୧୮।୧୧:** ନୂଆପଡ଼ା ଜିଲାର ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଗୁରୁବାର ଜୟ୍ କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲାପାଳ ସ୍ୱାଧାଦେବ ସିଂଙ୍କ ସହିତ ଆଲୋଚନା କରି ୧୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାରେ ମଣ୍ଡି ଖୋଲିବା ପୂର୍ବରୁ ମରୁଡିଗ୍ରସ୍ତ ଗ୍ରାମପଞ୍ଚାୟତଗୁଡ଼ିକ ଘୋଷଣା କରାଯାଉ, ଅଦିନିଆ ବର୍ଷା ଓ ରୋଗପୋକ ଦାଉରୁ ନଷ୍ଟ ହୋଇଥିବା ଫସଲର ଆକଳନ କରି ଓଡିଶା ରିଲିଫ କୋଡ ମୁତାବକ କ୍ଷତିପୂରଣ, ସ୍ଥାୟୀ ମକା ମଣ୍ଡି ଖୋଲିବା, ହାତୀ ଉପଦ୍ରବରେ ନଷ୍ଟ ହୋଇଥିବା ଫସଲର କ୍ଷତିପୂରଣ ପ୍ରଦାନ କରିବା, ୨୦୧୭-୧୮-୧୯ର ବକେୟା ଥିବା ଫସଲ ବୀମା ପ୍ରଦାନ, କାଳିଆ ଯୋଜନା, ପ୍ରଧାନ ମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାରେ ଜିଲାରୁ ସଂଗୃହିତ ଦରଖାସ୍ତଗୁଡିକୁ ଶୀଘ୍ର ମଞ୍ଜୁର କରାଇବା ଆଦି ବିଭିନ୍ନ ସମସ୍ୟା ବିଷୟରେ ଦାବିପତ୍ର ପ୍ରଦାନ କରିଥିଲେ।

### ଉଚ୍ଚତର ପ୍ରଶିକ୍ଷଣ ଲାଗି ବେଙ୍ଗାଲୁରୁ ଗଲେ ୮୮ ଶିକ୍ଷକ

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ):** ବିଜ୍ଞାନ ଓ କାରିଗରୀ ବିଭାଗ ଆନୁକୂଲ୍ୟରେ ବିଜ୍ଞାନ ଓ ଗଣିତ ବିଷୟରେ ଉଚ୍ଚତର ପ୍ରଶିକ୍ଷଣ ପାଇଁ ୨ୟ ପର୍ଯ୍ୟାୟରେ ୮୮ ଜଣ ଶିକ୍ଷକ ବେଙ୍ଗାଲୁରୁ ଯାଇଛନ୍ତି। ସେମାନେ ୨୯ ତାରିଖ ପର୍ଯ୍ୟନ୍ତ ୧୦ ଦିନ ଧରି ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ଅଧୀନସ୍ଥ ପ୍ରତିଭା ବିକାଶ କେନ୍ଦ୍ରରେ ପ୍ରଶିକ୍ଷିତ ହେବେ। ରାଜ୍ୟର ବିଭିନ୍ନ ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ବିଜ୍ଞାନ ଓ ଗଣିତ ଶିକ୍ଷକ ଭାବେ କାର୍ଯ୍ୟରତ ଏହି ଶିକ୍ଷକମାନେ ନୂତନ ଧାରାରେ ଶ୍ରେଣୀ ପରିଚାଳନା କରିବାର ଦକ୍ଷତା ହାସଲ କରିବା ସହିତ ଶ୍ରେଣୀ ପାଠ୍ୟଦାନରେ ପରୀକ୍ଷା, ସିଦ୍ଧାନ୍ତ ଓ ତତ୍ତ୍ୱର ପ୍ରୟୋଗ କରିପାରିବେ। ଶିକ୍ଷକମାନଙ୍କ ପ୍ରଶିକ୍ଷଣ ନିମନ୍ତେ ସମସ୍ତ ବ୍ୟୟ ବିଜ୍ଞାନ ଓ କାରିଗରୀ ବିଭାଗ ବହନ କରିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରଥମ ପର୍ଯ୍ୟାୟରେ ୧୧୪ ଜଣ ଶିକ୍ଷକ ଏହି ପ୍ରଶିକ୍ଷଣ ନେଇଛନ୍ତି। ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବେଙ୍ଗାଲୁରୁଠାରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଛନ୍ତି।

# ଅରଣ୍ୟ ସଂସ୍କୃତିରେ ଭାରତୀୟ ଜୀବନାଦର୍ଶ, ଜୀବନବୋଧ ମାର୍ଗ ରହିଛି

## ଜନଜାତୀୟ ଗୌରବ ଦିବସ

**ଭୁବନେଶ୍ୱର, ୧୮।୧୧ (ବ୍ୟୁରୋ)**

ଅରଣ୍ୟ ସଂସ୍କୃତିରେ ଭାରତୀୟ ଜୀବନାଦର୍ଶ ଓ ଜୀବନବୋଧର ମାର୍ଗ ରହିଛି। ଯିଏ ଏହି ସଂସ୍କୃତିରେ ବିକୃତି ଆଣିବାକୁ ଚେଷ୍ଟା କରିଛି ସେ ବିନାଶକୁ ବରଣ କରିଛି। ସାମ୍ପ୍ରତିକ ସମାଜର ବହୁବିଧ ସମସ୍ୟାରୁ ମୁକ୍ତି ନିମନ୍ତେ ଅରଣ୍ୟ ସଂସ୍କୃତିର ଭାବବୋଧକୁ ଆପଣେଇବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପରାମର୍ଶ ଦେଇଛନ୍ତି। ଗୁରୁବାର ରାଜଭବନରେ ଆୟୋଜିତ ଜନଜାତୀୟ ଗୌରବ ଦିବସ ସମାରୋହରେ ରାଜ୍ୟପାଳ ପ୍ରଫେସର ଲାଲ କହିଲେ, ବିର୍ସା ମୁଣ୍ଡା ହେଉଛନ୍ତି ଜନଜାତି ସ୍ୱର୍ଦ୍ଧା, ଶୌର୍ଯ୍ୟ, ସ୍ୱାଭିମାନ ଓ ଚେତନାର ପ୍ରତୀକ। ଜୀବନର ସ୍ୱଳ୍ପତା ନୁହେଁ, କର୍ମର ବିଶାଳତା ହିଁ ଜୀବନକୁ ଅର୍ଥପୂର୍ଣ୍ଣ କରିଥାଏ, ଯାହା ତାଙ୍କ ଜୀବନରେ ପ୍ରତିଫଳିତ। ଓଡ଼ିଶାର ପରିଚିତି ଓ ଅସ୍ମିତାକୁ ଜନଜାତିଙ୍କର ବିଶେଷ ଅବଦାନ ରହିଛି। ସେମାନଙ୍କର ବିକାଶରେ ହିଁ ରାଜ୍ୟର ବିକାଶ ବୋଲି ରାଜ୍ୟପାଳ କହିଛନ୍ତି। ଏମ୍‌ପି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଜନଜାତିଙ୍କ ବିକାଶ ନିମନ୍ତେ ଶିକ୍ଷାକୁ ପ୍ରମୁଖ ଉତ୍ପ୍ରେରକ ଭାବରେ ବର୍ଣ୍ଣନା କରି ଜନଜାତି ପିଲାଙ୍କ ମଧ୍ୟରେ ପ୍ରତିଭାର ପ୍ରାବଲ୍ୟ ରହିଥିବା ପ୍ରକାଶ କରିଥିଲେ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅଖିଳ ବିହାରୀ ଓତା ଜନଜାତିଙ୍କ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ କହିଥିଲେ। 'ସ୍ୱାଧୀନତା ସଂଗ୍ରାମରେ ଜନଜାତିଙ୍କ ଅବଦାନ' ଶୀର୍ଷକ ବିର୍ସା ମୁଣ୍ଡା ସ୍ମାରକୀ ବକ୍ତୃତା ପ୍ରଦାନ କରି ପଦ୍ମଶ୍ରୀ ଡ. ଦମୟନ୍ତୀ ବେସ୍ରା କହିଲେ, ସ୍ୱାଧୀନ ଚେତନା ଜନଜାତିଙ୍କ ସହଜାତ ପ୍ରବୃତ୍ତି। ଅନ୍ୟାୟ ଓ ଅନୀତି ବିରୋଧରେ ତାଙ୍କ ସଂଗ୍ରାମରେ ଭାରତର ଇତିହାସ ଋଦ୍ଧିମନ୍ତ। ଏହାର ଠିକ୍ ଆକଳନ ଓ ମୂଲ୍ୟାୟନ ହେବା ଦରକାର। କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଓ ରାଜଭବନର ବରିଷ୍ଠ ଅଧିକାରୀଙ୍କ ସହ ଜନଜାତି ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ।

# ଅଙ୍ଗନୱାଡି କର୍ମୀ ନିଯୁକ୍ତି ପ୍ରକ୍ରିୟା ତଦନ୍ତ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ


ମହିଳାମାନେ ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଆସିଛନ୍ତି।

**ନୂଆପଡ଼ା ଅଫିସ,୧୮।୧୧**

ନୂଆପଡା ଜିଲା ସିନାପାଲି ବ୍ଲକ ଖର୍ସେଲ ପଞ୍ଚାୟତ ବୈଗାପଡା ଗାଁର ବାଗପଡାରେ ଅଙ୍ଗନୱାଡି କର୍ମୀ ନିଯୁକ୍ତି ପ୍ରକ୍ରିୟାର ତଦନ୍ତ ପାଇଁ ଗୁରୁବାର କେତେଜଣ ଆଶାୟୀ ପ୍ରାର୍ଥୀନୀ ଜିଲାପାଳ ସ୍ୱାଧାଦେବ ସିଂଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଯେ, ଏହି ପଦବୀ ପାଇଁ ୧/୧/୨୦୨୧ ସୁଦ୍ଧା ପାର୍ଥୀନୀଙ୍କ ବୟସ ୧୮ କିମ୍ବା ଊର୍ଦ୍ଧ୍ୱ ହୋଇଥିବା ନେଇ ଏକ ବିଜ୍ଞାପନ ବାହାରି ଥିଲା। କିନ୍ତୁ ଜଣେ ଆଶାୟୀ ପାର୍ଥୀନୀଙ୍କ ବୟସ ୧୮ରୁ କମ ଥିବାରୁ ସେ ବିଭିନ୍ନ ଆଳ ଦେଖାଇ ନିଯୁକ୍ତି ପ୍ରକ୍ରିୟା ଘୁଞ୍ଚାଇବାକୁ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। କାରଣ ୧/୧/୨୦୨୨ ବେଳକୁ ତାଙ୍କର ବୟସ ୧୮ ବର୍ଷରୁ ଊର୍ଦ୍ଧ୍ୱ ହୋଇ ଯାଉଥିବାରୁ ସେ ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ। ଏହାର ତଦନ୍ତ କରି ଉପଯୁକ୍ତ ପାର୍ଥୀନୀଙ୍କୁ ନ୍ୟାୟ ଦେବାକୁ ଆଶାୟୀ ପାର୍ଥୀନୀ ସସ୍ମିତା ନିଆଲ, ଭାନୁମତୀ ହଂସ, ଗଜମତି ନାଗ, ମଖମଲି ବେମାଲ ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ କରି ଦାବି ଜଣାଇଛନ୍ତି।

# ଜାହାଁନିଆରେ ବାଲିଯାତ୍ରା ବନ୍ଦ, ୧୪୪ ଜାରି

**ଅସ୍ତରଙ୍ଗ,୧୮।୧୧(ଡି.ଏନ୍.ଏ.)**

ଅସ୍ତରଙ୍ଗ ଉପକୂଳରେ ଥିବା ପୀର ଜାହାଁନିଆ ପୀଠରେ ହେଉଥିବା ପ୍ରସିଦ୍ଧ ବାଲିଯାତ୍ରାକୁ ଚଳିତବର୍ଷ ବନ୍ଦ କରାଯାଇଛି। ଏଥିସହ ପ୍ରଶାସନ ପକ୍ଷରୁ ପୀଠ ପରିସରରେ ୧୪୪ ଧାରା ଜାରି କରାଯାଇଛି। ଦୁଇଦିନ ଧରି ହେବାକୁ ଥିବା ବାଲିଯାତ୍ରା କୋଭିଡ୍ କଟକଣା ପାଇଁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରିବା ପାଇଁ ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ ମୁତାବକ ୧୯ ଓ ୨୦ ତାରିଖ ଦୁଇଦିନ ପାଇଁ ୧୪୪ ଧାରା ଜାରି କରିବା ସହିତ ଅସ୍ତରଙ୍ଗ ଥାନାଧିକାରୀ ବାମଦେବ ନନ୍ଦଙ୍କୁ ନିର୍ଦ୍ଦେଶ ଜାରି କରିବା ପାଇଁ ଚିଠି ନଂ. ୩୮୨୯/୧୭/୧୧/୨୦୨୧ରେ ଜଣାଇଛନ୍ତି। ରାଜ୍ୟରେ କୋଭିଡ୍ କଟକଣା ଜାରି ରହିଥିବାବେଳେ ଜାହାଁନିଆ ପୀଠରେ ବାଲିଯାତ୍ରା ପାଇଁ ଭିଡ଼ ଆଶଙ୍କା କରି ଛୁରିଅନା ପଞ୍ଚାୟତର ବିଦ୍ୟୁଲତା ବିଶାଳ ଜିଲାପାଳଙ୍କୁ ଏ ନେଇ ଚିଠି କରିଥିଲେ। ଜିଲାପାଳ ଏହି ଚିଠି ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଏହି ୨ଦିନ ପାଇଁ ଫୋର୍ସ ମୁତୟନ ରହିବେ ବୋଲି ଥାନାଧିକାରୀ ବାମଦେବ ନନ୍ଦ କହିଛନ୍ତି। ଦୁଇଦିନ ପାଇଁ କୌଣସି ପ୍ରକାରେ ଜନଗହଳିକୁ ପ୍ରସୟ ଦିଆଯିବ ନାହିଁ। ଶ୍ରଦ୍ଧାଳୁଙ୍କ ମଧ୍ୟ ଏହି ୨ ଦିନ ଜାହାଁନିଆ ପୀଠକୁ ନ ଆସିବା ପାଇଁ ପ୍ରଶାସନ ଓ ପୋଲିସ ପକ୍ଷରୁ ନିବେଦନ କରାଯାଇଛି।


## ପୁରୀବାସୀଙ୍କୁ ନିବେଦନ

ଏତଦ୍ୱାରା ପୁରୀ ପୌରାଞ୍ଚଳର ସମସ୍ତ ଜଳ ଯୋଗାଣ ଉପଭୋକ୍ତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ବିଗତ କିଛିଦିନ ଧରି ବନ୍ଦଥିବା ଜଳକର ଆଦାୟ ପ୍ରକ୍ରିୟା ପୁନଶ୍ଚ ତା୨୫।୧୧।୨୦୨୧ରିଖଠାରୁ ଆରମ୍ଭ କରାଯାଉଅଛି। ପୂର୍ବପରି ଜଳସାଥୀମାନେ ଉପଭୋକ୍ତାମାନଙ୍କ ନିକଟରୁ POS Machine ଦ୍ୱାରା ଜଳକର ଆଦାୟ କରିବେ।
ଉପଭୋକ୍ତାମାନଙ୍କୁ ସହଯୋଗ କରିବାକୁ ବିନମ୍ର ନିବେଦନ।

ମହାପ୍ରବନ୍ଧକ
ସ୍ୱା./– ୱାଟ୍‌କୋ ଡିଭିଜନ, ପୁରୀ



## OFFICE OF THE KANDHAMAL REGULATED MARKET COMMITTEE, PHULBANI

**INVITATION OF BIDS THROUGH E-PROCUREMENT**
**TENDER CALL NOTICE No. 114 Dated: 17.11.21**
**BID IDENTIFICATION No. RMC-KANDHAMAL 01/2021-22**

Kandhamal Regulated Market Committee, Phulbani invites percentage rate bids in Single Cover System on online mode from eligible contractors for execution of the different works under Kandhamal Regulated Market Committee, Phulbani. Details are available at e-procurement portal **www.tenderodisha.gov.in** from 20.11.2021. Interested contractors are advised to visit the above website for submission of e-tender. Tender will be closed on **01.12.2021 at 17.00 hours**.

**Sd./- Sub-Collector, Kandhamal-cum-Chairman, RMC, Kandhamal**



## OFFICE OF THE SR. GENERAL MANAGER (ELECTRICAL) UPPER INDRAVATI HYDRO ELECTRIC PROJECT, MUKHIGUDA

DIST.: KALAHANDI - 766026, E-mail: sgmel_uihep@ohpcltd.com

## ODISHA HYDRO POWER CORPORATION LTD.

(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. UIHEP-34/2021-22 Dated: 17.11.2021**

No. CAD-1899: Sealed tenders are invited in two part i.e. (i) Techno Commercial Bid & (ii) Price Bid in separate sealed envelopes from the reputed manufacturers/authorized dealers/channel partners/ reputed suppliers for supply of the following materials/providing services as mentioned below.

| Description of Work | Cost of Tender Paper (Non-refundable) in Rs. | EMD in shape of Declaration | Period of sale/ download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Supply of Transformer Oil BDV Test Kit, Make: MEGGER, Model: OTS100AF-UKU-P4 (with standard accessories) for UIHEP, Mukhiguda | 7,080/- (Inclusive of GST) | As per Annexure-6 & Clause No. 1.5 | From 23.11.2021 to 06.12.2021 upto 12.00 Noon | 06.12.2021 (upto 01.00 P.M.) | 06.12.2021 at 04.00 P.M. |

For details of the tender documents, terms and conditions please visit our website www.ohpcltd.com
OIPR-32136/11/0032/2122 C&P Head, UIHEP, Mukhiguda



## OFFICE OF THE EXECUTIVE ENGINEER KENDRAPARA (R&B) DIVISION-I, KENDRAPARA

E-Mail I.D.-eernbkdp@gmail.com; Tel.(06727)-220268; Fax No.(06727)-220862

**GOVERNMENT OF ODISHA "e" procurement Notice**
**e-procurement Notice for Building works**
**Bid Identification No. E.E., RnB KDP-I-12/2021-22**

No. B-638:-
1. No of work :- **2 nos. of Buildings**
2. Estimated Cost :- **₹21,36,366/- to Rs.47,33,971/-**
3. Period of completion :- **03 (Three) Calendar months**
4. Date & time of sale & receipt of bid document :- **From 10.00 A.M. of 23/11/2021 to 5PM of 07/12/2021**
5. Last date / time of receipt of bids :- **5PM of 07/12/2021**
6. Date & time of Opening of Bids :- **11.00AM of 08/12/2021**
7. Name and address of the Officer Inviting Bid :- **Executive Engineer, Kendrapara (R&B) Division-I, Kendrapara**

Further details with any addendum, corrigendum, cancellation can be seen from the State Govt. portal "**https://tendersorissa.gov.in**"

**Sd./- (Er. K.C. Behera)**
**Executive Engineer, Kendrapara (R&B) Division-I**
OIPR-34097/11/0011/2122


## ପ୍ରଥମ ପୃଷ୍ଠାରୁ...

### ୨୩ରୁ ଯୁକ୍ତ ୩ ଦ୍ୱିତୀୟ...

ତାଲିକା ସାମ୍ସ ପୋର୍ଟାଲରେ ଅପ୍‌ଡେଟ୍ କରାଯିବ। ଡିସେମ୍ବର ୧୮ରୁ ୨୩ ମଧ୍ୟରେ ଖାଲିଥିବା ସିଟ୍‌ରେ ନାମଲେଖା ପ୍ରକ୍ରିୟା ସାରିବାକୁ ନିର୍ଦ୍ଧାରିତ ହୋଇଥିବାବେଳେ ୨୪ ତାରିଖ ଅପରାହ୍ନ ୫ଟାରେ ନାମଲେଖା ସମ୍ପର୍କିତ ଚୂଡ଼ାନ୍ତ ତଥ୍ୟ ଅପଡେଟ୍ କରାଯିବ। ସୂଚନାଯୋଗ୍ୟ, +୩ ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହେବା ପରେ ରାଜ୍ୟର ୧୦୨୪ ଡିଗ୍ରୀ କଲେଜରେ ଆହୁରି ୮୬ ହଜାର ୨୩୩ଟି ସିଟ୍ ବଳକା ରହିଛି। କଳା ବିଭାଗରେ ୩୭ ହଜାର ୪୭୫ଟି ସିଟ୍ ବଳକା ଥିବାବେଳେ ଫିଜିକାଲ୍ ସାଇନ୍ସରେ ୧୯ ହଜାର ୧୬୧, ବାୟୋଲୋଜିକାଲ୍ ସାଇନ୍ସରେ ୯ ହଜାର ୭୧୯, ବାଣିଜ୍ୟରେ ୧୩ ହଜାର ୭୪୬, ସେଲ୍ଫ ଫାଇନାନ୍ସିଂରେ ୬୭୯ ଓ ସଂସ୍କୃତରେ ୫ ହଜାର ୪୫୩ଟି ସିଟ୍ ବଳକା ରହିଛି। ତେବେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପୂର୍ବରୁ ନାମଲେଖା ପାଇଁ ଆବେଦନ କରି ନ ଥିବା ଛାତ୍ରୀଛାତ୍ର ମଧ୍ୟ ଆବେଦନ କରିପାରିବେ। ପ୍ରଥମ ପର୍ଯ୍ୟାୟରେ ଆବେଦନ କରି ନାମ ଲେଖାଇ ପାରି ନ ଥିବା ଛାତ୍ରୀଛାତ୍ର ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଆବେଦନ କରିପାରିବେ। ତେବେ ସେମାନଙ୍କୁ ଆଉ ଫି' ଦାଖଲ କରିବାକୁ ପଡ଼ିବନି।

### ନିଲମ୍ବନ ପରେ ...

କରିଛି। ତେବେ ଆବଶ୍ୟକ ପଡ଼ିଲେ ଭିଜିଲାନ୍ସ ପ୍ରତାପଙ୍କୁ ପୁନର୍ବାର ରିମାଣ୍ଡରେ ଆଣିପାରେ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସର ୧୦ଟି ଟିମ୍ ଗତ ୯ ତାରିଖ ସକାଳେ ପ୍ରତାପଙ୍କ ଭୁବନେଶ୍ୱରସ୍ଥିତ ଓପିଏଚ୍‌ଡବ୍ଲ୍ୟୁସି କାର୍ଯ୍ୟାଳୟ, ବାଲେଶ୍ୱର ସିମୁଳିଆସ୍ଥିତ ପୈତୃକ ଘର ସମେତ ୯ ସ୍ଥାନରେ ଚଢ଼ାଉ କରିଥିଲା। ଯାଞ୍ଚବେଳେ ପ୍ରତାପଙ୍କ ସମେତ ପରିବାର ସଦସ୍ୟଙ୍କ ନାମରେ ଅମାପ ସମ୍ପତ୍ତି ଥିବା ଜଣାପଡ଼ିଥିଲା। ୫ କୋଠା ସହ ୨୭ ଅସ୍ଥାବର ସମ୍ପତ୍ତି, ଘରୁ ନଗଦ ୩୮.୧୨ ଲକ୍ଷ ଟଙ୍କା, ପ୍ରତାପ ଓ ପରିବାର ସଦସ୍ୟଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧ କୋଟି ୬୧ ଲକ୍ଷ ୩୫ ହଜାର ୮୧୨ ଟଙ୍କା, ୫୭ ଲକ୍ଷ ୭୨ ହଜାର ୧୫୦ ଟଙ୍କାର ବୀମାରାଶି ଜବତ କରିଥିଲା ଭିଜିଲାନ୍ସ। ପ୍ରତାପ ନିଜ ଆୟର ୧୦୨୧ ପ୍ରତିଶତ ଅଧିକ ଅର୍ଥାତ୍ ମୋଟ ୧୪.୮୭କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ସ୍ପଷ୍ଟ କରିଥିଲା। ଏହାପରେ ଭିଜିଲାନ୍ସ ଉଭୟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିବା ସହ ସେମାନଙ୍କ ନାମରେ ଏକ ମାମଲା (ନଂ. ୩୪/୨୧) ରୁଜୁ କରିଥିଲା। ତେବେ ପ୍ରତାପ ଗିରଫ ହୋଇ ଜେଲ୍ ଯିବାପରେ ତାଙ୍କୁ ଚାକିରିରୁ ନିଲମ୍ବିନ କରାଯାଇଥିଲା।

### ସ୍ମାର୍ଟ ହେଲ୍‌ଥ କାର୍ଡରେ ...

ରୋଗୀଙ୍କୁ ଚିକିତ୍ସା ସୁବିଧା ମିଳିବ। ଏଥିପାଇଁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ। ରାଜ୍ୟ ସରକାରଙ୍କ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ। ସମସ୍ତେ ସମ୍ମାନର ସହ ବଞ୍ଚିବା ଉଚିତ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଜାରି ରହିଛି। ଓଡ଼ିଶା ଦେଶର ଏକମାତ୍ର ରାଜ୍ୟ ଯେଉଁଠି ରାଜ୍ୟ ସରକାର କରୋନା ରୋଗୀଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରୁଛନ୍ତି। ଶିଶୁ ଦିବସରେ ୧୦୦ ରୂପାନ୍ତରିତ ସ୍କୁଲ ଲୋକାର୍ପଣ ହୋଇଛି, ଯାହା ଏକ ରେକର୍ଡ। ପୁଷ୍ଟି ନିରାପତ୍ତା କ୍ଷେତ୍ରରେ କେନ୍ଦୁଝର ଜିଲା ଭଲ ପ୍ରଦର୍ଶନ କରୁଛ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, କେନ୍ଦୁଝର ପାଟଣା ବିଧାୟକ ଜଗନ୍ନାଥ ନାୟକ ଯୋଗଦେଇ ଓଡ଼ିଶା ବିକାଶରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସାରା ଦେଶରେ ରାଜ୍ୟର ମର୍ଯ୍ୟାଦା ବୃଦ୍ଧି କରିଛି ବୋଲି କହିଥିଲେ।

### ଅଧିକାରୀଙ୍କୁ ଅଧିଗ୍ରହଣ ...

ଢେଙ୍କାନାଳ ଜିଲାର ୭୧ ଗ୍ରାମ ସମେତ ଅତିରିକ୍ତ ୨୨ଟି ଗ୍ରାମର ଜମି ୨୦୧୯ରୁ ରେଳ ବିଭାଗକୁ ହସ୍ତାନ୍ତର ହୋଇସାରିଛି। ତେବେ କମଳାଗଡ଼ ଗ୍ରାମର ୧.୯୫ ଏକର ଜମି ସିଧାସଳଖ କିଣିବାକୁ ନିଷ୍ପତ୍ତି ହୋଇଥିଲା। ସେଥିରୁ ୧.୧୮ ଏକର ଜମି କିଣା ସାରିଥିବାବେଳେ ବାକି ୦.୭୭ ଏକର ଜମି କିଣିବାକୁ ଆଲୋଚନା ଚାଲିଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ରେଳ ବିଭାଗର ଅବହେଳା କାରଣରୁ କେତେକ ଜମି ଅଧିଗ୍ରହଣରେ ଅର୍ଥ ମଞ୍ଜୁର ବାଧକ ସାଜିଥିବା ମଧ୍ୟ ସମୀକ୍ଷା ବୈଠକରୁ ଜଣାପଡ଼ିଥିଲା।


## OFFICE OF THE PANCHAYAT SAMITI, JHUMPURA

No. 4133/ Date: 12.11.2021

**Detailed Tender Call Notice No. 02/2021-22**

No. i-210:- The Block Development Officer, Jhumpura invites sealed percentage rate tenders in a single cover system on behlaf or Govt. of Odisha from registered and eligible class of Civil Contractors of the state PWD (R&B)/ Water Resources/ Rural Works/ MI/ CPWD for the following works eventually to be drawn up in the PWD F-2 forms in conformity with the detailed tender call notice.

| SI No. | Name of the work with location | Est. Cost (in Rupees) | Amount put to tender (in Rs) | Cost of Tender Document (in Rs) | Class of Contractor | Time of Completion |
|---|---|---|---|---|---|---|
| 1 | Construction of Office Building at Panchayat Samiti, Jhumpura | 3000000.00 | 2634491.00 | 6000.00 | "C" & "B" | 6 Calendar Months |

OIPR-19108/11/0002/2122 **Sd./- Block Development Officer, Jhumpura**



## PANCHAYAT SAMITI OFFICE, PUINTALA

Letter No.: 3628 Date: 15.11.2021

**INVITATION TENDER CALL NOTICE**
**Detail Tender Call Notice No. 02/Puintala/2021-22**

No. i-212:- The Block Development Officer Puintala on behalf of Governor of Odisha invites percentage rate bids in sealed cover system for the work(s) as detailed below, from eligible contractors registered with the State Government and Contractors of equivalent Grade / Class Registered with Central Government / MES / Railways or other Licensing Authorities for execution of Civil works on production of definite proof from the appropriate authority.

| Sl. No. | Name of Work | Approximate Value of work (Rs.) | Bid Security 1% EMD (Rs.) | Cost of Document (Rs.) | Class of Contractor | Period of completion (Calendar Months) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Day Care Sub-Center Building at Bairasar under Puintala Block (Civil+EI+PH Composite Tender) | 22,94,547/- | Bid security declaration as per Annexure-V | 6,000/- | C & B | 6 (Six) |

**Terms & Conditions: 1. Cost of Tender Paper:** Tender documents can be obtained from the office of the Block Development Officer, Puintala / DRDA, Balangir on payment towards the cost of tender apapers as mentioned above (Non-Refundable) in shape of Bank draft / Bankers Cheque drawn in favour of Block Development Officer, Puintala payable at SBI, Balangir Main Branch on any working day. **2. Sale & Receipt of Tender Paper:** The sale and receipt of the Bid document shall start from **Dt.15.11.2021 to 5 P.M.** of **Dt.29.11.2021** during office hour in Panchayat Samiti Puintala and DRDA Balangir. Bid documents can be downloaded from official website of Government of Odisha (**http://www.balangir.nic.in**). **3. Mode of submission of Tender Papers:** The Tenderers have to submit sealed tender papers in complete shape either by Dropping in Drop box at office of the Block Development Officer, Puintala/ DRDA, Balangir or in shape of Registered Post/ Speed Post only addressed to Block Development Officer, Puintala District - Balangir on or before **29.11.2021 (5.00 P.M.)**. The undersigned will not be responsible for any postal delay if any or non-receipt of paper in time. The tenderers must superscribe the name of the work on top of the sealed envelopes. **4.** The Bids will be opened on the **Dt.30.11.2021 at 11.00 AM** in the office of the undersigned. 5. The authority reserves the right to cancel any or all the bids without assigning any reason thereof. 6. Any addendum/ corrigendum/ cancellation of above tender will be published in the website: **www.balangir.nic.in** only.

OIPR-19160/11/0002/2122 **Sd./- Block Development Officer, Puintala**



## SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI

**No. Exam. 1932/2021, S.J.S.V., Puri** **Date: 17.11.21**

### NOTIFICATION

ଏତଦ୍ୱାରା ଓଡ଼ିଶାର ସମସ୍ତ ସଂସ୍କୃତ ଅନୁଷ୍ଠାନର ଅଧକ୍ଷମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେବାକୁ ଥିବା ୨୦୨୧ ମସିହାର ଶାସ୍ତ୍ରୀ ପ୍ରଥମ ବର୍ଷ (Regular) ପରୀକ୍ଷା ପାଇଁ ସମ୍ପୃକ୍ତ ଛାତ୍ରଛାତ୍ରୀମାନଙ୍କର ଆବେଦନ ପତ୍ର ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଗ୍ରହଣ କରାଯିବ।

**ଶାସ୍ତ୍ରୀ ପ୍ରଥମବର୍ଷ:** ଫର୍ମ ପୂରଣ କରିବା ପୂର୍ବରୁ କଲେଜ କର୍ତ୍ତୃପକ୍ଷ ଶାସ୍ତ୍ରୀ ପ୍ରଥମ ବର୍ଷ ନିୟମିତ ଛାତ୍ରଛାତ୍ରୀମାନଙ୍କର Registration No. ବିଶ୍ୱବିଦ୍ୟାଳୟ Website: **www.sjsv.nic.in**ରୁ ତା୨୨।୧୧।୨୦୨୧ରିଖଠାରୁ download କରିପାରିବେ। e-admission ମାଧ୍ୟମରେ ନାମ ଲେଖାଇ ପଞ୍ଜୀକରଣ କରିଥିବା ଛାତ୍ରଛାତ୍ରୀ ଶାସ୍ତ୍ରୀ ପ୍ରଥମ ବର୍ଷ ପରୀକ୍ଷା ନିମନ୍ତେ Form fill up କରିବା ଅନିବାର୍ଯ୍ୟ ଅଟେ। ନଚେତ୍, ସେମାନଙ୍କର ଛାତ୍ରାବସ୍ଥା ସ୍ୱତଃ ରଦ୍ଦ ହୋଇଯିବ।

ବିଶ୍ୱବିଦ୍ୟାଳୟ Notification No. 1011 Dt.26.07.2021 ଅନୁସାରେ ଯେଉଁ ଛାତ୍ରଛାତ୍ରୀମାନେ Covid କଟକଣା ଯୋଗୁଁ ଶାସ୍ତ୍ରୀ ପ୍ରଥମ ବର୍ଷ (Back/Repeat/Improvement) ପରୀକ୍ଷା ପାଇଁ Form fill up କରିପାରି ନାହାଁନ୍ତି କିମ୍ବା Form fill up କରି ପରୀକ୍ଷା ଦେଇପାରି ନାହାଁନ୍ତି ସେମାନଙ୍କୁ ବର୍ତ୍ତମାନ Form fill up କରିବା ପାଇଁ ସ୍ୱତନ୍ତ୍ର ଭାବେ ଅନୁମତି ପ୍ରଦାନ କରାଯାଉଅଛି।

ପୂରଣ ହୋଇଥିବା ଶାସ୍ତ୍ରୀ ପ୍ରଥମ ବର୍ଷ ଆବେଦନ ପତ୍ର ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଦାଖଲ କରିବା ସମୟରେ ନିମ୍ନଲିଖିତ କାଗଜପତ୍ର ଦାଖଲ କରିବା ଅନିବାର୍ଯ୍ୟ ଅଟେ।

(କ) ୨୦୨୧ ମସିହା ଶାସ୍ତ୍ରୀ ପ୍ରଥମ ବର୍ଷ ପରୀକ୍ଷା ପାଇଁ ଛାତ୍ର ଉପସ୍ଥାନ କରିବା ନିମନ୍ତେ ସରକାରଙ୍କଠାରୁ ପ୍ରାପ୍ତ Permanent Recognition/Temporary Recognition/Examination Permission ସମ୍ପର୍କିତ ଆଦେଶର ନକଲ।
(ଖ) e-admission ଜରିଆରେ ପ୍ରାପ୍ତ ହୋଇଥିବା ପଞ୍ଜୀକରଣ ତାଲିକାର ନକଲ।
(ଗ) N.S.S. ଦେୟ ଦାଖଲ କରାଯାଇଥିବା ସମ୍ବନ୍ଧରେ ବିଶ୍ୱବିଦ୍ୟାଳୟର N.S.S. Wingରୁ ପ୍ରାପ୍ତ Clearance Certificateର ନକଲ।
(ଘ) ମହାବିଦ୍ୟାଳୟର ବିଶ୍ୱବିଦ୍ୟାଳୟରୁ ପ୍ରାପ୍ତ ସହବନ୍ଧନ (Affiliation) ସମ୍ପର୍କିତ ପ୍ରମାଣପତ୍ରର ନକଲ।

ଅନୁଷ୍ଠାନର ଅଧକ୍ଷମାନେ ଶାସ୍ତ୍ରୀ ପ୍ରଥମବର୍ଷର ନିର୍ଦ୍ଧାରିତ ଫର୍ମ ଓ ପରୀକ୍ଷା ସମ୍ପର୍କୀୟ ନିୟମାବଳୀ ବିଶ୍ୱବିଦ୍ୟାଳୟର Website: **www.sjsv.nic.in**ରୁ download କରି ନିର୍ଦ୍ଦେଶ ଅନୁଯାୟୀ ପୂରଣ କରିବାପୂର୍ବକ ଆବଶ୍ୟକୀୟ ଦେୟ ସହିତ (Bank Draft drawn in favour of Comptroller of Finance, S.J.S.V., Puri) ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଦାଖଲ କରିବେ।

**ବି.ଦ୍ର.:** ଡାକଯୋଗେ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।

### କାର୍ଯ୍ୟସୂଚୀ

| | | |
|---|---|---|
| ୧. | ବିଶ୍ୱବିଦ୍ୟାଳୟର Websiteରୁ ଶାସ୍ତ୍ରୀ ପ୍ରଥମ ବର୍ଷର ଆବେଦନ ପତ୍ର ଓ ନିୟମାବଳୀ ପାଇବା ତାରିଖ | From Dt.22.11.2021 to 03.12.2021 |
| ୨. | ବିନା ବିଳମ୍ବ ଶୁଳ୍କରେ ଶାସ୍ତ୍ରୀ ପ୍ରଥମ ବର୍ଷର ଆବେଦନ ପତ୍ର ପୂରଣ କରିବା ଓ ତତ୍ ସମ୍ବନ୍ଧୀୟ ବ୍ୟାଙ୍କ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ | From Dt.22.11.2021 to 26.11.2021 |
| ୩. | ପ୍ରଥମ ବିଳମ୍ବ ଶୁଳ୍କ ଟ.୫୦.୦୦ ସହିତ ଶାସ୍ତ୍ରୀ ପ୍ରଥମ ବର୍ଷର ଆବେଦନ ପତ୍ର ପୂରଣ କରିବା ତତ୍ ସମ୍ବନ୍ଧୀୟ ବ୍ୟାଙ୍କ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ | From Dt.29.11.2021 to 30.11.2021 |
| ୪. | ଦ୍ୱିତୀୟ ବିଳମ୍ବ ଶୁଳ୍କ ଟ.୧୦୦.୦୦ ସହିତ ଶାସ୍ତ୍ରୀ ପ୍ରଥମ ବର୍ଷର ଆବେଦନ ପତ୍ର ପୂରଣ କରିବା ତତ୍ ସମ୍ବନ୍ଧୀୟ ବ୍ୟାଙ୍କ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ | From Dt.01.12.2021 to 02.12.2021 |
| ୫. | ଶେଷ ବିଳମ୍ବ ଶୁଳ୍କ ଟ.୨୦୦.୦୦ ସହିତ ଶାସ୍ତ୍ରୀ ପ୍ରଥମ ବର୍ଷର ଆବେଦନ ପତ୍ର ପୂରଣ କରିବା ତତ୍ ସମ୍ବନ୍ଧୀୟ ବ୍ୟାଙ୍କ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ | From Dt.03.12.2021 |
| ୬. | ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରୀ ପ୍ରଥମ ବର୍ଷର ଆବେଦନ ପତ୍ର ଜିଲ୍ଲାୱାରୀ ଦାଖଲ କରିବା ତାରିଖ | From Dt.21.12.2021 to 29.12.2021 |

**ବି.ଦ୍ର.:** ନିର୍ଦ୍ଧାରିତ ଫର୍ମ, ପରୀକ୍ଷା ସମ୍ବନ୍ଧୀୟ ନିୟମାବଳୀ, ପୂରଣ ହୋଇଥିବା ଆବେଦନ ପତ୍ର, ପରୀକ୍ଷା ଶୁଳ୍କ ଓ ଅନ୍ୟାନ୍ୟ କାଗଜପତ୍ର ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଜିଲ୍ଲାୱାରୀ ଦାଖଲ କରିବାର ତାରିଖ ବିଶ୍ୱବିଦ୍ୟାଳୟ ବିଜ୍ଞାପନ ଫଳକ/Website: **www.sjsv.nic.in**ରେ ଉପଲବ୍ଧ।

ସ୍ୱା./– ପରୀକ୍ଷା ନିୟନ୍ତ୍ରକ



## SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI

**No. Exam. 1937/2021, S.J.S.V., Puri** **Date: 17.11.21**

### NOTIFICATION

**PROGRAMME FOR ANNUAL SHASTRI-II (REG/BACK/IMPROVEMENT) EXAMINATION-2021**

| Date | Day | Time | Subject | Paper |
|---|---|---|---|---|
| 13.12.2021 | Monday | 10.00 A.M. - 1.00 P.M. | M.I.L. (O/Sans/Hindi/Alt. Eng) | Compulsory |
| 14.12.2021 | Tuesday | 10.00 A.M. - 1.00 P.M. | English | Compulsory |
| 15.12.2021 | Wednesday | 10.00 A.M. - 1.00 P.M. | Samanya Sahitya | Compulsory |
| 16.12.2021 | Thursday | 10.00 A.M. - 1.00 P.M. | S.P.P.V./P.P.B.V. | Compulsory |
| 17.12.2021 | Friday | 10.00 A.M. - 1.00 P.M. | Shastriya Optional | 3rd (Pass)/ 4th (Hons) |
| 18.12.2021 | Saturday | 10.00 A.M. - 1.00 P.M. | Shastriya Optional | 4th (Pass)/ 5th (Hons) |
| 20.12.2021 | Monday | 10.00 A.M. - 1.00 P.M. | Shastriya Optional | 6th (Hons) |

**N.B.:**
1. any discrepancy in the programme detected afterwards may be brought to the notice of the Controller of Examinations.
2. Details of Centres as well as Colleges tagged to them will be displayed in the University website **www.sjsv.nic.in** w.e.f. 09.12.2021 and College authorities are requested to go through it meticulously and act accordingly. No further correspondence in this regard will be made either with examination centres or colleges tagged to them.

By order of the Vice-Chancellor
**Sd./- Controller of Examinations**

ବିଶ୍ୱ କ୍ରିକେଟରେ ନ୍ୟୁଜିଲାଣ୍ଡ ଏବେ ଅନ୍ୟତମ ଶ୍ରେଷ୍ଠ ଦଳ ଭାବେ ଉଭା ହୋଇଛି। ୩ଟି ଯାକ ଫର୍ମାଟରେ ଦଳର ପ୍ରଦର୍ଶନ ଉଚ୍ଚକୋଟୀର ହୋଇଛି ଓ ଏଥିରେ ସ୍ଥିରତା ପରିଲକ୍ଷିତ ହୋଇଛି। ୬ ବର୍ଷ ମଧ୍ୟରେ ଭିନ୍ନ ଭିନ୍ନ ଆଇସିସି ଇଭେଣ୍ଟର ୪ଟି ଫାଇନାଲରେ ପ୍ରବେଶ କରି ନ୍ୟୁଜିଲାଣ୍ଡ ତା'ର ଦକ୍ଷତା ପ୍ରମାଣ କରିଛି। କେନ ୱିଲିୟମସନଙ୍କ ନେତୃତ୍ୱରେ ଦଳ ନୂଆ ସୋପାନରେ ପହଞ୍ଚିଛି।

# ସ୍ଥିର ପ୍ରଦର୍ଶନ

କେନ୍ ୱିଲିୟମସନଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ଗତ କିଛିବର୍ଷ ହେବ ଦମ୍‌ଦାର ପ୍ରଦର୍ଶନ କରି ଏକାଧିକ ବିଶ୍ୱସ୍ତରୀୟ ସଫଳତା ଅର୍ଜନ କରିଛି। ଦଳରେ ପ୍ରଦର୍ଶନରେ ସ୍ଥିରତା ଦେଖିବାକୁ ମିଳିଛି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ସଦ୍ୟ ସମାପ୍ତ ଟି୨୦ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇ ରନର୍ସଅପରେ ସନ୍ତୁଷ୍ଟ ହୋଇଛି। ଗତ ୬ ବର୍ଷ ମଧ୍ୟରେ ନ୍ୟୁଜିଲାଣ୍ଡ ୪ ଟି ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଘରୋଇ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇ ରନର୍ସଅପ ହୋଇଥିଲା। ବାରମ୍ବାର ଆଇସିସି ଇଭେଣ୍ଟଗୁଡ଼ିକର ଫାଇନାଲରେ ପ୍ରବେଶ କରିବା ନ୍ୟୁଜିଲାଣ୍ଡ ସ୍ଥିର ପ୍ରଦର୍ଶନକୁ ସୂଚାଉଛି। ପୂର୍ବରୁ ନ୍ୟୁଜିଲାଣ୍ଡ ଏଭଳି ୩ଟି ଫର୍ମାଟରେ ଶ୍ରେଷ୍ଠ ପ୍ରଦର୍ଶନ କରି ନ ଥିଲା। ଟି୨୦ ବଶ୍ୱକପ୍‌ରେ ଇଂଲଣ୍ଡକୁ ସେମିଫାଇନାଲରେ ପରାସ୍ତ କରି ନ୍ୟୁଜିଲାଣ୍ଡ ୨୦୧୯ ବିଶ୍ୱକପ୍ ଫାଇନାଲ ପରାଜୟର ପ୍ରତିଶୋଧ ନେଇଥିଲା। ଅନ୍ୟପଟେ ଇଂଲଣ୍ଡ ପ୍ରଥମଥର ପାଇଁ ଟି୨୦ ବିଶ୍ୱକପ୍



କେନ୍ ୱିଲିୟମସନ୍

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଇଭେଣ୍ଟର ଫାଇନାଲ ଖେଳିଛି। ୩ଟି ଯାକ ଫର୍ମାଟରେ ଏହି ଦଳ ନିଜର ଦମ୍ ଦେଖାଇଛି। ତେବେ ୩ଟି ଫାଇନାଲରେ ପରାସ୍ତ ହୋଇଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ଦଳ ସ୍ଥିର ପ୍ରଦର୍ଶନ କରିବାରେ ସଫଳ ହୋଇଛି। ନ୍ୟୁଜିଲାଣ୍ଡ କ୍ରମାଗତ ୩ଟି ଆଇସିସି ଇଭେଣ୍ଟର ଫାଇନାଲରେ ପ୍ରବେଶ କରି ଭିନ୍ନ ପ୍ରକାର ସଫଳତା ଅର୍ଜନ କରିଛି। ଏହାପୂର୍ବରୁ ଅନୁଷ୍ଠିତ ଆଇସିସି ଟେଷ୍ଟ ଚାମ୍ପିୟନଶିପ୍‌ରେ ମଧ୍ୟ ନ୍ୟୁଜିଲାଣ୍ଡ ଫାଇନାଲରେ ଭାରତକୁ ହରାଇ ନ୍ୟୁଜିଲାଣ୍ଡ ପ୍ରଥମଥର ପାଇଁ ବିଶ୍ୱକପ୍ ହାସଲ କରିବାରେ ସକ୍ଷମ ହୋଇଥିଲା। ସେହିପରି ଇଂଲଣ୍ଡରେ ଅନୁଷ୍ଠିତ ୨୦୧୯ ବିଶ୍ୱକପ୍‌ରେ ମଧ୍ୟ ନ୍ୟୁଜିଲାଣ୍ଡ ଫାଇନାଲକୁ ଉଠିଥିଲା। କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଇଂଲଣ୍ଡକୁ କଡ଼ା ଟକ୍କର ଦେଇଥିଲା। ମ୍ୟାଚ ଟାଇ ରହିବା ଫଳରେ ସୁପର ଓଭର ଖେଳାଯାଇଥିଲା। ଏହା ମଧ୍ୟ ଟାଇ ରହିବା ଫଳରେ ବାଉଣ୍ଡରୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଇଂଲଣ୍ଡ ବିଜୟୀ ଘୋଷିତ ହୋଇଥିଲା। ଫଳରେ ନ୍ୟୁଜିଲାଣ୍ଡକୁ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ୨୦୧୫ରେ ନ୍ୟୁଜିଲାଣ୍ଡ ଦିନିକିଆ ବିଶ୍ୱକପ ସେମିଫାଇନାଲରେ ପରାସ୍ତ ହୋଇଛି। ସୁପର ୧୨ରେ ଗ୍ରୁପ୍-୨ରେ ନ୍ୟୁଜିଲାଣ୍ଡ ୫ଟି ମ୍ୟାଚ ଖେଳି ୪ଟିରେ ବିଜୟୀ ହେବା ସହ ସେମିକୁ ଉଠିଥିଲା। ଗ୍ରୁପ୍ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡ କେବଳ ପାକିସ୍ତାନଠାରୁ ହାରିଥିଲା। ତେବେ ଭାରତ, ଆଫଗାନିସ୍ତାନ, ନାମ୍ବିଆ, ସ୍କଟଲାଣ୍ଡକୁ ହରାଇଥିଲା। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ନ୍ୟୁଜିଲାଣ୍ଡର ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ହୋଇଛି। ୱିଲିୟମସନଙ୍କ ଦୃଢ଼ ନେତୃତ୍ୱ ମଧ୍ୟ ଦଳକୁ ସଫଳତାର ଶୀର୍ଷରେ ପହଞ୍ଚାଇଛି। ଜଣେ ଉଚ୍ଚକୋଟୀର ବ୍ୟାଟ୍ସମ୍ୟାନ ହେବା ସଙ୍ଗେ ସଙ୍ଗେ ତାଙ୍କ ଧୀର ଓ ଶାନ୍ତ ସ୍ୱଭାବ ଦଳକୁ ନୂଆ ଦିଗ୍‌ଦର୍ଶନ ଦେଇଛି। ଅଭିଜ୍ଞ ବ୍ୟାଟ୍ସମ୍ୟାନ, ବିଶ୍ୱସ୍ତରୀୟ ଦ୍ରୁତ ବୋଲର ଓ କ୍ୱାଲିଟି ଅଲରାଉଣ୍ଡରଙ୍କ ଉପସ୍ଥିତି ନ୍ୟୁଜିଲାଣ୍ଡକୁ ଅପରାଜେୟ ଦଳ ଭାବେ ଗଢ଼ି ତୋଳିଛି। ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ତଥା ନିର୍ଣ୍ଣାୟକ ମ୍ୟାଚ୍‌ଗୁଡ଼ିକରେ ନ୍ୟୁଜିଲାଣ୍ଡ ପରାସ୍ତ ହେଉଥିଲା। କିନ୍ତୁ ଏବେ ଆଉ ସେକଥା ନାହିଁ। ଦଳ ଏବେ ଯେକୌଣସି ଦଳକୁ ହରାଇବା କ୍ଷମତା ରଖୁଛି। ବିନାଦ୍ୱିଧାରେ ନ୍ୟୁଜିଲାଣ୍ଡକୁ ୩ଟି ଫର୍ମାଟ୍‌ରେ ଅପ୍ରତିଦ୍ୱନ୍ଦ୍ୱୀ କହିଲେ ଭୁଲ ହେବ ନାହିଁ।



ନିର୍ମଳ କୁମାର ମିଶ୍ର



ଓଡ଼ିଶାରେ ଆୟୋଜନ ହେବାକୁ ଯାଉଛି ଆଉ ଏକ ମେଗା ଇଭେଣ୍ଟ। ଜୁନିୟର ପୁରୁଷ ହକି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ଆସନ୍ତା ୨୪ରୁ ଆରମ୍ଭ ହୋଇ ଡିସେମ୍ବର ୫ ତାରିଖରେ ଶେଷ ହେବ। ୪ଟି କନ୍‌ଫେଡେରେଶନ ଶ୍ରେଷ୍ଠ ୧୬ଟି ଦଳ ଏଥିରେ ଅଂଶଗ୍ରହଣ କରିବେ। କାନାଡା, ଫ୍ରାନ୍ସ, ପୋଲାଣ୍ଡ ସମେତ ଡିଫେଣ୍ଡିଂ ଚାମ୍ପିୟନ ଭାରତ ଗ୍ରୁପ୍ ବି'ରେ ସାମିଲ ହୋଇଛି।



# ଜୁନିୟର ହକି ବିଶ୍ୱକପ୍

ଓଡ଼ିଶା ଆୟୋଜନ କରିବାକୁ ଯାଉଛି ଜୁନିୟର ହକି ବିଶ୍ୱକପ୍। ପୂର୍ବରୁ ୨୦୧୮ରେ ସିନିୟର ହକି ବିଶ୍ୱକପ୍ ସଫଳତାର ସହ ଆୟୋଜନ ହୋଇଥିବାରୁ ପ୍ରଥମ ଥର ପାଇଁ ଜୁନିୟର ସ୍ତରରର ସର୍ବୋଚ୍ଚ ହକି ପ୍ରତିଯୋଗିତା ଆୟୋଜନ ଲାଗି ସୁଯୋଗ ମିଳିଛି। କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ନୀତି ନିୟମ ମଧ୍ୟରେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ନଭେମ୍ବର ୨୪ରୁ ଆରମ୍ଭ ହୋଇ ଏହା ଡିସେମ୍ବର ୫ରେ ଉଦ୍‌ଯାପିତ ହେବ। ଅନ୍ତର୍ଜାତୀୟ ହକି ଫେଡେରେଶନ୍, ହକି ଇଣ୍ଡିଆ ଏବଂ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମ କ୍ରମେ ଏହି ସମ୍ମାନ ଜନକ ହକି ପ୍ରତିଯୋଗିତା ପାଇଁ କ୍ଷେତ୍ର ପ୍ରସ୍ତୁତ। ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଏଥିରେ ଅଂଶ ଗ୍ରହଣ କରିବେ। ପୂର୍ବରୁ ଏପରି ମେଗା ଇଭେଣ୍ଟ ଆୟୋଜନ କରିବାରେ ଯଥେଷ୍ଟ ସୁଖଦ ଅଭିଜ୍ଞତା ରାଜ୍ୟ ସରକାରଙ୍କର ରହିଛି। ହକି ଇଣ୍ଡିଆ ଲିଗ, ଚାମ୍ପିୟନ୍‌ସ ଟ୍ରଫି, ସିନିୟର ହକି ବିଶ୍ୱକପ୍, ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ପ୍ରଭୃତି ସମ୍ମାନଜନକ ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରି ବେଶ୍ ସଫଳତା ସାଉଁଟି ଥିଲେ ରାଜ୍ୟ ସରକାର। ସଫଳତାର ସହିତ ଏହି ପ୍ରତିଯୋଗିତାଗୁଡ଼ିକୁ ଆୟୋଜନ କରି ଓଡ଼ିଶାର ନାମକୁ ବିଶ୍ୱ ଦରବାରରେ ପରିଚିତ କରାଇ ପାରିଥିଲେ। ରାଜ୍ୟ ସରକାରଙ୍କ ଆତିଥ୍ୟତା ଏଫ୍‌ଆଇଏଚ୍‌ର କର୍ମକର୍ତ୍ତା ଏବଂ ସମସ୍ତ ଦେଶର ଖେଳାଳି ଏବଂ ଅଫିସିଆଲମାନଙ୍କୁ ପ୍ରଭାବିତ କରିଥିଲା। ଏବେ ୨୧ବର୍ଷରୁ କମ୍ ହକି ବିଶ୍ୱକପ୍ ଆୟୋଜନ କରିବାକୁ ଓଡ଼ିଶା ସରକାରଙ୍କ ଉଦ୍ୟମ ମଧ୍ୟ ବେଶ୍ ପ୍ରଶଂସନୀୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଏଫ୍‌ଆଇଏଚ୍‌ର ସଭାପତି ନରେନ୍ଦ୍ର ବାତ୍ରାଙ୍କ ଉପସ୍ଥିତିରେ ଲୋଗୋ ଏବଂ ଟ୍ରଫି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ପାଖେଇ ଆସିବା ସହ ଉତ୍ସୁକତା ବଢ଼ିବାରେ ଲାଗିଛି। ଭାରତୀୟ ଦଳ କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂ ଜାରି ରଖିଥିବାବେଳେ ମଙ୍ଗଳବାର ପ୍ରଥମ ବିଦେଶୀ ଦଳଭାବେ ବେଲ୍‌ଜିୟମ ଭୁବନେଶ୍ୱରରେ ପହଞ୍ଚିଛି। ଏହାପରେ ଆର୍ଜେଣ୍ଟିନା, ନେଦରଲାଣ୍ଡ୍ସ, ଫ୍ରାନ୍ସ, ମାଲେସିଆ, ଆମେରିକା ଦଳ ମଧ୍ୟ ପହଞ୍ଚିଛନ୍ତି। କରୋନା ମହାମାରୀକୁ ଦୃଷ୍ଟିରେ ଏଥର ବିନା ଦର୍ଶକରେ ପ୍ରତିଯୋଗିତା ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ଏହା ଓଡ଼ିଶାର ହକିପ୍ରେମୀଙ୍କୁ ବ୍ୟଥିତ କରିଛି ସତ, ମାତ୍ର ଘରେ ବସି ଏହାକୁ ଉପଭୋଗ କରିବା ସୁଯୋଗ ଆସିଛି।

ପୂର୍ବରୁ ଅନୁଷ୍ଠିତ ହୋଇଥିବା ୧୧ଟି ସଂସ୍କରଣ ମଧ୍ୟରୁ ଭାରତ ୩ଥର ହକି ପ୍ରତିଯୋଗିତାରେ ପ୍ରଥମରୁ ଭାରତ ସେପରି ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲା। ୧୯୮୨ରେ କୁଆଲାଲମ୍ପୁରଠାରେ ଅନୁଷ୍ଠିତ ଦ୍ୱିତୀୟ ସଂସ୍କରଣରେ ଭାରତକୁ ୫ମ ସ୍ଥାନ ମିଳିଥିଲା। ୧୯୯୭ରେ ଇଂଲଣ୍ଡଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଦିଲ୍ଲୀପ ତୀର୍କି, ଲାଜରୁସ ବାର୍ଲାଙ୍କ ପରି ଦୁଇଜଣ ଓଡ଼ିଆ ଖେଳାଳି ରକ୍ଷଣଭାଗରେ ଚମତ୍କାର ପ୍ରଦର୍ଶନ କରି ସମଗ୍ର ବିଶ୍ୱ ହକି ଜଗତରେ ପୋଡିୟମ ଫିନିସ୍ କରିଥିବା ବେଳେ ୨ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ୧୯୯୭ ଇଂଲଣ୍ଡରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇ ରନର୍ସ ଅପ୍ ହୋଇଥିଲା। ୧୯୭୯ରୁ ଆରମ୍ଭ ହୋଇଥିବା ଏହି ଜୁନିୟର ଓଡ଼ିଶାର ନାମକୁ ଅଧିକ ଚମକାଇ ଥିଲେ। ୨୦୦୧ରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ପ୍ରତିଯୋଗିତାରେ ଚାମ୍ପିୟନ ହେବା ସହ ଇଗନେସ୍ ତୀର୍କି ଏବଂ ପ୍ରବୋଧ ତୀର୍କିଙ୍କ ପରି ଖେଳାଳି ଚମତ୍କାର ଖେଳ ମାଧ୍ୟମରେ ସିନିୟର ଦଳ ପାଇଁ ସେମାନେ ଯେ ଯୋଗ୍ୟ ତାହା ଦର୍ଶାଇଥିଲେ। ପୁନର୍ବାର ୨୦୧୬ରେ ଭାରତର ଲକ୍ଷ୍ନୌଠାରେ ଅନୁଷ୍ଠିତ ୧୧ତମ ସଂସ୍କରଣରେ ଦ୍ୱିତୀୟ ଥର ପାଇଁ ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଏହି ସଂସ୍କରଣରେ ମଧ୍ୟ ଓଡ଼ିଆ ଖେଳାଳି ଦୀପସାନ୍ ତିର୍କିଙ୍କ ପରି ଡିଫେଣ୍ଡର ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ।

ଏହା ସତ୍ୟ ଯେ ଯେଉଁ ୩ଥର ପାଇଁ ଭାରତ ଜୁନିୟର ହକି ବିଶ୍ୱକପ୍‌ରେ ପୋଡିୟମ ଫିନିସ କରିଛି, ଏହି ସମସ୍ତ ଶୁଭ ସମୟରେ ଓଡ଼ିଆ ଖେଳାଳିମାନେ ସେମାନଙ୍କର ଚମତ୍କାର ପ୍ରଦର୍ଶନ ମାଧ୍ୟମରେ ଦର୍ଶକମାନଙ୍କୁ ଆଚମ୍ବିତ କରିଛନ୍ତି। ଏଥର ଘରୋଇ ପରିବେଶରେ ଭାରତ ଖେଳିବ। ବିଶେଷ ଉତ୍ସାହର ବାତାବରଣ ରହିବ। ଏଥର ୩ ଜଣ ଓଡ଼ିଆ ଖେଳାଳି ଭାରତୀୟ ୧୮ ଜଣିଆ ଦଳରେ ସାମିଲ ହୋଇଛନ୍ତି। ସେମାନେ ହେଲେ ଅଭିଷେକ ଲାକ୍ରା, ସୁଦୀପ ଚିରମାକୋ ଓ ସୁନୀଲ ଜୋଜୋ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ବିଶ୍ୱର ଶ୍ରେଷ୍ଠ ୧୬ଦଳ ଭାଗ ନେବେ। ସେମାନେ ହେଲେ ବେଲଜିୟମ, ମାଲେସିଆ, ଦକ୍ଷିଣ ଆଫ୍ରିକା, ଚିଲି, ଆୟୋଜକ ଭାରତ, କାନାଡ଼ା, ଫ୍ରାନ୍ସ, ପୋଲାଣ୍ଡ, ନେଦରଲାଣ୍ଡ୍ସ, ସ୍ପେନ, ଦକ୍ଷିଣ କୋରିଆ, ଆମେରିକା, ଜର୍ମାନୀ, ପାକିସ୍ତାନ, ଆର୍ଜେଣ୍ଟିନା ଓ ଇଜିପ୍ଟ।

ଏହା ଆମ ପାଇଁ ଅଖଣ୍ଡ ଆନନ୍ଦ ଏବଂ ଗୌରବର କଥା ଯେ ଏଫ୍‌ଆଇଏଚ୍ ଦ୍ୱିତୀୟ ଥର ପାଇଁ ଏପରି ଏକ ମେଗା ପ୍ରତିଯୋଗିତାକୁ ଭାରତରେ ଅନୁଷ୍ଠିତ କରାଇବାକୁ ଯାଉଛି। ଅନ୍ତର୍ଜାତୀୟ ହକି ଫେଡେରେଶନ ଓ ହକି ଇଣ୍ଡିଆ ପୁଣିଥରେ ଓଡ଼ିଶା ସରକାରଙ୍କ ଉପରେ ଭରସା ରଖିଛନ୍ତି। ଓଡ଼ିଶା ୨୦୧୮ ମସିହାରୁ ଭାରତୀୟ ହକି ଦଳର ପ୍ରାୟୋଜକ ରହି ଆସିଛି। ଆଗାମୀ ପ୍ରତିଯୋଗିତାକୁ ସଫଳ ଏବଂ ସୁରକ୍ଷିତ ଭାବେ ଆୟୋଜନ କରିବାକୁ ଓଡ଼ିଶା ପ୍ରସ୍ତୁତ ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରକାଶ କରି ସାରିଛନ୍ତି। କ୍ଷେତ୍ର ପ୍ରସ୍ତୁତ ହୋଇ ସାରିଛି। ଏବେ କେବଳ ଟୁର୍ନାମେଣ୍ଟ ଆରମ୍ଭକୁ ଅପେକ୍ଷା।

### କେଉଁ ଗ୍ରୁପ୍‌ରେ କିଏ

ପୁଲ୍ 'ଏ': ବେଲଜିୟମ, ମାଲେସିଆ, ଦକ୍ଷିଣ ଆଫ୍ରିକା, ଚିଲି
ପୁଲ୍ 'ବି': ଭାରତ, କାନାଡ଼ା, ଫ୍ରାନ୍ସ, ପୋଲାଣ୍ଡ
ପୁଲ୍ 'ସି': ନେଦରଲାଣ୍ଡ୍ସ, ସ୍ପେନ, ଦକ୍ଷିଣ କୋରିଆ, ଆମେରିକା
ପୁଲ୍ 'ଡି': ଜର୍ମାନୀ, ପାକିସ୍ତାନ, ଆର୍ଜେଣ୍ଟିନା, ଇଜିପ୍ଟ।



ଭୁବନେଶ୍ୱରରେ ପହଞ୍ଚିବା ପରେ ଆମେରିକା ଦଳ।

## ହାଇଜମ୍ପର କ୍ରମବିକାଶ

# ସୁଇନୀଙ୍କଠାରୁ ସତୋମାୟର

ସମୟ ଅନୁସାରେ ସବୁ କ୍ରୀଡ଼ାର ଟେକ୍‌ନିକ୍‌ରେ ବିକାଶ ହୋଇଛି ଓ ଏହି ପ୍ରକ୍ରିୟା ଆଗକୁ ମଧ୍ୟ ଚାଲିବ। ଏଥରୁ ଟ୍ରାକ୍ ଆଣ୍ଡ ଫିଲ୍ଡର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ହାଇଜମ୍ପ ମଧ୍ୟ ବାଦ୍ ପଡିନାହିଁ। ବିଭିନ୍ନ ସମୟରେ କ୍ରୀଡ଼ାବିତ୍‌ମାନେ ସ୍ୱତନ୍ତ୍ର କୌଶଳ ଆପଣେଇ ବିଶ୍ୱର ରେକର୍ଡ ସ୍ଥାପନ କରିଛନ୍ତି।

ଦୌଡ଼କୁଦ ଖେଳଗୁଡ଼ିକ ମଧ୍ୟରେ ଉଚ୍ଚଡିଆଁ ଗୋଟିଏ। ୧୮ଶହ ମସିହା ଶେଷ ଆଡ଼କୁ ଉଚ୍ଚଡିଆଁ ବା ହାଇଜମ୍ପ ଟେକ୍‌ନିକ୍‌ରେ ବିକାଶ ସାଧନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୧୮୯୫ ସାଲରେ ଆମେରିକୀୟ ଖେଳାଳି ଏମ.ଏଫ. ସୁଇନୀ ଯେଉଁ କୌଶଳ ଲଗାଇଥିଲେ ତାହା ସଫଳ ହୋଇଥିଲା ଏବଂ ସେ ତତ୍କାଳୀନ ବିଶ୍ୱଶ୍ରେଷ୍ଠ ୬ ଫୁଟ ୬ ଇଞ୍ଚ (୧.୯୭ ମିଟର) ଉଚ୍ଚତା ଡେଇଁଥିଲେ। ସେ ପ୍ରୟୋଗ କରିଥିବା କୌଶଳକୁ ଇଷ୍ଟର୍ନ କଟ୍-ଅଫ୍ ଟେକନିକ୍‌ରେ ନାମିତ କରାଯାଇଥିଲା। ସୁଇନୀଙ୍କ ପରେ ଦୁନିଆର ଅଗ୍ରଣୀ ଜମ୍ପରମାନେ ନୂଆ ରେକର୍ଡ଼ କରିବାକୁ ପ୍ରୟାସ କରିଆସିଛନ୍ତି। ଏକବିଂଶ ଶତାବ୍ଦୀର ବିଶ୍ୱ କୀର୍ତ୍ତିମାନ କ୍ୟୁବା ଖେଳାଳି ଜାଭିଏର୍ ସତୋମାୟରଙ୍କ ନାଁରେ ରହିଛି। ୬ ଫୁଟ୍ ୪ ଇଞ୍ଚ ଲମ୍ବା ସତୋମାୟର ୧୯୯୩ ମସିହାରେ ୮ ଫୁଟ୍ ସୀମା ପାର୍ କରିଥିଲେ। ତାଙ୍କ ରେକର୍ଡ଼ ଜମ୍ପ ଥିଲା ୮ ଫୁଟ ୧/୪ ଇଞ୍ଚ ବା ୨.୪୫ ମିଟର। ଏହି ଉଚ୍ଚତା ଏକ ଫୁଟବଲ ଗୋଲପୋଷ୍ଟ ସଙ୍ଗେ ସମାନ। ୨୦୧୪ରେ କାତାରର ମୁତାଜ୍ ଏସା ବସିମ୍ ୨.୪୩ ମିଟର ଡେଇଁ ଦ୍ୱିତୀୟ ଏବଂ ୧୯୮୭ ମସିହାରେ ସ୍ୱୀଡେନର ପାଟ୍ରିକ୍ ଜୋବର୍ଗ ୨.୪୨ ମିଟର ଡେଇଁବାକୁ ସକ୍ଷମ ହୋଇଥିଲେ। ଏଣୁ ସେ ତୃତୀୟ ସ୍ଥାନରେ ଅଛନ୍ତି। ସତୋମାୟର ୯୨ ମସିହା ଅଲିମ୍ପିକ୍‌ରେ ସ୍ୱର୍ଣ୍ଣ, ୨୦୦୦ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିଣିଥିଲେ। ୨୮ ବର୍ଷ ହେଲା ତାଙ୍କ ବିଶ୍ୱ ରେକର୍ଡ଼ କାଏମ ରହିଛି। ଭାରତର ତେଜସ୍ୱିନ୍ ଶଙ୍କର ଏବେ ଜାତୀୟ ରେକର୍ଡ଼ଧାରୀ। ସେ ୨୦୧୮ରେ ୨.୨୯ ମିଟର ଉଚ୍ଚତା ଅତିକ୍ରମ କରି ଏହି ସଫଳତା ଅର୍ଜନ କରିଥିଲେ। ତେଜସ୍ୱିନ୍‌ଙ୍କ ତଳେ ଅଛନ୍ତି ପଶ୍ଚିମବଙ୍ଗର ହରିଶଙ୍କର ରାଏ। ସେ ୨୦୦୪ ମସିହାରେ ସିଙ୍ଗାପୁରରେ ଡେଇଁଥିଲେ ୨.୨୫ ମିଟର। ତାହା ଥିଲା ତତ୍କାଳୀନ ଭାରତର ଜାତୀୟ ରେକର୍ଡ଼। ଦିଲ୍ଲୀ ବାସିନ୍ଦା ତେଜସ୍ୱିନ୍ ଆମେରିକାର କନସସ୍ ୟୁନିଭର୍ସିଟିରେ ପଢୁଥିଲାବେଳେ କଲେଜସ୍ତରୀୟ ଉଚ୍ଚଡିଆଁ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଆମେରିକାରେ ସେ ତାଙ୍କ ଡିଆଁ କୌଶଳ ନିଖୁଣ କରିପାରିଥିଲେ। ଅଧୁନା ତେଜସ୍ୱିନ୍ ବିଶ୍ୱର ୫୨ ର୍‍ୟାଙ୍କ୍‌ର ଜମ୍ପର। ଊନବିଂଶ ଶତାବ୍ଦୀରେ ସ୍କଟଲାଣ୍ଡରେ ହାଇଜମ୍ପ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବାର ଫଟୋ ବିବରଣୀ ରହିଛି। ସେତେବେଳେ ଖେଳାଳିମାନେ ସମ୍ମୁଖ ଭାଗରୁ ଦୌଡ଼ ଲଗାଇ ହାଇଜମ୍ପ ବାର୍‌କୁ ପାର୍ କରୁଥିଲେ ଅଥବା ସିଜର୍ କଟ୍ ଟେକ୍‌ନିକ୍ (କୋଣପଟୁ ଦୌଡ଼ି)ରେ ଛାତି ପଟ ଦେଇ ବାର୍‌କୁ ଅତିକ୍ରମ କରୁଥିଲେ। ୧୯୧୨ ମସିହାରେ ଆମେରିକାର ଆଉ ଜଣେ ଖେଳାଳି ଏମ୍.ଏଫ. ହୋରିନ୍ ଆଉ ଗୋଟେ ନୂଆ କୌଶଳ ଖଟାଇଲେ। ତାହା ଦ୍ୱାରା ହୋରିନ୍ ୬ ଫୁଟ୍ ୭ ଇଞ୍ଚ ଉଚ୍ଚତା ଡେଇଁ ବିଶ୍ୱ ରେକର୍ଡ଼ ପ୍ରତିଷ୍ଠା କଲେ। ୧୯୩୬ ବର୍ଲିନ୍ ଅଲିମ୍ପିକ୍ ହାଇଜମ୍ପରେ କର୍ନୀଲିୟସ୍ ଜନସନ୍ ୬ ଫୁଟ ୮ ଇଞ୍ଚ ଡେଇଁ ଚାମ୍ପିୟନ ହୋଇଥିଲେ। ପରେ ଆମେରିକା ଓ ରୁଷିଆ ଖେଳାଳିମାନେ ଦୀର୍ଘ ୪୦ ବର୍ଷ ଧରି କୌଶଳ ପ୍ରୟୋଗରେ ପରୀକ୍ଷା ନିରୀକ୍ଷା ଜାରି ରଖିଥିଲେ। ଦୁଇ ଦେଶର ଖେଳାଳିମାନେ ଷ୍ଟ୍ରାଡଲ ଟେକ୍‌ନିକ୍ ଆରମ୍ଭ କରିଥିଲେ। ଏଥିରେ ୱେଷ୍ଟର୍ନ ରୋଲ୍ ଟେକ୍‌ନିକ୍‌ରେ ବାର୍ ନିକଟକୁ ଆସି ଶରୀରକୁ ଘୂର୍ଣ୍ଣନ କରି ବାର୍ ଅତିକ୍ରମ କରିବାକୁ ପଡୁଥିଲା! ଏହା ଏକ ଆକର୍ଷଣୀୟ ଟେକ୍‌ନିକ୍ ହୋଇଥିବାରୁ ବେଶ୍ ଲୋକପ୍ରିୟ ଓ ବହୁ ଭାବେ ପ୍ରସାରିତ ହୋଇଥିଲା। ୧୯୫୬ ସାଲରେ ଆମେରିକାର ଚାର୍ଲସ୍ ଡୁମାସ୍ ଷ୍ଟ୍ରାଡଲ ଶୈଳୀରେ ଡେଇଁ ୭ ଫୁଟ୍ ସୀମା ଅତିକ୍ରମ କରିଥିଲେ। ତାଙ୍କର ୨.୧୩ ମିଟର ସଫଳତା ବିଶ୍ୱ ରେକର୍ଡ଼ ହୋଇଥିଲା। ସେହିପରି ଆମେରିକାର ଜନ୍ ଥୋମାସ ୧୯୬୦ ଅଲିମ୍ପିକ୍‌ରେ ବିଶ୍ୱ ରେକର୍ଡ଼କୁ ୨.୨୩ ମିଟରରେ ପହଞ୍ଚାଇଥିଲେ। ୬୪ ଅଲିମ୍ପିକ୍ ହାଇଜମ୍ପରେ ନୂଆ ତାରକା ଉଭା ହେଲେ। ସେଠାରେ ରୁଷିଆର ଭାଲେରୀ ବୃମେଲ ୨.୨୮ ମିଟର ଡେଇଁ ରେକର୍ଡର୍ ନବୀକରଣ କଲେ। ବୃମେଲ ବିଶ୍ୱର ଜଣେ ପ୍ରଗତିଶୀଳ ହାଇଜମ୍ପର ଥିଲେ। ତାଙ୍କ ଟେକ୍‌ନିକ୍ ଅନୁଧ୍ୟାନ୍ କରିବାକୁ ଆମେରିକାର କୋଚ୍‌ମାନେ ରୁଷିଆ ଗସ୍ତ କରିଥିଲେ। ତେବେ ଆମେରିକାର ଅରୀଗନ୍ ଷ୍ଟେଟ୍ ୟୁନିଭର୍ସିଟି ଖେଳାଳି ଡିକ୍ ଫଜବ୍ୟୁରୀ ୬୮ ମସିହା ଅଲିମ୍ପିକ୍‌ରେ ହଇଚଇ ସୃଷ୍ଟି କରିଥିଲେ। ସେତେବେଳେ କୋର୍ଟର ଲ୍ୟାଣ୍ଡିଂ ସ୍ଥଳ ଉଚ୍ଚ ହେବା ସହିତ ସେଥିରେ ନରମ ଗଦି ପଡୁଥିଲା। ଏହି ବ୍ୟବସ୍ଥାକୁ ସେ ନିଜ ହିତରେ ଲଗାଇଥିଲେ। ଫଜବ୍ୟୁରୀ ପୂର୍ବର ଇଷ୍ଟର୍ନ କଟ୍-ଅଫ୍ ଟେକ୍‌ନିକ୍‌ରେ ସଂଶୋଧନ ଆଣି ଜମ୍ପ କରିଥିଲେ। ସେ ଅଲିମ୍ପିକ୍ ଚାମ୍ପିୟନ ହେଲେ ସତ, କିନ୍ତୁ ଯଦି ପୁରୁଣା କାଳିଆ କରତଗୁଣ୍ଡ ଗାଲିଚା ଥା'ନ୍ତା ତା'ହେଲେ ଫଜବ୍ୟୁରୀଙ୍କ ବେକ ଜଖମ ହୋଇଥାନ୍ତା। ଆଧୁନିକ୍ ହାଇଜମ୍ପରେ ଫଜବ୍ୟୁରୀ ଫ୍ଲପ୍ ଟେକ୍‌ନିକ୍ ଅଧିକ ଜନପ୍ରିୟତା ହାସଲ କରିଛି। ବୁଲଗେରିଆର ମହିଳା ଜମ୍ପର ଷ୍ଟିଫ୍‌କା କୋଷ୍ଟାଡିନୋଭାଙ୍କ ନାମରେ ରହିଛି ବିଶ୍ୱ ରେକର୍ଡ଼। ୧୯୮୭ରେ ୬ ଫୁଟ ୧୦.୧/୪ ଇଞ୍ଚ ଡେଇଁ ଏହି କୀର୍ତ୍ତିମାନ୍ କରିଥିଲେ। ଆଜି ସୁଦ୍ଧା ତାଙ୍କ ରେକର୍ଡ଼ ଭଙ୍ଗ ହୋଇନାହିଁ।

-ସ୍ୱାଗତ ସମ୍ପଦ





ଜାଭିଏର ସତୋମାୟର





ତେଜସ୍ୱିନ ଶଙ୍କର

**ବିକଶିତ ଟେକନିକ୍:**
ଇଷ୍ଟର୍ନ କଟ-ଅଫ୍, ୱେଷ୍ଟର୍ନ ରୋଲ, ଷ୍ଟାଡଲ୍, ବୃମେଲ ଓ ଫଜବ୍ୟୁରୀ ଫ୍ଲପ୍।
**ବିଶ୍ୱଶ୍ରେଷ୍ଠ ଜମ୍ପ:**
୧୯୬୪, ଭାଲେରୀ ବୃମେଲ- ୨.୨୮ ମିଟର,
୧୯୭୭- ଭ୍ଲାଦିମିର ୟାଶଚେଙ୍କୋ ୨.୩୩ ମିଟର,
୧୯୯୩- ଜାଭିଏର ସତୋମାୟର ୨.୪୫ ମିଟର।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୧୯/୨୦୨୧ Sambalpur, Friday, November 19/ 2021

# କଳିଙ୍ଗରେ ଖେଳିବାକୁ ଆମେ ବ୍ୟଗ୍ର: ନିକୋଲାସ

**ଭୁବନେଶ୍ୱର, ୧୮।୧୧(କ୍ରୀଡ଼ା ପ୍ରତିନିଧି)**


ଗୁରୁବାର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବାପରେ ଚିଲି ଖେଳାଳିଙ୍କ ସେଲ୍‌ଫି।

ଚଳିତ ମାସ ୨୪ ତାରିଖରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଥିବା ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ ଖେଳିବା ପାଇଁ ବିଦେଶୀ ଦଳଗୁଡ଼ିକ ଭୁବନେଶ୍ୱରରେ ପହଞ୍ଚିବାରେ ଲାଗିଛନ୍ତି। ପ୍ରଥମ ବିଦେଶୀ ଦଳ ଭାବେ ବେଲ୍‌ଜିୟମ ପହଞ୍ଚିଥିବା ବେଳେ ପରେ ଆର୍ଜେଣ୍ଟିନା, ନେଦରଲାଣ୍ଡ, ଫ୍ରାନ୍ସ, ମାଲେସିଆ ଏବଂ ଗୁରୁବାର ଆମେରିକା ଓ ଚିଲି ଦଳ ମନ୍ଦିରମାଳିନୀ ସହରରେ ପଦାର୍ପଣ କରିଛନ୍ତି। ଚିଲି ଦଳର ଅଧିନାୟକ ନିକୋଲାସ ଆବୁଜାଡ୍ରମ୍ ଦଳର ପ୍ରସ୍ତୁତିକୁ ନେଇ ସନ୍ତୋଷ ପ୍ରକଟ କରିଛନ୍ତି। "ଆମେ ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଦୀର୍ଘଦିନ ଅଭ୍ୟାସ କରିଛୁ। ଆମେ ପାନ୍-ଆମେରିକାନ୍ ଚାମ୍ପିୟନଶିପ୍ ଖେଳିଥିଲୁ, ଏହା ଆମର ଜୁନିୟର ହକି ବିଶ୍ୱକପ ପାଇଁ ପ୍ରସ୍ତୁତିର ଅଂଶବିଶେଷ ଥିଲା। ଏହାପରେ ଆମେ ସପୋର୍ଟ ଷ୍ଟାଫ୍‌ଙ୍କ ସହ ଟ୍ରେନିଂ ଜାରି ରଖିଥିଲୁ। ଆମେ କଳିଙ୍ଗ ଷ୍ଟାଡିୟମରେ ଖେଳିବାକୁ ବ୍ୟଗ୍ର, କାରଣ ଆମମାନଙ୍କ ମଧ୍ୟରୁ ଅଧିକାଂଶ ଏପରି ଏକ ବିଶ୍ୱସ୍ତରୀୟ ଷ୍ଟାଡିୟମରେ କେବେ ଖେଳିନାହାନ୍ତି" ବୋଲି ନିକୋଲାସ ପ୍ରକାଶ କରିଛନ୍ତି। ଚିଲି ଆଗାମୀ ପ୍ରତିଯୋଗିତାରେ ପୁଲ୍ 'ଏ'ରେ ବେଲଜିୟମ, ମାଲେସିଆ ଓ ଦକ୍ଷିଣଆଫ୍ରିକା ସହିତ ସ୍ଥାନ ପାଇଛି। ୨୪ ତାରିଖରେ ଏହି ଦଳ ମାଲେସିଆ, ୨୬ରେ ଦକ୍ଷିଣ ଆଫ୍ରିକା ଏବଂ ୨୭ରେ ବେଲ୍‌ଜିୟମ ସହିତ ଖେଳିବ। ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଥିବା ଆମେରିକା ପୁଲ୍ 'ସି'ରେ ଦକ୍ଷିଣ କୋରିଆ, ସ୍ପେନ ଓ


କିଟ୍ ହକି ଷ୍ଟାଡିୟମରେ ଗୁରୁବାର ନେଦରଲାଣ୍ଡ ଦଳର ଅଭ୍ୟାସ।

FIH ODISHA HOCKEY MEN'S JUNIOR WORLD CUP BHUBANESWAR 2021

ନେଦରଲାଣ୍ଡ ସହିତ ସ୍ଥାନ ପାଇଛି। ତେଣୁ ଏହି ଦଳକୁ ଗ୍ରୁପ ପର୍ଯ୍ୟାୟ ଅତିକ୍ରମ କରିବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିବ। "ଆମେ କାଲିଫର୍ନିଆରେ ପାଖାପାଖି ୧୦ ଦିନଧରି ଏକ କ୍ୟାମ୍ପ କରିଥିଲୁ। ଆମେ ଦଳଗତ ଭାବେ ନିଜକୁ ପ୍ରସ୍ତୁତ କରିଛୁ। ତେଣୁ ଆମେ ଆଗାମୀ ମୁକାବିଲା ପାଇଁ ପ୍ରସ୍ତୁତ" ବୋଲି ଆମେରିକା ମୁଖ୍ୟ କୋଚ୍ ପ୍ୟାଟ୍ ହାରିସ ପ୍ରକାଶ କରିଛନ୍ତି। ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ଖେଳିବା ପାଇଁ ତାଙ୍କ ଦଳ ବେଶ୍ ଉତ୍ସାହୀ ଥିବା ହାରିସ କହିଛନ୍ତି। "ପିଲାମାନେ ବହୁତ ଉତ୍ସାହୀ ଅଛନ୍ତି। ଅଧିକାଂଶ ଖେଳାଳି ପ୍ରଥମଥର ପାଇଁ ଏପରି ଏକ ହକି ପରିବେଶରେ ଖେଳିବେ। ଭାରତରେ ବୃହତ୍ ହକି ଷ୍ଟାଡିୟମ ରହିଛି। ତେଣୁ ବିଶ୍ୱରେ ଭାରତର ହକି ସଂସ୍କୃତି ବେଶ୍ ଦୃଢ଼। ଏପରି ଏକ ଷ୍ଟାଡିୟମରେ ଖେଳି ପିଲାମାନେ ହକିକୁ ଉପଭୋଗ କରିବା ଆଶା ରହିଛି" ବୋଲି ହାରିସ ପ୍ରକାଶ କରିଛନ୍ତି। ଆମେରିକା ୨୫ ତାରିଖରେ ସ୍ପେନ, ୨୬ରେ ଦକ୍ଷିଣ କୋରିଆ ଏବଂ ୨୮ରେ ନେଦରଲାଣ୍ଡକୁ ଭେଟିବ। ବୁଧବାର ବିଳମ୍ବିତ ରାତିରେ ଭୁବନେଶ୍ୱରରେ ପହଞ୍ଚିଥିବା ମାଲେସିଆ ଦଳର ମୁଖ୍ୟ କୋଚ୍ ୱାଲେସ ଟାନ୍ ମଧ ଆଗାମୀ ପ୍ରତିଯୋଗିତାକୁ ନେଇ ବେଶ୍ ଆଗ୍ରହ ପ୍ରକାଶ କରିଛନ୍ତି। "କଳିଙ୍ଗ ଷ୍ଟାଡିୟମ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ। ତେଣୁ ଏଠାରେ ଖେଳିବାକୁ ପିଲାମାନଙ୍କ ମଧ୍ୟ ସ୍ୱତଃ ଉତ୍ସାହ ରହିଛି। ଏଠାରେ ଅନେକ ବଡ଼ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି ଏବଂ ଅନେକ କିମ୍ବଦନ୍ତୀ ଖେଳାଳି ଖେଳିଛନ୍ତି। ତେଣୁ ଏଠାରେ ଖେଳିବା ଆମ ପାଇଁ ସମ୍ମାନ ସଦୃଶ" ବୋଲି ୱାଲେସ କହିଛନ୍ତି। ଗ୍ରୁପ୍ 'ଏ'ରେ ଥିବା ମାଲେସିଆ ୨୪ ତାରିଖରେ ଚିଲି ବିପକ୍ଷ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ। ପରେ ୨୬ରେ ବେଲ୍‌ଜିୟମ ଏବଂ ୨୭ରେ ଏହି ଦଳ ଦକ୍ଷିଣ ଆଫ୍ରିକାକୁ ଭେଟିବ। ବୁଧବାର ଭୁବନେଶ୍ୱରରେ ପହଞ୍ଚିଥିବା ନେଦରଲାଣ୍ଡ ଦଳ ଗୁରୁବାର କିଟ୍ ହକି ଷ୍ଟାଡିୟମରେ ଅଭ୍ୟାସ କରିଛି।

# ପ୍ରି-କ୍ୱାର୍ଟରରେ ପ୍ରମୋଦ, ଦୀପ୍, ଦିଲେଶ୍ୱର

**ଭୁବନେଶ୍ୱର, ୧୮।୧୧(କ୍ରୀଡ଼ା ପ୍ରତିନିଧି)**

ଉଗାଣ୍ଡା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶାର ୩ ଖେଳାଳି ପ୍ରମୋଦ ଭଗତ, ଦୀପ୍ ରଞ୍ଜନ ବିଷୋୟୀ ଓ ଜି. ଦିଲେଶ୍ୱର ରାଓ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଏସ୍‌ଏଲ-୩ ସିଙ୍ଗଲ୍ସ

**ଉଗାଣ୍ଡା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ**

ଦ୍ୱିତୀୟ ରାଉଣ୍ଡରେ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଆଇଭରି କୋଷ୍ଟର ଡିଡା ଜେନଙ୍କୁ ୨୧-୧୩, ୨୧-୯ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଦୀପ୍ ରଞ୍ଜନ ଏସ୍‌ଏଲ-୪ ସିଙ୍ଗଲ୍ସରେ କାନାଡ଼ାର ପାସ୍କାଲ ଲାପୋଣ୍ଟିଙ୍କୁ ୨୧-୧୧, ୧୬-୨୧, ୨୧-୧୪ରେ ହରାଇ ଦେଇଛନ୍ତି। ଦିଲେଶ୍ୱର ନିଜ ପ୍ରଥମ ରାଉଣ୍ଡ ମ୍ୟାଚ ହାରି ଯାଇଥିଲେ ହେଁ ଏସ୍‌ଏଲ୍-୩ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ରୁଷିଆର ଲିଲିଆ ଆଣ୍ଟୋନେଙ୍କୋଙ୍କୁ ୨୧-୧୬, ୨୧-୧୫ରେ ହରାଇ ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି। ମିକ୍ସଡ ଡବଲ୍ସ ପ୍ରଥମ ରାଉଣ୍ଡରେ ପ୍ରମୋଦ ଓ ପଲକ କୋହଲି ଯୋଡ଼ି ଉଗାଣ୍ଡାର ବାଶିର ମୁତ୍ୟାବା ଓ ଭାରତର ଶାନ୍ତିୟା ବିଶ୍ୱନାଥନଙ୍କୁ ୨୧-୧୧, ୨୧-୧୨ରେ ପରାସ୍ତ କରିଛନ୍ତି। ସେହିପରି ଅନ୍ୟ ଏକ ମିକ୍ସ ଡବଲ୍ସ ମ୍ୟାଚରେ ଦୀପ୍‌ରଞ୍ଜନ-ଚରଞ୍ଜିତ କୌର ଯୋଡ଼ି କଙ୍ଗୋର ସୁକୁସା କାଲାଲା ଓ ଭାରତର ସୁନୀଲ ପନୱାର ଯୋଡ଼ିଙ୍କୁ ୨୧-୬, ୨୧-୯ରେ ହରାଇ ଆଗକୁ ବଢ଼ିଛନ୍ତି।


ଗୁରୁବାର ମ୍ୟାଚ ଅବସରରେ ପ୍ରମୋଦ ଭଗତ।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ

**ଭୁବନେଶ୍ୱର, ୧୮।୧୧(କ୍ରୀଡ଼ା ପ୍ରତିନିଧି)**

ନୂଆଦିଲ୍ଲୀଠାରେ ଚାଲିଥିବା ନଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ବୁଧବାର ତାମିଲନାଡୁକୁ ହରାଇଥିବା ଓଡ଼ିଶା ଗୁରୁବାର ଝାଡ଼ଖଣ୍ଡକୁ ୧୦ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଝାଡ଼ଖଣ୍ଡ ୨୦ ଓଭରରେ ୫ ଉଇକେଟ ହରାଇ ୧୩୯ ରନ କରିଥିଲା। ସଞ୍ଜୀବ ସର୍ବାଧିକ ୩୬ ରନ କରିଥିଲେ। ଓଡ଼ିଶାର ଲିଙ୍ଗରାଜ ରାଉତରା ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ୧୪୦ ରନର ବିଜୟ ଲକ୍ଷ୍ୟକୁ ଓଡ଼ିଶା କୌଣସି ଉଇକେଟ ନ ହରାଇ ୧୪.୩ ଓଭରରେ ହାସଲ କରି ନେଇଥିଲା। ଦୁଇ ଓପନର ସୁଖରାମ ମାଝି ୬୩ ଓ ନକୁଳ ବଡ଼ନାୟକ ୫୬ ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ସୁଖରାମଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା।


ସୁଖରାମ ମାଝି(ବାମ) ଓ ଲିଙ୍ଗରାଜ ରାଉତରା।

# ସନ୍ତୋଷ ଟ୍ରଫି ପୂର୍ବରୁ କଳିଙ୍ଗରେ ତ୍ରିଦଳୀୟ ସିରିଜ

**ଭୁବନେଶ୍ୱର, ୧୮।୧୧(କ୍ରୀଡ଼ା ପ୍ରତିନିଧି)**


ଇଣ୍ଡିଆନ ଆରୋଜ ଓ ସିକିମ ଦଳ ମଧ୍ୟରେ ଗୁରୁବାର ଅନୁଷ୍ଠିତ ମ୍ୟାଚ।

ଜାତୀୟ ଫୁଟବଲ ଟୁର୍ନାମେଣ୍ଟ ସନ୍ତୋଷ ଟ୍ରଫି ପୂର୍ବରୁ ପ୍ରସ୍ତୁତି କ୍ୟାମ୍ପର ଅଂଶବିଶେଷ ଭାବେ ଓଡ଼ିଶା ସିନିୟର ପୁରୁଷ ଦଳ, ସିକିମ ଦଳ ଏବଂ ଇଣ୍ଡିଆନ ଆରୋଜ ୧୯ ବର୍ଷରୁ କମ୍ ଭାରତୀୟ ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ତ୍ରିଦଳୀୟ ସିରିଜ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଏହି ସିରିଜ ଚଳିତ ମାସ ୧୧ ତାରିଖରୁ ଆରମ୍ଭ ହୋଇଛି। ସନ୍ତୋଷ ଟ୍ରଫି ପୂର୍ବରୁ ଏହି ସିରିଜ ମାଧ୍ୟମରେ କୋଚ୍‌ମାନେ ଖେଳାଳି ଚୟନ ପାଇଁ ଦଳରେ ପରୀକ୍ଷା ନିରୀକ୍ଷା କରିବା ସହ ଯୁବ ଖେଳାଳି, ଭ୍ରମଣକାରୀ ଦଳ ଏବଂ ଓଡ଼ିଶା ଖେଳାଳିଙ୍କ କୌଶଳକୁ ପରଖିବାର ସୁଯୋଗ ପାଇଛନ୍ତି। ଦଳଗୁଡ଼ିକ ମ୍ୟାଚ ଅଭ୍ୟାସ ମଧ୍ୟ ପାଇଛନ୍ତି। ଇଣ୍ଡିଆନ ଆରୋଜ ଦଳର ଉପସ୍ଥିତି ଅବଶିଷ୍ଟ ୨ଟି ଦଳକୁ କଡ଼ା ଚ୍ୟାଲେଞ୍ଜ ଦେଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସମର୍ଥନ କ୍ରମେ ସିକିମର ଏକ ଫୁଟବଲ ଦଳ କଳିଙ୍ଗ ଷ୍ଟାଡିୟମ କ୍ୟାମ୍ପରେ ଅଭ୍ୟାସ କରୁଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା ଗୁରୁବାର ମ୍ୟାଚ ପୂର୍ବରୁ ଦଳଗୁଡ଼ିକର ଖେଳାଳି ଓ କୋଚ୍‌ଙ୍କ ସହ ଭାବ ବିନିମୟ କରି ପୂର୍ଣ୍ଣ ସମର୍ଥନର ଆଶ୍ୱାସନା ଦେବା ସହ ଉତ୍ସାହିତ କରିଥିଲେ। ସନ୍ତୋଷ ଟ୍ରଫି ପୂର୍ବରୁ ପ୍ରସ୍ତୁତି ପାଇଁ ଏକ ରାଜ୍ୟ ପ୍ରଦର୍ଶନୀ ମ୍ୟାଚ ଆୟୋଜନ କରିବା ସମ୍ଭବତଃ ଏହା ପ୍ରଥମ ଦୃଷ୍ଟାନ୍ତ ବୋଲି ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ପ୍ରକାଶ କରିଛନ୍ତି।


ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଇଣ୍ଡିଆନ ଆରୋଜ ଖେଳାଳିଙ୍କ ଗହଣରେ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା।

# ବ୍ରାଜିଲ ଗସ୍ତ: ଭାରତୀୟ ମହିଳା ଫୁଟ୍‌ବଲ ଦଳ ଘୋଷିତ

**ନୂଆଦିଲ୍ଲୀ,୧୮।୧୧**

ଆଗାମୀ ବ୍ରାଜିଲ ଗସ୍ତ ପାଇଁ ୨୩ ଜଣିଆ ଭାରତୀୟ ମହିଳା ଫୁଟବଲ ଦଳ ଘୋଷଣା କରାଯାଇଛି। ମୁଖ୍ୟ କୋଚ୍ ଥୋମାସ ଡେନର୍ବି ଗୁରୁବାର ବ୍ରାଜିଲର ମାନାଉସ୍‌ରେ ଖେଳାଯିବାକୁ ଥିବା ଏକ ଚତୁର୍ଦ୍ଦେଶୀୟ ଟୁର୍ନାମେଣ୍ଟ ପାଇଁ ଏହି ଦଳ ଘୋଷଣା କରିଛନ୍ତି। ଏହି ଟୁର୍ନାମେଣ୍ଟରେ ଭାରତ ଆୟୋଜକ ବ୍ରାଜିଲ ସମେତ ଚିଲି ଓ ଭେନିଜୁଏଲା ବିପକ୍ଷରେ ମ୍ୟାଚ୍ ଖେଳିବ। ଶନିବାର ଭାରତୀୟ ଦଳ ବ୍ରାଜିଲ ଗସ୍ତ କରିବ। ବିଶ୍ୱ ଫୁଟବଲରେ ଏହି ୩ ଦେଶ ଶକ୍ତିଶାଳୀ ହୋଇଥିବାରୁ ଭାରତ ପାଇଁ କଡ଼ା ଚ୍ୟାଲେଞ୍ଜ ରହିଛି ବୋଲି ଡେନର୍ବି କହିଛନ୍ତି। ଭାରତୀୟ ଦଳରେ ଓଡ଼ିଶାର ପ୍ୟାରୀ ଖାଖା ଓ ମନୀଷା ପାନ୍ନା ସାମିଲ ହୋଇଛନ୍ତି।

ଭାରତ ନଭେମ୍ବର ୨୫ରେ ବ୍ରାଜିଲକୁ ଓ ୨୮ରେ ଚିଲିକୁ ଭେଟିବ। ସେହିପରି ଡିସେମ୍ବର ୧ରେ ଭେନିଜୁଏଲା ସହିତ ଖେଳିବ। ଭାରତୀୟ ମହିଳା ଦଳ ଏବେ ଫିଫା ର୍‍ୟାଙ୍କିଂର ୫୭ତମ ସ୍ଥାନରେ ରହିଛି।

**ଭାରତୀୟ ଦଳ**

**ଗୋଲକିପର-** ଆଦିତି ଚୌହାନ, ଏମ. ଲନ୍ଥୋଇଙ୍ଗାମ୍ବି ଦେବି, ସୋମିୟା ନାରାୟାସାମି। **ଡିଫେଣ୍ଡର-** ଡାଲିମା ଚିବର, ସ୍ୱିଟି ଦେବୀ, ରତୁ ରାନୀ, ଆଶାଲତା ଦେବୀ, ମନୀଷା ପାନ୍ନା, ଶିଲକି ଦେବୀ, ରଞ୍ଜନା ଚାନୁ, ଡବ୍ଲ୍ୟୁ ଲିନ୍ଥୋଇଙ୍ଗାମ୍ବି ଦେବୀ। **ମିଡ୍‌ଫିଲ୍ଡର-** ଇନ୍ଦୁମତି କାଥିରେସାନ, ସଞ୍ଜୁ, ଅଞ୍ଜୁ ତମାଙ୍ଗ, ମାର୍ଟିନ ଥୋକଚୋମ, କାର୍ତ୍ତିକା ଅଙ୍ଗମୁଥୁ, କମଳା ଦେବୀ। **ଫରୱାର୍ଡ-** ମନୀଷା କଲ୍ୟାଣ, ପ୍ୟାରୀ ଖାଖା, ରେନୁ, ଡାଙ୍ଗମଇ ଗ୍ରେସ, ସୌମ୍ୟା ଗୁଗୁଲୋଥ ଓ ମାରିୟାମ୍ମାଲ ବାଲାମୁରୁଗାନ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ୮ ଦାଦନ ଶ୍ରମିକ ଉଦ୍ଧାର, ସର୍ଦ୍ଦାର ଗିରଫ

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ଗୁରୁବାର ଚଢ଼ାଉ କରି ବେଆଇନ ଭାବରେ ଚାଲାଣ ହେଉଥିବା ୮ଜଣ ଦାଦନ ଶ୍ରମିକଙ୍କୁ ହରିଶଙ୍କର ଛକରୁ ଉଦ୍ଧାର କରିଛି । ଉଦ୍ଧାର ଶ୍ରମିକମାନେ ବରଗଡ଼ ଜିଲା ବୁଡେନ ଥାନା ବରଦାପାଲି ଓ ବୌଦ୍ଧ ଜିଲା କଣ୍ଟାମାଳ ଥାନା କର୍ଲାକୁଟା ଗ୍ରାମର । ଏନେଇ ଥାନାରେ ଏକ ମାମଲା ରୁଜୁ କରି ଦାଦନ ସର୍ଦ୍ଦାର ଖପ୍ରାଖୋଲ ଥାନା ସାନଉଡ଼େନ ଗ୍ରାମର କେଶବ ଦୀପଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି। ଉଦ୍ଧାର ଶ୍ରମିକମାନଙ୍କୁ ପରେ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି।

# ୨୯ରୁ ଜିଲାରେ ଧାନ କିଣାଯିବ

**ନୂଆପଡ଼ା ଅଫିସ,୧୮।୧୧**

ଆସନ୍ତା ୨୯ ତାରିଖରୁ ନୂଆପଡ଼ା ଜିଲାରେ ମଣ୍ଡି ଖୋଲି ଧାନ କିଣାଯିବ ବୋଲି ଗୁରୁବାର ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକରେ ସ୍ଥିର ହୋଇଛି। ଜିଲାରେ ଚଳିତ ଖରିଫ ଋତୁରେ ଏଯାବତ ୧୨ଲକ୍ଷ ୭୫ ହଜାର ମେଟ୍ରିକ ଟନ୍ ଧାନ କିଣିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲାପାଳଙ୍କ ସଦଭାବନା ଗୃହରେ ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକରେ ଜିଲାପାଳ ସ୍ୱାଧାଦେବ ସିଂଙ୍କ ଅଧ୍ୟକ୍ଷତା କରିଥିଲେ। ବୈଠକରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଜିଲା ଯୋଗାଣ ଅଧିକାରୀ ଜି. ପ୍ରଭାକର ପାତ୍ରୋ ପ୍ରମୁଖ ଉପସ୍ଥିତ ଥିବା ବେଳେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇଥିଲେ। ଚଳିତବର୍ଷ ଜିଲାରେ ମୋଟ ୩୬,୪୭୮ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୨୬୭ଜଣ ଚାଷୀ ବାଦ ପଡିଛନ୍ତି। ଫଳରେ ଜିଲାରେ ୩୬,୨୧୧ ଜଣ ଚାଷୀ ଧାନ ବିକ୍ରୟ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଚଳିତବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୯୬୦ ଟଙ୍କା ରଖାଯାଇଛି ବୋଲି ବୋଲି ଜିଲା ଯୋଗାଣ ଅଧିକାରୀ କହିଥିଲେ। ଜିଲାର ୨୬ଟି ସେବା ସମବାୟ ସମିତି ଜରିଆରେ ୫୬ଟି ଓ ୧୭ଟି ମହିଳା ସ୍ୱୟଂ ସହାୟକ ଦଳ ଏପରି ମୋଟ ୭୩ଟି ଧାନକ୍ରୟ କେନ୍ଦ୍ର ଖୋଲାଯାଇ ଚାଷଙ୍କଠାରୁ ଧାନ ସଂଗ୍ରହ କରାଯିବା ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଜିଲାରେ ମୋଟ ୨୭ଟି ମିଲର୍ସ ଧାନ କିଣା ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବେ ଓ ଆବଶ୍ୟକ ହେଲେ ପଡୋଶୀ ଜିଲାରୁ ଆଉ ୫ଟି ମିଲର୍ସ ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ଧାନ କ୍ରୟକେନ୍ଦ୍ରରେ ସର୍ବନିମ୍ନ ଆନୁସଙ୍ଗିକ ବ୍ୟବସ୍ଥା ଯୋଗାଇଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଯୋଗଦେଇଥିବା ଜନପ୍ରତିନିଧି, ଚାଷୀ ପ୍ରତିନିଧି ଓ ମିଲ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ସମୟରେ ଗତବର୍ଷରେ ଚାଷୀମାନେ ବିଭିନ୍ନ ଶୋଷଣର ଶିକାର ହୋଇଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଚଳିତବର୍ଷ ସୁରୁଖୁରୁରେ ଧାନ କ୍ରୟ କରାଯାଉ ବୋଲି ଚାଷୀ ପ୍ରତିନିଧିମାନେ ଜିଲାପାଙ୍କୁ ନିବେଦନ କରିଥିଲେ। ବୈଠକରେ ଉପଜିଲାପାଳ ତରଣୀ ସେନ ନାଏକ, ତହସିଲଦାର ଦେବେନ୍ଦ୍ର ରାଉତ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିବେକାନନ୍ଦ ମହାନନ୍ଦ, ଜିଲା ପରିବହନ ଅଧିକାରୀ ମାନା ସିଂ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ରାମ ତାଣ୍ଡି, ସହଯୋଗାଣ ଅଧିକାରୀ ରତ୍ନାକର ସେଠୀ, ଖଣ୍ଡୁରାମ ନାଏକ, ମିଲର୍ସ ପ୍ରତିନିଧି ଓ ଚାଷୀ ପ୍ରତିନିଧି ଉପସ୍ଥିତଥିଲେ।



ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ବୃନ୍ଦ।

**ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ**

## ସଂକ୍ଷେପରେ

### ୧୪ ଦିନରେ ୱେସ୍କୋ ଇଞ୍ଜିନିୟର ସଂଘର ଆନ୍ଦୋଳନ

ଲୋଇସିଂହା,୧୮।୧୧(ଡି.ଏନ.ଏ): ୱେସ୍କୋ ଇଞ୍ଜିନିୟର ସର୍ଭିସ ଆସୋସିଏଶନ ପକ୍ଷରୁ କଳାବ୍ୟାଜ ପିନ୍ଧି ଚାଲିଥିବା ଆନ୍ଦୋଳନ ଗୁରୁବାର ୧୪ଦିନରେ ପହଞ୍ଚିଛି। ଟାଟା ପାୱାର ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ଅଧିନରେ କାର୍ଯ୍ୟରତ ସମସ୍ତ ଡିଗ୍ରୀ ଇଞ୍ଜିନିୟର ଏଥିରେ ସାମିଲ ହୋଇଛନ୍ତି। ଟାଟ ପାୱାର ୱେସ୍କୋକୁ ଅଧିଗ୍ରହଣ କଲା ପରଠାରୁ ପୂର୍ବ କାର୍ଯ୍ୟରତ କର୍ମଚାରୀଙ୍କୁ ଅଣଦେଖା କରି ଆସୁଛି। ସଂଘ ତରଫରୁ ବିଭିନ୍ନ ସମୟରେ ଦାବିପତ୍ର ଦେବା ସତ୍ତ୍ୱେ ଟାଟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନାହାନ୍ତି। ସେକ୍ସନ, ସବ୍‌ଡିଭିଜନର ଗ୍ରାହକ ସଂଖ୍ୟା ଓ ଲୋଡକୁ ଆଖି ଆଗରେ ରଖି ରିଷ୍ଟ୍ରକଚରିଂ କରିବା କଥା । ଇଞ୍ଜିନିୟରମାନଙ୍କୁ ନନ୍ ଏକଜିକ୍ୟୁଟିଭ କର୍ମଚାରୀ ତୁଳନାରେ କମ୍ ଘରଭଡା ଓ ଔଷଧ ଭତ୍ତା ମିଳୁଛି । କର୍ତ୍ତୃପକ୍ଷ ଗ୍ରେଡେସନରେ ବିଭିନ୍ନ ଅସୁବିଧା ଦେଖାଇ ଦୀର୍ଘ ୬ବର୍ଷ ଧରି ଇଞ୍ଜିନିୟରମାନଙ୍କୁ ପଦୋନ୍ନତି ନ ଦେବା ଦୁର୍ଭାଗ୍ୟଜନକ ବୋଲି ସଂଘ ପକ୍ଷରୁ କୁହାଯାଇଛି । ନିୟମାନୁଯାୟୀ ଡିଗ୍ରୀ ଇଞ୍ଜିନିୟରମାନେ ଉପଖଣ୍ଡୀୟ ଅଧିକାରୀଭାବେ ଅବସ୍ଥାପିତ ହେବା କଥା। ପରିତାପର ବିଷୟ ଦୀର୍ଘ ୧୫ ବର୍ଷ ହେଲା ସେମାନେ ସେକ୍ସନରେ ଜୁନିୟର ଇଞ୍ଜିନିୟରଭାବେ କାମ କରି ଆସୁଛନ୍ତି। ଏ ସମସ୍ତ ଦାବି ଆସନ୍ତା ୨୦ତାରିଖ ସୁଦ୍ଧା ପୂରଣ କରା ନ ଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ ସହସମ୍ପାଦକ ଇଂ ଶଙ୍କର ବେହେରା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

### ଶିଶୁ ଅଧିକାର ସପ୍ତାହ ପାଳିତ

ଦେଓଗାଁ,୧୮।୧୧(ଡି.ଏନ.ଏ.): ଦେଓଗାଁ ବ୍ଲକ ଉଡାର ଜଲିଆ ଏଥ୍ରୀ ୱାଲ୍ଡ ପରିସରରେ ଶିଶୁ ଅଧିକାର ସପ୍ତାହ ଗୁରୁବାର ପାଳିତ ହୋଇଯାଇଛି। ସୁବ୍ରତ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ଯୋଗେଶ୍ୱର ମାହାନ୍ତି, ଜିଲା ଶିଶୁ ସୁରକ୍ଷା କମିଟି ଡିସିପିଓ ଲକ୍ଷ୍ମୀ ସିଂ, ସନାତନ ଠାକୁର, ବିଦ୍ୟୁତଲତା ଖମାରୀ, ଶିବ ଶଙ୍କର ପୃଷ୍ଟି, ୱାସିଡିଏର ଅରୁଣ ପଧାନ ଉପସ୍ଥିତ ଥିଲେ। ଆଲୋଚନାଚକ୍ରରେ ପ୍ରତ୍ୟେକ ଶିଶୁ ପାଇଁ କାହିଁକି ଏକ ଉତ୍ତମ ପରିବାର ଆବଶ୍ୟକ, ଶିଶୁଙ୍କୁ ଥଇଥାନ କରିବାକୁ ସରକାରୀସ୍ତରରେ ଥିବା ବ୍ୟବସ୍ଥା, ପରିବାରଠାରୁ ଦୂରରେ ରହିଲେ ପରବର୍ତ୍ତୀ ସମୟରେ ଉପୁଜୁଥିବା ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ।

### ଚାଇଲ୍ଡଲାଇନ ସେ ଦୋସ୍ତି ଅଭିଯାନ

ଟିଟିଲାଗଡ଼,୧୮।୧୧ (ଡି.ଏନ.ଏ): ଚାଇଲ୍ଡ ଲାଇନ ପକ୍ଷରୁ ଦୋସ୍ତି କାର୍ଯ୍ୟକ୍ରମ ନେଇ ଗୁରୁବାର ଏକ ସଚେତନତା ପଦଯାତ୍ରା ଟିଟିଲାଗଡ ସହର ପରିକ୍ରମା କରିଥିଲା। ଉପଜିଲାପାଳ ମନୋଜ ସତ୍ୟୱାନ ମହାଜନ, ସମ୍ପନିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମୃଣ୍ମୟୀ ଭୋଇ ପତକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପରେ ନେହେରୁ କ୍ଲବ ପରିସରରେ ଏକ ସଭାରେ ଶିଶୁଙ୍କୁ ଆଧାର ଚାଇଲ୍ଡଲାଇନ ସହ ସମ୍ପର୍କ, ସମସ୍ୟାର ସମାଧାନ ତଥା ଶିଶୁଙ୍କ ସୁରକ୍ଷା ନେଇ ଆଲୋଚନା ହୋଇଥିଲା। ଶିଶୁମାନେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଯାଇ ଅଧିକାରୀ କର୍ମଚାରୀଙ୍କୁ ଦୋସ୍ତି ରିବନ ବାନ୍ଧିଥିଲେ। ଶିବାନନ୍ଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଜାଦୀ କା ଅମୃତ ମହୋତ୍ସବ

**ବଲାଙ୍ଗୀର ଅଫିସ, ୧୮।୧୧**

ପୁଇଁନ୍ତଲା ବ୍ଲକ ମଲମଣ୍ଡାସ୍ଥିତ ଓଡିଶା ରାଜ୍ୟ ପଣ୍ୟାଗାରଠାରେ ଗୁରୁବାର ଭାରତୀୟ ଖାଦ୍ୟ ନିଗମ ମଣ୍ଡଳ କାର୍ଯ୍ୟାଳୟ ଟିଟିଲାଗଡ ଆନୁକୂଲ୍ୟରେ ଆଜାଦୀ କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ସହକାରୀ ପଣ୍ୟ ନିଗମ ଯନ୍ତ୍ରୀ (ଖ) ନରେନ୍ଦ୍ର କୁମାରଙ୍କ ସଂଯୋଜନା ତଥା ନିଗମ ସହାୟକ ମହାପ୍ରବନ୍ଧକ ଏଲସି ବର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଯୋଗାଣ ଅଧିକାରୀ ବିକ୍ରମ ମାଝି, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ରାଜ କିଶୋର ନାଏକ, ମଲମଣ୍ଡା ସରପଞ୍ଚ ରିଙ୍କି ସେଠ, ଗଇଁନ୍ତଲା ସରପଞ୍ଚ ମନୋରଞ୍ଜନ କୁମ୍ଭାର, ଯୋଗାଣ ନିରୀକ୍ଷକ ସୀମା ସାହୁ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ଓ ଜନହିତକର କାର୍ଯ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ଭାରତୀୟ ଖାଦ୍ୟ ନିଗମର ଅଧିକାରୀ ସୌଭାଗ୍ୟ ରଞ୍ଜନ ମଲ୍ଲିକ ପରିଚାଳନା କରିଥିଲେ ।



ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ମଞ୍ଚାସୀନ ଅତିଥି।

## ଅସହାୟଙ୍କ ଶବ ସତ୍କାର କଲେ ସ୍ୱେଚ୍ଛାସେବୀ

**ବଲାଙ୍ଗୀର ଅଫିସ, ୧୮।୧୧**

ବଲାଙ୍ଗୀର ସଦର ବ୍ଲକ ସିନ୍ଧୁରବାହାଲ ଗାଁରେ ଥିବା ଜଣେ ଅସହାୟ ବ୍ୟକ୍ତିଙ୍କ ଗୁରୁବାର ସକାଳେ ମୃତ୍ୟୁ ଘଟିଥିଲା। ତାଙ୍କର ନିକଟ ସମ୍ପର୍କୀୟ କେହି ନ ଥିବାରୁ ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେଶନ୍‌ର ଯୁବ ସ୍ୱେଚ୍ଛାସେବୀମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ମରଶରୀରକୁ ଶ୍ମଶାନକୁ ନେଇ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। କିଛିମାସ ପୂର୍ବରୁ ବଲାଙ୍ଗୀର ସହରରେ ଏହି ବ୍ୟକ୍ତି ଜଣକ ବୁଲାବୁଲି କରୁଥିଲେ। ତାଙ୍କ ମୁଣ୍ଡରେ କ୍ଷତ ଥିବାରୁ ଏହା ପଚି ସଢ଼ିଯାଇଥିଲା। ବ୍ୟକ୍ତି ଜଣକ ମାନସିକ ରୋଗୀ ବୋଲି ଜାଣିବା ପରେ ଅନୁଷ୍ଠାନ ସ୍ୱେଚ୍ଛାସେବୀମାନେ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ପରେ ସେ ସାମାନ୍ୟ ସୁସ୍ଥ ହୋଇଥିଲେ। ମାନସିକ ସନ୍ତୁଳନ ଠିକ୍ ନଥିବାରୁ ପରେ ସେଠାରୁ ସେ କୁଆଡେ ଚାଲିଯାଇଥିଲେ। ସିନ୍ଧୁରବାହାଲ ଠାରେ ସମ୍ପୃକ୍ତ ମାନସିକ ରୋଗୀଙ୍କୁ ଦେଖିବା ପରେ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ତାଙ୍କୁ ରହିବା ଓ ଖାଇବା ବ୍ୟବସ୍ଥା କରି ରଖିଥିଲେ। ଗୁରୁବାର ସକାଳୁ ତାଙ୍କର ଦେହାନ୍ତ ହୋଇଯାଇଥିଲା। ଏହି ଅପରିଚିତ ବ୍ୟକ୍ତିଙ୍କ ଶେଷକୃତ୍ୟରେ ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେଶନ୍‌ର ସୋମନାଥ ମିଶ୍ର, ବୀରେନ୍ଦ୍ର ସାହୁ, ଦେବେନ୍ଦ୍ର ସୁନା, ରାଜେନ୍ଦ୍ର ମନହୀରା, ଉମର ମନହୀରା, କନ୍ଦର୍ପ ରଣା, ଶ୍ରୀପତି ପଧାନ, ରିଙ୍କୁ ଦାସ, ବଷ୍ଟି ବେହେରା, ବିଜୟ ସା, ଶକ୍ତି ଅମାତ, କ୍ରିଷ୍ଣା କର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।


ସ୍ୱେଚ୍ଛାସେବୀମାନେ ଶେଷକୃତ୍ୟ ସମ୍ପନ୍ନ କରୁଛନ୍ତି।

## ମୋବାଇଲ ଚୋରି ଅଭିଯୋଗରେ ୨ ଗିରଫ



**ଜୁନାଗଡ,୧୮।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ପୋଲିସ ଗୁରୁବାର ମୋବାଇଲ ଚୋରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜୁନାଗଡ ସହର ଲକ୍ଷ୍ମୀସାଗରପଡାର ଭୁବନେଶ୍ୱର ଖର୍ସେଲ ଓରଫ କାଳିଆ (୨୧) ଓ ବିପନ କଟା (୨୨)। ସେମାନଙ୍କଠାରୁ ୧୬ଟି ମୋବାଇଲ ଫୋନ୍, ଗୋଟିଏ ବ୍ଲୁଟୁଥ୍ ସ୍ପିକର, ଗୋଟିଏ ସିସିଟିଭି କ୍ୟାମେରା ଆଦି ଜବତ କରାଯାଇଛି ବୋଲି ଜୁନାଗଡ ଥାନାଧିକାରୀ ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି। ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ ଯେ, ଗତ ୧୧ ତାରିଖ ରାତିରେ ଜୁନାଗଡ ସହର ପିଆଇ କଲେଜ ଛକଠାରେ ସତ୍ୟ ନାରାୟଣ ନାହାକଙ୍କ ଦୋକାନ ତାଲା ଭାଙ୍ଗି ଭୁବନେଶ୍ୱର ଓ ବିପନ ୧୫ଟି ମୋବାଇଲ ଫୋନ୍, ଗୋଟିଏ ବ୍ଲୁଟୁଥ୍ ସ୍ପିକର, ଗୋଟିଏ ସିସିଟିଭି କ୍ୟାମେରା ଓ ଗୋଟିଏ ମରାମତି ମୋବାଇଲ ଚୋରି କରିଥିଲେ। ୧୨ ତାରିଖରେ ଚୋରି ହୋଇଥିବା ନେଇ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୩୮୬/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ସାମିଲ ଥିବା ଭୁବନେଶ୍ୱର ଓ ବିପନଙ୍କୁ ପୋଲିସ ଗିରଫ କରି ସ୍ଥାନୀୟ ଜେଏମଏଫସି କୋର୍ଟ ଚାଲାଣ କରିଛି।

## ଟ୍ରେନ୍ ଆଗରେ ଶୋଇ ଯୁବକଙ୍କ ଆତ୍ମହତ୍ୟା

**ବଲାଙ୍ଗୀର ଅଫିସ, ୧୮।୧୧**

ଏକ ମାଲବାହୀ ଟ୍ରେନ୍ ସମ୍ମୁଖରେ ଶୋଇ ଜଣେ ଯୁବକ ଆତ୍ମହତ୍ୟା କରିବା ଦୃଶ୍ୟ ଏଠାରେ ପ୍ରତ୍ୟକ୍ଷଦର୍ଶୀଙ୍କୁ ବିଚଳିତ କରିଥିଲା। ଗୁରୁବାର ଦିନ ପ୍ରାୟ ସାଢ଼େ ୧ଟାରେ ମାଲବାହୀ ଟ୍ରେନ୍ ଆସୁଥିବା ଦେଖି ବଲାଙ୍ଗୀର କଦମପଡା ଟ୍ରେନ୍ ଲାଇନ୍ ଉପରେ ମୁରିବାହାଲ ଥାନା ବୁଢ଼ୀପଦର ଗ୍ରାମର ରାକେଶ ମହାନନ୍ଦ(୨୧) ଯୁବକ ଜଣକ ଶୋଇଯାଇଥିଲେ। କିଛି ସମୟ ମଧ୍ୟରେ ଯୁବକଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ବଲାଙ୍ଗୀର ରେଲବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର କରି ସ୍ଥାନୀୟ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲା। ଶୁକ୍ରବାର ବ୍ୟବଚ୍ଛେଦ ହେବ ବୋଲି ରେଲବାଇ ପୋଲିସ ଥାନାଧିକାରୀ ସୁକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି। କେଉଁ କାରଣରୁ ଯୁବକ ଜଣକ ଏପରି କଲେ ତାହା ଜଣାପଡିନାହିଁ।

## ଫୁଟବଲ ଟୁର୍ନାମେଣ୍ଟ: ସୁଜିଆ ଚାମ୍ପିୟନ

**ଲୋଇସିଂହା,୧୮।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସୁଜିଆ ଗ୍ରାମରେ ଚାଲିଥିବା ଫୁଟବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଟାଇବ୍ରେକର ୫-୪ଗୋଲରେ କୁଶଙ୍ଗକୁ ହରାଇ ଆୟୋଜକ ସୁଜିଆ ଚାମ୍ପିୟନ ହୋଇଛି। ଗ୍ରାମର ଯୁବଗୋଷ୍ଠୀ ପକ୍ଷରୁ ସ୍ଥାନୀୟ ଖେଳପଡିଆରେ ଆୟୋଜିତ ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବରିହା ମୁଖ୍ୟ ଅତିଥି, ବିଜେଡି ଯୁବନେତା ନିହାରଞ୍ଜନ ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଚାମ୍ପିୟନ ଦଳକୁ ଟ୍ରଫି ସହ ୭ ହଜାର ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ।


ଆୟୋଜକ ଏବଂ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

## ପ୍ରଥମ ପର୍ଯ୍ୟାୟରେ ୨୯ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ

**କଳାହାଣ୍ଡି ଜିଲା**
- ଶିକ୍ଷା କ୍ଷେତ୍ରରେ ଆଣିବ ପରିବର୍ତ୍ତନ
- ଭର୍ଚୁଆଲ ମୋର୍ଡରେ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭବାନୀପାଟଣା,୧୮।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ ପ୍ରଥମ ପର୍ଯ୍ୟାୟରେ ଗୁରୁବାର ୨୯ଟି ୫-ଟି ଅଧୀନରେ ଥିବା ରୂପାନ୍ତରିତ (ସ୍ମାର୍ଟ) ହାଇସ୍କୁଲ ଲୋକାର୍ପଣ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡରେ ସନ୍ଧ୍ୟାରେ ଏହାର ଲୋକାର୍ପଣ କରିଛନ୍ତି। ଭବାନୀପାଟଣା ମାଣିକେଶ୍ୱରୀ ହାଇସ୍କୁଲଠାରେ ଅନୁଷ୍ଠିତ ଲୋକାର୍ପଣ କାର୍ଯ୍ୟକ୍ରମରେ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦଙ୍କ ତତ୍ତ୍ୱାବଧାନରେ ଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ନର୍ଲା ବିଧାୟକ ଭୂପେନ୍ଦ୍ର ସିଂ, ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇଥିଲେ। ସ୍ମାର୍ଟ ହାଇସ୍କୁଲ ଶିକ୍ଷାର ବିକାଶ ଦିଗରେ ସହାୟକ ଆଣିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ମାର୍ଟ ହାଇସ୍କୁଲ ହେବା ପରେ ଜିଲାର ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସରକାରୀ ସ୍କୁଲରେ ପାଠପଢି ଆଗକୁ ବଡ ସ୍ୱପ୍ନ ଦେଖିବା ଏବେଠୁ ଆରମ୍ଭ କଲେଣି ଛାତ୍ରୀଛାତ୍ର। ଏହି ୫-ଟି ସ୍ମାର୍ଟ ହାଇସ୍କୁଲରେ ରହିଛି ସ୍ମାର୍ଟ କ୍ଲାସ ରୁମ୍, ସୁନ୍ଦର ଫୁଲ ବଗିଚା, ସ୍ମାର୍ଟ କମ୍ପ୍ୟୁଟର ରୁମ୍, ସ୍ମାର୍ଟ ଲାଇବ୍ରେରୀ, ସ୍ମାର୍ଟ ସାଇନ୍ସ କ୍ଲାସ ରୁମ, ଛାତ୍ରୀଛାତ୍ରଙ୍କ ପାଇଁ ଉନ୍ନତ ଧରଣର ଶୌଚାଳୟ ଭଳି ବହୁ ବ୍ୟବସ୍ଥା ରହିଛି। ସ୍ମାର୍ଟ ହାଇସ୍କୁଲକୁ ନେଇ ସ୍ଥାନୀୟ ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ଭବାନୀପାଟଣା ମାଣିକେଶ୍ୱରୀ ହାଇସ୍କୁଲରେ ଅନୁଷ୍ଠିତ ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

## ଉପନିବନ୍ଧକ କାର୍ଯ୍ୟାଳୟ ଅପେକ୍ଷା ଗୃହ ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୧୮।୧୧**

ବଲାଙ୍ଗୀର ଜିଲା ଉପନିବନ୍ଧକ ଅଫିସ ପରିସରରେ ନବନିର୍ମିତ ଅପେକ୍ଷାଗୃହ ଏବଂ ମୁଖ୍ୟଦ୍ୱାର ନବୀକରଣ କାର୍ଯ୍ୟକୁ ଜିଲାପାଳ ଚଞ୍ଚଳ ରାଣା ଗୁରୁବାର ଉଦ୍‌ଘାଟନ କରିଥିଲେ। ଜମିବାଡି ରେଜିଷ୍ଟ୍ରି ତଥା ଆନୁସଙ୍ଗିକ କାର୍ଯ୍ୟ ପାଇଁ ଆସୁଥିବା ଲୋକେ ଏଠାରେ ଅପେକ୍ଷା ଗୃହ ନଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଲକ୍ଷ୍ୟ କରି ଜିଲା ପ୍ରଶାସନ ତରଫରୁ ଲୋକଙ୍କ ସୁବିଧା ଦୃଷ୍ଟିରୁ ଏକ ଅପେକ୍ଷା ଗୃହ ସହ ଉପନିବନ୍ଧକ ଅଫିସର ମୁଖ୍ୟଦ୍ୱାର ଓ ଅନ୍ୟାନ୍ୟ କାର୍ଯ୍ୟର ନବୀକରଣ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ ରାଣାଙ୍କ ସହ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଜିଲା ଉପନିବନ୍ଧକ ପଦ୍ମନାଭ ପୁରୋହିତ ଉପସ୍ଥିତ ଥିଲେ।

## ଶିଶୁପାର୍କ, ସ୍ମାର୍ଟ ଶୌଚାଳୟ ଉଦ୍‌ଘାଟିତ

**କଣ୍ଟାବାଞ୍ଜି, ୧୮।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ଗୁରୁବାର ୨ଟି ଶିଶୁପାର୍କ ଏବଂ ଏକ ସ୍ମାର୍ଟ ଶୌଚାଳୟ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଏନଏସି ପକ୍ଷରୁ ପଞ୍ଚଦଶ ସ୍ୱତନ୍ତ୍ର ଆର୍ଥିକ ଅନୁଦାନରେ ପ୍ରତ୍ୟେକ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପାର୍କ ନିର୍ମାଣ ହୋଇଛି। ୱାର୍ଡ ନଂ.୧୪ ଝାଙ୍କରପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବଂ ପିଡବ୍ଲ୍ୟୁଡ ରାମେଶ୍ୱର ମନ୍ଦିର ପରିସରରେ ଏହି ପାର୍କ ନିର୍ମିତ ହୋଇଛି। ସେହିପରି ତହସିଲ ଓ ସିଭିଲ କୋର୍ଟ ପରିସରରେ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସ୍ମାର୍ଟ ଶୌଚାଳୟ ନିର୍ମାଣ ହୋଇଛି। ଉଦ୍‌ଘାଟନ ଅବସରରେ ସମ୍ମାନିତ ଅତିଥିଭାବେ ଏନଏସି ନିର୍ବାହୀ ଅଧିକାରୀ ସାମ୍ପି ରେଡ୍ଡି ଜୟଶ୍ରୀ, ବିଶିଷ୍ଟ ଅତିଥିଭାବେ ମ୍ୟୁନିସିପାଲ ଇଞ୍ଜିନିୟର ଅଶୋକ କୁମାର ପଟ୍ଟନାୟକ, ଜେ.ଇ. ଆଦିତ୍ୟ କୁମାର ମିଶ୍ର, ନୋଡାଲ ଅଫିସର ଚନ୍ଦ୍ରଶେଖର ଭୋଇ, ପୂର୍ବତନ ନଗରପାଳ ଉମ୍ବରୁଧର ବେହେରା ଉପସ୍ଥିତ ଥିଲେ।



ବିଧାୟକ ସନ୍ତୋଷ ସିଂ ସାଲୁଜା ସ୍ମାର୍ଟ ଶୌଚାଳୟ ଉଦ୍‌ଘାଟନ କରୁଛନ୍ତି।

## ଭୀମପାହାଡ଼, ଚାନ୍ଦଲି ପାହାଡ଼ର ବିକାଶ ଚିନ୍ତା

**ଦେଓଗାଁ, ୧୮।୧୧(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଅଞ୍ଚଳରେ ଥିବା ଐତିହାସିକ ଭୀମପାହାଡ ଓ ଚାନ୍ଦଲି ପାହାଡର ବିକାଶ ପାଇଁ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ନୀତିଶ କୁମାରଙ୍କ ସହ ଏକ ପ୍ରତିନିଧି ଦଳ ଆଲୋଚନା କରିଛନ୍ତି। ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର ଓ ଦେଓଗାଁ ବ୍ଲକ ଅଧକ୍ଷା ରୀନା ମେହେରଙ୍କ ନେତୃତ୍ୱରେ ଏକ ୧୦ଜଣିଆ ପ୍ରତିନିଧି ଦଳ ଡିଏଫଓଙ୍କୁ ଭେଟିଥିଲେ । ଭୀମପାହାଡକୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀ ଘୋଷଣା କରିବା ସହିତ ଇକୋଟୁରିଜମରେ ସ୍ଥାନିତ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଓଟିଡିସି ଜରିଆରେ ୨କୋଟି ଟଙ୍କା ଓ ଜଙ୍ଗଲ ବିଭାଗ ଜରିଆରେ ୨୧ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏବେ ଜଙ୍ଗଲ ବିଭାଗକୁ ୭୦ଲକ୍ଷ ଟଙ୍କାର ଅନୁଦାନ ଆସିଛି । ସେହି ଅନୁଦାନ ଅର୍ଥରେ ଗୁମ୍ଫାଗୁଡିକୁ ଚଉଡା ପାହାଚ ନିର୍ମାଣ କରିବା, ପାହାଡ ଉପରକୁ ପାନୀୟ ଜଳଯୋଗାଣ ବ୍ୟବସ୍ଥା ଓ ତଳେ ନିର୍ମାଣ କରାଯାଇଥିବା ରେଷ୍ଟସେଡର ଉନ୍ନତିକରଣ କରାଇବାର ଦାବି କରାଯାଇଛି । ଏହା ସହିତ ଭୀମକଟାର ମାଟିଉନ୍ନତିକରଣ ଓ ପାହାଡର ପାଦଦେଶରେ ଏକ ବଡପାର୍କ ନିର୍ମାଣ କରାଇବାକୁ ଅନୁରୋଧ କରାଯାଇଛି। ସେହିପରି ଦେଷଣ୍ଡ ଗାଁ ପାଖରେ ଥିବା ଐତିହାସିକ ଚାନ୍ଦଲି ପାହାଡକୁ ଇକୋଟୁରିଜମରେ ସାମିଲ କରି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଇବା ଓ ଏହାର ବିକାଶ କରାଇବାକୁ ଦାବି କରାଯାଇଛି । ଚନ୍ଦଲୀ ପାହାଡ ପାଖରେ ଥିବା ଜଙ୍ଗଲ ବିଭାଗର ମେହେରକଟାର ଉନ୍ନତିକରଣ କରାଇବାକୁ ମଧ ଦାବି କରାଯାଇଛି। ଉଭୟ ପାହାଡ ତଳି ଅଞ୍ଚଳରେ ହାତୀଙ୍କ ପ୍ରାଦୁର୍ଭାବ ବଢୁଛି ଓ ଚାଷୀଙ୍କର ଅଶେଷ କ୍ଷତି ହେଉଛି । ତେଣୁ ଉଭୟ ପାହାଡରେ ୱାଚଟାୱାର ନିର୍ମାଣ କରାଇ ବନ ବିଭାଗ କର୍ମଚାରୀମାନେ ହାତୀ ପରିଚାଳନା କରିବାକୁ ମଧ ଦାବି କରାଯାଇଛି। ପଞ୍ଚାୟତ ସମିତି ପକ୍ଷରୁ ଚାନ୍ଦଲି ପାହାଡକୁ ରାସ୍ତା ଓ ଏକ ମଣ୍ଡପ ନିର୍ମାଣ କରାଯାଇଥିବା ବିଷୟରେ ବ୍ଲକ ଅଧକ୍ଷା ମେହେର ସୂଚନା ଦେଇଥିଲେ । ସେହିପରି ପାହାଡ ତଳି ଗାଁମାନଙ୍କରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକ କିଭଳି ବନ୍ୟଜାତ ଦ୍ରବ୍ୟ ସଂଗ୍ରହ କରି ଆତ୍ମନିର୍ଭରଶୀଳ ହୋଇଛନ୍ତି ସେ ବିଷୟରେ ଡିଏଫଓଙ୍କୁ ଅବଗତ କରିଥିଲେ। ଡିଏଫଓ ନୀତିଶ କୁମାର ଖୁବଶୀଘ୍ର ଉଭୟ କ୍ଷେତ୍ରର ଉନ୍ନତିଦିଗରେ ପଦକ୍ଷେପ ନେବେ ବୋଲି କହିଥିଲେ। ଏହି ପ୍ରତିନିଧିଦଳରେ ପ୍ରମୋଦ ବହିଦାର, ଅଭିମନ୍ୟୁ ମାଝୀ, ଗୋବର୍ଦ୍ଧନ ସାହୁ, ଶ୍ରୀବତ୍ସ ନାଗ, ନନ୍ଦିକିଶୋର ନାଏକ ପ୍ରମୁଖ ରହିଥିଲେ ।


ଡିଏଫ୍‌ଓ ପ୍ରତିନିଧି ଦଳଙ୍କ ସହ ଆଲୋଚନା କରୁଛନ୍ତି।

**ଡିଏଫଓଙ୍କୁ ଭେଟିଲେ ପ୍ରତିନିଧି ଦଳ**

## ଭିନ୍ନକ୍ଷମ ଚିହ୍ନଟ ଶିବିର

**ଟିଟିଲାଗଡ଼, ୧୮।୧୧ (ଡି.ଏନ.ଏ)**

ଟିଟିଲାଗଡ ବିଆରସିସି ପଡିଆରେ ସମଗ୍ର ଶିକ୍ଷା ଅଭିଯାନ ଏବଂ ସ୍ୱାମୀ ବିବେକାନନ୍ଦ ନିରତାର ବଲାଙ୍ଗୀର ପକ୍ଷରୁ ଗୁରୁବାର ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୦୫ଜଣଙ୍କ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫୮ ଜଣଙ୍କୁ ବିଭିନ୍ନ ସହାୟକ ଉପକରଣ ପ୍ରଦାନ ପାଇଁ ଚୟନ କରାଯାଇଥିଲା। ଡା. ସୁରେନ୍ଦ୍ର ବୋଇ, ଡା. ଅର୍କେଶ ପଟ୍ଟନାୟକ, ଡା. ଅମିତ ମିଶ୍ର ରୋଗୀଙ୍କ ପରୀକ୍ଷା କରିଥିଲେ। ଅନୁଷ୍ଠିତ ସଭାରେ ଟିଟିଲାଗଡ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୋଦଣ୍ଡଧର ଭୋଇ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୯ ନଭେମ୍ବର, ୨୦୨୧

## ନାଳରେ ବୁଡି ମହିଳା ମୃତ

ବାଉଁଶୁଣୀ,(ଡି.ଏନ.ଏ.): ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅନ୍ତର୍ଗତ ପଥରଖଣ୍ଡି ଗ୍ରାମରେ ଜଣେ ମହିଳା ଗୁରୁବାର ନାଳରେ ଗାଧୋଉ ଥିବା ବେଳେ ପାଣିରେ ବୁଡି ଯିବାରେ ତାଙ୍କର ମୃତ୍ୟୁ ଘଟିଛି। ମୃତା ହେଲେ ଫୁଲ ସାହୁ। ମନମୁଣ୍ଡା ପୋଲିସ ମୃତଦେହ ଜବତ କରିଛି । ସୂଚନା ଅନୁଯାୟୀ ସକାଳେ ଆମ୍ବଗହନା ଓ ପଥରଖଣ୍ଡି ମାଧସ୍ଥ ନାଳକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ଯାଇଥିଲେ। ଅପରାହ୍ନରେ ସେ ପାଣିରେ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ।



### ସଂକ୍ଷେପରେ

## ଗୋଚର ଜମି ଜବରଦଖଲ, ତହସିଲଦାରଙ୍କୁ ଫେରାଦ

ବିନିକା,୧୮।୧୧(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଖଇରମାଲ ଗ୍ରାମରେ ଥିବା ଗୋଚର ଓ ଅନ୍ୟ ସରକାରୀ ଜମିକୁ କେତେକ ଜବରଦଖଲ କରିଛନ୍ତି। ବିନିକା ରାଜସ୍ୱ ବିଭାଗ ସବୁ ଜାଣି ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁ ଏହିଭଳି ଅଭିଯୋଗ କରି ଗୁରୁବାର ଗାଁର ଶତାଧିକ ଲୋକେ ବିନିକା ତହସିଲ କାର୍ଯ୍ୟାଳୟକୁ ଯାଇ ତହସିଲଦାରଙ୍କୁ ଫେରାଦ ହୋଇଛନ୍ତି। ଅଭିଯୋଗର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ କହିଥିଲେ।

## ୧୦୦ ଏକର ଜାଗାରୁ ଗଞ୍ଜେଇ ଚାଷ ନଷ୍ଟ

ବୌଦ୍ଧ,୧୮।୧୧(ସ୍ୱ.ପ୍ର.): ବୁଧବାର ବୌଦ୍ଧ ବ୍ଲକ ଆମ୍ବଝରୀ ପଞ୍ଚାୟତର ଝରଣା କୂଳରେ ୧୦୦ ଏକର ଜାଗାରେ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି । ପ୍ରାୟ ୧ଲକ୍ଷରୁ ଉର୍ଦ୍ଧ୍ୱ ଗଛ ନଷ୍ଟ କରାଯାଇଥିବା ଜଣାପଡିଛି। ପୋଲିସ, ଅବକାରୀ ଓ ବନବିଭାଗର ଅଧିକାରୀ ଓ କର୍ମଚାରୀ ଚଢାଉରେ ସାମିଲ ଥିଲେ ।

## କ୍ଷମା ପ୍ରାର୍ଥନା ପରେ ଅଭିଯୁକ୍ତଙ୍କୁ ଛାଡିଲା ପୋଲିସ

ବିନିକା,୧୮।୧୧(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଖଇରମାଲ ଗାଁ ନେତାଜୀ କ୍ଲବ ସଦସ୍ୟଙ୍କୁ ବିନା କାରଣରେ ଜଣେ ଯୁବକ ଗାଳି ଦେଉଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ଯୁବକଙ୍କୁ ତୁରନ୍ତ ଗିରଫ କରିବାକୁ କ୍ଲବ ସଦସ୍ୟମାନେ ବୁଧବାର ଥାନାରେ ଲିଖିତ ଏତଲା ଦେଇଥିଲେ । ଅଭିଯୋଗ ଆଧାରରେ ପୋଲିସ ଗ୍ରାମର ପ୍ରାଣବନ୍ଧୁ ନାୟକଙ୍କୁ ଧରି ଥାନାକୁ ଆଣିଥିଲା। ଗୁରୁବାର ଏପରି ଆଚରଣ ପାଇଁ ଭୁଲ ସ୍ୱୀକାର କରିବା ସହ ଆଉ ଏପରି କରିବେ ନାହିଁ ବୋଲି କ୍ଲବ ସଦସ୍ୟଙ୍କ ଉପସ୍ଥିତିରେ ଲିଖିତ ପ୍ରତିଶ୍ରୁତି ଦେବା ପରେ ପୋଲିସ ପ୍ରାଣବନ୍ଧୁଙ୍କୁ ଛାଡି ଦେଇଥିଲା।

## ଆଜାଦୀ କା ଅମୃତ ମହୋତ୍ସବ ପାଳିତ

କେସିଙ୍ଗା,୧୮।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ଏଫ୍‌ସିଆଇଠାରେ ଖାଦ୍ୟ ନିଗମ ଟିଟିଲାଗଡ଼ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଖାଦ୍ୟ ନିଗମ ଡିଭିଜନାଲ ମନେଜର୍ ବି. ଚନ୍ଦ୍ର ମୋହନଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ନମିତାରାଣୀ ସାହୁ, ସମ୍ମାନିତ ଅତିଥି ଭାବେ କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଦୁ, ଆସିଷ୍ଟାଣ୍ଡ ସିଭିଲ ସପ୍ଲାଏ ଯୋଗଦେଇ ଆଜାଦିକା ବିଷୟରେ ନିଜ ମତ ପ୍ରକାଶ କରିଥିଲେ। ଭାରତୀୟ ଖାଦ୍ୟ ନିଗମ ପକ୍ଷରୁ ଆୟୋଜିତ ସଭାରେ କେନ୍ଦ୍ର ସରକାରଙ୍କର ଜନକଲ୍ୟାଣ ମୂଳକ ଯୋଜନା ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଏକ ନୂଆ ଯୋଜନାରେ ଭିଟାମିନ, ଆଇରନଯୁକ୍ତ ଚାଉଳ ଯୋଗାଣ ମାଧମରେ ଭାରତ ବର୍ଷରୁ ଅପପୃଷ୍ଟି ଦୂର କରିବା ବିଷୟରେ ଆଲୋଚନା କରାଯାଇଥିଲା। କେସିଙ୍ଗାଠାରେ ଭିଟାମିନ ଆଇରନଯୁକ୍ତ ଚାଉଳ ଉତ୍ପାଦନ କରି ଓଡ଼ିଶାରେ ପ୍ରଥମ ହୋଇଥିବା ଜଣାପଡ଼ିଛି। ଉତ୍ସବରେ ଭାରତୀୟ ଖାଦ୍ୟ ନିଗମର ଡିଭିଜନାଲ ମେନେଜର ବି.ଚନ୍ଦ୍ର ମୋହନ, ଜିଲା ପରିଷଦ ଅଧକ୍ଷା, ବିଡିଓ ପ୍ରଦର୍ଶନ କରିଛନ୍ତି। ସଭାରେ ନୋଡାଲ ଅଫିସର ମହେଶ୍ୱର ସିଂ ମଞ୍ଚ ପରିଚାଳନା କରିଥିବା ବେଳେ ଅଭିଜିତ ମହାନ୍ତି, ଅଭିନାଶ ବେହେରା, ସନ୍ତୋଷ କୁମାର ଭୋଇ, ପରୀକ୍ଷିତ ସାହୁ, ସହିନ୍ଦ୍ର ରାମ ପ୍ରମୁଖ ସଭାକାର୍ଯ୍ୟ ସମ୍ପାଦନ କରିଥିଲେ। ଅଭିଜିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମୃତଦେହ ରଖି ସ୍ୱେଚ୍ଛାସେବୀଙ୍କ ଧାରଣା

ବରଗଡ଼ ଅଫିସ୍,୧୮।୧୧



ମୃତଦେହ ରଖି ଡିଏଫଓ ଅଫିସ ସମ୍ମୁଖରେ ସ୍ୱେଚ୍ଛାସେବୀଙ୍କ ଧାରଣା ।

ବରଗଡ଼ ସହରରେ ଶବଦାହ ପାଇଁ କାଠ ମିଳୁନି। ଏଥିପାଇଁ ଅନେକ ସମୟରେ ଲୋକଙ୍କୁ ହଟହଟାର ସମ୍ମୁଖୀନ ହେବାକୁ ପଡୁଛି। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ସୁଫଳ ମଳୁନାହିଁ। ଏହାକୁ ନେଇ ଜନ ଅସନ୍ତୋଷ ବଢ଼ି ଚାଲିଛି। ତେବେ ଅଜଣା ଲୋକଙ୍କ ମୃତଦେହ ସତ୍କାର ସମୟରେ ଏହି ସମସ୍ୟା ବହୁଗୁଣିତ ହୋଇ ପଡୁଛି। ସ୍ୱେଚ୍ଛାସେବୀମାନେ ଶବଦାହ ପାଇଁ ଆଗେଇ ଆସୁଛନ୍ତି, ମାତ୍ର କାଠ ଅଭାବ ଶବଦାହରେ ବାଧକ ସାଜିଛି। ଏହାକୁ ନେଇ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଅସନ୍ତୋଷ ତେଜିଛି। ଗୁରୁବାର ବରଗଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ବରଗଡ଼ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜଣେ ଅଜଣା ଲୋକଙ୍କ ମୃତଦେହ ରଖି ପ୍ରତିବାଦ କରିଥିଲେ। ସହକାରୀ ବନ ସଂରକ୍ଷକ(ଏସିଏଫ) ଅଶୋକ ଦାଶ ଧାରଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ମାତ୍ର ଆଲୋଚନା ଫଳପ୍ରଦ ହୋଇ ନ ଥିଲା। ପରେ ବରଗଡ଼ ପୌର ନିର୍ବାହୀ ଅଧିକାରୀ ନାରାୟଣ ଡନସନା ସେଠାରେ ପହଞ୍ଚିଥିଲେ। ଏଣିକି ଶବ ସତ୍କାର ନିମନ୍ତେ ଆବଶ୍ୟକ କାଠ ଯୋଗାଇ ଦେବାକୁ ସେ ଚେଷ୍ଟା କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସ୍ୱେଚ୍ଛାସେବୀମାନେ ଧାରଣାରୁ ଶବ ଉଠାଇ ଗୋବିନ୍ଦପାଲି ସ୍ୱର୍ଗଦ୍ୱାରରେ ସତ୍କାର କରିଥିଲେ।

ତିନିଦିନ ତଳେ ଏକ ଅଜଣା ଗାଡ଼ି ଧକ୍କାରେ ସହର ଉପକଣ୍ଠ ରେଙ୍ଗାଲପାଲି ନିକଟରେ ଜଣେ ଯୁବକ ମୃତକଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିଚୟ ମିଳି ନଥିବା ଯୋଗୁ ସଦର ଥାନା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପରେ ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖିଥିଲା। ତେବେ ୭୨ଘଣ୍ଟା ପରେ ମଧ୍ୟ ମୃତକଙ୍କ ପରିଚୟ ନ ମିଳିବାରୁ ପୋଲିସ

### ଦାହ ପାଇଁ ମିଳୁନି କାଠ

ଶବ ସତ୍କାର ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାରକୁ ସୂଚନା ଦେଇଥିଲା। ସୂଚନା ପାଇବା ପରେ ଉକ୍ତ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଯାଇ ଶବ ଆଣିଥିଲେ। ତେବେ ଦାହ ପାଇଁ ଆବଶ୍ୟକ କାଠ ଯୋଗାଇବା ପାଇଁ ସ୍ୱେଚ୍ଛାସେବୀମାନେ ବନ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର କିଛି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଏହାର ପ୍ରତିବାଦରେ ନିଷ୍ଠା ପରିବାରର ସମ୍ପାଦକ ଅଶ୍ୱିନୀ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ମୃତଦେହ ଧରି ଡିଏଫଓ ଅଫିସରେ ଧାରଣା ଦେଇଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂକଳ୍ପ ପରିବାରର ସଭାପତି ରୋହିତ ଜୟସ୍ୱାଲ, ସଂଯୋଜକ ବିକାଶ ଅଗ୍ରୱାଲ ପ୍ରମୁଖ ସେଠାରେ ପହଞ୍ଚି ସମର୍ଥନ ଜଣାଇଥିଲେ।

## ଶିବ ମନ୍ଦିର ଦାନବାକ୍ସ ଭାଙ୍ଗି ଲୁଟିଲେ




ସରଣ୍ଡା,୧୮।୧୧(ଡି.ଏନ.ଏ.)

ବରଗଡ ଜିଲା ଅତାବିରା ଥାନା ଅନ୍ତର୍ଗତ ସରଣ୍ଡା ବିଶ୍ୱେଶ୍ୱର ବାବା ଶିବ ମନ୍ଦିର ଦାନବାକ୍ସ ଭାଙ୍ଗି ବୁଧବାର ରାତିରେ ଦୁର୍ବୃତ୍ତ ଦାନ ଅର୍ଥ ଲୁଟି ନେଇଛନ୍ତି। ସବୁଦିନ ଭଳି ରାତିରେ ପୂଜକ ପବିତ୍ର ନାଏକ ତାଲା ପକାଇ ଘରକୁ ଯାଇଥିଲେ। ଗୁରୁବାର ସକାଳେ ସେ ମନ୍ଦିର ଆସିବା ପରେ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଘଟଣା ସମ୍ପର୍କରେ ସେ ମନ୍ଦିର କମିଟିକୁ ଜଣାଇଥିଲେ। କମିଟ ସଭାପତି ସଚ୍ଚିଦାନନ୍ଦ ମିଶ୍ର ଏନେଇ ଅତାବିରା ଥାନାରେ ଅଭିଯୋଗ କରିଛନ୍ତି। ଖାଲି ସେତିକି ନୁହେଁ, ମନ୍ଦିର ପରିସରରେ ଥିବା ଦେବରାଜ ମହାପାତ୍ରଙ୍କ ପୂଜା ସାମଗ୍ରୀ ଦୋକାନରୁ ମଧ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅତାବିରା ଥାନା ଓଆଇସି ଦିଲ୍ଲୀପ ବେହେରା ମନ୍ଦିରରେ ପହଞ୍ଚି ସିସିଟିଭି ଫୁଟେଜ ଅନୁଧ୍ୟାନ କରି ତଦନ୍ତ ଜାରି ରଖିଛନ୍ତି।

## ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା



ଅଧ୍ୟାପକ ପ୍ରବୀର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବୌଦ୍ଧ,୧୮।୧୧(ସ୍ୱ.ପ୍ର.)

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଯୁବ ରେଡକ୍ରସ ସୋସାଇଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ମହାବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ପ୍ରବୀର କୁମାର ଦାସଙ୍କୁ ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଦାସ ଏକାଧାରରେ ଯୁବ ରେଡକ୍ରସ, ଇକୋ କ୍ଲବ ଓ ଏନଏସଏସ କର୍ମକର୍ତ୍ତା ଭାବରେ ଦାୟିତ୍ୱ ତୁଲାଇବା ସହିତ ସମାଜସେବା ତଥା ବୃକ୍ଷ ପ୍ରେମୀ ଭାବରେ ବେଶ ପରିଚିତ। ନିକଟରେ ସମାଜସେବା ପାଇଁ ପୁଡୁଚେରୀର ଗ୍ଲୋବାଲ ହ୍ୟୁମାନ ପିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟର ଅଧକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଓ ଅଧ୍ୟାପିକା ବାସନ୍ତୀ ପ୍ରଧାନ ଉପସ୍ଥିତ ରହି ଉପହାର ସ୍ୱରୂପ ଏକ ଗୋଲାପ ଚାରା ପ୍ରଦାନ କରି ଦାସଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଯୁବ ରେଡକ୍ରସ ସୋସାଇଟିର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଭାରସାମ୍ୟ ହରାଇ କାର ଦୁର୍ଘଟଣାଗ୍ରସ୍ତ: ୪ ଆହତ

ବୌଦ୍ଧ,୧୮।୧୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ରାମ୍ଭିକଟାଠାରେ ଗୁରୁବାର ଏକ କାର ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୪ ଜଣ ଆହତ ହୋଇଛନ୍ତି । ପ୍ରକାଶ ଯେ, ବୌଦ୍ଧ ପଟୁ ଏକ କାର( ନଂ ଓଡି-୧୫-ପି- ୨୧୫୦) ଚାରିଛକ ଆଡକୁ ଯାଉଥିବା ବେଳେ ଭୋର ୪ଟା ସମୟରେ ରାମ୍ଭିକଟାଠାରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ବଡ ପଥର ଉପରେ ଚଢିଯାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଗାଡିରେ ବସିଥିବା ୪ ଜଣ ଆହତ ହୋଇଥିବା ସ୍ଥାନୀୟ ଲୋକଙ୍କ ଠାରୁ ପ୍ରକାଶ। ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କୁ ବୁର୍ଲା ପଠାଯାଇଥିବାରୁ ସେମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ଜଣାପଡିନାହିଁ। ଖବର ପାଇ ବୌଦ୍ଧ ପୋଲିସ ପହଞ୍ଚି କାରକୁ ଜବତ କରିବା ସହ ଏକ ମାମଲା ରୁଜୁ କରିଛି । ଏନେଇ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କୁ ପଚାରିବାରେ ଦୁର୍ଘଟଣା ହୋଇଥିବା କାରର ସମସ୍ତ ଯାତ୍ରୀ ପଳାଇ ଥିବାରୁ ପରିଚୟ ଜଣାପଡିନାହିଁ କି ଏ ନେଇ ଥାନାରେ ଅଭିଯୋଗ କରାଯାଇନାହିଁ।

## ଅବଧି ମଧ୍ୟରେ କାମ ଶେଷ କରିବାକୁ ଗୁରୁତ୍ୱ

ସୋନପୁର, ୧୮।୧୧(ନି.ପ୍ର.)



ଜିଲା ପରିଷଦ ବୈଠକରେ ଅଧକ୍ଷା ଓ ଅଧିକାରୀ ବୃନ୍ଦ।

### ସୁବର୍ଣ୍ଣପୁର ଜିଲା ପରିଷଦ ବୈଠକ

ସୁବର୍ଣ୍ଣପୁର ଜିଲା ପରିଷଦ ବୈଠକ ପରିଷଦ ଅଧକ୍ଷା ଉଷା କୁମାରୀଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସଭାକକ୍ଷରେ ଅନୁଷ୍ଠିତ ବୈଠକରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡୋଳାମଣି ପଟେଲ, ଜିଲା ପରିଷଦ ସଦସ୍ୟା ସଦସ୍ୟ, ବିଭିନ୍ନ ବ୍ଲକ ଅଧକ୍ଷା ଅଧକ୍ଷ, ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅଧକ୍ଷା କୁମାରୀ ଜିଲାର ସର୍ବାଙ୍ଗୀନ ବିକାଶ ଦିଗରେ ସମସ୍ତ ବିଭାଗ ଓ ଅଧିକାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖି ଅବଧି ମଧ୍ୟରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ଓ ପ୍ରକଳ୍ପ କାମ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ୨୦୨୦-୨୧ଏବଂ ୨୦୨୧-୨୨ ଆର୍ଥିକ ବର୍ଷରେ ଆବଣ୍ଟିତ ବିଭିନ୍ନ ପ୍ରକଳ୍ପଗୁଡିକର ପାରିବର୍ତ୍ତିତ ପ୍ରସ୍ତାବକୁ ବୈଠକରେ ଅନୁମୋଦନ କରାଯାଇଥିଲା । ଜିଲାର ଗ୍ରାମାଞ୍ଚଳରେ ହେଉଥିବା ହାତୀ, ବାଘ ଉପଦ୍ରବକୁ ପ୍ରତିହତ କରିବା ଉପରେ ବିଭାଗୀୟ ଅଧିକାରୀଙ୍କୁ ଗୁରୁତ୍ୱର ସହ ସମାଧାନ କରିବାକୁ ସଦସ୍ୟମାନେ ଗୃହରେ ଆଲୋଚନା କରିଥିଲେ। ଜିଲାର ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକାରିତା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଜିଲାରେ ଖରିଫ ଧାନ କିଣାବିକାକୁ ସୁବ୍ୟବସ୍ଥିତ କରିବା ଉପରେ ବିଭାଗ ତରଫରୁ ଆବଶ୍ୟକ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା. ସାମାଜିକ ବନୀକରଣ, ପଥପାର୍ଶ୍ୱ ଚାରା ରୋପଣ କାର୍ଯ୍ୟକ୍ରମକୁ ଅଧିକରୁ ଅଧିକ କରିବା ନିମନ୍ତେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ସମବାୟ, ଶିକ୍ଷା, ଜଳବିଭାଜିକା ପ୍ରକଳ୍ପ, ଉଠା ଜଳସେଚନଯୋଜନା ଇତ୍ୟାଦିର କାର୍ଯ୍ୟକାରିତା ଓ ଅନ୍ୟାନ୍ୟ ଯୋଜନା ଉପରେ ସମୀକ୍ଷା କରାଯାଇଥିଲା। ଜିଲା ପରିଷଦ କାର୍ଯ୍ୟ ନିବାହୀ ଯନ୍ତ୍ରୀ ବିଭୁପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଓସାରିଆ ରାସ୍ତା ନିର୍ମାଣ ପାଇଁ ଜନଶୁଣାଣି

ସୋନପୁର,୧୮।୧୧(ନି. ପ୍ର.)


ଜନ ଶୁଣାଣିରେ ମଞ୍ଚାସୀନ ଅଧିକାରୀ।

ମହାନଦୀ ପୋଲଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ଏକ ଜନଶୁଣାଣି ଗୁରୁବାର ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏନସିଡ଼ିଏସ ଭୁବନେଶ୍ୱର ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଷ୍ଟାର ସହଯୋଗରେ ଜମି ହରାଉଥିବା ପ୍ରଭାବିତଙ୍କ ଜମି ମୂଲ୍ୟର କ୍ଷୟକ୍ଷତି ତଥା ସାମାଜିକ ଆକଳନ କରିବା ପାଇଁ ଏହି ସଭା ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଷ୍ଟାରର କର୍ମଚାରୀମାନେ ପୂର୍ବରୁ ସୋନପୁର ସହରର ୟୁନିଟ ୧, ୨ ଓ ୩ରେ ଏଥିପାଇଁ ସର୍ଭେ କରିଥିଲେ। ଜନ ଶୁଣାଣିରେ ସହମତି ପ୍ରକାଶ ପାଇଥିଲା ଯେ, ରାସ୍ତା ୪ ଥାକିଆ ହେବା ଦାରା ଭାରିଯାନ ଚଳାଚଳ ବଢିବ। ଏହା ସାଙ୍ଗକୁ ପ୍ରଦୂଷଣ ଓ ଦୁର୍ଘଟଣା ବୃଦ୍ଧି ପାଇବ। କିନ୍ତୁ ରାସ୍ତା ଓସାର ହେବା ଦ୍ୱାରା ସହରରେ ଯାତାୟତର ସୁବିଧା ହେବ ଏବଂ ବ୍ୟବସାୟରେ ଉନ୍ନତି ହେବ। କ୍ଷତିଗ୍ରସ୍ତ ପରିବାରଙ୍କୁ ସ୍ୱରୋଜଗାର ପାଇଁ ବ୍ୟାଙ୍କ ଋଣ ଯୋଗାଣ ସହିତ ପରିବାରର ଇଚ୍ଛୁକ ସଦସ୍ୟଙ୍କୁ ଧନ୍ଦାମୂଳକ ଶିକ୍ଷା ଓ ଉଦ୍ୟୋଗ ତାଲିମ ମାଧମରେ ସ୍ୱାବଲମ୍ବୀ କରାଯିବ ବୋଲି ପରାମର୍ଶ ଦିଆଯାଇଥିଲା।ବେଞ୍ଚ ମାର୍କ ମୂଲ୍ୟ ହିସାବରେ ଜମିର ସଠିକ କ୍ଷତିପୂରଣ ଦିଆଯିବ। ତେବେ କେତେକ କ୍ଷତିଗ୍ରସ୍ତ ରାସ୍ତାର ଓସାର ୬୬ ଫୁଟ ବଦଳରେ ୫୦ଫୁଟ ଏବଂ ନାଳର ଓସାର ୪ଫୁଟ ଜାଗାରେ ୨ ଫୁଟ ରଖିବା ପାଇଁ ପ୍ରସ୍ତାବ ଦେଇଥିଲେ। ୪୭ ଜଣ ପ୍ରଭାବିତ ସେମାନଙ୍କ ସମସ୍ୟା ସମ୍ବନ୍ଧରେ ଜନଶୁଣାଣିରେ ଜଣାଇଥିଲେ। ସୋନପୁର ତହସିଲଦାର ନବୀନ କିଶୋର ପାଢୀ ଆଶ୍ୱାସନା ଦେଇଥିଲେ ଯେ, ପ୍ରଶାସନ ସମ୍ବେଦନଶୀଳ ହୋଇ ପ୍ରତିଟି କେସକୁ ବିଚାରକୁ ନେବ। ଅତିରିକ୍ତ ଜିଲାପାଳ ମିଞ୍ଜ କହିଥିଲେ ବର୍ତ୍ତମାନର ରାସ୍ତା ଅତି ସଂକୀର୍ଣ୍ଣ ଓ ଜନଗହଳି ହୋଇ ଖରାପ ହୋଇଯାଇଛି। ବୃହତ୍ତର ସାର୍ଥ ଦୃଷ୍ଟିରୁ ଏହାକୁ ସମସ୍ତେ ସମର୍ଥନ କଲେ ଅତିଶୀଘ୍ର ରାସ୍ତା କାମ ହୋଇ ପାରିବ। ଜନ ଶୁଣାଣିରେ ଜମି ଅଧିଗ୍ରହଣ ଅଧିକାରୀ ଅଭିଳାଷ ପୁରୋହିତ ଓ ଖଦାଳ ପାତ୍ର ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଉଠାଦୋକାନୀ ମୃତ

ବରଗଡ଼ ଅଫିସ୍,୧୮।୧୧

ବରଗଡ଼ ସହର ଜିଲାପାଳ ଅଫିସ ନିକଟ ବିଶି କଲୋନୀରେ ଗୁରୁବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଉଠା ଦୋକାନୀଙ୍କ ମୃତ୍ୟୁ ଘଟିଛି। ମୃତଦୋକାନୀ ହେଲେ କିଶନଲାଲ ଗଦ୍ରୀ(୩୮)। ସେ ନିଜ ଠେଲା ଧରି ରୋଜଗାର ଆଶାରେ ସହରକୁ ବାହାରକୁ ଆସୁଥିଲେ। ଆସୁଥିବା ବାଟରେ ତଳେ ପଡ଼ିଥିବା ୧୧କେ.ଭି କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ସଂସ୍ପର୍ଶରେ ସେ ଆସିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବରଗଡ଼ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(୪୫/୨୧) ରୁଜୁ କରି ପୋଲିସ ଶବ ବ୍ୟବଚ୍ଛେଦ କରାଇଛି। ମୃତକ ରାଜସ୍ଥାନ ରାଜ୍ୟ ଉଦୟପୁର ଜିଲାର ମୂଳ ବାସିନ୍ଦା ବୋଲି ଜଣାପଡ଼ିଛି ।

## ସ୍ମାର୍ଟକାର୍ଡ଼ ବଣ୍ଟନବେଳେ ଉଠିଲା ଗୋବିନ୍ଦ ପ୍ରସଙ୍ଗ

ବରଗଡ଼ ଅଫିସ୍,୧୮।୧୧

ବରଗଡ଼ ବ୍ଲକ ତୋରା ଗ୍ରାମକୁ ଗୁରୁବାର ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନୂଆ ସ୍ମାର୍ଟ ହେଲଥ୍ କାର୍ଡ଼ ବଣ୍ଟନ କରିବାକୁ ଯାଇଥିଲେ। ବିଧାୟକ କାର୍ଡ଼ ବଣ୍ଟୁ ଥିବାବେଳେ ଗୋବିନ୍ଦ କୁମ୍ଭାର ମୃତ୍ୟୁ ପ୍ରସଙ୍ଗ ଉଠିଥିଲା। ଗୋବିନ୍ଦଙ୍କ ସ୍ତ୍ରୀ ରୁବି ଏବଂ ଅନ୍ୟ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ବିଧାୟକ ଆଚାର୍ଯ୍ୟଙ୍କୁ ଭେଟି ଗୋବିନ୍ଦ ମୃତ୍ୟୁ ଘଟଣାରେ ଏତଲା ସତ୍ତ୍ୱେ ଏ ପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନ ଥିବା ଯୋଗୁ ସେମାନେ ନିଜ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆସନ୍ତା ସୋମବାର ଏସପିଙ୍କୁ ଭେଟି ସେ ନେଇ ଆଲୋଚନା କରିବେ ଏବଂ ଆଲୋଚନାବେଳେ ରୁବି ମଧ୍ୟ ଉପସ୍ଥିତ ରହିବେ ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ। ଏହାପରେ ସ୍ମାର୍ଟକାର୍ଡ଼ ବଣ୍ଟନର ଶୁଭାରମ୍ଭ କରି ସେ କାର୍ଯ୍ୟକ୍ରମରୁ ଚାଲି ଯାଇଥିଲେ।

## ଶହୀଦଙ୍କ ସ୍ତ୍ରୀଙ୍କୁ ୪ଲକ୍ଷ ଟଙ୍କାର ସହାୟତା

ବରଗଡ଼ ଅଫିସ୍,୧୮।୧୧

ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମର ଶହୀଦ ପ୍ରକାଶ ସାହୁଙ୍କ ସ୍ତ୍ରୀ ସରସ୍ୱତୀଙ୍କୁ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ୪ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ଏହି ସହାୟତା ପ୍ରଦାନ କରିଥିଲେ। ଶହୀଦ ସାହୁ ଏସ୍‌ଓଜି ହାବିଲଦାର ଥିଲେ। ଚନ୍ଦକାରେ ଯବାନମାନଙ୍କୁ ପ୍ରଶିକ୍ଷଣ ଦେବା ସମୟରେ ଗ୍ରାନାଇଟବିସ୍ଫୋରଣ ଯୋଗୁଗତ ଏପ୍ରିଲ ମାସରେ ସେ ଶହୀଦ ହୋଇଥିଲେ।


ଶହୀଦଙ୍କ ସ୍ତ୍ରୀଙ୍କୁ ବରଗଡ଼ ଏଡ଼ିଏମ ସହାୟତା ରାଶି ପ୍ରଦାନ କରୁଛନ୍ତି।

# ନିର୍ମାଣାଧୀନ ପ୍ରକଳ୍ପ ତୁରନ୍ତ ଶେଷ କର

ସୋନପୁର,୧୮।୧୧(ନି. ପ୍ର )

ସୁବର୍ଣ୍ଣପୁର ଜିଲା ସମନ୍ୱୟ ଓ ତଦାରଖ କମିଟି(ଦିଶା) ବୈଠକ କମିଟି ଅଧକ୍ଷା ତଥା ବଲାଙ୍ଗୀର ଏମପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲାପାଳ ଆବୋଲି ସୁନିଲ ନରୱଣେ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡୋଳାମଣି ପଟେଲ, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ବିଭିନ୍ନ ବ୍ଲକର ଅଧକ୍ଷା, ଜିଲାସ୍ତରୀୟ ଅଧିକାରୀ, ଦିଶା କମିଟି ସଦସ୍ୟ ଉପସ୍ଥିତ ଥିଲେ।

ଜିଲାପାଳ ନରୱଣେ ସ୍ୱାଗତ ବକ୍ତବ୍ୟ ରଖି ଜିଲାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପାଇଁ ସମସ୍ତ ବିଭାଗ ଓ ଅଧିକାରୀ ଉପଯୁକ୍ତ ସମନ୍ୱୟ ରଖି ଯୋଜନା କାର୍ଯ୍ୟକାରୀ କରିବାକୁ ଏମପି ସିଂଦେଓ ଗୁରୁତ୍ୱାରୋପ କରିଥିଲେ। ଏମପି ପାଣ୍ଠି ଦ୍ୱାରା ନିଆଯାଇଥିବା ପ୍ରକଳ୍ପ ତଥା ହାତକୁ ନେବାକୁ ଥିବା ପ୍ରକଳ୍ପଗୁଡିକର କାର୍ଯ୍ୟ ଯଥାଶୀଘ୍ର ସମାପନ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥି ସହ ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଆବଣ୍ଟିତ ପାଣ୍ଠି ଜରିଆରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକର ସଠିକ କାର୍ଯ୍ୟକାରିତା ଓ ଉପଯୁକ୍ତ ପାଣ୍ଠି ବିନିଯୋଗ ଉପରେ ସେ ଜୋର ଦେଇଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା ଓ ପୋଲରେ ସମୀକ୍ଷା କରାଯାଇ କାର୍ଯ୍ୟର ଗୁଣାତ୍ମକ



ଦିଶା ବୈଠକରେ ଏମପି ସଙ୍ଗୀତା କୁମାରୀ ସିଂଦେଓ, ଜିଲା ପରିଷଦ ଅଧକ୍ଷା ଓ ଜିଲାପାଳ।

### ସୁବର୍ଣ୍ଣପୁରରେ ଦିଶା ବୈଠକ

ମାନ ଉପରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି କହିଛନ୍ତି। ବୈଠକରେ ଜଙ୍ଗଲ, ପୂର୍ତ୍ତ ବିଭାଗର କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, କ୍ଷୁଦ୍ର ଜଳସେଚନ, ମେଗା ଉଠା ଜଳସେଚନ, ଜାତୀୟ ମଙ୍ଗଳ ଯୋଜନା, ସମଗ୍ର ଶିକ୍ଷା ଅଭିଯାନର କାର୍ଯ୍ୟକାରିତା, ଖଣି ବିଭାଗ, ଜାତୀୟ ସାମାଜିକ ସହାୟତା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନିର୍ମାଣ ଶ୍ରମିକ ଯୋଜନା, ଜାତୀୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯୋଜନା ଓ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା, ସ୍ୱଚ୍ଛ ଭାରତ ମିଶନ, ଜାତୀୟ ଉଦ୍ୟାନ ମିଶନ, ତଥା ଅନ୍ୟାନ୍ୟ ଯୋଜନା ଉପର ସମୀକ୍ଷା ହୋଇଥିଲା।

## ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟିତ

ବାଉଁଶୁଣୀ,୧୮।୧୧(ଡି.ଏନ.ଏ.)

ବୌଦ୍ଧ ବ୍ଲକ ମୁଣ୍ଡାପ ପଞ୍ଚାୟତ ଅନ୍ତର୍ଗତ କମିରାରେ ସାଢେ ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ୩ଟି ଗୋଷ୍ଠୀ ଶୌଚାଳୟକୁ ଗୁରୁବାର ସରପଞ୍ଚ ବିଦ୍ୟାଧର ସ୍ୱାଇଁ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦଘାଟନ କରିଛନ୍ତି। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନବୀନ ପ୍ରଧାନ, ଅଙ୍ଗନବାଡି କର୍ମୀ ଅନିତା ଦାସ, ଆଶାକର୍ମୀ ପ୍ରମୋଦିନୀ ସିଂହ, ଗୀତାଞ୍ଜଳି ନାଏକ, ସୁମନ୍ତ ନାଏକ, ୱାର୍ଡସଭ୍ୟ ବୁଲୁଭୋଲ୍ତା ଯୋଗଦେଇଥିଲେ। ଶୌଚାଳୟ କାର୍ଯ୍ୟକ୍ଷମ ହେବା ପରେ ଖୋଲାରେ ଲୋକେ ମଳତ୍ୟାଗ କରିବେ ନାହିଁ ଓ ପରିବେଶ ସ୍ୱଚ୍ଛ ରହିବ ବୋଲି ସରପଞ୍ଚ ସ୍ୱାଇଁ ଆଶାବ୍ୟକ୍ତ କରିଛନ୍ତି।